# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୯/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, August 29/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 274 | ମୂଲ୍ୟ ₹୭/-




**ୟାମାଗୁଚି ପୁଣି ଟାଇଟଲ ଜିତିଲେ**

ଜାପାନର ଆକାନେ ୟାମାଗୁଚି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମହିଳା ଟାଇଟଲ ହାସଲ କରିଛନ୍ତି।

୧୪

୧୦

**ଲୁକ୍ ପାଇଁ ଟ୍ରୋଲ୍**

ମୁଣ୍ଡରେ ଗୋଲାପୀ ରଙ୍ଗର ବନ୍ ଲଗାଇବାକୁ ନେଇ ସିରିଏଲ୍ ଅଭିନେତ୍ରୀ ନିଆ ଶର୍ମା ଟ୍ରୋଲ୍‌ର ଶିକାର ହୋଇଛନ୍ତି।





ଭଙ୍ଗାଯିବା ପୂର୍ବରୁ ନୋଏଡାସ୍ଥିତ ଟୁଇନ୍ ଟାୱାର।



ଟୁଇନ୍ ଟାୱାରରେ ବିସ୍ଫୋରଣ ବେଳର ଦୃଶ୍ୟ।



ଧରାଶାୟୀ ସୁପରଟେକ୍ ଅଟ୍ଟାଳିକା।

# ବାର୍ଷିକ ବିପର୍ଯ୍ୟୟ ରିଲିଫ୍ ୧୧ ଶହ କୋଟି

## ୫ ବର୍ଷରେ ଓଡ଼ିଶା ସରକାର ଦେଲେଣି ୫,୪୭୯.୦୨ କୋଟି ଟଙ୍କା

ନୂଆଦିଲ୍ଲୀ,୨୮।୮ (ଆଇଏଏନ୍‌ଏସ୍)

ଓଡ଼ିଶା ପ୍ରତି ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଭୟ ସବୁବେଳେ ରହିଆସିଛି। ରାଜ୍ୟବାସୀ ପ୍ରତିବର୍ଷ ଏକାଧିକ ବିପର୍ଯ୍ୟୟକୁ ସାମ୍ନା କରିଆସୁଥିବାବେଳେ ଓଡ଼ିଶା ସରକାର ବିପନ୍ନଙ୍କୁ ରିଲିଫ୍ ବଣ୍ଟନ ବାବଦକୁ ବାର୍ଷିକ ହାରାହାରି ପ୍ରାୟ ୧,୧୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ବାବଦରେ ଗତ ୫ ବର୍ଷ ମଧ୍ୟରେ ୫,୪୭୯.୦୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଓ ଏହା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହେତୁ ରାଜ୍ୟବାସୀଙ୍କ ଉପରେ ପ୍ରତିବର୍ଷ ଘୂର୍ଣ୍ଣିଝଡ଼, ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। ତେବେ ଏସବୁର ସମୟୋଚିତ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ପ୍ରୟାସ କେବଳ ଭାରତରେ ନୁହେଁ, ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସୁନାମ ଅର୍ଜିଛି। ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିକୁ ଜାତିସଂଘ ପକ୍ଷରୁ ଏକାଧିକ ଥର ପ୍ରଶଂସା କରାଯାଇଛି। ସରକାରୀ ସୂଚନାନୁସାରେ ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଜିଲାଗୁଡ଼ିକୁ

**ପୁରୀକୁ ଦିଆଯାଇଛି ସର୍ବାଧିକ ୧୪୩୯.୪୭ କୋଟି**



ରାଜକୋଷରୁ ୫,୪୭୯.୦୨ କୋଟି ଟଙ୍କା ଦିଆଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)ରୁ ପ୍ରଦତ୍ତ ଏହି ଅର୍ଥକୁ ବିପନ୍ନଙ୍କ ରିଲିଫ୍ ବାବଦରେ ଖର୍ଚ୍ଚ କରାଯାଇଛି। ବର୍ଷ ୱାରି ଦେଖିଲେ ପ୍ରତିବର୍ଷ ରିଲିଫ୍ ଅର୍ଥର ପରିମାଣ ବଢ଼ିଚାଲିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୮୪୮.୬୮ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ୨୦୧୮-୧୯ରେ ରିଲିଫ୍ ସହାୟତା ପରିମାଣ ୧,୨୨୭.୯୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୨,୩୪୦.୨୯ କୋଟି ଟଙ୍କାକୁ ଛୁଇଁଥିଲା। ତେବେ ୨୦୨୦-୨୧ ଏବଂ ୨୦୨୧-୨୨ରେ ରିଲିଫ୍ ବାବଦକୁ ପ୍ରଦାନ କରାଯାଇଥିବା ଅର୍ଥର ପରିମାଣ ହେଉଛି ଯଥାକ୍ରମେ ୪୨୩.୧୦ କୋଟି ଓ ୬୩୯.୦୩ କୋଟି ଟଙ୍କା। ଉପରୋକ୍ତ ୫ ବର୍ଷ ମଧ୍ୟରେ ଓଡ଼ିଶା ସାମ୍ନା କରିଥିବା ସାମୁଦ୍ରିକ ଝଡ଼ ମଧ୍ୟରୁ ୨୦୧୮ର ତିତ୍‌ଲି, ୨୦୧୯ର ଫନୀ, ୨୦୨୦ର ଅମ୍ଫାନ ଏବଂ ୨୦୨୧ର ୟାସ୍, ଗୁଲାବ ଓ ଜୱାଦ୍ ଅନ୍ୟତମ। ଏହି ଅବଧି ମଧ୍ୟରେ ଅନେକ ଜିଲାରେ କେବଳ ଅତ୍ୟଧିକ ବର୍ଷାଜନିତ ବିପ୍ରାତ ନୁହେଁ, ବନ୍ୟା ଓ ମରୁଡ଼ି ମଧ୍ୟ ଦେଖିବାକୁ ମିଳିଛି। ଚଳିତ ବର୍ଷ ମଧ୍ୟ ରାଜ୍ୟର ଅନେକ ଜିଲା ବନ୍ୟାରେ ପ୍ରଭାବିତ ହୋଇଛି। ୨୦୧୯ରେ ସାମୁଦ୍ରିକ ଝଡ଼ ଫନୀ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଟକ ଭଳି ଉପକୂଳ ଜିଲାଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଅବଧି ମଧ୍ୟରେ ଫନୀ ପ୍ରଭାବିତ ପୁରୀ ଜିଲାକୁ ସର୍ବାଧିକ ୧୪୩୯.୪୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ତିତ୍‌ଲି ଦ୍ୱାରା ସବୁଠୁ ବେଶି ପ୍ରଭାବିତ ହୋଇଥିବା ଗଞ୍ଜାମ ଜିଲାକୁ ସର୍ବାଧିକ ୮୦୮.୬୯ କୋଟି ଟଙ୍କା ସହାୟତା ଦିଆଯାଇଥିବା ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରିଲିଫ୍ ବଣ୍ଟନ ଓ ବିପନ୍ନଙ୍କୁ କ୍ଷତିପୂରଣ ଲାଗି ☞ପୃଷ୍ଠା-୪

## ବଜ୍ରପାତ ନେଲା ୫ ଜୀବନ

ବାରିପଦା/ଝାରସୁଗୁଡ଼ା ଅଫିସ୍,୨୮।୮

ବଜ୍ରପାତରେ ରବିବାର ବିଭିନ୍ନ ସ୍ଥାନରେ ୫ଜଣଙ୍କ ଜୀବନ ଯାଇଛି। ମୟୂରଭଞ୍ଜ ଜିଲାର ୨ଟି ସ୍ଥାନରେ ବଜ୍ରପାତରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଝାରସୁଗଡ଼ାରେ ମା'ପୁଅଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକମାନେ ହେଲେ ମୟୂରଭଞ୍ଜ ଜିଲା ବହଳଦା ଥାନା ବାଗଡେଗା ନିମିଡିହି ଗ୍ରାମର ଗୋପୀ ମୁଣ୍ଡାଙ୍କ ସ୍ତ୍ରୀ ରାଣୀ(୨୫), ଝିଆରୀ ପାନ ମୁଣ୍ଡା(୭), ତିରିଂ ଥାନା କୁଲୁଘୁଟୁ ପଞ୍ଚାୟତ ବାରୁଡିହୀ ଗ୍ରାମର ଶ୍ୟାମ ଚରଣ ପୂର୍ତ୍ତି(୨୬), ଝାରସୁଗଡ଼ା ଜିଲା ଦର୍ଲିପାଲି ଗ୍ରାମର କସ୍ତୁରୀ ରୋହିଦାସ(୫୦) ଏବଂ ତାଙ୍କ ପୁଅ ଡୋଲାମଣି ରୋହିଦାସ (୨୭)। ☞ପୃଷ୍ଠା-୪

## ୯ ସେକେଣ୍ଡରେ ଧରାଶାୟୀ

ନୂଆଦିଲ୍ଲୀ, ୨୮।୮

■ ଟୁଇନ୍ ଟାୱାରରେ ଖଞ୍ଜାଯାଇଥିଲା ୩,୭୦୦ ବିସ୍ଫୋରକ
■ ୩ ଅଗ୍ନି କ୍ଷେପଣାସ୍ତ୍ରଠାରୁ ଅଧିକ ଶକ୍ତିଶାଳୀ
■ ବେଆଇନ ନିର୍ମାଣ ଭଙ୍ଗ ପାଇଁ ସୁପ୍ରିମକୋର୍ଟ ଦେଇଥିଲେ ନିର୍ଦ୍ଦେଶ

ଉତ୍ତରପ୍ରଦେଶର ନୋଏଡ଼ା ସେକ୍ଟର ୯୩-ଏ ସ୍ଥିତ ପ୍ରାୟ ୧୦୦ ମିଟର ଉଚ୍ଚତାବିଶିଷ୍ଟ ସୁପରଟେକ୍ ଟୁଇନ ଟାୱାର ରବିବାର ମାତ୍ର ୯ ସେକେଣ୍ଡରେ ଧ୍ୱଂସାବଶେଷରେ ପରିଣତ ହୋଇଛି। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ୩୨ ମହଲାର ଆପେକ୍ସ ଟାୱାର ଏବଂ ୨୯ ମହଲା ବିଶିଷ୍ଟ ସିୟାନେ ଟାୱାରକୁ ବିସ୍ଫୋରକ ମାଧ୍ୟମରେ ଧ୍ୱଂସ କରାଯାଇଛି। ଏଥିପାଇଁ ୩,୭୦୦ କେ.ଜି. ଏକ୍ସପ୍ଲୋସିଭ୍ ବ୍ୟବହାର ହୋଇଥିଲା। କୁତବମିନାରଠାରୁ ବଡ଼ ବେଆଇନ ଭାବେ ନିର୍ମିତ ଏତେ ବଡ଼ ଅଟ୍ଟାଳିକା ଭଙ୍ଗାଯିବା ଦେଶର ପ୍ରଥମ ଘଟଣା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଇମ୍ପ୍ଲୋଜନ୍ ଟେକ୍‌ନିକ୍ ବ୍ୟବହାର ହୋଇଥିଲା।

ପ୍ରାୟ ଦଶନ୍ଧି ଧରି ଚାଲିଥିବା ଆଇନଗତ ଲଢ଼େଇରେ ସୁପ୍ରିମକୋର୍ଟ ସୁପରଟେକ୍ ଟାୱାରକୁ ଭାଙ୍ଗିବା ପାଇଁ ୨୦୨୧ ଅଗଷ୍ଟ ୩୧ରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବିରାଟକାୟ ଅଟ୍ଟାଳିକାକୁ ଭାଙ୍ଗିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ନୋଏଡ଼ା ଏବଂ ଗ୍ରେଟର ନୋଏଡ଼ାକୁ ସଂଯୋଗ କରୁଥିବା ଏକ୍ସପ୍ରେସ୍ ୱେ ନିକଟରେ ନିର୍ମିତ ଏହି ଟୁଇନ୍ ଟାୱାରକୁ ଧ୍ୱଂସ କରିବା ନିମନ୍ତେ ମୁମ୍ବାଇର ଏଡିଫିସ୍ ଇଞ୍ଜିନିୟରିଂ ଏବଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସ୍ୱାଗତିକା କିଏ

**ଜାତୀୟ କ୍ରୀଡ଼ା ଦିବସ ବିଶେଷ**

☞ପୃଷ୍ଠା-୧୨






## ଅକ୍ଟୋବର ୧୭ରେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

ନୂଆଦିଲ୍ଲୀ,୨୮।୮ (ପି.ଟି.)

■ ସେପ୍ଟେମ୍ବର ୨୪ରୁ ନାମାଙ୍କନ ପତ୍ର ଦାଖଲ

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଆଗାମୀ ଅକ୍ଟୋବର ୧୭ରେ କରିବା ପାଇଁ ରବିବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ଦୁଇଦିନ ପରେ ଅର୍ଥାତ୍ ଅକ୍ଟୋବର ୧୯ରେ ଫଳାଫଳ ପ୍ରକାଶ ପାଇବ। ନିର୍ବାଚନ ଲାଗି ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ସେପ୍ଟେମ୍ବର ୨୪ରୁ ୩୦ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରାଯିବ ବୋଲି ଦଳର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରୀ କହିଛନ୍ତି। ରବିବାର ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରିଣୀ (ସିଡବ୍ଲ୍ୟୁସି)ର ଅନ୍‌ଲାଇନ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଗତ ଶୁକ୍ରବାର ଦଳ ଛାଡ଼ିଥିଲେ। ଦଳରେ ବିଚାରବିମର୍ଶ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ପାଇଁ ☞ପୃଷ୍ଠା-୪

# ଭାରତର ରୋମାଞ୍ଚକ ବିଜୟ

**ଏସିଆ କପ୍**

**୫ ଉଇକେଟରେ ହାରିଲା ପାକିସ୍ତାନ**

ଦୁବାଇ,୨୮।୮

ଏସିଆ କପ୍ ଟି୨୦ କ୍ରିକେଟରେ ବିଶ୍ୱକପ୍ ପରାଜୟର ପ୍ରତିଶୋଧ। ସମାନ ଷ୍ଟାଡିୟମରେ ପାକିସ୍ତାନ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛି ଭାରତ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ସଫଳତା(୩/୨୫ ଓ ୩୩*) ଓ ଜାଡେଜାଙ୍କ ଦୃଢ଼ ୩୫ ରନ ବଳରେ ଦୁଇଟି ବଲ୍ ବାକି ଥାଇ ଭାରତ ୫ ଉଇକେଟରେ ମ୍ୟାଚକୁ ଜିତି ନେଇଛି। ଭୁବନେଶ୍ୱର କୁମାର ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ନିଜ ମଧ୍ୟରେ ୭ ଉଇକେଟ ବାଣ୍ଟି ନେବାରୁ ଦଳ ପାକିସ୍ତାନକୁ ୧୪୭ ରନରେ ସୀମିତ ରଖିଥିଲା। ୧୪୮ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତ ମାତ୍ର ୧ ରନରେ ଲୋକେଶ ରାହୁଲ(୦)ଙ୍କ ଉଇକେଟ ହରାଇଥିଲା। ତେବେ ଶତକୀୟ ମ୍ୟାଚ୍ ଖେଳୁଥିବା ବିରାଟ କୋହଲି (୩୫) ଓ ରୋହିତ ଶର୍ମା(୧୨)ଙ୍କ ମଧ୍ୟରେ ୪୯ ରନର ଭାଗୀଦାରି ହୋଇଥିଲା। ମାତ୍ର ଦୁଇ ଓଭର ମଧ୍ୟରେ ଉଭୟ ଖେଳାଳି ମହମ୍ମଦ ନୱାଜଙ୍କ ଶିକାର ହୋଇଥିଲେ। ଖାତା ଖୋଲିବା ପୂର୍ବରୁ ଜୀବନଦାନ ପାଇଥିବା କୋହଲି ଏହି ମ୍ୟାଚରେ କିଛି ଆକର୍ଷଣୀୟ ଶଟ୍ ଖେଳିଥିଲେ। ୩ ଚୌକା ଓ ଗୋଟିଏ ଛକା ସହିତ ୩୪ ବଲରୁ ୩୫ ରନ କରି ସେ ପ୍ୟାଭିଲିୟନ୍ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବ(୧୮) ଓ ରବୀନ୍ଦ୍ର ଜାଡେଜା(୩୫)ଙ୍କ ମଧ୍ୟରେ ୩୬ ରନର ପାର୍ଟନରଶିପ୍ ହୋଇଥିଲା। ନସିମ୍ ଶାହଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଯାଦବ ବୋଲ୍ଡ ହେବା ପରେ ପାଣ୍ଡ୍ୟା ଓ ଜାଡେଜା ଇନିଂସ ସମ୍ଭାଳିଥିଲେ। ☞ପୃଷ୍ଠା-୪



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହାର୍ଦ୍ଦିକ ପାଣ୍ଡ୍ୟା।




**୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବ ଭାରତ: ମୋଦି**

୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ୨୦୦୧ର ପ୍ରଳୟଙ୍କରୀ ଭୂକମ୍ପରେ ଧ୍ୱସ୍ତ ଗୁଜରାଟର ଭୁଜ୍ ସହରରେ ମୋଦି କହିଛନ୍ତି, ୨୦୨୨ ସୁଦ୍ଧା ଉକ୍ତ ଜିଲା ବିକଶିତ ହୋଇଯିବ ବୋଲି ସେ ଦେଇଥିବା ପ୍ରତିଶ୍ରୁତି ବାସ୍ତବରେ ପରିଣତ ହୋଇଛି। ୨୦୪୭ରେ ଭାରତ ନିଶ୍ଚୟ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ଏହି ଅବସରରେ ସେ ଭୁଜ୍‌ରେ 'ସ୍ମୃତି ବନ' ଏବଂ ଅଞ୍ଜରରେ 'ବୀର ବାଳକ ସ୍ମାରକ'କୁ ଉଦ୍‌ଘାଟନ କରିଥିଲେ।



**ସଂକ୍ଷେପରେ**

## ପାକ୍ ବନ୍ୟା ମୃତ୍ୟୁସଂଖ୍ୟା ହଜାରେ ଟପିଲା

**ଇସ୍‌ଲାମାବାଦ, ୨୮।୮:** ପାକିସ୍ତାନରେ ବନ୍ୟା ବିପର୍ଯ୍ୟୟରେ ଗତ ୨୪ ଘଣ୍ଟାରେ ଆଉ ୧୧୯ ଜଣଙ୍କ ମୃତ୍ୟୁ ଘଟିଛି। ଗତ ଜୁନ୍‌ରୁ ବର୍ଷା ବିପ୍ଳାତଜନିତ ମୋଟ ମୃତ୍ୟୁସଂଖ୍ୟା ୧,୦୩୩ରେ ପହଞ୍ଚିଥିବା ରବିବାର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟୁନ ୧୫୨୭ ଜଣ ଆହତ ହୋଇଛନ୍ତି। ଦିନକରେ କେବଳ ସିନ୍ଧ୍ ପ୍ରଦେଶରେ ୭୬ ଜଣଙ୍କ ଜୀବନ ଯାଇଛି। ମୋଟ ମୃତକଙ୍କ ମଧ୍ୟରେ ସିନ୍ଧର ୩୪୭, ବାଲୁଚିସ୍ତାନର ୨୩୮, ଖାଇବର-ପାଖ୍‌ତୁନ୍‌ଖ୍ୱାର ୨୨୬, ପଞ୍ଜାବର ୧୬୮ ଜଣ ରହିଛନ୍ତି। ଦେଶର ପ୍ରାୟ ୩,୪୫୧ କିଲୋମିଟର ରାସ୍ତା ନଷ୍ଟ ହୋଇଛି। ୧୪୭ ପୋଲ ଭାଙ୍ଗିଯାଇଛି। ୯,୪୯,୮୫୮ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ହାଇଦ୍ରାବାଦ ଆର୍କବିଶପ ହେଲେ ଭାଟିକାନ କାର୍ଡିନାଲ

**ହାଇଦ୍ରାବାଦ, ୨୮।୮:** ହାଇଦ୍ରାବାଦର ଆର୍କବିଶପ ପୁଲା ଆନ୍ଥୋନୀ ଭାଟିକାନର କାର୍ଡିନାଲ ଭାବେ ଅବସ୍ଥାପିତ ହୋଇଛନ୍ତି। ଏଭଳି ପଦବୀ ପାଇବାରେ ଆନ୍ଥୋନୀ ପ୍ରଥମ ତେଲୁଗୁ ଏବଂ ପ୍ରଥମ ଦଳିତ ବ୍ୟକ୍ତି। ଏଥିପାଇଁ ଭାଟିକାନ ସିଟିରେ ଥିବା ସେଣ୍ଟ ପିଟର୍ସ ବାସିଲିକାରେ ଶନିବାର ଅନୁଷ୍ଠିତ ଉତ୍ସବରେ ପୋପ୍ ଫ୍ରାନ୍ସିସ୍ ଅଧ୍ୟକ୍ଷତା କରିଥିଲେ। ଏହା ହାଇଦ୍ରାବାଦ, ତେଲୁଗୁ ରାଜ୍ୟ ଏବଂ ଭାରତ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଯେ ହାଇଦ୍ରାବାଦର ଆର୍କବିଶପ ରୋମାନ ପଣ୍ଟିଫ୍‌ର କାର୍ଡିନାଲ କଲେଜରେ ସାମିଲ ହୋଇପାରିଛନ୍ତି। ୬୦ ବର୍ଷୀୟ ଆନ୍ଥୋନୀଙ୍କ ଘର ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ। ଗତ ମେ'ରେ ସେ ପୋପ୍‌ଙ୍କ ଦ୍ୱାରା କାର୍ଡିନାଲ ଭାବେ ପଦୋନ୍ନତି ପାଇଥିଲେ। ଆନ୍ଥୋନୀ ୧୯୯୨ ଫେବୃୟାରୀରେ ପ୍ରିଷ୍ଟ, ୨୦୦୮ ଫେବୃୟାରୀରେ କୁର୍ନୁଲର ବିଶପ, ୨୦୨୦ ନଭେମ୍ବରରେ ହାଇଦ୍ରାବାଦର ଆର୍କବିଶପ ହୋଇଥିଲେ।



ପୁଲା ଆନ୍ଥୋନୀ

## ସିବିଆଇକୁ ହସ୍ତାନ୍ତର ହେବ ସୋନାଲି ହତ୍ୟା ମାମଲା

**ପଣଜୀ, ୨୮।୮:** ହରିୟାଣା ଭାଜପା ନେତ୍ରୀ ତଥା ଟିକ୍‌ଟକ୍ ଷ୍ଟାର ସୋନାଲି ଫୋଗଟ୍ ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର ହେବ ବୋଲି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ରବିବାର କହିଛନ୍ତି। ହରିୟାଣା ମୁଖ୍ୟମନ୍ତ୍ରୀ ମାମଲାର ସିବିଆଇ ତଦନ୍ତ ଲାଗି ତାଙ୍କୁ ଅନୁରୋଧ କରିଥିଲେ। ମାମଲା ସିବିଆଇକୁ ଦେବାରେ କୌଣସି ଅସୁବିଧା ନ ଥିବା ସାୱନ୍ତ ତାଙ୍କୁ କହିଥିବା ଜଣାପଡ଼ିଛି। ସୋନାଲି ହତ୍ୟାକୁ ନେଇ ଗୋଆ ପୋଲିସ ଦୁଇଟି ଅଲଗା ମାମଲା ରୁଜୁ କରିଛି। ତାଙ୍କର ଦୁଇ ସହଯୋଗୀ ସୁଧୀର ସଙ୍ଗ୍ୱାନ ଏବଂ ସୁଖ୍‌ୱିନ୍ଦର ସିଂଙ୍କୁ ପୋଲିସ ଗିରଫ କରିବା ପରେ ୧୦ ଦିନିଆ ରିମାଣ୍ଡରେ ନେଇଛି। ଏହା ବ୍ୟତୀତ ୫ ଜଣଙ୍କ ନାଁରେ ନାର୍କୋଟିକ ମାମଲା ରୁଜୁ ହେବା ସହ ୩ ଜଣଙ୍କୁ ଗିରଫ କରାଯାଇଛି।

# ଟାଇୱାନ୍ ପ୍ରଣାଳୀରେ ଆମେରିକା ଯୁଦ୍ଧଜାହାଜ

■ଚାଇନା ନଜରରେ ୱାର୍‌ଶିପ୍ ଗତିବିଧି
■ଆହୁରି ବଢ଼ିପାରେ ଉତ୍ତେଜନା



ଟାଇୱାନ୍ ପ୍ରଣାଳୀରେ ରବିବାର ଟିକୋଣ୍ଡେରୋଗା-କ୍ଲାସ୍ ଗାଇଡେଡ୍ ମିଶାଇଲ୍ କ୍ରୁଜର ୟୁଏସ୍‌ଏସ୍ ଆଣ୍ଟାଇଏଟମ୍ (ସିଜି ୫୪) ଯୁଦ୍ଧଜାହାଜର ଅପରେଶନ୍।

**ଟାଇପେଇ/ବେଜିଂ/ୱାଶିଂଟନ, ୨୮।୮**

ଆମେରିକାର ଦୁଇଟି ଯୁଦ୍ଧଜାହାଜ ରବିବାର ଟାଇୱାନ୍ ପ୍ରଣାଳୀରେ ପ୍ରବେଶ କରିଛି। ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ଟାଇପେଇ ଗସ୍ତ ପରେ ଟାଇୱାନ୍-ଚାଇନା ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ପରେ ଦୁଇଦେଶ ମଝିରେ ଥିବା ବିସ୍ତୃତ ଜଳରାଶିକୁ କୌଣସି ଆମେରିକୀୟ ଯୁଦ୍ଧଜାହାଜ ପ୍ରବେଶ କରିବାର ଏହା ହେଉଛି ପ୍ରଥମ ଘଟଣା। ଏହି ୱାର୍‌ଶିପ୍‌ର ଗତିବିଧି ଉପରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) କଡ଼ା ନଜର ରଖିଛି।

ଟାଇୱାନ୍ ନିଜକୁ ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ରାଷ୍ଟ୍ର ବୋଲି ବିବେଚନା କରୁଥିବାବେଳେ ବେଜିଂ ଏହାକୁ ନିଜ ମୂଳ ଭୂଖଣ୍ଡର ଅଂଶବିଶେଷ ବୋଲି ଦାବି କରିଥାଏ। ବେଜିଂର ବିନା ଅନୁମତିରେ କୌଣସି ବିଦେଶୀ ନେତାଙ୍କ ଟାଇୱାନ୍ ଗସ୍ତକୁ ମଧ୍ୟ ଚାଇନା ବିରୋଧ କରିଥାଏ। ଚାଇନାର ଘୋର ବିରୋଧ ସତ୍ତ୍ୱେ ଅଗଷ୍ଟ ୩ରେ ଆମେରିକା ପ୍ରତିନିଧି ସଭାର ସ୍ପିକର ନାନ୍ସି ପେଲୋସିଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳ ଟାଇୱାନ୍ ଗସ୍ତ କରିଥିଲେ। ଏହାକୁ ନେଇ କ୍ଷୁବ୍ଧ ଚାଇନା ଟାଇୱାନ୍ ପ୍ରଣାଳୀରେ ସମରାଭ୍ୟାସ କରି ଟାଇପେଇକୁ ନାଲିଆଖି ଦେଖାଇବା ସହ ଆମେରିକାକୁ ଖୋଲା ଚ୍ୟାଲେଞ୍ଜ କରିଥିଲା। ସମୁଦ୍ରରେ ଯୁଦ୍ଧଜାହାଜ ମୁତୟନ କରିବା ସହ ମେଡିଆନ୍ ଲାଇନ୍ ବା ମଧ୍ୟବର୍ତ୍ତୀ ସୀମାକୁ ପିଏଲ୍‌ଏର ଯୁଦ୍ଧବିମାନ ଅତିକ୍ରମ କରିଥିଲା। ସମରାଭ୍ୟାସ ବେଳେ କେତେକ ଦୂରଗାମୀ କ୍ଷେପଣାସ୍ତ୍ର ମଧ୍ୟ ପରୀକ୍ଷଣ କରିଥିଲା, ଯାହାକୁ ଟାଇୱାନ୍ ନିଜ ପ୍ରତି ବିପଦ ବୋଲି ଦର୍ଶାଇଥିଲା। ଏହାର ମାସେ ନ ବିତୁଣୁ ଆମେରିକା ନୌସେନାର ଟିକୋଣ୍ଡେରୋଗା-କ୍ଲାସ୍ ଗାଇଡେଡ୍ ମିଶାଇଲ୍ କ୍ରୁଜର ୟୁଏସ୍‌ଏସ୍ ଆଣ୍ଟାଇଏଟମ୍ (ସିଜି ୫୪) ଯୁଦ୍ଧଜାହାଜ ଟାଇୱାନ୍ ପ୍ରଣାଳୀରେ ଅପରେଶନ୍ ଆରମ୍ଭ କରିଛି। ତେବେ ଏହାକୁ ଆମେରିକା ନୌସେନାର ସପ୍ତମ ଫ୍ଲିଟ୍ ଏକ 'ରୁଟିନ୍ ମିଶନ୍' ବୋଲି ଅଭିହିତ କରିଛି। ଅନ୍ତର୍ଜାତୀୟ ଜଳରାଶି ଉପରେ ଏହି ଯୁଦ୍ଧଜାହାଜ ଦ୍ୱୟର ପ୍ରବେଶ ଏକ ମୁକ୍ତ ଓ ଖୋଲା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ଆମେରିକାର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି ବୋଲି ଏକ ବିବୃତିରେ କୁହାଯାଇଛି। ଟାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଦୁଇ ଜାହାଜ ଉପରେ ନଜର ରଖିଥିବା କହିଛି। ଟାଇୱାନ୍ ପ୍ରତିରକ୍ଷା ମନ୍ତ୍ରୀ ଜେସେଫ୍ ୱୁ ଶୁକ୍ରବାର କହିଥିଲେ, ଟାଇୱାନ୍ ନିକଟରେ ଚାଇନାର ସମରାଭ୍ୟାସ ଟାଇୱାନ୍ ପ୍ରଣାଳୀର ଅନ୍ତର୍ଜାତୀୟ ଜଳରାଶି ଉପରୁ ଟାଇପେଇକୁ ନିବୃତ୍ତ ରଖିବା ପାଇଁ ଉଦ୍ଦିଷ୍ଟ ଥିଲା। ଏପ୍ରକାର ଏକ୍ସରସାଇଜ୍ ସ୍ଥିତାବସ୍ଥା ପାଇଁ ଆହ୍ୱାନ ସୃଷ୍ଟି କରିଛି। ପ୍ରକାଶ ଯେ, ୧୯୪୯ ମସିହା ପରଠାରୁ ଟାଇୱାନ୍‌ରେ ସ୍ୱାଧୀନ ସରକାର ଚାଲିଛି। କିନ୍ତୁ ଚାଇନା ଏହାକୁ ବଳପୂର୍ବକ ନିଜ ଦଖଲକୁ ନେବାକୁ ଉଦ୍ୟମ ଜାରି ରଖିଛି। ଆମେରିକୀୟ ଯୁଦ୍ଧଜାହାଜ ସମ୍ପୃକ୍ତ କ୍ଷେତ୍ରକୁ ପ୍ରବେଶ କରିବା ପରେ ପିଏଲ୍‌ଏର ଇଷ୍ଟର୍ନ ଥିଏଟର କମାଣ୍ଡ (ଇଟିସି) ପକ୍ଷରୁ ରବିବାର ଏକ ବିବୃତି ଜାରି କରାଯାଇଛି। ଦୁଇ ୱାର୍‌ଶିପ୍‌ର ସମ୍ପୂର୍ଣ୍ଣ ଗତିବିଧି ଉପରେ ବେଜିଂର କଡ଼ା ନଜର ରହିଛି। କୌଣସି ପ୍ରକାର ଉତ୍ତେଜନାମୂଳକ ପଦକ୍ଷେପକୁ ଏଡ଼ାଇବା ପାଇଁ ପିଏଲ୍‌ଏ ଇଷ୍ଟର୍ନ ଥିଏଟର କମାଣ୍ଡ ସୈନ୍ୟମାନେ ହାଇଆଲର୍ଟରେ ଥିବା ଇଟିସି ମୁଖପାତ୍ର କଲୋନେଲ ଶି ୱିଙ୍ଗ୍ କହିଛନ୍ତି। ସେହିପରି ଚାଇନାର ସରକାରୀ ଗଣମାଧ୍ୟମ 'ଗ୍ଲୋବାଲ ଟାଇମ୍ସ' ଆମେରିକାର ଏଭଳି ପଦକ୍ଷେପକୁ ସମାଲୋଚନା କରିଛି। ୱାଶିଂଟନ୍ ଟାଇୱାନ୍ କର୍ତ୍ତୃପକ୍ଷ ଓ କ୍ଷେତ୍ରୀୟ ସହଯୋଗୀଙ୍କୁ ସନ୍ତୁଷ୍ଟ କରି ଚାଇନାର କୌଣସି ଚାପ ଆଗରେ ମୁଣ୍ଡ ନୁଆଁଉନାହିଁ ବୋଲି ସନ୍ଦେଶ ଦେବା ନିମନ୍ତେ ଏହା ଉଦ୍ଦିଷ୍ଟ। ଏଥିଯୋଗୁ ଉତ୍ତେଜନା ଆହୁରି ବଢ଼ିବ ବୋଲି ଗ୍ଲୋବାଲ ଟାଇମ୍ସର ଏକ ସ୍ତମ୍ଭରେ ଉଲ୍ଲେଖ କରାଯାଇଛି। ୨୦୧୨ ପରଠାରୁ ଅଦ୍ୟାବଧି ଚାଇନାର ଦାବିକୁ ଚ୍ୟାଲେଞ୍ଜ କରି ଆମେରିକାର ଶତାଧିକ ଯୁଦ୍ଧଜାହାଜ ଟାଇୱାନ୍ ପ୍ରଣାଳୀରେ ଅପରେଶନ୍ କରିଥିବା ଜଣାପଡ଼ିଛି। କେବଳ ଏତିକି ନୁହେଁ, ବିବାଦୀୟ ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)ରେ ମଧ୍ୟ ଆମେରିକା ଅନୁରୂପ ଅପରେଶନ୍ ଚଳାଇଛି, ଯାହାକୁ ଚାଇନା ନିଜର ଦାବି କରି ଆଧିପତ୍ୟ ବିସ୍ତାର କରିଥାଏ। ଏସ୍‌ସିଏସ୍‌କୁ ନେଇ ଚାଇନା ସହ ଫିଲିପାଇନ୍ସ, ଭିଏତ୍‌ନାମ, ମାଲେସିଆ, ବ୍ରୁନେଇ ଓ ଟାଇୱାନ୍ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଆମେରିକାର ଦୁଃସାହସିକ ଅପରେଶନ୍ ଆଗକୁ ଅଧିକ ଜଟିଳ ସ୍ଥିତି ଉପୁଜାଇପାରେ।

## ମସ୍କଙ୍କୁ ଭେଟିବାକୁ ଗଲେ ଗ୍ୟାରେଜରେ ଶୁଅନ୍ତି ମା'



ମା' ମାୟେ ମସ୍କଙ୍କ ସହ ଏଲନ୍ ମସ୍କ।

**ୱାଶିଂଟନ୍, ୨୮।୮**

ବିଲିୟନେୟାର ପୁଅ ଏଲନ ମସ୍କଙ୍କୁ ଦେଖାକରିବାକୁ ଟେକ୍ସାସ ଆସିବା ବେଳେ ମା' ମାୟେ ମସ୍କ ଗ୍ୟାରେଜରେ ଶୁଅନ୍ତି। ଏ ନେଇ ୭୪ ବର୍ଷୀୟା ମାୟେ ବ୍ରିଟେନର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ମଡେଲ ତଥା ସାମାଜିକକର୍ମୀ ମାୟେ କହିଛନ୍ତି, ମସ୍କ ସମ୍ପତ୍ତିକୁ ସେତେ ଆଗ୍ରହ ଦେଖାନ୍ତି ନାହିଁ। ମାୟେ ସ୍ପେସ୍‌ଏକ୍ସ ମୁଖ୍ୟାଳୟ ଥିବା ଟେକ୍ସାସକୁ ଯିବାବେଳେ ତାଙ୍କ ଶୋଇବା ବ୍ୟବସ୍ଥା ଏକ ଗ୍ୟାରେଜରେ ହୋଇଥାଏ। କାରଣ ରକେଟ୍ ସାଇଟ୍‌ରେ ସୁନ୍ଦର ଘର ନିର୍ମାଣ କରିବା କଥା ନୁହେଁ। ପୂର୍ବରୁ ଏଲନ ମସ୍କ ମଧ୍ୟ ତାଙ୍କର ନିଜର ଘର ନ ଥିବା ଏବଂ ସେ ତାଙ୍କ ବନ୍ଧୁଙ୍କ ଘରେ ରହୁଥିବା କଥା କହିଥିଲେ। ତେବେ ମସ୍କ ସ୍ପେସ୍‌ଏକ୍ସର ଏକ ଭଡ଼ା ଘରେ ରହିଥିବା କଥା ପରେ କହିଥିଲେ। ପୁଅ ଭଳି ମଙ୍ଗଳକୁ ଯିବାକୁ ସେ ଆଗ୍ରହୀ ନ ଥିବା ମାୟେ କହିଛନ୍ତି। ଏଥିପାଇଁ ଅଲଗା ରହି ୬ ମାସ ଧରି ପ୍ରସ୍ତୁତି କରିବାକୁ ତାଙ୍କର ଇଚ୍ଛା ନ ଥିବା ସେ ପ୍ରକାଶ କରିଛନ୍ତି। ଏରୋଲ ମସ୍କଙ୍କ ପୂର୍ବତନ ସ୍ତ୍ରୀ ମାୟେଙ୍କ ୩ ସନ୍ତାନ ଅଛନ୍ତି। ସେମାନେ ହେଲେ ଏଲନ, କିମ୍ବାଲ ଏବଂ ଟୋସ୍କା।

## ସିବିଆଇକୁ ବିହାର ମନା

**ପାଟନା, ୨୮।୮**

କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ରାଜନୈତିକ ଫାଇଦା ପାଇଁ ସିବିଆଇର ଦୁରୁପଯୋଗ କରୁଥିବାରୁ ବିହାରର ଶାସକ ମହାଗଠବନ୍ଧନର ନେତାମାନେ ଏହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ଦିଆଯାଇଥିବା ସାଧାରଣ ସହମତି ପ୍ରତ୍ୟାହାର କରିନେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଅଧିନିୟମ, ୧୯୪୬ର ଧାରା ୬ ଅନୁଯାୟୀ ସିବିଆଇ କୌଣସି ରାଜ୍ୟ ମଧ୍ୟରେ ତଦନ୍ତ କରିବା ପାଇଁ ସେହି ସରକାରଙ୍କ ସହମତି ଆବଶ୍ୟକ କରିଥାଏ। ପୂର୍ବରୁ ପଶ୍ଚିମବଙ୍ଗ, ଛତିଶଗଡ଼, ରାଜସ୍ଥାନ, ପଞ୍ଜାବ, ମେଘାଳୟ ପ୍ରମୁଖ ୯ ରାଜ୍ୟ ସିବିଆଇଠାରୁ ସାଧାରଣ ସହମତି ଫେରାଇ ନେଇଛନ୍ତି। ଭାଜପା ସିବିଆଇ ଭଳି କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଟାର୍ଗେଟ କରୁଥିବା ଆର୍‌ଜେଡି ନେତା ଶିବାନନ୍ଦ ତିୱାରୀ କହିଛନ୍ତି। ତେଣୁ ସିବିଆଇଠାରୁ ମହାଗଠବନ୍ଧନ ସରକାର ସାଧାରଣ ସହମତି ପ୍ରତ୍ୟାହାର କରିନେବା ଜରୁରୀ। ଏନ୍‌ଡିଏ ଶାସନ କାଳରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସେମାନଙ୍କର ବିଶ୍ୱସନୀୟତା ହରାଇଥିବା ଆର୍‌ଜେଡି ନେତା କହିଛନ୍ତି। ସହମତି ପ୍ରତ୍ୟାହାର କରିନେବାର ଏହା ପ୍ରକୃଷ୍ଟ ସମୟ ବୋଲି ଜେଡିୟୁ କହିଛି।

**୬ ବର୍ଷରୁ ଊର୍ଦ୍ଧ୍ୱ ଦଣ୍ଡର ଅପରାଧ ପାଇଁ**

## ଫରେନ୍ସିକ୍ ତଦନ୍ତ ବାଧ୍ୟତାମୂଳକ ହେବ

**ଗାନ୍ଧୀନଗର, ୨୮।୮**

ଯେଉଁ ଅପରାଧ ଘଟାଇଲେ ଦୋଷୀଙ୍କୁ ୬ ବର୍ଷରୁ ଅଧିକ ଅବଧିର ଦଣ୍ଡ ଦିଆଯାଇଥାଏ, ତାହାର ତଦନ୍ତରେ ଫରେନ୍ସିକ୍ ଯାଞ୍ଚକୁ ବାଧ୍ୟତାମୂଳକ କରାଯିବ। କେନ୍ଦ୍ର ସରକାର ଅପରାଧଗୁଡ଼ିକରେ ଦଣ୍ଡବିଧାନ ହାର ବୃଦ୍ଧି ପାଇଁ ଏହି ନିଷ୍ପତ୍ତି ନେବାକୁ ଗମ୍ଭୀରତା ସହ ବିଚାର କରୁଥିବା ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୂଚନା ଦେଇଛନ୍ତି। ଗୁଜରାଟ ଗାନ୍ଧୀନଗରସ୍ଥିତ ନ୍ୟାଶନାଲ ଫରେନ୍ସିକ୍ ସାଇନ୍ସେସ୍ ୟୁନିଭର୍ସିଟି (ଏନ୍‌ଏଫ୍‌ଏସ୍‌ୟୁ)ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ମୁଖ୍ୟ ଅତିଥି ରୂପେ ଯୋଗଦେଇଛନ୍ତି। ଏହି ଅବସରରେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ଜିଲାକୁ ଫରେନ୍ସିକ୍ ମୋବାଇଲ ଇନ୍‌ଭେଷ୍ଟିଗେଶନ ଫାସିଲିଟି ଯୋଗାଇଦେବେ। ଏଥିସହ ତଦନ୍ତର ସ୍ୱାଧୀନତା ଓ ନିରପେକ୍ଷତାକୁ ସୁନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଆଇନଗତ ଢାଞ୍ଚା ନିର୍ମାଣ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନରେ ମଧ୍ୟ ସଂଶୋଧନ ଆଣିବାକୁ ଯାଉଛନ୍ତି। ଏଥି ସକାଶେ ବିଶେଷଜ୍ଞ ଓ ଆଇନଜ୍ଞମାନଙ୍କ ପରାମର୍ଶ ନିଆଯାଉଛି। ଦେଶ ସ୍ୱାଧୀନ ହେବା ପରଠାରୁ ଏହି ଆଇନଗୁଡ଼ିକୁ କେହି ଭାରତୀୟ ଦୃଷ୍ଟିକୋଣରୁ ଦେଖୁ ନ ଥିବାରୁ ଏଥିରେ ସଂଶୋଧନ ଜରୁରୀ ହୋଇପଡ଼ିଥିବା ଶାହା କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଆହୁରି କହିଛନ୍ତି, ଯେତେବେଳେ ୬ ବର୍ଷରୁ ଅଧି ଅବଧିର ଦଣ୍ଡବିଧାନ ହେଉଥିବା ଅପରାଧ କ୍ଷେତ୍ରରେ ଫରେନ୍ସିକ୍ ସାଇନ୍ସକୁ ବାଧ୍ୟତାମୂଳକ କରାଯିବ ସେତେବେଳେ ବହୁ ସଂଖ୍ୟକ ଫରେନ୍ସିକ୍ ସାଇନ୍ସ ଏକ୍ସପର୍ଟ ଗ୍ରାଜୁଏଟ୍ ଆବଶ୍ୟକ ହେବ। ସେହି ସମୟରେ ଏନ୍‌ଏଫ୍‌ଏସ୍‌ୟୁର କୌଣସି ଛାତ୍ରୀଛାତ୍ର ନିଯୁକ୍ତି ନ ପାଇ ରହିବେ ନାହିଁ।

## ପକ୍ଷୀ ଉପରେ ବସି ଜେଲ ବାହାରକୁ ଯାଉଥିଲେ ସାବରକର

**ବେଙ୍ଗାଲୁରୁ, ୨୮।୮**

**କର୍ଣାଟକ ସ୍କୁଲ ବହିରେ ବିବାଦୀୟ ବିଷୟ**



ଭାଜପା ନେତୃତ୍ୱାଧୀନ ସରକାର ଇତିହାସର ପୁନର୍ଲିଖନ ପ୍ରୟାସ କରୁଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। କର୍ଣାଟକ ପାଠ୍ୟପୁସ୍ତକ ସଂଶୋଧନ କମିଟି ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଇତିହାସ ବହିରେ ବିନାୟକ ଦାମୋଦର ସାବରକରଙ୍କ ଉପରେ ଏକ ଅଧ୍ୟାୟ ସଂଯୋଗ କରିଛି। ସାବରକର ଆଣ୍ଡାମାନ ଜେଲରେ ବନ୍ଦୀ ଜୀବନ ବିତାଉଥିବାବେଳେ ସେ ଏକ ପକ୍ଷୀ ଡେଣାରେ ବସି ନିୟମିତ ନିଜ ଜନ୍ମଭୂମିକୁ ଭ୍ରମଣ କରିବାକୁ ଯାଉଥିଲେ ବୋଲି ସେଥିରେ ଲେଖାଅଛି। ଏପରି କି ସାବରକର ରହିଥିବା ଜେଲ ପ୍ରକୋଷ୍ଠରେ ଛୋଟ ଛିଦ୍ରଟିଏ ମଧ୍ୟ ନ ଥିଲା। କିନ୍ତୁ ବୁଲ୍‌ବୁଲ୍ ପକ୍ଷୀଟି ନିୟମିତ ଉକ୍ତ ପ୍ରକୋଷ୍ଠକୁ ଯାଉଥିଲା ଓ ସଭରକରଙ୍କୁ ପିଠିରେ ବସାଇ ନେଇଯାଉଥିଲା ବୋଲି ନୂଆ ପାଠ୍ୟପୁସ୍ତକରେ ଉଲ୍ଲେଖ ରହିଛି। ଏଭଳି ଏକ ମନଗଢ଼ା ପ୍ରସଙ୍ଗକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ସୂଚନାଯୋଗ୍ୟ, ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସାବରକରଙ୍କ ଭୂମିକା ଭାଜପା ବିଚାରଧାରାର ପଥପ୍ରଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଏହାର ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ମଧ୍ୟରେ ଏକ ବଡ଼ ଆଦର୍ଶଗତ ଫ୍ଲାସ୍‌ପଏଣ୍ଟ ହୋଇ ରହିଆସିଛି।

# 'ବିସ୍ଫୋରଣ ବଟନ୍ ଦବାଇବା ପରେ କାନ୍ଦିଥିଲି'



ଚେତନ ଦତ୍ତ

**ନୋଏଡା, ୨୮।୮**

ଉତ୍ତରପ୍ରଦେଶର ନୋଏଡାରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ସୁପରଟେକ୍ ଟୁଇନ୍ ଟାୱାର ବିସ୍ଫୋରଣ ଦାୟିତ୍ୱ ନେଇଥିବା ଏଡିଫିସ୍ ଇଞ୍ଜିନିୟରିଂ କମ୍ପାନୀର ଜଣେ ଅଧିକାରୀ ଚେତନ ଦତ୍ତ ତାଙ୍କ ଅନୁଭୂତି ବଖାଣିଛନ୍ତି। ପ୍ରାୟ ୧୦୦ ମିଟର ଉଚ୍ଚ ଅଟ୍ଟାଳିକାରେ ବିସ୍ଫୋରଣ କରିବା ପାଇଁ ବଟନ୍ ଦବାଇବା ପରେ ସେ କାନ୍ଦିଥିଲେ ବୋଲି କହିଛନ୍ତି। ଟୁଇନ୍ ଟାୱାର ଭାଙ୍ଗିବା ପରେ ଚେତନ ଅନ୍ୟ ୪ ଅଧିକାରୀଙ୍କ ସହ ବିସ୍ଫୋରଣ ସ୍ଥଳକୁ ଯାଇଥିଲେ। ଅପରେଶନ ସଫଳ ହୋଇଥିବା ଦେଖି ତାଙ୍କ ଆଖିରୁ ଆଶ୍ୱସ୍ତି ଏବଂ ଆନନ୍ଦର ଅଶ୍ରୁ ବୋହିଯାଇଥିଲା। ତାଙ୍କ ଟିମ୍‌ରେ ୧୦ ଜଣ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ବିଦେଶୀ ବିଶେଷଜ୍ଞ ରହିଥିଲେ। ଏହାବାଦ୍ ଏଡିଫିସ୍ ଇଞ୍ଜିନିୟରିଂର ୨୦ରୁ ୨୫ କର୍ମଚାରୀ ଏହି କାର୍ଯ୍ୟରେ ସାମିଲ ଥିଲେ। ଅଟ୍ଟାଳିକା ଭଙ୍ଗାଯିବା ପାଇଁ ସାଇରନ୍ ବାଜିବା ପରେ ସେମାନେ ସମ୍ପୂର୍ଣ୍ଣ ନୀରବ ହୋଇଯାଇଥିଲେ। ବଟନ୍ ଦବାଇବା କ୍ଷଣି ଆଖି ପିଛୁଳାକେ ଟୁଇନ୍ ଟାୱାର ଧରାଶାୟୀ ହୋଇପଡ଼ିଥିଲା ବୋଲି ସେ କହିଛନ୍ତି।



ଟୁଇନ ଟାୱାର ଧରାଶାୟୀ ହେବା ପରେ ଲୋକେ ସଫେଇ କାର୍ଯ୍ୟ ଦେଖୁଛନ୍ତି।

### ଟୁଇନ ଟାୱାର: ଘଟଣାକ୍ରମ

➥୨୦୦୪ରେ ସୁପରଟେକ୍ ଲିମିଟେଡ୍ ଅଟ୍ଟାଳିକା ନିର୍ମାଣ କରିବା ନିମନ୍ତେ ନ୍ୟୁ ଓଖ୍‌ଲା ଇଣ୍ଡଷ୍ଟ୍ରିଆଲ ଡେଭେଲପମେଣ୍ଟ ଅଥରିଟି (ନୋଏଡା)ଙ୍କଠାରୁ ଜମି ପାଇଥିଲା।

➥୨୦୦୫ ଜୁନ୍‌ରେ ନୋଏଡ଼ା କର୍ତ୍ତୃପକ୍ଷ ୧୪ ମହଲା ବିଶିଷ୍ଟ ବିଲ୍ଡିଂ ପାଇଁ ଅନୁମତି ଦେଇଥିଲେ। ମୋଟ ୧୪ ଟାୱାର ପାଇଁ କମ୍ପାନୀକୁ ମଞ୍ଜୁରୀ ମିଳିଥିବାବେଳେ ପ୍ରତ୍ୟେକ କୋଠାର ଉଚ୍ଚତା ୩୭ ମିଟର ପର୍ଯ୍ୟନ୍ତ ରଖିବାକୁ କୁହାଯାଇଥିଲା।

➥୨୦୦୯ରେ ଆଉ ୨ ବିଲ୍ଡିଂ ଏବଂ ଅଟ୍ଟାଳିକାରେ ଅତିରିକ୍ତ ୧୧ ମହଲା ଯୋଗ କରିବାକୁ ଡେଭେଲପରଙ୍କ ପକ୍ଷରୁ ପ୍ରସ୍ତାବ ଆସିଥିଲା।

➥୨୦୧୨ରେ ଟୁଇନ ଟାୱାର ଆପେକ୍ସ ଏବଂ ସିୟାନେର ମୋଟ ମହଲା ସଂଖ୍ୟା ୪୦ ମହଲାକୁ ବୃଦ୍ଧି କରିବା ପାଇଁ ଯୋଜନା କରିବା ପରେ ରେସିଡେଣ୍ଟ୍ସ ଅଫ୍ ୱେଲଫେୟାର ଆସୋସିଏଶନ (ଆର୍‌ଡବ୍ଲ୍ୟୁଏ) ଏହାକୁ ବିରୋଧ କରିଥିଲା। ସୁପରଟେକ୍ ବେଆଇନ ଭାବେ ବିଲ୍ଡିଂ ନିର୍ମାଣ କରିବା ସହ ଏହାର ମହଲା ସଂଖ୍ୟା ବଢ଼ାଇଥିବା ଅଭିଯୋଗ କରି ଆର୍‌ଡବ୍ଲ୍ୟୁଏ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

➥୨୦୧୪ରେ ଆଲ୍ଲାହାବାଦ ହାଇକୋର୍ଟ ନୋଏଡା ଟୁଇନ ଟାୱାରକୁ ଭାଙ୍ଗିବା ପାଇଁ ରାୟ ଦେବା ସହ ଏଥିରେ ଘର କିଣିଥିବା ଲୋକଙ୍କୁ ୧୪% ସୁଧ ସହ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

➥ସୁପରଟେକ୍ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ୨୦୨୧ ଅଗଷ୍ଟ ୩୧ରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ କାଏମ ରଖି ଟୁଇନ୍ ଟାୱାର ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୫୭,୪୭,୭୫୪ | ୬୪,୮୬,୮୬୧ | ୫୮,୦୯,୪୦,୧୬୯ |
| ଭାରତ | ୪,୪୪,୦୮,୧୩୨ | ୫,୨୭,୭୫୪ | ୪,୩୭,୯୩,୬୮୬ |
| ଓଡ଼ିଶା | ୧୩,୨୬,୯୨୯ | ୯୧୭୨(+୫୩) | ୧୩,୧୫,୯୨୯ |

ରବିବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପ୍ରୋଟିନ୍‌ଯୁକ୍ତ ଚାଉଳ ଯୋଗାଇବେ ସରକାର

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

- ଚଳିତ ମାସ ଶେଷ ସୁଦ୍ଧା ୮ ଜିଲ୍ଲାର ଆଇସିଡିଏସ୍, ଏମ୍‌ଡିଏମ୍‌ରେ ମିଳିବ
- ୨୦୨୩ ଏପ୍ରିଲରୁ ୧୫ ଜିଲ୍ଲାରେ ଏହା ଲାଗୁ ହେବ
- ମିଲରଙ୍କ ଚିନ୍ତା ୨୦ ଲକ୍ଷର ଖର୍ଚ୍ଚ

ରାଜ୍ୟ ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍), ମଧ୍ୟାହ୍ନଭୋଜନ (ଏମ୍‌ଡିଏମ୍) ଏବଂ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ (ପିଡିଏସ୍)ରେ ପ୍ରୋଟିନ୍‌ଯୁକ୍ତ ଚାଉଳ ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ପ୍ରଥମେ ରାଜ୍ୟରେ ଆଇସିଡିଏସ୍ ଏବଂ ଏମ୍‌ଡିଏମ୍ ବ୍ୟବସ୍ଥାରେ ଏହା ଲାଗୁ ହେବ। ଏହାପରେ ପିଡିଏସ୍‌ରେ ମଧ୍ୟ ଏହାକୁ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଉଭୟ ଏନ୍‌ଏଫ୍‌ଏସ୍‌ଏ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ) ଏବଂ ଏସ୍‌ଏଫଏସ୍‌ଏ (ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ) ହିତାଧିକାରୀଙ୍କୁ ଏହି ସୁବିଧା ମିଳିବ। ଗତବର୍ଷ କଳାହାଣ୍ଡିରୁ ଏହା ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଥିଲା। ଏବେ ରାଜ୍ୟର ୧୫ ଜିଲ୍ଲାରେ ଏହାକୁ ତୁରନ୍ତ ଲାଗୁ କରିବାକୁ କୁହାଯାଇଛି। ରାଜ୍ୟ ସରକାର ଏକ କୁଇଣ୍ଟାଲ ବସ୍ତାରେ ଏକ କେ.ଜି. ପ୍ରୋଟିନ୍‌ଯୁକ୍ତ ଚାଉଳ ମିଶାଇବେ। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କୁ ଚିଠି ଲେଖି ଓଡ଼ିଶା ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଜଣାଇଛନ୍ତି। ୧୫ ଜିଲ୍ଲାରେ ଏପ୍ରିଲ ୨୦୨୩ରୁ ମାର୍ଚ୍ଚ ୨୦୨୪ ସୁଦ୍ଧା ଲୋକଙ୍କୁ ପିଡିଏସ୍‌ରେ ପ୍ରୋଟିନ୍‌ଯୁକ୍ତ ଚାଉଳ ଦେବାକୁ କୁହାଯାଇଛି। ରାଜ୍ୟର ସମସ୍ତ ମିଲର୍ ଯେପରି ଏହାକୁ ଠିକ୍ ଭାବେ ପାଳନ କରିବେ ସେନେଇ କୁହାଯାଇଛି। ତେବେ ମିଲର୍‌ମାନଙ୍କ ଚିନ୍ତା ବର୍ତ୍ତମାନ ବଢ଼ିଯାଇଛି। କାରଣ ମିଲର୍‌ମାନେ ମେଶିନ୍ ଜରିଆରେ ଏକ କୁଇଣ୍ଟାଲ ବସ୍ତାରେ ୧ କେ.ଜି. ପ୍ରୋଟିନ୍‌ଯୁକ୍ତ ଚାଉଳକୁ ମିଶ୍ରଣ କରି ଖାଉଟିଙ୍କ ପାଇଁ ଯୋଗାଇବେ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଛି। ଉକ୍ତ ମେଶିନ ଲାଗି ସେମାନଙ୍କୁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ହେଲେ ମିଲରମାନେ ସେଥିରେ କେତେ ପ୍ରୋଟିନ୍‌ଯୁକ୍ତ ଚାଉଳ ମିଶାଇଲେ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୯୯ କେ.ଜି. ଚାଉଳରେ ୧ କେ.ଜି. ପ୍ରୋଟିନ୍‌ଯୁକ୍ତ ଚାଉଳ ମିଶାଇବାରେ ଯଦି ହେରଫେର ହୁଏ, ତେବେ ସରକାର ତାହା କିପରି ଧରିବେ ବୋଲି ପ୍ରଶ୍ନ ଉଠୁଛି।

କେନ୍ଦ୍ର ସରକାର ବାଛିଥିବା ରାଜ୍ୟର ୧୦ ଆକାଂକ୍ଷା ଏବଂ ୫ ଅଧିକ ଚାପଯୁକ୍ତ ଜିଲ୍ଲା ଯଥା ଢେଙ୍କାନାଳ, ଗଜପତି, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ମୟୂରଭଞ୍ଜ ଏବଂ ସମ୍ବଲପୁରର ସମସ୍ତ ମିଲର ଯେପରି ବ୍ଲେଣ୍ଡିଂ ମେଶିନ ଲଗାଇବେ ସେଥିଲାଗି ସିଏସ୍‌ଓମାନଙ୍କୁ କୁହାଯାଇଛି।

ସରକାରଙ୍କ ସୂଚନା ମୁତାବକ, ଆସନ୍ତାବର୍ଷ ଏପ୍ରିଲ ୨୩ରୁ ପ୍ରୋଟିନ୍‌ଯୁକ୍ତ ଚାଉଳ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ କହିଛନ୍ତି, ଏହା ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଯୋଜନା। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟରେ ବାଛିଥିବା ଆକାଂକ୍ଷା ଜିଲ୍ଲାରେ ଏହା ପ୍ରଥମେ ଲାଗୁ କରୁଛନ୍ତି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହାକୁ ଅନ୍ୟ ଜିଲ୍ଲାଗୁଡ଼ିକରେ ଲାଗୁ କରିବେ। ତେବେ ରାଜ୍ୟ ସରକାର ଜିଲ୍ଲା ଭିତରୁ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସଂସ୍ଥାଠାରୁ ଉକ୍ତ ପ୍ରୋଟିନ୍‌ଯୁକ୍ତ ଚାଉଳ ଉଠାଇ ମିଲର୍‌ମାନଙ୍କୁ ଯୋଗାଇ ଦେବେ। ତା'ପରେ ମିଲର୍‌ମାନେ ମିଶ୍ରଣ କରି ପ୍ରଦାନ କରିବେ। ରାଜ୍ୟର ୮ ଆକାଂକ୍ଷା ଜିଲ୍ଲାରେ ଆଇସିଡିଏସ୍ ଏବଂ ଏମ୍‌ଡିଏମ୍‌ରେ ଚଳିତ ମାସ ଶେଷ ସୁଦ୍ଧା ଏହି ପ୍ରୋଟିନ୍‌ଯୁକ୍ତ ଚାଉଳ ଦିଆଯିବ। ମିଲରମାନେ ଜାତୀୟ ପରୀକ୍ଷଣ ଏବଂ ଅନୁସନ୍ଧାନ ପ୍ରୟୋଗଶାଳା ସ୍ୱୀକୃତି ବୋର୍ଡ (ଏନ୍‌ଏବିଏଲ୍)ରୁ ଟେଷ୍ଟିଂ କରି ତାହା ରାଜ୍ୟ ସରକାରଙ୍କୁ ଯୋଗାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ, ରାଜ୍ୟରେ ବହୁ ସ୍ଥାନରେ ଭିଟାମିନ ଯୁକ୍ତ ଚାଉଳ ଉତ୍ପାଦନ ହୋଇଥାଏ। ରାଜ୍ୟ ସରକାର ତାହାର ପ୍ରଚାର କରିବା ପରିବର୍ତ୍ତେ କାହିଁକି କୃତ୍ରିମ ଭିଟାମିନ୍ ଉପରେ ଭରସା କରୁଛନ୍ତି ବୁଝିହେଉନାହିଁ। କେନ୍ଦ୍ର ସରକାର ଯାହା କହିବେ ଯଦି ରାଜ୍ୟଗୁଡ଼ିକ ତାହା ମାନିନେବେ, ତା'ହେଲେ ସେମାନେ ଭାବିବେ ରାଜ୍ୟମାନେ ସେମାନଙ୍କ ଅଧସ୍ତନ। ତେଣୁ ରାଜ୍ୟ ସରକାର ଭିଟାମିନ୍‌ଯୁକ୍ତ ଚାଉଳ ଉପରେ କାହିଁକି ଭରସା ନ କରି କେନ୍ଦ୍ର କଥାକୁ ଆଖି ବନ୍ଦ କରି ମାନିନେଲେ ତାହା ବିଚାରବିମର୍ଶ ହେବା ଦରକାର। ଏନେଇ ବିଶେଷଜ୍ଞମାନଙ୍କ ମତାମତ ମଧ୍ୟ ଆବଶ୍ୟକ ବୋଲି ସେ କହିଛନ୍ତି।

# ପୁଣି ବିଦ୍ୟୁତ୍ ଫାଶରେ ହାତୀ




## ଜଙ୍ଗଲରୁ ଗର୍ଭବତୀ ହାତୀ ମୃତଦେହ ଠାବ

ଢେଙ୍କାନାଳ ଅଫିସ, ୨୮।୮

ରାଜ୍ୟରେ ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ଭଳି ସମ୍ବେଦନଶୀଳ ଘଟଣା ବଢ଼ିବାରେ ଲାଗିଛି। କେନ୍ଦୁଝର, ଅନୁଗୋଳର ସାତକୋଶିଆ ପରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଘାଘରାମୁଣ୍ଡା ଗ୍ରାମ ନିକଟ ଅସନବାହାଳି ଜଙ୍ଗଲରେ ଏକ ଗର୍ଭବତୀ ହାତୀର ମୃତ୍ୟୁ ଘଟିଛି। ଏହାର ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ବାର୍‌ହା ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ହାତୀ ଜୀବନ ଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି ଘଟଣାରେ ପୂର୍ଣ୍ଣ ବେହେରା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟଜଣେ ଫେରାର ଅଛନ୍ତି।

ଜଙ୍ଗଲରେ ହାତୀ ମରିପଡ଼ିଥିବା ସୂଚନା ପାଇ ରବିବାର ସକାଳେ ବନ କର୍ମଚାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ବିଦ୍ୟୁତ୍ ଫାଶ ଜବତ କରାଯାଇଛି। ବ୍ୟବଚ୍ଛେଦ ସମୟରେ ହାତୀ ପେଟରୁ ଏକ ଛୁଆ ବାହାରିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ହାତୀଟିର ମୃତ୍ୟୁ ହୋଇଛି। ଘଟଣାର ତଦନ୍ତ କରାଯାଉଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲ୍ଲାରେ ୩୫୦ରୁ ଊର୍ଦ୍ଧ୍ୱ ହାତୀ ଥିବାବେଳେ କେବଳ ମହାବିରୋଡ ରେଞ୍ଜ୍‌ରେ ଏମାନଙ୍କ ସଂଖ୍ୟା ୨୦୦ରୁ ବେଶି। ହାତୀପ୍ରବଣ ଏହି ବନାଞ୍ଚଳରେ ହାତୀ-ମଣିଷ ସଂଘର୍ଷ ବି କିଛି କମ୍ ନୁହେଁ। ତେବେ ସଦ୍ୟତମ ଘଟଣାରେ ଅଞ୍ଚଳରେ ଶିକାରୀ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ତେଣୁ ବନ ବିଭାଗ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ହାତୀସ୍କ୍ୱାଡ୍ କର୍ମଚାରୀଙ୍କୁ ସତର୍କ ରଖିବାକୁ ସାଧାରଣରେ ଦାବି ହେଉଛି।

# ବଦଳିଲେ ଆଇଆଇସି, ନିରପେକ୍ଷ ତଦନ୍ତକୁ ଅପେକ୍ଷା

କି.ଉଦୟଗିରି, ୨୮।୮ (ଡି.ଏନ୍.ଏ.)

**ମହିଳା ଏସ୍‌ଆଇଙ୍କ ଆତ୍ମହତ୍ୟା ଘଟଣା**

## ପରିବାରର ୮ ଘଣ୍ଟା ଧାରଣା ପରେ ନିଆଗଲା କାର୍ଯ୍ୟାନୁଷ୍ଠାନ



ନ୍ୟାୟ ଦାବିରେ ଜି. ଉଦୟଗିରି ଥାନା ସମ୍ମୁଖରେ ଧାରଣାରେ ବସିଥିବା ଏସ୍‌ଆଇ ସ୍ୱାଗତିକାଙ୍କ ପରିବାର ଲୋକେ।

କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଥାନା ଏସ୍‌ଆଇ ସ୍ୱାଗତିକା ବେହେରା ଗତ ଶନିବାର ସରକାରୀ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିଲେ। ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଇଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଆଇଆଇସି ଶବରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଥାନା ଆଗରେ ରବିବାର ଧାରଣା ଦେଇଥିଲେ। ଏସ୍‌ପି ଭିନୀତ ଅଗ୍ରୱାଲ ବିଳମ୍ବିତ ରାତିରେ ଆଇଆଇସି ଶବରଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ଏଥିସହ ଘଟଣାର ନିରପେକ୍ଷ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ପ୍ରାୟ ୮ ଘଣ୍ଟା ଧରି ଧାରଣାରେ ବସିଥିବା ଏସ୍‌ଆଇଙ୍କ ପରିବାର ଲୋକେ ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସ୍ୱାଗତିକାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପାଇଁ ରାଜି ହୋଇଥିଲେ।

ସୂଚନାଯୋଗ୍ୟ, ଆଇଆଇସି ଶବର ମାନସିକ ନିର୍ଯାତନା ଦେଇଥିବାରୁ ଝିଅ ଆତ୍ମହତ୍ୟା କରିଛି ନଚେତ ତାକୁ ହତ୍ୟା କରାଯାଇଥିବା ସନ୍ଦେହ କରୁଛନ୍ତି ବୋଲି ସ୍ୱାଗତିକାଙ୍କ ମା' ଉଷାରାଣୀ ବେହେରା ଶନିବାର ରାତିରେ ଜି. ଉଦୟଗିରି ଏସ୍‌ଡିପିଓଙ୍କୁ ଏତଲା ଦେଇଥିଲେ। ନ୍ୟାୟ ଦାବିରେ ସ୍ୱାଗତିକାଙ୍କ ପରିବାର ଲୋକେ ରବିବାର ବ୍ୟାନର ଧରି ସହରରେ ଶୋଭାଯାତ୍ରା କରି ଥାନା ପର୍ଯ୍ୟନ୍ତ ଆସି ଧାରଣାରେ ବସିଥିଲେ। ଆଇଆଇସିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଥିଲେ। ଏସ୍‌ଡିପିଓ ରାଓପଟ୍ଟନାୟକ ଓ ସ୍ଥାନୀୟ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସ୍ୱାଗତିକାଙ୍କ ମା'ଙ୍କ ଏତଲା ଅନୁଯାୟୀ ନଂ. ୧୩୦/୨୨ରେ ମାମଲା ରୁଜୁ ହୋଇଛି। ଝିଅକୁ ଆଇଆଇସି ନିର୍ଯାତନା ଦେବା ବିଷୟ ଉପରିସ୍ଥ ଅଧିକାରୀଙ୍କୁ ପୂର୍ବରୁ ଜଣାଇଥିଲେ ବୋଲି ଉଷାରାଣୀ ଏତଲାରେ ଉଲ୍ଲେଖ କରିଥିବା ବେଳେ ସ୍ୱାଗତିକା ଏ ସମ୍ପର୍କରେ ଜଣାଇ ନ ଥିଲେ ବୋଲି ଏସ୍‌ଡିପିଓ କହିଛନ୍ତି।

# ଅଟୋରିକ୍ସା ଉପରେ ଚଢ଼ିଗଲା ଟ୍ରକ୍ | ଚାଳକଙ୍କ ସମେତ ୫ମୃତ

କାମାକ୍ଷାନଗର, ୨୮।୮ (ଡି.ଏନ୍.ଏ.)



- ଏନ୍‌ଏଚ୍ ୫୩ରେ ଛାତିଥରା ଦୁର୍ଘଟଣା
- ମୃତକଙ୍କ ମଧ୍ୟରେ ପରିବାରର ୩
- ମୁଖ୍ୟମନ୍ତ୍ରୀ ଘୋଷଣା କଲେ କ୍ଷତିପୂରଣ

ଭୋର୍‌ରୁ ମହୁଲ ଫଳ (ଟୋଲ) ପେଡ଼ାଇବା ଲାଗି ବାହାରିଥିଲେ ଘଣାକୁ। ହେଲେ ଏହି ଯାତ୍ରା ସେମାନଙ୍କ ପାଇଁ ଶେଷଯାତ୍ରା ପାଲଟିଯିବ ବୋଲି ସେମାନେ ଜାଣି ନ ଥିଲେ। ଲକ୍ଷ୍ୟସ୍ଥଳରୁ ମାତ୍ର ଗୋଟିଏ କିଲୋମିଟର ପୂର୍ବରୁ ମୃତ୍ୟୁ ଦାନବ ପରି ମାଡ଼ିଆସିଲା କୋଇଲା ବୋଝେଇ ଟ୍ରକ୍। ଏଥିରେ ଅକାଳରେ ଲିଭିଗଲା ୫ ଜୀବନ ଦୀପ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଧୀନ ଜାତୀୟ ରାଜପଥ ୫୩ର ପଥରଖମ୍ବ ଛକ ନିକଟରେ ରବିବାର ଘଟିଛି ଏଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା। ସମସ୍ତ ମୃତକଙ୍କ ଘର ବାଙ୍ଗୁରା ଗ୍ରାମରେ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଅଛନ୍ତି ଗୋଟିଏ ପରିବାରର ବାପପୁଅଙ୍କ ସମେତ ୩ ଜଣ। ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଖଣି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧ ଲକ୍ଷ ଏବଂ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କା ଲେଖାଏ ତତ୍କାଳ ପ୍ରଦାନ କରିବାକୁ ଘୋଷଣା କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବାଙ୍ଗୁରା ଗ୍ରାମର ଆଦିକନ୍ଦ ସାମଲ (୫୨), ତାଙ୍କ ସାନ ଭାଇ ଅକ୍ରୂର ସାମଲ ଓରଫ ଢେଲୁ (୪୦), ଅକ୍ରୂରଙ୍କ ପୁଅ ଦିବ୍ୟରଞ୍ଜନ (୧୪), ନିକଟ ସମ୍ପର୍କୀୟ ପ୍ରହ୍ଲାଦ ସାମଲ (୫୬), ଅଟୋରିକ୍ସା ଚାଳକ ଅନନ୍ତ ସାମଲ ଓରଫ ବଣ୍ଟି (୨୪) ଭୋର୍‌ରୁ ପରଜଙ୍ଗ ବ୍ଲକ ମୁକ୍ତାପଶିରେ ଥିବା ଘଣାକୁ ଟୋଲ ପେଡ଼ାଇବା ପାଇଁ ବାହାରିଥିଲେ। ଗ୍ରାମଠାରୁ ଉକ୍ତ ସ୍ଥାନର ଦୂରତା ୭ କିଲୋମିଟର ହୋଇଥିବାବେଳେ ସେମାନେ ପ୍ରାୟ ୬ କିଲୋମିଟର ରାସ୍ତା ଅତିକ୍ରମ କରିସାରିଥିଲେ। ସକାଳ ପ୍ରାୟ ୫ଟା ୪୦ରେ ପଥରଖମ୍ବ ଛକ ନିକଟରେ ତାଳଚେରରୁ କଟକ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡ଼ି ୦୫ ଏଚ୍ ୦୮୨୫) ସମ୍ମୁଖ ପଟରୁ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାର ତୀବ୍ରତା ଏତେ ଅଧିକ ଥିଲା ଯେ, ଅଟୋରିକ୍ସା (ନଂ. ଓଡ଼ି ୦୬ ଏଫ୍ ୯୫୯୦)ଟି ପ୍ରାୟ ୩୦ ମିଟର ଦୂର ରାସ୍ତାକଡ଼କୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ସମସ୍ତଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌ଟି ସାମାନ୍ୟ ଆଗକୁ ଆସି ଅଟକି ରହିଥିଲା। ଲୋକଙ୍କ ଆକ୍ରମଣ ଭୟରେ ଡ୍ରାଇଭର ଏବଂ ହେଲ୍‌ପର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି।

ଖବର ପ୍ରଚାରିତ ହେବା ପରେ ବାଙ୍ଗୁରା ଗ୍ରାମ ଯେପରି ଉଠି ଆସିଥିଲା ଜାତୀୟ ରାଜପଥ ଉପରକୁ। ଉତ୍ତ୍ୟକ୍ତ ଲୋକେ ଟ୍ରକ୍ ଭଙ୍ଗାରୁଜା କରିବା ସହ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ ଦାବିରେ ୬ଟାରୁ ସାଢେ ୧୦ଟା ଯାଏ ପଥରଖମ୍ବ ଏବଂ ମୁକ୍ତାପଶି ଛକରେ ୫୩ନଂ. ଏନ୍‌ଏଚ୍‌ରେ ରାସ୍ତାରୋକୋ କରିଥିଲେ। ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ ପ୍ରମୁଖ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ମନ୍ତ୍ରୀ ମଲ୍ଲିକ ମୃତକଙ୍କ ପରିବାର ସହିତ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। କିଛି ସମୟ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମୃତକଙ୍କ ପରିବାର ପାଇଁ କ୍ଷତିପୂରଣ ରାଶି ଘୋଷଣା କରାଯାଇଥିଲା। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହେଇଥିଲା। ଶୋକାକୁଳ ପରିବେଶରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏ ନେଇ କାମାକ୍ଷାନଗର ଥାନାରେ ଦଫା ୨୭୯, ୩୦୪ (ଏ) ଅନୁଯାୟୀ ନଂ. ୩୧୩/୨୨ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବାକୁ ତନାଘନା ଚଳାଇଛି।










**ଆଜିର ମନ୍ତବ୍ୟ**
"ଗୁଜରାଟକୁ ବଦନାମ କରି ପୁଞ୍ଜିନିବେଶ ରୋକିବା ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର କରାଯାଉଛି। କିନ୍ତୁ ଗୁଜରାଟ ସେସବୁକୁ ଭ୍ରୂକ୍ଷେପ ନ କରି ବିକାଶର ନୂଆ ପଥରେ ଆଗେଇ ଚାଲିଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


କ୍ୟୁଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ ପର୍ଯ୍ୟନ୍ତ ବଜ୍ରପାତ, ଝଡ଼ତୋଫାନ ଆଶଙ୍କା

ଭୁବନେଶ୍ୱର, ୨୮।୮(ବ୍ୟୁରୋ)- ରାଜ୍ୟରେ ମୌସୁମୀ ଦୁର୍ବଳ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେଉଛି। ୨ ତାରିଖ ସକାଳ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଏହିଭଳି ଝଡ଼ତୋଫାନ ହେବାର ଆଶଙ୍କା ରହିଛି। ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୩୧ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ୧ ତାରିଖରୁ ୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ରବିବାର ସମ୍ବଲପୁରରେ ସର୍ବାଧିକ ୧୩.୯ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଯାଜପୁରରେ ୧୨ ମିମି ବର୍ଷା ହୋଇଛି। ସେହିଭଳି ଚାନ୍ଦବାଲି, ଅନୁଗୋଳ, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ଦାରିଙ୍ଗବାଡ଼ିରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରେଇ
ବିରି ଦେଉଥାଏ ବତୁରେଇ
ଏଣେ ତେଣେ ଚାହିଁ ଗୋଟିଏ ଗୋଟିଏ
ଟୋକି ଦେଉଥାଏ ସୁତୁରେଇ।**

ସିଆଣିଆ ବ୍ୟକ୍ତିଙ୍କ ଚତୁରାମିକୁ କେହି ସହଜରେ ବୁଝିବା ଧରିପାରି ନ ଥାନ୍ତି। ଦୃଷ୍ଟି ଆଢୁଆଳରେ ରହି ଏପରି କୌଶଳରେ ନିଜ ଉଦ୍ଦେଶ୍ୟ ପୂରଣ କରାଇନିଅନ୍ତି ଯେ ତା'ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅନ୍ୟର ଆଢୁଆଳରେ ଗୋଟି ଗୋଟି କରି ଲୁଟି ନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେଡ଼ି ଗେରତାଣି ଭଣ୍ଡାରୀ ପାତର
ସେ ଘର ବୁଡିବା କେତେ ମାତର।**

ଯେଉଁ ଘରେ କାର୍ଯ୍ୟ କରୁଥିବା ଦାସୀଟି ସମୟକ୍ରମେ ଘରଣୀ ପାଲଟିଯାଏ ସେ ଘରର ସମସ୍ତ ସୁଖ ଶିରୀ ନଷ୍ଟ ହୋଇଯାଏ ବୋଲି ଦେଖିବାକୁ ମିଳିଥାଏ। ଠିକ୍ ସେହିଭଳି ଯେଉଁଠି ଭଣ୍ଡାରୀ ନିଜ କୌଳିକ ବୃତ୍ତିକୁ ଛାଡି ମନ୍ତ୍ରଦାତା କାମ କରେ ସେ ଘରର ଅବନତି ଅବଶ୍ୟମ୍ଭାବୀ ବୋଲି ଜଣାଯାଇଥାଏ। ତେଣୁ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ କୌଣସି ଗୁରୁଦାୟିତ୍ୱ ଦିଆଗଲେ ତାହାର ପରିଣତି ଭୟାବହ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସ୍ୱତନ୍ତ୍ର ଓଜେଇଇ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ବା ଦ୍ୱିତୀୟ ଓଜେଇଇ ସେପ୍ଟେମ୍ବର ୩ରେ ଆରମ୍ଭ ହେବ। ପରୀକ୍ଷା ପାଇଁ ରବିବାରଠାରୁ ଓଜେଇଇ ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ଆବେଦନ ନମ୍ବର ଏବଂ ଜନ୍ମ ତାରିଖ ଦେଇ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ମୋଟ ୨୮,୬୨୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୨୮ ସହରରେ ୩୮ କେନ୍ଦ୍ରରେ ପରୀକ୍ଷା ହେବ। ଓଡ଼ିଶା ବାହାରେ କୋଲକାତା, ରାଞ୍ଚି ଏବଂ ପାଟଣାରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ହୋଇଛି। ସେପ୍ଟେମ୍ବର ୩, ୪ ଏବଂ ୭ରେ ପରୀକ୍ଷା ହେବ। ୩ରେ ୪ଟି ଶିଫ୍ଟରେ ପରୀକ୍ଷା ହେବାକୁ ଥିବାବେଳେ ବାକି ଦୁଇଦିନ ତିନୋଟି ଶିଫ୍ଟରେ ହେବ। ସବୁ ସିଫ୍ଟ ମଧ୍ୟରେ ବ୍ୟବଧାନ ଏକ ଘଣ୍ଟା ଲେଖାଏ ରହିଛି। ପ୍ରଥମ ଶିଫ୍ଟ ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ, ଦ୍ୱିତୀୟ ଶିଫ୍ଟ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ଓ ତୃତୀୟ ଶିଫ୍ଟ ଅପରାହ୍ଣ ୨ଟାରୁ ୩ଟା ଏବଂ ଚତୁର୍ଥ ଶିଫ୍ଟ ସାଢ଼େ ୪ଟାରୁ ସାଢ଼େ ୫ଟା ଯାଏ ହେବ।

# ଜିଲାପାଳ, ତହସିଲଦାରଙ୍କୁ ଲୋକାୟୁକ୍ତରେ ହାଜର ନିର୍ଦ୍ଦେଶ

ଧର୍ମଶାଳା,୨୮।୮(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତ୍ତୋଳନ କରିଥିବା ପ୍ରଭାକର ଜେନାଙ୍କଠାରୁ ଜରିମାନା ଆଦାୟ କରିବାରେ ପ୍ରଶାସନ ବିଫଳ ହୋଇଛି। ତାଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣି କରି ଯାଜପୁର ଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ସେପ୍ଟେମ୍ବର ୨୭ ତାରିଖ ମଧ୍ୟରେ ହାଜର ହୋଇ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ବେଆଇନ କଳାପଥର ଉତ୍ତୋଳନକାରୀଙ୍କଠାରୁ ଜରିମାନା ଆଦାୟ ପ୍ରସଙ୍ଗ**

ଆରୁହା କଳପଥର ପାହାଡ଼ର ଖାତା ନଂ.୭୭୯ ଓ ପ୍ଲଟ ନଂ.୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ବେଆଇନ ଭାବେ ପଥର ଉତ୍ତୋଳନ କରି ଅନ୍ୟତ୍ର ଚାଲାଣ କରୁଥିଲେ। ସେଠାରେ ଥିବା ତାଙ୍କର କ୍ରଶରରେ ପଥର ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳର ମନୋରଞ୍ଜନ ଜେନା ଫେବୃୟାରୀ ୨୦୧୯ରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଧର୍ମଶାଳା ତତ୍କାଳୀନ ତହସିଲଦାର ଏହାର ତଦନ୍ତ କରିବାକୁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତ୍ତୋଳନ ହୋଇଥିବା ଆର୍‌ଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତ୍ତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରଭାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହିତ ତାଙ୍କ କ୍ରଶରକୁ ସିଲ୍ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତ୍ତୋଳନ ହୋଇଛି ତା'ର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଞ୍ଚଳର ଆର୍‌ଆଇ ଏବଂ ପୋଲିସ ମିଳିତ ଭାବେ ତଦନ୍ତ କରିବା ବେଳେ ୨ଲକ୍ଷ ସିଏମ୍ କଳାପଥର ଚାଲାଣ ହୋଇଥିବା ଜଣାପଡ଼ିଥିଲା, ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ଦୀର୍ଘ ଦିନ ବିତିଯାଇଥିଲେ ହେଁ ତହସିଲ ପ୍ରଶାସନ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିବାରେ ବିଫଳ ହୋଇଛି ବୋଲି ମନୋରଞ୍ଜନ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ନଂ.୨୨୬/୨୨ରେ ଏକ ମାମଲା ରୁଜୁ କରି ଏହାର ଶୁଣାଣି କରିଛନ୍ତି। ଏନେଇ ତହସିଲଦାର ସ୍ୱାଗତ ଦାସ କହିଛନ୍ତି, ଲୁଟ୍ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକରଙ୍କଠାରୁ ଜରିମାନା ଆଦାୟ କରାଯିବ।

# ଧରାପଡ଼ିଲେ ୩ ଦୁର୍ଦ୍ଧର୍ଷ ମାଓବାଦୀ

ମାଲକାନଗିରି,୨୮।୮(ସ୍ୱ.ପ୍ର.)

ମହାରାଷ୍ଟ୍ର ଗଡଚିରୋଲି ପୋଲିସ ହାତରେ ଧରା ପଡିଛନ୍ତି ୩ ଜଣ ଦୁର୍ଦ୍ଧର୍ଷ ମାଓବାଦୀ। ମହାରାଷ୍ଟ୍ର ସୀମାନ୍ତ କୋୟାର ଜଙ୍ଗଲରେ ଶନିବାର ସିଆରପିଏଫ୍-୬୦ବାହିନୀ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ମାଓବାଦୀଙ୍କ ସହ ଯବାନ ମୁହାଁମୁହିଁ ହୋଇଥିଲେ। ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ୩ଜଣ ଦୁର୍ଦ୍ଧର୍ଷ ମାଓବାଦୀ ପୋଲିସ ହାତରେ ଧରା ପଡିଥିଲେ। ଏହି ୩ଜଣ ହେଲେ ରମେଶ ସୟାବି ପାଲ୍ଲୋ, ରେନୁ ନାରୋଟେ ଓ ଶଶୀ ସମରୁ ପୁଙ୍ଗାଟି। ଏମାନଙ୍କ ନାମରେ ପୂର୍ବରୁ ମହାରାଷ୍ଟ୍ର ସରକାର ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ତେଲଙ୍ଗାନା, ଛତିଶଗଡ ଓ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ସମ୍ପୃକ୍ତ ମାଓବାଦୀମାନେ ଅନେକ ହିଂସା ଘଟାଇଥିବା ଗଡଚିରୋଲି ଏସ୍‌ପି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୯ ସେକେଣ୍ଡରେ ...

ଦକ୍ଷିଣ ଆଫ୍ରିକାର ଜେଟ୍ ଡିମୋଲିଶନ କମ୍ପାନୀ ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ବୈଷୟିକ ତ୍ରୁଟି ଯୋଗୁ କିଛି ମାସ ଟାୱାର ଭାଙ୍ଗିବା କାର୍ଯ୍ୟ ଘୁଞ୍ଚିବା ପରେ ଅଗଷ୍ଟ ୨୮ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ବିଲ୍ଡିଂ ପିଲାରରେ ପ୍ରାୟ ୭ ହଜାର କଣା କରାଯାଇ ସେଥିରେ ବିସ୍ଫୋରକ ଭର୍ତ୍ତି କରାଯାଇଥିଲା। ଏଥିରେ ପ୍ରାୟ ୨୦ ହଜାର ସର୍କିଟ କରାଯାଇଥିଲା। ବିସ୍ଫୋରଣ ପାଇଁ ବ୍ୟବହାର ହୋଇଥିବା ଏକ୍ସପ୍ଲୋସିଭ୍ ୩ ଅଗ୍ନି ମିଶାଇଲ, ୧୨ ବ୍ରହ୍ମୋସ୍ କିମ୍ବା ୪ ପୃଥ୍ୱୀ ମିଶାଇଲ ପରି ଶକ୍ତିଶାଳୀ। ଆଖପାଖ ବିଲ୍ଡିଂ ଏବଂ ଅଞ୍ଚଳକୁ ଯେପରି ବିଲ୍ଡିଂ ଭଗ୍ନାବଶେଷରୁ ବାହାରିବାକୁ ଥିବା ଧୂଳି, ଧୂଆଁ ନ ଯାଏ ସେଥିପାଇଁ ୩ ସ୍ତରୀୟ ପରଦା ବ୍ୟବସ୍ଥା କରାଯାଇଥିଲା। ଅଟ୍ଟାଳିକା ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଥିଲା। ପାଖ ବିଲ୍ଡିଂ ଏବଂ ସୋସାଇଟିରୁ ପ୍ରାୟ ୫ ହଜାର ଲୋକଙ୍କୁ ସେମାନଙ୍କ ଘର ଖାଲି କରିବାକୁ କୁହାଯାଇଥିଲା। ୩ ହଜାରରୁ ଉର୍ଦ୍ଧ୍ୱ ଯାନବାହନ ଏବଂ ୧୫୦ ପୋଷା ପ୍ରାଣୀଙ୍କୁ କିଛି ଘଣ୍ଟା ପାଇଁ ସେହି ସ୍ଥାନରୁ ଦୂରକୁ ନିଆଯାଇଥିଲା। ୱାଟରଫଲ୍ ଇମ୍ପ୍ଲୋଜନ୍ କୌଶଳରେ ବିସ୍ଫୋରଣ ପରେ ଏହି ଦୁଇ ଟାୱାରରୁ ପ୍ରାୟ ୮୦ ହଜାର ଟନ୍ ଭଗ୍ନାବଶେଷ ବାହାରିଛି। ତାହାକୁ ସେଠାରୁ ସଫା କରିବା ପାଇଁ ୩ ମାସ ସମୟ ଲାଗିବ। ଯୋଜନା ଅନୁସାରେ ସୁରକ୍ଷିତ ଭାବେ ବିଲ୍ଡିଂ ଭଙ୍ଗା କାମ ଶେଷ ହୋଇଥିବା ନୋଏଡ଼ା ପୋଲିସ କମିଶନର ଆଲୋକ କୁମାର କହିଛନ୍ତି। ସୁପରଟେକ୍‌ର ଏହି ଟୁଇନ ଟାୱାର ଭଙ୍ଗାଯିବା ଯୋଗୁ ୫୦୦ କୋଟି ଟଙ୍କା କ୍ଷତି ହୋଇଥିବା କମ୍ପାନୀ କହିଛି। ସୁପରଟେକ୍ ଲିମିଟେଡ୍ ସୂଚନା ଅନୁସାରେ, ଟୁଇନ୍ ଟାୱାର ପ୍ରୋଜେକ୍ଟ ପାଇଁ ଜମି କିଣିବା ନିମନ୍ତେ କମ୍ପାନୀ ୨୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଲେଆଉଟ୍ ସ୍ୱୀକୃତି ନିମନ୍ତେ ନୋଏଡା କର୍ତ୍ତୃପକ୍ଷଙ୍କ ଅନୁମତି ପାଇଁ ଆଉ ୨୫ କୋଟି ଲାଗିଥିଲା। ଷ୍ଟିଲ, ସିମେଣ୍ଟ, ବାଲି, ମଜୁରି, ବ୍ୟାଙ୍କ ଋଣ, ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ପ୍ରାୟ ୪୫୦ କୋଟି ନିବେଶ ହୋଇଥିଲା ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

### ବାର୍ଷିକ ବିପର୍ଯ୍ୟୟ ରିଲିଫ୍ ...

ବିଭିନ୍ନ ସମୟରେ ରାଜ୍ୟର ସମସ୍ତ ୩୦ ଜିଲ୍ଲାକୁ କିଛି ନା କିଛି ପାଣ୍ଠି ରାଜ୍ୟ ସରକାର ଯୋଗାଇ ଆସିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟକୁ ବାଦ୍ ଦେଲେ ବନ୍ୟାରେ ଭାସିଯାଇ, ସର୍ପାଘାତ ଓ ବଜ୍ରପାତ ଆଦି ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉପଯୁକ୍ତ କ୍ଷେତ୍ର ପରିଦର୍ଶନ ଓ ତଦାରଖ ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଭାବେ ସହାୟତା ରାଶି ପଠାଯାଇଥାଏ। ତେବେ ଉଭୟ ଘରୋଇ ଓ ସରକାରୀ କ୍ଷୟକ୍ଷତିର ବାସ୍ତବ ଆକଳନ କରାଗଲେ ରିଲିଫ୍ ବାବଦରେ ପ୍ରଦାନ କରାଯାଉଥିବା ପରିମାଣଠାରୁ ତାହା ଅଧିକ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳରେ ବିପର୍ଯ୍ୟୟ ମୁକାବିଲା ଦକ୍ଷତା ବୃଦ୍ଧି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ମଧ୍ୟ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ବର୍ଷ ହେଲା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସୁଛନ୍ତି। ନିକଟରେ ନୀତି ଆୟୋଗର ଗଭର୍ନିଂ କାଉନ୍‌ସିଲ ବୈଠକରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଯୋଗଦେଇ କହିଥିଲେ, ଓଡ଼ିଶା ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେଉଛି। ତେଣୁ ରାଜ୍ୟକୁ ସୁରକ୍ଷିତ ରଖିବା ଲାଗି ଡିଜାଷ୍ଟର ରେଜିଲିଏଣ୍ଟ ଭିତ୍ତିଭୂମି ନିର୍ମାଣ ଜରୁରୀ ହୋଇପଡ଼ିଛି। ଓଡ଼ିଶାକୁ ସ୍ପେଶାଲ ଫୋକସ୍ ଷ୍ଟେଟ୍ ମାନ୍ୟତା ପ୍ରଦାନ କରି ସ୍ୱତନ୍ତ୍ର ପାଣ୍ଠି ଆବଣ୍ଟନ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ର ଆଗରେ ନିଜ ଦାବି ଦୋହରାଇଥିଲେ।

### ବଜ୍ରପାତ ନେଲା ...

ଶନିବାର ମଧ୍ୟ ମୟୂରଭଞ୍ଜ ଜିଲାରେ ବଜ୍ରପାତରେ ୨ଜଣଙ୍କ ଜୀବନ ଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ନିମିଡିହି ଗ୍ରାମର ରାଣୀଙ୍କ ସହିତ ଝିଅ ଲେଚେ ଓ ଝିଆରୀ ପାନ ଶୌଚ ପାଇଁ ଗାଁ ପୋଖରୀକୁ ଯାଇଥିଲେ। ସେଠାରୁ ଫେରିବା ବାଟରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହେବାରୁ ସେମାନେ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ରାଣୀ ଓ ପାନ ମୁଣ୍ଡା ଟଳିପଡ଼ିଥିବା ବେଳେ ଝିଅ ଲେଚେ(୮) ଗୁରୁତର ହୋଇଥିଲେ। ସେ ଏବେ ରାଇରଙ୍ଗପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ସଂକ୍ରାନ୍ତରେ ବହଳଦା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛି। ସେହିପରି ବାରୁଡିହୀ ଗ୍ରାମର ଶ୍ୟାମ ଚରଣ ବିଲରେ ହଳ କରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେହିପରି ଝାରସୁଗୁଡ଼ା ଜିଲା ଦର୍ଲିପାଲି ଗ୍ରାମର କସ୍ତୁରୀ ରୋହିଦାସ ଓ ତାଙ୍କ ପୁଅ ଡୋଲାମଣିଙ୍କ ସହ ବାପଘର ବାସୁପାଲି ଗ୍ରାମକୁ ଆସିଥିଲେ। ରବିବାର ଅପରାହ୍ଣ ସାଢ଼େ ୩ଟାରେ ଉଭୟ ମା'ପୁଅ ବଜ୍ରପାତର ଶିକାର ହୋଇଥିଲେ। ଉଭୟଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକି ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଜ୍ରପାତରେ ଆହତ ହୋଇଥିବା ବାସୁପାଲି ଗ୍ରାମର ମହେନ୍ଦ୍ର ରୋହିଦାସ (୨୪) ଏବେ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ମହେନ୍ଦ୍ର ହେଉଛନ୍ତି କସ୍ତୁରୀଙ୍କ ଭାଇର ପୁଅ। କସ୍ତୁରୀଙ୍କ ବଡ଼ପୁଅଙ୍କ ଅଭିଯୋଗ କ୍ରମେ ବନହରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୯/୨୦୨୨) ରୁଜୁ କରାଯାଇ ମୃତଦେହକୁ ଜବତ କରାଯାଇଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଅକ୍ଟୋବର ୧୭ରେ ...

ସେ ତାଙ୍କ ଇସ୍ତଫାପତ୍ରରେ ରାହୁଲ ଗାନ୍ଧୀଙ୍କୁ ଦାୟୀ କରିଥିଲେ। ଶନିବାର ଆଜାଦଙ୍କ ଘରେ ଅସନ୍ତୁଷ୍ଟ ଜି-୨୩ ନେତାମାନେ ଏକାଠି ହୋଇଥିବାବେଳେ ରବିବାର ସିଡବ୍ଲ୍ୟୁସି ବୈଠକ ବସି ଦଳରେ ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି। ୨୦୦୦ ନଭେମ୍ବର ପରେ କଂଗ୍ରେସରେ ଏହା ପ୍ରଥମ ଅଧ୍ୟକ୍ଷ ନିର୍ବାଚନ। ବଂଶବାଦ ରାଜନୀତି ଏବଂ ଗାନ୍ଧୀ ପରିବାର ନିୟନ୍ତ୍ରଣରେ ଦେଶର ସର୍ବପୁରାତନ ରହିବାକୁ ନେଇ ଭାଜପା ବାରମ୍ବାର ସମାଲୋଚନା କରିବା ସହ ଦଳୀୟ ଅସନ୍ତୋଷ ପରେ ସାଂଗଠନିକ ନିର୍ବାଚନ ପାଇଁ ସିଡବ୍ଲ୍ୟୁସି ନିଷ୍ପତ୍ତି ନେଇଛି। ରାହୁଲ ଗାନ୍ଧୀ ୨୦୧୭ରୁ ୨୦୧୯ ଦୁଇବର୍ଷ କଂଗ୍ରେସର ମଙ୍ଗ ସମ୍ଭାଳିଥିଲେ। ଏହାକୁ ବାଦ୍ ଦେଲେ ୧୯୯୮ରୁ ଏପର୍ଯ୍ୟନ୍ତ ସୋନିଆ ଗାନ୍ଧୀ ଦଳର ଅଧ୍ୟକ୍ଷ ରହିଆସିଛନ୍ତି।

### ଭାରତର ରୋମାଞ୍ଚକ...

ଜାଡେଜା ୨୯ ବଲ୍‌ରୁ ଦୁଇଟି ଛକା ଓ ଦୁଇଟି ଚୌକା ସହିତ ୩୫ ରନ କରିଥିଲେ। ଉଭୟ ୩୭ ବଲରେ ୫୨ ରନ୍ ଯୋଡି ଭାରତକୁ ବିଜୟ ନିକଟତର କରିଥିଲେ। ତେବେ ଅନ୍ତିମ ଓଭରରେ ୭ ରନ ଆବଶ୍ୟକ ଥିବାବେଳେ ଜାଡେଜା ପ୍ରଥମ ବଲରେ ଆଉଟ ହୋଇଥିଲେ। ପରବର୍ତ୍ତୀ ବଲରେ ଦୀନେଶ କାର୍ତ୍ତିକ ୧ ରନ୍ ନେଇଥିଲେ। ପାଣ୍ଡ୍ୟା ଷ୍ଟ୍ରାଇକକୁ ଆସିବା ପରେ ପରବର୍ତ୍ତୀ ବଲ୍‌ରେ କୌଣସି ରନ୍ ହୋଇ ନ ଥିଲା। ଚତୁର୍ଥ ବଲରେ ମହମ୍ମଦ ନୱାଜଙ୍କୁ ଛକା ମାରି ମ୍ୟାଚକୁ ଷ୍ଟାଇଲରେ ମ୍ୟାଚ୍ ଶେଷ କରିଥିଲେ ପାଣ୍ଡ୍ୟା। ସେ ୧୭ଟି ବଲରୁ ୩୩ ରନ କରି ଅପରାଜିତ ରହିଥିଲେ। ଏହି ଇନିଂସରେ ୪ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ପାକିସ୍ତାନ ପକ୍ଷରୁ ମହମ୍ମଦ ନୱାଜ ୩ ଓ ନଶିମ୍ ଶାହ ୨ ଉଇକେଟ ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଆରମ୍ଭରୁ ଚାପରେ ରହିଥିଲା। ଅଧିନାୟକ ତଥା ଷ୍ଟାର ବ୍ୟାଟର ବାବର ଆଜମ(୧୦)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଭୁବନେଶ୍ୱର। ଫଖର ଜମାନ (୧୦) ମଧ୍ୟ ବଡ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ୪୨ ରନରେ ଦୁଇଟି ଉଇକେଟ ହରାଇ ପାକିସ୍ତାନ ଶଙ୍କାରେ ରହିଥିବା ବେଳେ ଟପ୍ ସ୍କୋରର ମହମ୍ମଦ ରିଜୱାନ ଓ ଇଫତିଖାର ଅହମ୍ମଦଙ୍କ ମଧ୍ୟରେ ୪୫ ରନର ଭାଗୀଦାରି ହୋଇଥିଲା। ଇଫତିଖାର ୨୨ ବଲରୁ ୨ ଚୌକା ଓ ୧ ଛକା ସହିତ ୨୮ ରନ କରିଥିବା ବେଳେ ତାଙ୍କୁ ଆଉଟ କରି ବଡ ବ୍ରେକଥ୍ରୁ ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଏହାର ୨ ଓଭର ମଧ୍ୟରେ ମହମ୍ମଦ ରିଜୱାନ(୪୩) ଓ ଖୁସଦିଲ ଶାହ(୨)ଙ୍କୁ ଆଉଟ କରି ପାକିସ୍ତାନକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ ପାଣ୍ଡ୍ୟା। ରିଜୱାନ ୪୨ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ଶଦାବ ଖାନ୍(୧୦), ଆସିଫ୍ ଅଲୀ(୯), ମହମ୍ମଦ ନୱାଜ(୧) ଓ ନଶିମ ଶାହ(୦)ଙ୍କ ଦୟନୀୟ ବ୍ୟାଟିଂ କାରଣରୁ ପାକିସ୍ତାନ ୧୨୮ ରନରେ ୮ ଉଇକେଟ ହରାଇଥିଲା। ତେବେ ଶେଷ ଆଡକୁ ଶାହନୱାଜ ଦହାନି ଦ୍ରୁତ ୬ ବଲ୍‌ରେ ୧୬ ଓ ହରିଶ ରୌଫ୍ ଅପରାଜିତ ୧୩ରନ୍ କରିଥିଲେ। ଗୋଟିଏ ବଲ୍ ପୂର୍ବରୁ ପାକିସ୍ତାନ ୧୪୭ ରନରେ ସମସ୍ତ ଉଇକେଟ ହରାଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ଓ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର ବୋଲିଂ କରିଥିଲେ। ଭୁବନେଶ୍ୱର ୨୬ ରନରେ ୪ଟି ଏବଂ ପାଣ୍ଡ୍ୟା ୨୫ ରନରେ ୩ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଶଦୀପ ସିଂ ୨ଟି ଏବଂ ଆଭେଶ ଖାନ ଗୋଟିଏ ଉଇକେଟ ନେଇଥିଲା। ପାଣ୍ଡ୍ୟାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଠିକ୍ ସମୟରେ ସହକର୍ମୀଙ୍କ ଅନୁପସ୍ଥିତି କାରଣରୁ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରାକାଳରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଗତ ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ସୁଫଳ ପାଇବେ।

**ବୃଷ**
ସାଧାରଣ କଥାକୁ କେନ୍ଦ୍ର କରି କୌଣସି ବ୍ୟକ୍ତି ଅଭିଯୋଗ ନେଇ ଆସିବେ। ସମ୍ମୁଖରେ ଭଲ ଭଲ କଥା କହି ପରୋକ୍ଷ ଶତ୍ରୁତା କରୁଥିବା ଯୋଗୁ ବିଚଳିତବୋଧ କରିବେ। ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯଦ୍ଦ୍ୱାରା ଅପଦସ୍ଥ ହେବାକୁ ପଡ଼ିପାରେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମିଥୁନ**
ସବୁ କିଛି ଭଲ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଆଶା କରିନଥିବା ଖବର ଶୁଣି ବିସ୍ମିତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ରାଜନୈତିକ ସ୍ତରରେ କଳହ ଘେରରେ ଆକ୍ରାନ୍ତ ହୋଇ ପାରନ୍ତି। ସନ୍ତାନହେତୁକ ଚିନ୍ତା ଦୂରହେବ।

**କର୍କଟ**
ଖର୍ଚ୍ଚ ବଢ଼ିବା ସାଙ୍ଗକୁ କଷ୍ଟପ୍ରଦ ଜୀବନ କାଟିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ ବିଫଳତାକୁ ସମୀକ୍ଷା କରି ନିରାକରଣ ପୂର୍ବକ କାର୍ଯ୍ୟକଲେ ସଫଳତା ପାଇବେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ପରାମର୍ଶ କ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ସାୟାହ୍ନେ ଟେନସନ୍ ବଢ଼ିଯିବ।

**ସିଂହ**
ଆବଶ୍ୟକତା ପୂରଣ ସକାଶେ ଉଧାର କରିବାକୁ ପଡ଼ିପାରେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ ଏବଂ ଏଜେନ୍ସି, କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଅନିଚ୍ଛା ସତ୍ତ୍ୱେ କୌଣସି କାମ କରି ଅନୁତପ୍ତ ହେବେ।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଦିଗରେ ବିଭିନ୍ନ ପ୍ରକାରର ଆଲୋଚନା କରିବେ। ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଭଲ ସମ୍ପର୍କ ଥିବା ବନ୍ଧୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା**
ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାକୁ ଦ୍ୱିଗୁଣିତ କରିବ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଆବଶ୍ୟକତାକୁ ନେଇ ନିଜ ମନ ପସନ୍ଦର ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ।

**ବିଛା**
ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବନ୍ଧୁମାନଙ୍କ ଦ୍ୱାରା ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ଦୂର ସମ୍ପର୍କୀୟ ବନ୍ଧୁ ଆଜି ଆସିପାରନ୍ତି।

**ଧନୁ**
ପାରିବାରିକ କ୍ଷେତ୍ରରେ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବାରୁ ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିପାରନ୍ତି। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଏବଂ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବ। ଭୁଲ୍ ବୁଝାମଣା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଆତ୍ମୀୟ ତଥା ପଡ଼ୋଶୀମାନେ ମନ ବୁଝିଲାଭଳି କଥା କହି କାର୍ଯ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ ।

**କୁମ୍ଭ**
କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ, କିନ୍ତୁ ଆର୍ଥିକ ଅନଟନ ମଧ୍ୟରେ ସମୟ କଟାଇବେ।

**ମୀନ**
ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, କିନ୍ତୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟରେ ଉଚ୍ଚ ଫଳ ପ୍ରାପ୍ତି ହେବ। କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସରକାରୀ ସ୍ତରରେ ଅଟକି ରହିଥିବା କାମ କରିବା ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।


## classifieds Everyday 0674-2580101, 2549302

**real estate**

**SALE**

Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023. D-1270

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026. D-74103

**construction**

Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295

**healthcare**

Newly open SPA positively health benefit with expert. Contact: 7749976301. D-73859

One hour any therapy by expert therapist @999 only. 9078484455. D-73637

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open full body massage ladies and gents. 8327740003, 8093860513. D-73958

Newly open full body massage 1099 free massage one. Mo: 9583808247. D-1164

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# କଳ୍ପନାଙ୍କୁ ନେଇ ବଢ଼ୁଛି ଚର୍ଚ୍ଚା

## ଝାଡ଼ଖଣ୍ଡ ବୋହୂ ଓଡ଼ିଶା ଝିଅ

ବାରିପଦା ଅଫିସ,୨୮।୮

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ନେଇ ପୁଣି ଏବେ ଚର୍ଚ୍ଚା ଜୋର ଧରିଛି। ଏହି ମାଟିର ଝିଅ କଳ୍ପନା ସୋରେନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେବା ନେଇ ଆଶା ଉଦ୍ରେକ ହୋଇଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ଆଶଙ୍କା ଭିତରେ ସ୍ତ୍ରୀ କଳ୍ପନା ମୁଖ୍ୟମନ୍ତ୍ରୀ ହେବା ନେଇ ଆଲୋଚନା ହେଉଛି। କଳ୍ପନା ଝାଡ଼ଖଣ୍ଡର ବୋହୂ ହୋଇଥିଲେ ମଧ୍ୟ ଓଡ଼ିଶା ତଥା ମୟୂରଭଞ୍ଜ ମାଟିର ଝିଅ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ହେଲେ ରାଜ୍ୟ ପାଇଁ ଗୌରବର ବିଷୟ ପାଲଟିବ।

କଳ୍ପନାଙ୍କ ବାପଘର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସଦର ମହକୁମା ବହଲଦା ବ୍ଲକ ବାସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ତେନ୍ତଲା ଗ୍ରାମରେ। ତାଙ୍କ ବାପା ଆନସ୍ପା ମାଝି ଭାରତୀୟ ସେନାରେ ଚାକିରି କରୁଥିଲେ। ପଞ୍ଜାବର କପୁରଥାଲାରେ ଆନସ୍ପା ଚାକିରି କରୁଥିବା ବେଳେ କଳ୍ପନା ଜନ୍ମଗ୍ରହଣ କରିଥିଲେ। ବାପାଙ୍କ ଚାକିରି ସମୟରେ



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ସ୍ତ୍ରୀ କଳ୍ପନା ସୋରେନ।

କୋଲକାତା, ଅମ୍ବାଲା, ଆହ୍ଲାହାବାଦ, ଶ୍ରୀନଗର ଆଦି ବିଭିନ୍ନ ସହରରେ କଳ୍ପନା ପାଠ ପଢ଼ିଛନ୍ତି। ପରବର୍ତ୍ତୀ ସମୟରେ ସେ ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀରେ ଓ ବାରିପଦାର ଏମ୍‌ପିସି ଜୁନିଅର କଲେଜରେ ଯୁକ୍ତ ୨ ପଢିଛନ୍ତି। ଏହା ପରେ କଳ୍ପନା ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି-ଟେକ୍ କରିଥିଲେ। କୋଲକାତାରେ ଏମ୍‌ବିଏ ପାସ୍ କରିବା ପରେ ବାରିପଦାକୁ ଫେରିଆସି ମା'ବାପାଙ୍କ ସହ ରହୁଥିଲେ। ୨୦୦୬ ଫେବୃୟାରୀ ୭ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ପୁଅ ହେମନ୍ତଙ୍କ ସହ କଳ୍ପନାଙ୍କ ବିବାହ ବାରିପଦାରେ ହୋଇଥିଲା। ବିବାହ ପରେ ହେମନ୍ତଙ୍କ ସହ କଳ୍ପନା ଶାଶୁଘର ଝାଡ଼ଖଣ୍ଡକୁ ଚାଲି ଯାଇଥିଲେ। ଘର ସଂସାର ମଧ୍ୟରେ ନିଜକୁ ସୀମିତ ରଖି ରାଜନୀତିଠାରୁ ସେ ଦୂରରେ ରହୁଥିଲେ। ତେବେ ନିର୍ବାଚନ ପ୍ରଚାର ସମୟରେ ସେ ହେମନ୍ତଙ୍କୁ ସହଯୋଗ କରୁଥିଲେ। ତେବେ ବିବାଦୀୟ ଘଟଣାକ୍ରମେ ହେମନ୍ତଙ୍କ ବିଧାୟକ ପଦ ରଦ୍ଦ ହେବା ଆଶଙ୍କା ବଢ଼ିଚାଲିଛି। ଝାଡ଼ଖଣ୍ଡ ରାଜ୍ୟପାଳଙ୍କଠାରେ ନିଷ୍ପତ୍ତି ଅଟକି ଥିବା ବେଳେ କୌଣସି ମୁହୂର୍ତ୍ତରେ କଳ୍ପନା ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର ଧରିଛି। କଳ୍ପନାଙ୍କୁ ନେଇ କେବଳ ଝାଡ଼ଖଣ୍ଡ ନୁହେଁ ଏବେ ଓଡ଼ିଶାରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। କାରଣ ରାଇରଙ୍ଗପୁର ମାଟିର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପୁଣି ଏହି ଅଞ୍ଚଳର ଜଣେ ଆଦିବାସୀ ଝିଅ ମୁଖ୍ୟମନ୍ତ୍ରୀ ହେବା ସମସ୍ତଙ୍କୁ ଖୁସି ଆଣିଦେବ ବୋଲି ମୟୂରଭଞ୍ଜବାସୀ ଆଶାବାଦୀ ଅଛନ୍ତି।

# କୁପୋଷଣ, ଜଳ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟିକୁ ଗୁରୁତ୍ୱ

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ,୨୮।୮(ପି.ଟି.)

ଦେଶରୁ କୁପୋଷଣ ଦୂର କରିବା ଏବଂ ଜଳ ସଂରକ୍ଷଣ ବଢ଼ାଇବା ଉପରେ ସାମାଜିକ ସଚେତନତାର ଗୁରୁତ୍ୱ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଜୋର୍ ଦେଇଛନ୍ତି। ଏଥିସହିତ ଇଣ୍ଟରନେଟ ସଂଯୋଗର ପ୍ରସାରଣ ଦୁର୍ଗମ ଅଞ୍ଚଳ ବିଶେଷ କରି ଉତ୍ତରପୂର୍ବାଞ୍ଚଳରେ ନୂଆ ସୂର୍ଯ୍ୟୋଦୟ ଆଣିବ ବୋଲି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଆମେ ସାମୂହିକ ଶକ୍ତି ଦେଖିବାକୁ ପାଇଛେ। ବିଶାଳ ଦେଶରେ ଏତେ ସଂଖ୍ୟାରେ ବିବିଧତା ସତ୍ତ୍ୱେ ତ୍ରିରଙ୍ଗା ଉତ୍ତୋଳନ ବେଳେ ସମସ୍ତେ ସମାନ ଉତ୍ସାହର ସହ ତାହା ଉଡ଼ାଇଥିବା ଦେଖାଯାଇଛି। ସେପ୍ଟେମ୍ବରକୁ କୁପୋଷଣ ମାସ ଭାବେ ପାଳନ କରାଯାଉଛି। ସରକାର କୁପୋଷଣ ହଟାଇବା ଲାଗି ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଜନସଚେତନତା ଏବଂ ସାମୂହିକ ଉଦ୍ୟମ ବଳରେ ଏହି ସମସ୍ୟାରୁ ଦେଶକୁ ମୁକ୍ତ କରାଯାଇପାରିବ ବୋଲି ମୋଦି କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ସ୍ୱାଧୀନତା ସଂଗ୍ରାମୀ ବିଶେଷ କରି ଅଖ୍ୟାତ ହିରୋମାନଙ୍କ ଅବଦାନ ଉପରେ ଦୂରଦର୍ଶନରେ ପ୍ରସାରିତ 'ସ୍ୱରାଜ' ସିରିଏଲ୍ ଦେଖିବା ଲାଗି ମୋଦି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଉଦ୍ୟମ ଓ ଭୂମିକା ସମ୍ପର୍କରେ ଯୁବପିଢ଼ିଙ୍କୁ ଅବଗତ କରାଇବା ଏହାର ଉଦ୍ଦେଶ୍ୟ। ସେହିପରି ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇ ମୋଦି କହିଥିଲେ, ବିଭିନ୍ନ ଅଞ୍ଚଳରେ ଲୋକେ ଜଳାଶୟ ନିର୍ମାଣ ଲାଗି ସ୍ୱତନ୍ତ୍ର ଉଦ୍ୟମ କରୁଛନ୍ତି। ଅମୃତ ସରୋବର ଅଭିଯାନ କେବଳ ବର୍ତ୍ତମାନର ସମସ୍ୟା ସମାଧାନ କରିବ ନାହିଁ, ଆଗାମୀ ପିଢ଼ିଙ୍କ ପାଇଁ ଏହା ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଅଣସଙ୍ଗଠିତ ଶ୍ରମିକ କଂଗ୍ରେସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା: ଶରତ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

କଂଗ୍ରେସର ଅଣସଂଗଠିତ ଶ୍ରମିକ କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରବିବାର ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଭବନଠାରେ ଅନୁଷ୍ଠିତ ବୈଠକରେ ଅଣସଙ୍ଗଠିତ ଶ୍ରମିକ କର୍ମଚାରୀଙ୍କୁ ତୃଣମୂଳସ୍ତରରୁ କିଭଳି ସଙ୍ଗଠିତ କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା।

ସଭା ଆରମ୍ଭରେ ନିରଞ୍ଜନ ଲେଙ୍କା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସମସ୍ତ କର୍ମୀ ଓ ନେତୃତ୍ୱକୁ ଗୁରୁତ୍ୱ ଦେବାସହ ଆଗାମୀ



ଶରତ ପଟ୍ଟନାୟକ

ଦିନରେ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି କହିଛନ୍ତି। ଏହାସହ ରାଜ୍ୟର ପ୍ରତ୍ୟେକ ଖଟିଖିଆ ଗରିବ ମେହନତି ମଣିଷ ଏବଂ ଚାଷୀ ମୂଲିଆଙ୍କୁ ସାମାଜିକ ସୁରକ୍ଷା ନିଶ୍ଚିତ କରିବା ପାଇଁ ବିଗତ ଦିନରେ କଂଗ୍ରେସ କରିଥିବା ସମସ୍ତ ଆଇନ ଓ ଯୋଜନାକୁ ଅଣଦେଖା କରାଯାଉଥିବା ବେଳେ ବର୍ତ୍ତମାନ ଆମକୁ ଏ କ୍ଷେତ୍ରରେ ସଂଗ୍ରାମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଦରବୃଦ୍ଧି ଆକାଶଛୁଆଁ ହୋଇଥିବା ବେଳେ ବେରୋଜଗାରୀ ମହାମାରୀରୂପ ନେଉଛି। ଫଳରେ ଏମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି।

ସେପ୍ଟେମ୍ବର ୪ ମହଙ୍ଗାଇ ବିରୋଧରେ ଦିଲ୍ଲୀ ଚଲୋ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ତେଣୁ ଆଗାମୀ ଦିନରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିବା ସହିତ ରାଜ୍ୟରେ ନବୀନ ଏବଂ କେନ୍ଦ୍ରରେ ମୋଦି ସରକାରଙ୍କୁ ସମାଲୋଚନା କରଛନ୍ତି।

# କୃଷକ ଆନ୍ଦୋଳନର ନେତୃତ୍ୱ ନେବେ କେସିଆର୍

## କେନ୍ଦ୍ର ବିରୋଧରେ ରଣହୁଙ୍କାର

ହାଇଦ୍ରାବାଦ, ୨୮।୮

କେନ୍ଦ୍ର ସରକାରଙ୍କ କୃଷିମାରଣ ନୀତି ବିରୋଧରେ ପୁଣି ଏକ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକୁଛି। କୃଷି କ୍ଷେତ୍ରକୁ ସୁରକ୍ଷିତ ରଖିବା ପାଇଁ ପ୍ରତି ଗ୍ରାମରୁ ଚାଷୀମାନେ ଏହି ଆନ୍ଦୋଳନରେ ସାମିଲ ହେବେ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କୁ କୃଷକ ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ଅନୁରୋଧ କରାଯିବ। ହାଇଦ୍ରାବାଦରେ ରବିବାର ଅନୁଷ୍ଠିତ ନ୍ୟାଶନାଲ ଫାର୍ମର୍ସ ୟୁନିୟନ ବୈଠକରେ ଏହିସମ୍ପର୍କିତ ସଂକଳ୍ପନାମା ଗୃହୀତ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ଜାତୀୟ ସ୍ତରର କୃଷକ ନେତାମାନେ କେସିଆର୍‌ଙ୍କ ନେତୃତ୍ୱରେ ନିଜ ଆତ୍ମସମ୍ମାନ ରକ୍ଷା ପାଇଁ



କେ. ଚନ୍ଦ୍ରଶେଖର ରାଓ

ଏକତ୍ରିତ ହେବେ। ଉଭୟ କୃଷକ ଆନ୍ଦୋଳନ ଓ ସଂସଦୀୟ ଉପାୟରେ ଚାଷୀଙ୍କ ଦୁର୍ଦ୍ଦଶା ଓ କୃଷି ସଙ୍କଟ ଦୂର ହୋଇପାରିବ। ଲକ୍ଷ୍ୟ ହାସଲ ପାଇଁ ତେଲଙ୍ଗାନା ରାଜ୍ୟ ପ୍ରତିଷ୍ଠା ବେଳର ଆନ୍ଦୋଳନକୁ ଆପଣାଇବା ଆବଶ୍ୟକ ବୋଲି କେସିଆର୍ କହିଛନ୍ତି। ଏହି ଅବସରରେ ସେ କୃଷକମାନଙ୍କୁ ରାଜନୀତିରେ ସାମିଲ ହୋଇ ନିଜ ସମସ୍ୟା ସମାଧାନ ଲାଗି ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ(ପ୍ରଗତି ଭବନ)ରେ ରବିବାର ଦ୍ୱିତୀୟ ଥର ପାଇଁ ନ୍ୟାଶନାଲ ଫାର୍ମର୍ସ ଆସୋସିଏଶନ ନେତାମାନେ କେସିଆର୍‌ଙ୍କ ଅଧ୍ୟକ୍ଷତାରେ ବୈଠକ କରିଥିଲେ। ଆନ୍ଦୋଳନର ଭବିଷ୍ୟତ କାର୍ଯ୍ୟପନ୍ଥା ଓ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଲାଗି ଏଥିରେ କେସିଆର୍‌ଙ୍କୁ ଅନୁରୋଧ କରାଯାଇଥିଲା। ପ୍ରକାଶ ଯେ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ମୁଖ୍ୟ ଚନ୍ଦ୍ରଶେଖର ରାଓ ବିରୋଧୀ ଦଳଗୁଡ଼ିକୁ ଏକାଠି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଳ୍ପ ରୂପେ ନିଜକୁ ଉପସ୍ଥାପନ କରିବା ଲାଗି ଉଦ୍ୟମ ଚଳାଇଛନ୍ତି।

1st Birthday



Stutee ( Cutie)

Many many happy returns of the day. Happy Birthday "Cutie". God bless you... Jay Jagannath.

Special wishes from:-

With best wishes from: Jeje, Maa, Aja, Aee, Sai Bhai, Krishna Bhai, Ahwan Bhai and all members of Behera Family.

D-1375

# ହେମନ୍ତଙ୍କ ବୋଟ୍ ପିକ୍‌ନିକ୍‌କୁ ଭାଜପାର ସମାଲୋଚନା

ନୂଆଦିଲ୍ଲୀ,୨୮।୮

ଖଣି ଲିଜ୍ ମାମଲାରେ ସମ୍ପୃକ୍ତ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ସୁପାରିସ କରିଥିବାବେଳେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି। ରାଜ୍ୟ ରାଜନୀତିରେ ସଙ୍କଟ ଦେଖାଦେଇଥିବାବେଳେ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ସୋରେନ ଶାସକ ବିଧାୟକମାନଙ୍କୁ ଲକ୍‌ଜୁରିୟସ୍ ବସ୍‌ରେ ନେଇ ଖୁଣ୍ଟି ଜିଲା ଲଟ୍ରାତୁ ଡ୍ୟାମ୍‌ରେ ନୌବିହାର କରିବା ଘଟଣାକୁ ଭାଜପା କଡ଼ା ସମାଲୋଚନା କରିଛି।

ନିଜ ନାମରେ ଖଣି ଲିଜ୍ ନେଇଥିବା ମୁଖ୍ୟମନ୍ତ୍ରୀ ସୋରେନଙ୍କ ବିଧାୟକ ପଦ



ବାବୁଲାଲ ମାରାଣ୍ଡି

ରଦ୍ଦ ଲାଗି ଇସି ଶୁକ୍ରବାର ରାଜ୍ୟପାଳ ରମେଶ ବୈଶଙ୍କୁ ସୁପାରିସ କରିଥିଲେ। ତାଙ୍କ ବିରୋଧରେ ରାଜ୍ୟପାଳ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ରାଜନୈତିକ ଅନିଶ୍ଚିତତାକୁ ନେଇ ରାଜ୍ୟର ଶାସକ କଳ ଅଚଳ ହୋଇପଡ଼ିଥିବାବେଳେ ମୁଖ୍ୟମନ୍ତ୍ରୀ ପିକ୍‌ନିକରେ ବ୍ୟସ୍ତ ରହିବା ଲଜ୍ଜାଜନକ ଘଟଣା ବୋଲି ଭାଜପା ନେତା ବାବୁଲାଲ ମାରାଣ୍ଡି ରବିବାର କହିଛନ୍ତି। ରାଜ୍ୟପାଳ ସୋରେନଙ୍କ ସଭ୍ୟପଦ ରଦ୍ଦ କରିବା ପୂର୍ବରୁ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ଭାନୁପ୍ରତାପ ଶାହି ଦାବି କରିଛନ୍ତି। ଅନ୍ୟପକ୍ଷରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ଉପା ମେଣ୍ଟ ଇସ୍ତଫା ଦାବିକୁ ଅଗ୍ରାହ୍ୟ କରିଛି। ଶାସନ ଜାରି ରଖିବା ଲାଗି ବିଧାନସଭାରେ ସେମାନଙ୍କର ସଂଖ୍ୟାଗରିଷ୍ଠତା ରହିଥିବା ଉପା ପକ୍ଷରୁ କୁହାଯାଇଛି।

# ସଖୀକଣ୍ଢେଇ ଅଧ୍ୟକ୍ଷ ହେଲେ କଂଗ୍ରେସ ତିଷ୍ଠିବ ନାହିଁ: ଚଭନ



ପୃଥ୍ୱୀରାଜ ଚଭନ

ନୂଆଦିଲ୍ଲୀ,୨୮।୮

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ରବିବାର ତାରିଖ ଘୋଷଣା ହୋଇଥିବାବେଳେ ଯଦି ଜଣେ ସଖୀକଣ୍ଢେଇକୁ ଅଧ୍ୟକ୍ଷ ପଦରେ ବସାଇ ଦିଆଯାଏ, ତେବେ ଦଳ ତିଷ୍ଠିବ ନାହିଁ ବୋଲି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚଭନ ରବିବାର ସତର୍କ କରାଇ ଦେଇଛନ୍ତି। କେବଳ ଅଧ୍ୟକ୍ଷ ନୁହେଁ ସିଡବ୍ଲ୍ୟୁସି ସଦସ୍ୟଙ୍କ ସମେତ ସମସ୍ତ ପଦବୀ ଲାଗି ନିର୍ବାଚନ ହେବା ଆବଶ୍ୟକ ବୋଲି ଜି-୨୩ ଅସନ୍ତୁଷ୍ଟ ଗୋଷ୍ଠୀର ସଦସ୍ୟ ଚଭନ କହିଛନ୍ତି। ପଛଦ୍ୱାର ଦେଇ ଦଳକୁ ପରିଚାଳନା କରିବା ଆଉ ଚଳିବ ନାହିଁ। ସର୍ବପୁରାତନ ଦଳକୁ ରକ୍ଷା କରିବାକୁ ହେଲେ ଜରୁରୀ ପଦକ୍ଷେପ ଆବଶ୍ୟକ ବୋଲି ଚଭନ କହିଛନ୍ତି। ରାହୁଲ ଗାନ୍ଧୀ ଅଧ୍ୟକ୍ଷ ହେବାକୁ ଚାହୁଁ ନ ଥିବାବେଳେ ତାଙ୍କ ଉପରେ ଚାପ ନ ପକାଇ ବିକଳ୍ପ ବ୍ୟବସ୍ଥା କରାଯାଉ ଏବଂ ଭୋଟ ମାଧ୍ୟମରେ ନୂଆ ଅଧ୍ୟକ୍ଷ ନିର୍ବାଚନ କରାଯାଉ ବୋଲି ଅସନ୍ତୁଷ୍ଟ କଂଗ୍ରେସ ନେତା କହିଛନ୍ତି। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ ଖୁବ୍ ଶୀଘ୍ର ଦଳ ଅଧ୍ୟକ୍ଷ ହେବେ ବୋଲି ବରିଷ୍ଠ କଂଗ୍ରେସ ନେତା ହରିଶ ରାୱତ୍ କହିଛନ୍ତି।



SMiLE

JAYADURGA CHEMICALS

(AN ISO 9001-2015 Certified)

Deals Raw Materials of:

- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals

- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010

Mob.No.-9938069796, 9861049796

# 'ଭାଜପାକୁ ହଟାଇଲେ ଗଣତନ୍ତ୍ର ତିଷ୍ଠିବ'



ଲକ୍ଷ୍ନୌରେ ନିଜ ସମର୍ଥକଙ୍କ ସହ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ।

ଲକ୍ଷ୍ନୌ, ୨୮।୮

କେନ୍ଦ୍ରର ଭାଜପା ସରକାର ଦେଶକୁ ବରବାଦ୍ କରୁଛି। ବିକାଶ ପରିବର୍ତ୍ତେ ଦେଶକୁ ପଛକୁ ଟାଣୁଛି। ଗୈରିକ ଦଳକୁ କ୍ଷମତାରୁ ହଟାଇବା ପାଇଁ ଜନସାଧାରଣ ପ୍ରସ୍ତୁତ ହେଲେଣି। ଆଉ କେତୋଟି ନିର୍ବାଚନ ପରେ ଭାଜପା କ୍ଷମତାଚ୍ୟୁତ ହେବ ବୋଲି ରବିବାର ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି।

ଅଖିଳେଶ କହିଛନ୍ତି, ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଉତ୍ତରପ୍ରଦେଶର ବଡ଼ ଦାୟିତ୍ୱ ରହିଛି। କେବଳ ଭୋଟ କାଟିବା ପାଇଁ ଛୋଟ ଦଳଗୁଡ଼ିକ ନିର୍ବାଚନ ଲଢୁଛନ୍ତି। ଏନେଇ ସମାଜବାଦୀ ପାର୍ଟି ଲୋକଙ୍କ ପାଖକୁ ଯାଇ ସଚେତନ କରାଇବ। କେଉଁ ଦଳ ଭାଜପା ସହ ରହିଛି, କେଉଁ ଦଳ ଏହା ବିରୋଧରେ ଲଢ଼େଇ କରୁଛି ତାହା ମତଦାତା ଜାଣିଛନ୍ତି। ବିରୋଧୀ ଏକତା ପାଇଁ ଜାତୀୟ ସ୍ତରରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ମିଶି ଲଗାତର ଉଦ୍ୟମ ଚାଲିଛି। ସେପଟେ ବିହାରରେ ମଧ୍ୟ ସମୀକରଣ ବଦଳି ସାରିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କେନ୍ଦ୍ର ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ବିରୋଧୀଙ୍କ ପ୍ରଧାନମନ୍ତ୍ରୀ ଚେହେରା କିଏ ହେବେ ତାହା ବଡ଼ କଥା ନୁହେଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କିପରି ଭାଜପାକୁ ହଟାଇ ଗଣତନ୍ତ୍ରର ସୁରକ୍ଷା କରାଯିବ ବୋଲି ଅଖିଳେଶ କହିଛନ୍ତି। ଏହି ଅବସରରେ ଉତ୍ତରପ୍ରଦେଶର ମଥୁରା ଓ ବୃନ୍ଦାବନରେ ଐତିହ୍ୟସ୍ଥଳଗୁଡ଼ିକୁ ଭାଜପା କ୍ଷତି ପହଞ୍ଚାଉଛି। ବିକାଶମୂଳକ କାର୍ଯ୍ୟ ପାଇଁ ଦିଆଯାଇଥିବା ପାଣ୍ଠି ଆତ୍ମସାତ କରାଯାଉଥିବାବେଳେ ସେଥିପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ ବୋଲି ଅଖିଳେଶ ସମାଲୋଚନା କରିଛନ୍ତି।

## କଂଗ୍ରେସ ଛାଡ଼ିଲେ ତେଲଙ୍ଗାନା ନେତା ଏମ୍.ଏ. ଖାନ୍

**ହାଇଦ୍ରାବାଦ,୨୮।୮:** ଜଣକ ପରେ ଜଣେ ବରିଷ୍ଠ ନେତା କଂଗ୍ରେସ ଛାଡ଼ିବାରେ ଲାଗିଛନ୍ତି। ତେଲଙ୍ଗାନାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏମ୍.ଏ. ଖାନ୍ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ୪ ଦଶନ୍ଧି ଧରି ଦଳ ପାଇଁ କାର୍ଯ୍ୟ କରିଥିବା ଖାନ୍ ତାଙ୍କ ଇସ୍ତଫାପତ୍ରରେ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ରାହୁଲ ଦଳର ଉପାଧ୍ୟକ୍ଷ ହେବା ଦିନଠାରୁ ଏହାର ପତନ ଆରମ୍ଭ ହୋଇଥିଲା ବୋଲି ସେ କହିଛନ୍ତି। ଦଳୀୟ ନେତୃତ୍ୱ ତୃଣମୂଳ ସ୍ତର କ୍ୟାଡରକୁ ସକ୍ରିୟ କରିବା ଲାଗି କୌଣସି ପଦକ୍ଷେପ ନେଉନାହାନ୍ତି, ଯେଉଁଥିପାଇଁ ଜଣକ ପରେ ଜଣେ ବରିଷ୍ଠ ନେତା ଦଳ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି ବୋଲି ଖାନ୍ କହିଛନ୍ତି।

## ଗୁଜରାଟରେ ଜନଆନ୍ଦୋଳନ ପାଲଟିଲାଣି ଏଏପି ଅଭିଯାନ: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୨୮।୮:** ଗୁଜରାଟରେ ଆମ୍ ଆଦମୀ ପାର୍ଟି (ଏଏପି)ର ଅଭିଯାନ ଶାସକ ଭାଜପା ବିରୋଧରେ ଜନ ଆନ୍ଦୋଳନ ପାଲଟିଲାଣି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁଜ୍‌ରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହ ରୋଡ୍ ଶୋ' କରିଥିବାବେଳେ ଶାସକ ଭାଜପାକୁ କେଜ୍‌ରିୱାଲ ଟାର୍ଗେଟ କରିଛନ୍ତି। ଭୁଜ୍‌ରୁ ଫେରିବାବେଳେ ଗୁଜରାଟର ସରକାରୀ ବସ୍‌ଗୁଡ଼ିକର ଡ୍ରାଇଭର ଓ କଣ୍ଡକ୍ଟରମାନେ ଏଏପିକୁ ଭୋଟ ଦେବାପାଇଁ ଯୋଜନା କରୁଥିବା ଜଣାପଡ଼ିଛି ବୋଲି କେଜ୍‌ରିୱାଲ ଟୁଇଟ୍ କରିଛନ୍ତି।

## ଏମ୍.ଭି. ଗୋବିନ୍ଦନ୍ କେରଳ ସିପିଏମ୍ ସମ୍ପାଦକ

**ଥିରୁଭାନନ୍ତପୁରମ,୨୮।୮:** ଅବକାରୀ ମନ୍ତ୍ରୀ ଏମ୍.ଭି. ଗୋବିନ୍ଦନ ସିପିଏମ୍‌ର କେରଳ ରାଜ୍ୟ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ କୋଡିୟେରି ବାଲକ୍ରିଷ୍ଣନ ସମ୍ପାଦକ ପଦରୁ ଓହରିଯିବା ପରେ ଗୋବିନ୍ଦନଙ୍କୁ ଏହି ପଦବୀରେ ନିଯୁକ୍ତି ଦେବା ଲାଗି ସିପିଏମ୍ ସେକ୍ରେଟେରିଏଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ELECTION OFFICER THE KHORDHA CENTRAL CO-OPERATIVE BANK LTD., KHORDHA

ELECTION NOTICE

Order No: 1 Date:26.08.2022

In exercise of the powers conferred on me under O.C.S. Act 1962 and O.C.S, (Election Committee) Rule 1992 and in pursuant to notification No. 2573 dtd. 12.8.2022 of the State Co-Operative Election Commission, Odisha, Bhubaneswar, I Sri ManoJ Kumar Padhy, O.A.S (SAG) Addl.Dist.Magistrate-Cum-Election Officer of Khordha Central Co-operative Bank Ltd., Khordha do hereby notify the date of election of 15 number of members to the Committee of Management to be held on dated 30.10.2022.

The Election will be held for 15 numbers of members for the Committee from 15 constituencies, one from each constituency. The detail programme will be published in due course of time.

Sd./- (Sri Manoj Kumar Padhy, O.A.S. (SAG)
A.D.M., Khordha-Cum-Election Officer
Khordha CC Bank Ltd., Khordha

GOVERNMENT POLYTECHNIC, BOUDH

AT: NUAPALI, PO: KHUNTIAPADA, VIA: BAGHIAPADA, DIST: BOUDH,PIN: 762026
Email-ID: principalgpboudh@gmail.com

Adv. No.668 Dated:26.08.2022

WALK-IN-INTERVIEW

Interested candidates having requisite qualification in the discipline as mentioned below may attend walk in Interview for engagement of Part Time Guest faculties(PTGF)/ Part Time Guest Lab. Assistant (PTGLA) in this Institution for the Academic Session 2022-23. The candidates are required to bring all original documents/ testimonials from matriculation onwards for verification and one set of self attested Photocopies of all documents along with two pass port size photographs for submission at the time of Interview.

The engagement is purely need based, temporary and remuneration shall be paid to guest faculties @ Rs.400/- per hour for Theory Class and @Rs 200/- per hour for Practical Classes subject to maximum of Rs.24,000/- per month. Similarly, Guest Lab. Assistants shall be paid with the remuneration @ Rs.150/- per hour subject to Maximum Rs.9,500/- per month.

| Sl. No. | Discipline of PTGF/ PTGLA | Minimum Qualification | Date & Time of Interview |
|---|---|---|---|
| 1 | Part Time Guest Faculty in Civil, Electrical & Mechanical Engineering | 1st Class B.E/ B. Tech. in concerned discipline. (Candidates having teaching experience will be given preference] | 09.09.2022 at 11.00 AM |
| 2 | Part Time Guest Faculty in Physics | 1st Class M,Sc. in concerned subject | |
| 3 | Part Time Guest Laboratory Assistant in Civil, Mechanical Engineering. | 1st Class Diploma in concerned discipline or higher. | |
| 4 | Part Time Guest Laboratory Assistant in Physics | 1st class B.Sc. with Physics Honors | |

**Venue of interview: Office of the Principal, Government Polytechnic, Boudh. No TA and DA will be paid for attending the interview.**

The undersigned reserves the right to cancel the walk in interview without assigning any reasons thereof.

Sd./- Principal, Government Polytechnic, Boudh

# ସ୍ୱାଗତିକା କିଏ

ଓଡ଼ିଶା ସରକାର ୨୪ ଜିଲାର ୩୬ଟି ନୂଆ ପୋଲିସ ଷ୍ଟେଶନ ପ୍ରତିଷ୍ଠା କରିବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ରାଜ୍ୟରେ ପୋଲିସ ଷ୍ଟେଶନ ସଂଖ୍ୟା ୬୭୯ରେ ପହଞ୍ଚିବ। ଏଥିସହିତ ଆଇପିଏସ୍ ଅଫିସରଙ୍କଠାରୁ ଆରମ୍ଭକରି କନଷ୍ଟେବଲ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ବଳର ସମୁଦାୟ ସଂଖ୍ୟା ୭୫,୦୦୦ ହେବ ବୋଲି କୁହାଯାଉଛି। ନୂଆ ପୋଲିସ ଷ୍ଟେଶନରେ ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ୍ର ବ୍ୟବସ୍ଥା କରାଯିବ। ଏପରିକି ମହିଳା ଓ ପିଲାମାନେ ବସିବା ସକାଶେ ଅଲଗା ସ୍ଥାନର ବ୍ୟବସ୍ଥା ରହିବ। ଗତ କିଛି ବର୍ଷ ହେବ ଦେଖାଯାଉଛି ଯେ, ସରକାର ପୋଲିସ ଷ୍ଟେଶନର ଭିତ୍ତିଭୂମି ବଢ଼ାଇବା ସହ ସେଗୁଡ଼ିକର ଆଧୁନିକୀକରଣ କରୁଛନ୍ତି। ଏପରିକି ଥାନା ଚାରିପାଖେ ମେଘନାଦ ପାଚେରି ତିଆରି କରି ତା'ଉପରେ ତାରବାଡ଼ ଲଗାଉଛନ୍ତି। ହେଲେ ଲୋକଙ୍କୁ ଯେଭଳି ନ୍ୟାୟ ମିଳିବା କଥା ସେ ଦିଗରେ ବିଶେଷ ଅଗ୍ରଗତି ହୋଇପାରୁ ନାହିଁ। ଆଇନ ଓ ଶୃଙ୍ଖଳ ସ୍ଥିତି ସମୟେ ସମୟେ ଏଭଳି ବିଗିଡ଼ିଯାଉଛି ଯେ, ତାହାକୁ ସହଜରେ ନିୟନ୍ତ୍ରଣ କରାଯାଇପାରୁ ନ ଥିବା ସମସ୍ତେ ଅନୁଭବ କରୁଥିବେ। ଏପରି କି ପୋଲିସ ବିଭାଗରେ ମଧ୍ୟ ଘୋର ଅବ୍ୟବସ୍ଥା ଓ ବିଶୃଙ୍ଖଳା ଥିବା ବାରମ୍ବାର ଦୃଷ୍ଟିଗୋଚର ହେଉଛି। ୨୭ ଅଗଷ୍ଟରେ କନ୍ଧମାଳ ଜିଲା ଜି. ଉଦୟଗିରି ଥାନାର ମହିଳା ସବ୍‌ଇନ୍ସପେକ୍ଟର ସ୍ୱାଗତିକା ବେହେରାଙ୍କ ଆତ୍ମହତ୍ୟା ସଦ୍ୟ ଦୃଷ୍ଟାନ୍ତ ଭାବେ ଉଭା ହୋଇଛି। ପରିବାର ଲୋକେ ଅଭିଯୋଗ କରିଛନ୍ତି, ଥାନା ଆଇଆଇସି ନିର୍ଯାତନା ଦେଇଥିବାରୁ ସ୍ୱାଗତିକା ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ। ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିପାରେ। କିନ୍ତୁ ଯଦି ଅନ୍ୟ କୌଣସି ତଦନ୍ତକାରୀ ଅଧିକାରୀ ଏହି ଆଇଆଇସିଙ୍କ ସହ ସମ୍ପୃକ୍ତ ଥିବେ, ତେବେ କୌଣସି କାରଣ ଜଣାପଡ଼ିବ ନାହିଁ ଏବଂ ଗଣମାଧ୍ୟମ ଦୃଷ୍ଟିରୁ ଏହି ଘଟଣା ଦୂରେଇଗଲେ ଜନସାଧାରଣ ମଧ୍ୟ ସ୍ୱାଗତିକା ବେହେରାଙ୍କ ବିଷୟରେ ଭୁଲିଯିବେ। କିଛିମାସ ପରେ ସେହି ଆଇଆଇସି ପଚାରିପାରନ୍ତି ସ୍ୱାଗତିକା କିଏ?

ପୋଲିସର ଚରିତ୍ର ବିଷୟରେ ଆଜିର ନାଗରିକ ଭଲ ଭାବେ ଅବଗତ। ଭାରତରେ ପୋଲିସର ଲୋକାଭିମୁଖୀ ଆଦର୍ଶ ରହିଛି ବୋଲି କୌଣସି ବ୍ୟକ୍ତି ବିଚାର କରୁନାହାନ୍ତି। ଲୋକେ କହନ୍ତି ଦୁର୍ଭାଗ୍ୟ ପଡ଼ିଲେ ଜଣେ ଥାନାକୁ ଯିବ। କାରଣ ପୋଲିସ ହେଉଛି ଅନ୍ୟାୟ ଓ ଅବିଚାରର ପ୍ରତୀକ। ସେହି ବଳରେ କନିଷ୍ଠଙ୍କ ଅନ୍ୟାୟକୁ ବରିଷ୍ଠମାନେ ସମର୍ଥନ କରନ୍ତି। ବରିଷ୍ଠଙ୍କ ଅବିଚାରକୁ କନିଷ୍ଠମାନେ ଘୋଡ଼ାନ୍ତି। ଅପରାଧୀ ଯଦି ସର୍ବପ୍ରଥମେ କୌଣସି ବରିଷ୍ଠ ପୋଲିସ ଅଧିକାରୀର ସାହାଯ୍ୟ ପାଇପାରିଲା, ତେବେ ତାକୁ କେହି ଛୁଇଁପାରିବେ ନାହିଁ। ପୋଲିସର ସହଯୋଗ ପାଇବାକୁ ହେଲେ କେତୋଟି ଧରାବନ୍ଧା ଉପାୟ ରହିଛି। ପ୍ରଥମଟି ହେଲା ସେହି ପୋଲିସ ବାହିନୀର କୌଣସି ବରିଷ୍ଠ ଦକ୍ଷ ଅଧିକାରୀଙ୍କ ସାହାଯ୍ୟ। ଦ୍ୱିତୀୟରେ ରହିଲା ଅର୍ଥ ଦେଇ ଥାନା ଅଧିକାରୀ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ କିଣିନେବା। ତୃତୀୟରେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ବିପୁଳ ପ୍ରତିବାଦର ଉପାୟ। ଚତୁର୍ଥରେ ରାଜନୈତିକ ଚାପ, ଯାହାକି ଏବେ ଅପେକ୍ଷାକୃତ ଦୁର୍ବଳ ହୋଇଯାଉଛି। ଅବଶ୍ୟ ପୋଲିସର ଅନ୍ୟ ଅଙ୍ଗ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି କେନ୍ଦ୍ରୀୟ ସଂସ୍ଥା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ବେଳେ ନ୍ୟାୟ ପ୍ରତି କୌଣସି ଦୃଷ୍ଟି ଦେଉନାହାନ୍ତି। ଦେଖାଯାଏ ଯଦି ବଡ଼ ଅସ୍ୱାଭାବିକ ଘଟଣା ଘଟିଲା ଓ ତାହାକୁ ନେଇ ଚାରିଆଡ଼େ ହୋହଲ୍ଲା ହେଲା; ତାହା ହେଲେ ତତ୍‌କ୍ଷଣାତ୍ ପୋଲିସର ସର୍ବୋଚ୍ଚରେ ଥିବା ବ୍ୟକ୍ତି ଜଣେ ଦୁଇ ଜଣ ସବ୍‌ଇନ୍ସପେକ୍ଟର କିମ୍ବା କନଷ୍ଟେବଲଙ୍କୁ ନିଲମ୍ବନ କରି ଦେଇଥାଆନ୍ତି। ତାହା ଶକ୍ତିଶାଳୀ କାର୍ଯ୍ୟାନୁଷ୍ଠାନ ଭାବେ ଡିଣ୍ଡିମ ପିଟାଯାଇଥାଏ। କିନ୍ତୁ ଅନେକ ଅଘଟଣର ମୂଳକୁ ଗଲେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଅପାରଗତା ଯୋଗୁ ତାହା ଘଟିଥିଲେ ହେଁ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇ ନ ଥାଏ। ଅନ୍ୟପକ୍ଷରେ କୌଣସି ଘଟଣାରେ ଯଦି ପୋଲିସକୁ ସଫଳତା ମିଳେ, ସେତେବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ଗଣମାଧ୍ୟମ ଆଗକୁ ଆସି ଦମ୍ଭ ଦେଖାଇଥାଆନ୍ତି।

ପୋଲିସ ସଂସ୍କାରରେ କେବଳ ଅସ୍ତ୍ରଶସ୍ତ୍ର, ଯାନବାହନ ଉପରେ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ସେହି ଅନୁଯାୟୀ ଜନସାଧାରଣଙ୍କ ସହ ସୁସମ୍ପର୍କ ବୃଦ୍ଧି ଓ ଶୃଙ୍ଖଳିତ ଆଚରଣ ସହିତ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ କୌଣସି ପ୍ରାଧାନ୍ୟ ଦିଆଯାଇ ନ ଥାଏ। କେହି ଜଣେ ନାଗରିକ କେବେହେଲେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓ କମିଶନରମାନଙ୍କ ଦ୍ୱାରା ନିଜ ବଳର ସଦସ୍ୟମାନଙ୍କୁ ସାମାଜିକ ଦାୟିତ୍ୱ ସମ୍ପର୍କରେ କିଭଳି ସକ୍ରିୟ ଓ ସଚେତନ କରିହେବ ଆଲୋଚନା କରିଥିବାର ବା ବାର୍ତ୍ତା ଦେଇଥିବାର ଦେଖି ନ ଥିବେ। ସେଥିପାଇଁ କେବଳ ଥାନାର ସଂଖ୍ୟା ବଢ଼ାଇଦେଲେ ଅପରାଧ ଘଟିବ ନାହିଁ ଚିନ୍ତା କରିବା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ସାଧାରଣରେ ଚିନ୍ତା କରାଯାଏ ଯେ ପୋଲିସର ସକ୍ରିୟ ସହଯୋଗ ବିନା ବଡ଼ଧରଣର ଅପରାଧ ଘଟାଇବା ଅସମ୍ଭବ। ଏପରିକି ରାହାଜାନି କରୁଥିବା ଅପରାଧୀ ସେହି ଅଞ୍ଚଳର ଥାନାକୁ ବଟି ନ ଦେଲେ ଚଳପ୍ରଚଳ କରିପାରିବ ନାହିଁ। ଅଧିକ ଗଣମାଧ୍ୟମ ବା ସାମାଜିକ ଚାପ ପଡ଼ିଲେ ତାଙ୍କରି ମଧ୍ୟରୁ କେତେଜଣଙ୍କୁ କ୍ଷଣକ ପାଇଁ ବାନ୍ଧି ଦିଆଯାଏ ଓ ପୋଲିସ ଦ୍ୱାରା ପ୍ରସ୍ତୁତ କରାଯାଉଥିବା କେସ୍ ଡାଏରୀ ଏଭଳି ଦୁର୍ବଳ କରିଦିଆଯାଏ ଯେ କୌଣସି ଅପରାଧୀ ଦଣ୍ଡିତ ହୁଏ ନାହିଁ। ହୁଏତ ସେଥିପାଇଁ ଲୋକେ କୁହନ୍ତି ପୋଲିସ ହେଉଛି ଖାକି ପୋଷାକଧାରୀ ଗୁଣ୍ଡା। ସେହି ଗୁଣ୍ଡା ଭାବମୂର୍ତ୍ତିକୁ ଅନେକ ଆଇପିଏସ୍ ଅଫିସର ମଧ୍ୟ ପରୋକ୍ଷରେ ଉତ୍ସାହିତ କରନ୍ତି। ବିଭିନ୍ନ ଜିଲାରେ ନୂତନ ଭାବେ ନିଯୁକ୍ତି ପାଉଥିବା ଆରକ୍ଷୀ ଅଧୀକ୍ଷକ କିଛିମାସ ପର୍ଯ୍ୟନ୍ତ, ଥାନା ନିଲାମ ନ ହେବା ଯାଏ, ସାଦା ପୋଷାକରେ ଲାଠି ଧରିଥିବା ଟୋକା କନ୍‌ଷ୍ଟେବଲଙ୍କୁ ସାଥିରେ ଧରି ଗରିବ ଖଟିଖିଆଙ୍କ ବାସସ୍ଥାନ କିମ୍ବା ଢାବା ଉପରେ ଚଢ଼ାଉ କରି ମାରପିଟ କରିବା ଓଡ଼ିଶା ସମେତ ଭାରତବର୍ଷ ସାରା ଏକ ସାଧାରଣ ଘଟଣା। ଅଧିକ ବରିଷ୍ଠ ହେବା ପରେ ସେହି ଆଇପିଏସ୍ ଅଫିସର ବାଣୀ ଶୁଣାଇଥାଆନ୍ତି। ଏଥିରୁ ବୁଝିବାକୁ ହେବ ଯେ, କେବଳ ଥାନା ସଂଖ୍ୟା ବୃଦ୍ଧି କରାଇଦେଲେ କିମ୍ବା ପୋଲିସ ମୁଣ୍ଡଗଣତି ବଢ଼ାଇଲେ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ସମାଜ ଗଠନ ହୋଇପାରିବ ନାହିଁ।

# ବାଡ଼ ଯଦି କ୍ଷେତ ଖାଏ



ବୈକୁଣ୍ଠନାଥ ମିଶ୍ର

ସମ୍ପ୍ରତି ସାରା ଦେଶରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଛି। ସରକାରୀବାବୁ ହୁଅନ୍ତୁ କି ଶାସକ ପ୍ରଶାସକ କେହି ହେଲେ ସ୍ୱଉପାର୍ଜିତ ସତ୍ ଧନରେ ସନ୍ତୁଷ୍ଟ ନ ହୋଇ ଅନ୍ୟାୟ ଉପାର୍ଜନ ପ୍ରତି ଲାଳାୟିତ ହେଉଛନ୍ତି। ଚୋରିକରି ଧନପତି ହେବାର ନିଶା ସମସ୍ତଙ୍କୁ ଘାରିଛି। ଯାହାପାଖରେ କୋଟିଏ ଅଛି ସେ କେମିତି ରାତାରାତି ଦୁଇକୋଟିର ମାଲିକ ହେବ ସେ ଚିନ୍ତାରେ ବ୍ୟସ୍ତ। ସାଧୁତା, ସଚ୍ଚୋଟତା କେବଳ ଦୁଇଟି ଆଭିଧାନିକ ଶବ୍ଦ ହୋଇ ରହିଯାଇଛି ମାତ୍ର। ଚୋରିକରି ଧରାପଡ଼ିବା ଯାଏ ସମସ୍ତେ ସାଧୁ, ଧରା ପଡ଼ିଗଲେ ନିଜ ସାଧୁତା ସପକ୍ଷରେ ନାନା ଫନ୍ଦିଫିକର। 'ମୁଁ ନୁହେଁ – ମୋ ବିରୋଧରେ ଏହା ଏକ ଜଘନ୍ୟ ଷଡ଼ଯନ୍ତ୍ର' ବୋଲି କେତେ ବିବୃତି। ସରକାରୀ ଚାକିରିରେ ଥିଲାବେଳେ ଗୋଟାପଣ ସରକାରଙ୍କର ଏବଂ ଚାକିରିରୁ ଅବସର ନେବା ପରେ ପୂର୍ଣ୍ଣ ସରକାରୀ ବିରୋଧୀ। ଯଦି କୌଣସି ଯୋଜନା ବା ବ୍ୟବସ୍ଥା ଲୋକହିତକର ନୁହେଁ ବୋଲି ତୁମର ହୃଦ୍‌ବୋଧ ହେଉଥିଲା ତେବେ ସେହି ସମୟରେ ବିରୋଧ ନ କରି ଅବସରାନ୍ତେ ବିରୋଧକରି ତୁମେ ଜନସାଧାରଣଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛ? ଏଇଆ ଯେ ମୁଁ ସମ୍ପୂର୍ଣ୍ଣ ଠିକ୍ ଓ ଆଉ ସବୁ ଭୁଲ୍।

ଥରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କୁ ଜଣେ ଆଗନ୍ତୁକ କଥା ପ୍ରସଙ୍ଗରେ କହିଲେ "ଆଜ୍ଞା ମୋ ଚାକିରି କାଳ ଭିତରେ ଟଙ୍କାଟିଏ ଲାଞ୍ଚ ନେଇନାହିଁ କି ସେ ବିଷୟରେ ଚିନ୍ତା ମଧ୍ୟ କରିନାହିଁ।" ସୁରେନ୍ଦ୍ର ପଚାରିଲେ 'ଆପଣ କ'ଣ କରନ୍ତି'? ଭଦ୍ରଲୋକ ଉତ୍ତର ଦେଲେ 'ଆଜ୍ଞା ମୁଁ ଜଣେ ଅଧ୍ୟାପକ ଥିଲି। ସଦ୍ୟ ଅବସର ଗ୍ରହଣ କରିଛି।' ସୁରେନ୍ଦ୍ର ଅଳ୍ପ ହସି ବ୍ୟଙ୍ଗାତ୍ମକ ଭାବେ କହିଲେ, ଓଃ ବଳଦର ବ୍ରହ୍ମଚର୍ଯ୍ୟ! ଅର୍ଥାତ୍ ଜଣେ ଶିକ୍ଷକ ଅଧ୍ୟାପକଙ୍କୁ କାହିଁକି କିଏ ଲାଞ୍ଚଦେବ। କିନ୍ତୁ ସମୟର ପରିବର୍ତ୍ତନ ଘଟିଛି। କଳାଧନ ଠୁଳ କରିବାର ନିଶା କାହାକୁ ଛାଡ଼ିନି। ସେ ସ୍ୱଳ୍ପ ବେତନଭୋଗୀ କ୍ରୀଡ଼ା ଶିକ୍ଷକ ହେଉ (ବ୍ରହ୍ମପୁର) କିମ୍ବା ଅଙ୍ଗନୱାଡି ଦିଦି ହେଉ (ଭୁବନେଶ୍ୱର)। ଭାରତର ବହୁ ରାଜନେତା, ବିଧାୟକ, ମନ୍ତ୍ରୀ ଅନ୍ୟାୟ ଉପାର୍ଜିତ କଳାଟଙ୍କାର ପାହାଡ଼ ଉପରେ ବସି ବାହାରକୁ ସାଧୁତା ପ୍ରଦର୍ଶନର ନାଟକ ରଚନା କରିଚାଲିଛନ୍ତି। ନିକଟରେ ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ତାଙ୍କ ବାନ୍ଧବୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ୫ କି.ଗ୍ରା.ରୁ ଅଧିକ ସୁନା, ବାସଗୃହ ଓ ସମ୍ପତ୍ତି ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଜବତ କରିଛି। ଏ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଝାଡ଼ଖଣ୍ଡର ତିନି ବିଧାୟକଙ୍କ ନିକଟରୁ ଜବତ ହୋଇଛି ବିପୁଳ କଳାଧନ। ଇର୍‌ଫାନ ଅନ୍‌ସରୀ, ରାଜେଶ କଚ୍ଛପ ଓ ନମନଭିଜେଲ କୋଙ୍ଗାରୀ ଉକ୍ତ ବିପୁଳ ଧନରାଶିକୁ କୋଲକାତା ନେଉଥିବା ବେଳେ ୧୬ନଂ. ଜାତୀୟ ରାଜପଥର ପଞ୍ଚଲା ଥାନା ନିକଟରେ ପଶ୍ଚିମବଙ୍ଗ ପୋଲିସ ଏହାକୁ ଜବତ କରିଛି।



ମୁମ୍ବାଇର ଜଣେ ଭାଜପା ବିଧାୟକଙ୍କୁ ମନ୍ତ୍ରୀ କରାଯିବାର ପ୍ରତିଶ୍ରୁତି ଦେଇ ୧୦୦କୋଟି ଲାଞ୍ଚ ମଗାଯାଇଥିଲା ଏବଂ ୯୦କୋଟିରେ କଥା ଛିଡ଼ିଥିଲା। ମଧ୍ୟସ୍ଥତା କରୁଥିବା ରିୟାଜ୍ ଶେଖ୍‌ଙ୍କୁ ପୋଲିସ ଗିରଫ କଲାପରେ ଘଟଣା ଲୋକଙ୍କ ଦୃଷ୍ଟିକୁ ଆସିଲା। ଓଡ଼ିଶାରେ ଏମିତି କୌଣସି ଦିନ ନାହିଁ ଯେଉଁଦିନ ଭିଜିଲାନ୍ସ ହାତରେ କେହିନା କେହି ଧରାପଡୁନାହାଁନ୍ତି। ନିକଟରେ କେନ୍ଦ୍ରାପଡ଼ା ଶିକ୍ଷା ଅଧିକାରୀ ଜଣେ ପିଅନକୁ ବଦଳି କରିବା ପାଇଁ ୨୦ହଜାର ଟଙ୍କା ଲାଞ୍ଚଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ମାତ୍ର ୩ଦିନ ପରେ ଅର୍ଥାତ୍ ଜୁଲାଇ ୩୧ରେ ଅବସର ନେବାକୁ ଥିବା ଏହି ଅଧିକାରୀ ଜେଲ ପ୍ରକୋଷ୍ଠରେ ତାଙ୍କ ଅବସର ଜୀବନର ସୁଖସ୍ୱପ୍ନ ଦେଖିବେ। ପ୍ରତିଦିନ ଛୋଟଛୋଟ ଅଧିକାରୀମାନେ ଧରାପଡୁଛନ୍ତି ସିନା; ମାତ୍ର ପୋଖରୀର ବଡ଼ମାଛମାନଙ୍କୁ ନେଇ ସାଧାରଣରେ ପ୍ରବଳ ଚର୍ଚ୍ଚା। ଏମାନେ କ'ଣ ସତରେ ସାଧୁ -ନା ଏମାନଙ୍କୁ ସହଜରେ ଧରାଯାଇପାରିବ ନାହିଁ। ବଡ଼ବଡ଼ିଆଙ୍କ ପାଖରେ ପହଞ୍ଚିବା କ'ଣ ଏତେ ସହଜକଥା!

ଏସବୁ ବ୍ୟତୀତ ଠିକାଦାର ଓ ଯନ୍ତ୍ରୀଙ୍କର ଶୀତଳ ମଧୁଚନ୍ଦ୍ରିକାରେ ପ୍ରତ୍ୟହ ରାଜକୋଷର ହରିଲୁଟ ଚାଲିଛି। କୋଟିକୋଟି ଟଙ୍କାର ପୋଲ ଭୁଶୁଡୁଛି। ପାଞ୍ଚ କୋଟିରେ ନିର୍ମିତ ରାସ୍ତା ପାଞ୍ଚ ମାସ ବି ଟିକୁନାହିଁ, ଯାହା ଘଟିଛି ଜଗତ୍‌ସିଂହପୁର ଜିଲାର ରଘୁନାଥପୁରରେ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ରାସ୍ତା। ରାସ୍ତାକୁ ଦେଖିଲେ ଏଥିରେ ଏତେ ବିପୁଳ ଅର୍ଥ ବ୍ୟୟିତ ହୋଇଥିଲା ପରି ମନେହୁଏ ନାହିଁ। ଅନେକ କ୍ଷେତ୍ରରେ ଅସାମାଜିକଙ୍କୁ ଧରିବାକୁ ଯାଇ ବିଚରା ପୋଲିସକୁ ପ୍ରାଣବଳି ଦେବାକୁ ପଡୁଛି। ଗତ ମାସରେ ହରିୟାଣା, ଝାଡ଼ଖଣ୍ଡର ରାଞ୍ଚି ଓ ଗୁଜରାଟର ଆନନ୍ଦଠାରେ ଦୁର୍ବୃତ୍ତମାନେ ତିନିଜଣ ପୋଲିସ ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଥିବାର ଚାଞ୍ଚଲ୍ୟକର ଖବର ପ୍ରସାରିତ ହୋଇ ସାଧାରଣରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବିଡ଼ମ୍ବନାର କଥା ହେଲା କୌଣସି ରାଜନୈତିକ ଦଳ ବିଶେଷ କରି ଶାସକ ଦଳକୁ ସେମାନଙ୍କ ତ୍ରୁଟିପାଇଁ ପ୍ରଶ୍ନ କରିବାର ଅଧିକାର ଲୋକଙ୍କ ପାଖରେ ନାହିଁ। ଭୁଲକଲେ ମଧ୍ୟ ତାକୁ ଠିକ୍ ବୋଲି ପ୍ରଶଂସା କରିବାର ଅଛି। ନଚେତ୍ ସମାଲୋଚକକୁ ତ୍ରାହି ନାହିଁ। ଗତବର୍ଷ ଉତ୍ତରପ୍ରଦେଶରେ ଯଶୱନ୍ତ ସିଂ ନାମକ ଜଣେ ବ୍ୟକ୍ତି ଟୁଇଟର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସମାଲୋଚନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ରାଜ୍ୟକୁ ଜଙ୍ଗଲ ରାଜ୍ୟରେ ପରିଣତ କରି ଦେଲେଣି। ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ। ଫଳସ୍ୱରୂପ ଯଶୱନ୍ତଙ୍କ ବିରୋଧରେ ବିଭିନ୍ନ ଦଫା ଯୋଡ଼ାଯାଇ ଏବଂ ୨୦୦୮ ସୂଚନା ପ୍ରଯୁକ୍ତି ଆଇନର ଦଫା ୬୬ ଲାଗୁ କରାଯାଇ ଦଣ୍ଡିତ କରିବାର ପ୍ରୟାସ କରାଗଲା ପରେ ଯଶୱନ୍ତ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ମୁକ୍ତି ପାଇଲେ। ସେହିପରି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟା ଲଳିଥାଙ୍କୁ ୨୦୧୫ରେ ସମାଲୋଚନା କରିବା ଯୋଗୁ ଜଣେ ଲୋକକଳା ଗାୟକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଗଲା। ମହାତ୍ମା ଗାନ୍ଧୀ କହିଥିଲେ "ଜଣେ ବ୍ୟକ୍ତି କିମ୍ବା ଏକ ରାଷ୍ଟ୍ରର ନୈତିକ କଲ୍ୟାଣକୁ କ୍ଷତିଗ୍ରସ୍ତ କରୁଥିବା ଅର୍ଥନୀତି ଅନୈତିକ ଓ ପାପ ହୋଇଥାଏ। ହେଲେ ସେ ପାପ ପ୍ରତି କାହାର ଭୟ ନ ଥିଲା ପରି ମନେହୁଏ।"

ମହାନଦୀ ଦିନେ ଥିଲା ଓଡ଼ିଶାର ଜୀବନରେଖା। ଆଜି ତାହା ଛତିଶଗଡ଼ର ବିଳାସଦୀର୍ଘିକା। ଛତିଶଗଡ଼ ତା' ଇଚ୍ଛାରେ ଜଳ ରୋକିବ ଓ ମୌସୁମୀର ଜଳ ପ୍ରାବଲ୍ୟ ସମୟରେ ଛାଡ଼ି ଓଡ଼ିଶାରେ ବିଭୀଷିକା ସୃଷ୍ଟି କରିବ। ଆମ ସରକାର କିଂ କର୍ତ୍ତବ୍ୟବିମୂଢ଼। ଛତିଶଗଡ଼ କରିପାରିଲା, ଅଥଚ ଆମେ ଜଳ ସଂରକ୍ଷଣ ପାଇଁ ଗୋଟିଏ ହେଲେ ବି ପଦକ୍ଷେପ ନେଇପାରିଲୁ ନାହିଁ। ଶିକ୍ଷିତ ଗୋଷ୍ଠୀର ନୀରବତା ଶାସନ ଓ ପ୍ରଶାସନ ପ୍ରତି ଏକ ପ୍ରୋତ୍ସାହନ। ଶାସକଙ୍କ ପୂର୍ବସୂରୀମାନେ ସତରେ କେତେ ସହନଶୀଳ ଥିଲେ। ସମାଲୋଚନାକୁ ସ୍ୱାଗତକରି ତଦନୁଯାୟୀ ନିଜକୁ ସଂଶୋଧନ କରି ନେଉଥିଲେ। ନିଜ ଦାୟିତ୍ୱରେ ସାମାନ୍ୟ ତ୍ରୁଟି ପାଇଁ ଇସ୍ତଫା ଦେବାକୁ ମଧ୍ୟ ପଛାଉ ନ ଥିଲେ। କିନ୍ତୁ ଆଜି ସମୟ ବଦଳି ଯାଇଛି। ରକ୍ଷକ ଭକ୍ଷକ ସାଜିଛି। ବାଡ଼ ଯେତେବେଳେ କ୍ଷେତର ସୁରକ୍ଷା ପରିବର୍ତ୍ତେ କ୍ଷେତକୁ ବିନିଷ୍ଟ କରିବ ସେତେବେଳେ ବିଚରା କ୍ଷେତ କ'ଣ କରିପାରିବ? କପାଳରେ କରମାରିବା ସାର ହେବ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ-୯୯୩୭୪୫୦୫୪୦**

# ଆଧୁନିକ ସଂସ୍କୃତି କେତେ ଶ୍ରେୟ



ହରେକୃଷ୍ଣ ପଣ୍ଡା

ଭାରତରେ ଏବେ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ପ୍ରସାରିତ ହେବାରେ ଲାଗିଛି। କେବଳ ଲୋକମାନଙ୍କ ଜୀବନଚର୍ଯ୍ୟାରେ ନୁହେଁ; ଏପରିକି ରାଜନୀତି, ସାମାଜିକ ବ୍ୟବସ୍ଥା, କୂଟନୀତି, ଅର୍ଥନୀତି, ସାହିତ୍ୟ, ସଂସ୍କୃତି, ବିଚାର ନୀତି, ସରକାରୀ ଆଇନ କାନୁନରେ ମଧ୍ୟ ଏହି ନୀତିର ପ୍ରସାର ଘଟିଚାଲିଛି। ପାଶ୍ଚାତ୍ୟ ନୀତି ଦେଶର ସବୁ କ୍ଷେତ୍ରକୁ ଗ୍ରାସ କରିଗଲାଣି। ଏହାକୁ ନିୟନ୍ତ୍ରଣ କରା ନ ଗଲେ ଆମର ସ୍ୱତନ୍ତ୍ରତା ଓ ଅସ୍ତିତ୍ୱ ଲୋପ ପାଇବ। ୟୁରୋପୀୟ ସଭ୍ୟତାର ଅନୁକରଣ କରିବା ଦ୍ୱାରା ଆମେମାନେ ନିଜେ ଏକପ୍ରକାର ପିଙ୍ଗଳବର୍ଣ୍ଣ ଇଂରେଜ ହୋଇଯାଇଛୁ ଏବଂ ଆମ୍ଭମାନଙ୍କ ପ୍ରାଚୀନ ସଂସ୍କୃତିକୁ ଅଦରକାରୀ ଭାବି ଆବର୍ଜନା କୁଣ୍ଡକୁ ଫିଙ୍ଗି ଦେଇଛୁ। ଆମ୍ଭମାନଙ୍କର ପାଶ୍ଚାତ୍ୟ ନୀତିର ଅନୁକରଣ ମାତ୍ରାଧିକ ଭାବେ ବୃଦ୍ଧି ପାଇଛି। ଏବେ ସଭା ସମିତି, ବିବାହ ନୀତି, ସମ୍ପର୍କ, ସରକାରଙ୍କ ରାଷ୍ଟ୍ରମଙ୍ଗଳ, ଶିକ୍ଷା, ସବୁ ପାଶ୍ଚାତ୍ୟ ଢାଞ୍ଚାରେ ଚାଲିଛି। ଭାରତ ୟୁରୋପର ଉପନ୍ୟାସ, କ୍ଷୁଦ୍ରଗଳ୍ପ ଓ ସମାଲୋଚନାମୂଳକ ରଚନା ପଦ୍ଧତିକୁ ଗ୍ରହଣ କରିଛି। ରାଷ୍ଟ୍ରନୀତି କ୍ଷେତ୍ରରେ ମୁଦ୍ରାଯନ୍ତ୍ର, ବକ୍ତୃତା ମଞ୍ଚ, ରାଜନୈତିକ ଆନ୍ଦୋଳନର ଧାରା ଓ ଆଚରଣ, ଜନସାଧାରଣଙ୍କ ସଂଘ ଆଦି ପାଶ୍ଚାତ୍ୟ ଦେଶରୁ ଆସି ଭାରତରେ ପ୍ରଚଳିତ ହେଉଛି। ଏ ସକଳ ବିଷୟକୁ ବର୍ଜନ କରିବା ସମ୍ଭବ ନୁହେଁ। କେହି ମଧ୍ୟ ଏଗୁଡ଼ିକୁ ବର୍ଜନ କରିବାକୁ ମତ ପୋଷଣ କରିବେ ନାହିଁ। ତେବେ ଏସବୁ ବିଷୟରେ ଯେ କିଛି ଅମଙ୍ଗଳକାରୀ ପ୍ରଭାବ ନ ପଡ଼ିଛି, ତାହା ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହି ବିଷୟଗୁଡ଼ିକୁ ଆମମାନଙ୍କର ନିଜସ୍ୱ ପ୍ରକୃତିର ରୂପାଦର୍ଶରେ ପରିବର୍ତ୍ତିତ କରିପାରିଛୁ କି? ଆମେ ଆମ ସଂସ୍କୃତିର ବହୁଳ କାର୍ଯ୍ୟକାରିତା କରିପାରୁ ନାହୁଁ। ତେବେ ଯାହା କିଛି ଆମର ଶକ୍ତି,ଐଶ୍ୱର୍ଯ୍ୟ, ଆତ୍ମିକ ବିକାଶକୁ କ୍ଷୁଣ୍ଣ କରେ, ତାହା ହିଁ ଅପସଂସ୍କୃତି ବୋଲି କୁହାଯାଏ। ଆମକୁ ଦେଖିବାକୁ ହେବ ଯେ ସାମାଜିକ ଓ ରାଷ୍ଟ୍ରୀୟ ସ୍ୱାଧୀନତା, ସାମ୍ୟ, ପ୍ରଜାତନ୍ତ୍ର ଶାସନ, ପ୍ରକୃତ ମୂଳ ଉନ୍ନତ ଭାବଧାରା ବାହ୍ୟ ଜୀବନ କ୍ଷେତ୍ରରେ ଯଥାର୍ଥ ରୂପେ କାର୍ଯ୍ୟକାରୀ ହେଉଛି କି ନାହିଁ।

ସଂସ୍କୃତି କହିଲେ ଆମେ ବୁଝୁ ସାମାଜିକ ମାନଦଣ୍ଡ, ନୈତିକ ମୂଲ୍ୟବୋଧ, ପାରମ୍ପରିକ ରୀତି, ନୀତି, ବିଶ୍ୱାସ, ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା, କଳାକୃତି ଏବଂ ପ୍ରଯୁକ୍ତି ବିଦ୍ୟାକୁ। ଆମ ଦେଶର ସଂସ୍କୃତିର ଅନେକ ଉପାଦାନ ଯଥା- ଧର୍ମ, ଗଣିତ, ଦର୍ଶନ, ରୋଷେଇ, ବିବାହ, ଭାଷା, ନୃତ୍ୟ ଓ ସଙ୍ଗୀତ, ଚଳଚ୍ଚିତ୍ର, ଯାତ୍ରା, ଥିଏଟର ଯାହା ବିଶ୍ୱରେ ଗଭୀର ପ୍ରଭାବ ସୃଷ୍ଟି କରିପାରିଥିଲା। ଏବେ ଦେଖାଯାଉଛି ସଂସ୍କୃତି ବିହୀନ ଶାସନ, ରାଜନୀତି, ବିଚାର, ଶିକ୍ଷା, ଜୀବନଚର୍ଯ୍ୟା, ସବୁଠି ସଂସ୍କୃତିର ଅବକ୍ଷୟ। ସବୁଠି ହତାଶା, ନିରାଶା ଓ ଅସହାୟତା। ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଭାବାପନ୍ନ ପାଠ୍ୟକ୍ରମ ନାହିଁ। ଆମ ଦେଶର ଗୁରୁ-ଶିଷ୍ୟ ପରମ୍ପରା, ପୂଜ୍ୟପୂଜା ତଥା ଚିକିତ୍ସା ପଦ୍ଧତି, ଜ୍ୟୋତିର୍ବିଜ୍ଞାନ, ଗଣନା ପଦ୍ଧତି, ବୈବାହିକ ପରମ୍ପରା ସାରା ପୃଥିବୀରେ ଅଦ୍ୱିତୀୟ। ଏସବୁ ଆମ ପାଖରେ ଥାଇ ମଧ୍ୟ ଆମେ ଅନ୍ୟ ଦେଶକୁ ଅନୁକରଣ କରିଚାଲିଛେ। ଏହାଠାରୁ ବଳି ଦୁର୍ଭାଗ୍ୟ ଆଉ କିଛି ନାହିଁ।



ଏଠାରେ ପ୍ରଶ୍ନ ଉଠେ, ଭାରତୀୟ ପ୍ରାଚୀନ ସଂସ୍କୃତିର ପୃଷ୍ଠଭୂମି କ'ଣ? ଭାରତୀୟ ପ୍ରାଚୀନ ସଂସ୍କୃତି କହିଲେ ଆମ୍ଭେ ବୁଝିବାକୁ ହେବ ବୈଦିକ ଯୁଗର ରୀତି, ନୀତି। ବେଦରେ ସମସ୍ତ ବିଦ୍ୟା ଓ ଜ୍ଞାନର ମୂଳସୂତ୍ର ବୀଜ ରୂପରେ ରହିଛି। ଏହା ହେଉଛି ଭାରତୀୟ ମୂଳ ସମ୍ପତ୍ତି। ବେଦରେ ଯେପରି ଧର୍ମ, ଆଚାର, ଶିକ୍ଷା, ଅର୍ଥଶାସ୍ତ୍ର, ଆୟୁର୍ବେଦ ଆଦିର ପର୍ଯ୍ୟାପ୍ତ ସାମଗ୍ରୀ ଅଛି। ସେହିଭଳି ଜ୍ଞାନର ବିଭିନ୍ନ ଅଙ୍ଗ ସମ୍ବନ୍ଧୀୟ ସାମଗ୍ରୀ ମଧ୍ୟ ପ୍ରଚୁର ପରିମାଣରେ ଅଛି। ଏହାକୁ କୁହାଯାଏ, ସୃଷ୍ଟିର ସମ୍ବିଧାନ। ବେଦର ଜ୍ଞାନ ଆହରଣ କଲେ ଜୀବନ ଶ୍ରେୟ ଓ ପ୍ରେୟ ମାର୍ଗରେ ସୂଚାରୁ ରୂପରେ ପରିଚାଳିତ ହୁଏ। ବେଦ ପ୍ରତିପାଦିତ ଶୈଳୀ ହିଁ ନୈତିକତାର ସର୍ବୋଚ୍ଚ ଆଦର୍ଶ। ମହର୍ଷି ମନୁ ଯାଜ୍ଞବଳ୍କ, ପରାଶର ଆଦି ସ୍ମୃତିକାରମାନେ ଶ୍ରୁତିବାକ୍ୟ ଅନୁସରଣ କରି ପୁନଃ ଆମକୁ ସ୍ମରଣ କରାଇ ମାର୍ଗ ନିର୍ଦ୍ଦେଶ କରାଇଛନ୍ତି। ବେଦ କେବଳ ପ୍ରାଚୀନତମ ଗ୍ରନ୍ଥ ନୁହେଁ। ସମସ୍ତ ସତ୍ ବିଦ୍ୟାର, ସତ୍ ସଂସ୍କୃତିର ଆଦି ସ୍ରୋତ। ମଣିଷ ତଥା ଦେଶ ନିର୍ମାଣ କରିବାର ସଂକଳ୍ପକୁ ବ୍ୟାବହାରିକ ରୂପରେ ପ୍ରତିପାଦନ କରିବାରେ ବୈଦିକ ସାହିତ୍ୟ ସଂସ୍ଥାନ ଯେପରି ମହତ୍ତ୍ୱପୂର୍ଣ୍ଣ ବିଶ୍ୱର କୌଣସି ସାହିତ୍ୟ ସେପରି ମହତ୍ତ୍ୱପୂର୍ଣ୍ଣ ନୁହେଁ। ଜୀବନର ଉଦାର ମାନବିକ ମୂଲ୍ୟବୋଧର ଅଭିବ୍ୟକ୍ତି ବୈଦିକ ସାହିତ୍ୟରେ ଦୃଷ୍ଟିଗୋଚର ହୁଏ। ଏଥିରେ ବର୍ଣ୍ଣିତ ପ୍ରାର୍ଥନାରେ ରହିଛି- ହେ ସର୍ବଜ୍ଞ ସକଳ ସୁଖଦାତା, ଆମ୍ଭମାନଙ୍କ ଜୀବନଯାତ୍ରା ପାଇଁ ଉନ୍ନତ ପଥ ପ୍ରସାରିତ ହେଉ। କୁଟିଳ ପାପକର୍ମରୁ ବିରତ ହେବା ପାଇଁ ଜ୍ଞାନ ପ୍ରଦାନ କରନ୍ତୁ। ବୈଦିକ ଜୀବନ ପଦ୍ଧତିରେ ଉପାସନା ଏବଂ ଯଜ୍ଞକୁ ଜୀବନର ବିଭିନ୍ନ ଅଙ୍ଗ ରୂପେ ବର୍ଣ୍ଣନା କରାଯାଇଛି। ବେଦ ହେଉଛି ସଂସ୍କୃତିର ଜନକ। ଋଷିଗଣ ବେଦାଧ୍ୟୟନକାରୀଙ୍କୁ ଦୁଇଟି ତତ୍ତ୍ୱ ଅନିବାର୍ଯ୍ୟ ଦର୍ଶାଇଥିଲେ। ଶ୍ରଦ୍ଧା, ସାଧନା, ଆଗ୍ରହ ଓ ଆନ୍ତରିକତାର ସହ ଅଭ୍ୟାସ କଲେ ସବୁ ସହଜସାଧ୍ୟ ବୋଧ ହେବ। ଆଜିର ସମାଜରେ ପ୍ରାୟ ଅଧିକାଂଶ ଲୋକେ ରୋଗ ବ୍ୟାଧି, ଦୁଃଖ, କଷ୍ଟ, କ୍ଲେଶ, ଅଭାବ, ଅଶାନ୍ତି, ଅସନ୍ତୋଷରେ କାଳାତିପାତ କରୁଛନ୍ତି। ସତ୍ୟ, ନ୍ୟାୟ, ଦୟା, କ୍ଷମା, ଶ୍ରଦ୍ଧା, ପ୍ରେମ, ଭକ୍ତି, ମାୟା, ମମତା, ଉଦାରତା, ସହୃଦୟତା, ସହିଷ୍ଣୁତା ସମାଜରୁ କ୍ରମଶଃ ଅନ୍ତର୍ହିତ ହେବାରେ ଲାଗିଛି। ମାନବିକ ମୂଲ୍ୟବୋଧ ଆଜି ଅବକ୍ଷୟ ମାର୍ଗରେ ଗତି କରୁଛି। ଭୌତିକ ଦୃଷ୍ଟିରୁ ସମାଜ ବାହାରକୁ ସମୃଦ୍ଧ ପ୍ରତୀୟମାନ ହେଉଥିଲେ ହେଁ ଏହା ଅନ୍ତଃସାରଶୂନ୍ୟ ହୋଇ ପଡିଛି। ଯେକୌଣସି ଉପାୟରେ ଅର୍ଥ ଉପାର୍ଜନ କର ଓ ଭୋଗ କର। ଏହାହିଁ ମଣିଷର ଏକମାତ୍ର ଲକ୍ଷ୍ୟ। ଆଜିର ଭୋଗସର୍ବସ୍ୱ ସଭ୍ୟତା ଗଢ଼ି ଉଠିବା ଫଳରେ ସମାଜରେ ଜୀବନର ଲକ୍ଷ୍ୟ ବଦଳିଯାଇଛି। ସେଠାରେ ସତ୍ୟ, ନ୍ୟାୟ, ଆଦର୍ଶ, ନୀତି, ସଂଯମତା ଆଦିର ପ୍ରଶ୍ନ ଅବାନ୍ତର ହୋଇ ପଡ଼ିଛି। ପାଶ୍ଚାତ୍ୟର ଧନୀ ଓ ଶକ୍ତିଶାଳୀ ଦେଶଗୁଡ଼ିକୁ ଅନ୍ଧ ଭାବରେ ଅନୁସରଣ କରି ଚାଲିବାର ବିପଦ ମଧ୍ୟ କ୍ରମଶଃ ଘନୀଭୂତ ହୋଇ ଉଠୁଛି। ଆମେ ଆମର ସ୍ୱତନ୍ତ୍ରତାକୁ ହରାଇବାକୁ କେବେ ଚାହିଁବୁ ନାହିଁ। ସେଥିପାଇଁ ଆଜି ସାରା ଦେଶରେ ସେହି ଗୋଟିଏ ଚର୍ଚ୍ଚା, ଭାରତୀୟ ସଂସ୍କୃତି ସୁରକ୍ଷିତ ହୋଇ ରହିବ ନା ଆମେ ସମସ୍ତେ ଅଶାନ୍ତି ଓ ଅମାନବୀୟ ସ୍ତରକୁ ଚାଲିଯିବା?

**ସମ୍ପାଦକ, ଅଖିଳଚନ୍ଦ୍ର, ଓଡ଼ିଶା**
**ମୋ: ୯୪୩୭୩୧୫୬୨୩**

## ଏଇ ଭାରତରେ

ବୟସ ୨୧। କିନ୍ତୁ ୭ ରାଜ୍ୟରେ ଗରିବ ଓ ଅସହାୟମାନଙ୍କ ପାଇଁ କାମ କରି ସେମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଯଥାସମ୍ଭବ ଚେଷ୍ଟା କରୁଛନ୍ତି ଉତ୍ତରପ୍ରଦେଶର ଇଶାନ ଚୱାଲା। ଫିଟି ଫାଉଣ୍ଡେଶନ ନାମକ ଏକ ସଂସ୍ଥା ଗଠନ କରି ସେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ଇଶାନଙ୍କ ସହ ସହପ୍ରତିଷ୍ଠାତା ଭାବେ ରହିଛନ୍ତି ତାଙ୍କ ସାଥୀ ଅନ୍‌ମୋଲ ଡିଗରା। ମିରଟରେ ରହି ସେମାନେ ସବୁ ରାଜ୍ୟରେ ଏହି ସେବା ଜାରି ରଖିଛନ୍ତି। ୨୦୧୯ରେ ଫିଟି ଫାଉଣ୍ଡେଶନ ଗଠନ କରାଯାଇଥିଲା। ସେବେଠାରୁ ଏହି ସଂସ୍ଥା ୭ ରାଜ୍ୟକୁ ସମ୍ପ୍ରସାରିତ ହୋଇଛି ଓ ଏଥିରେ ୭୦୦ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଛନ୍ତି। ଗରିବମାନଙ୍କୁ ଖାଦ୍ୟ ବାଣ୍ଟିବା ସହ ବସ୍ତିପିଲାଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି ଇଶାନ। ଏଥିରେ ପୋଷାକ ମଧ୍ୟ ବଣ୍ଟନ କରାଯାଉଛି। ସେବା କାର୍ଯ୍ୟ ଆରମ୍ଭ ଦିନ ଇଶାନ ଓ ତାଙ୍କ ସାଥୀମାନେ 'ସ୍ୱିଗି'ର ବଳକା ଖାଦ୍ୟକୁ ନେଇ ୪୦ ଟଙ୍କା ଖର୍ଚ୍ଚକରି ୪୦ ଗରିବଙ୍କ ପେଟ ଭରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରିନାହାନ୍ତି। କରୋନା ସମୟରେ ସବୁ ରେସ୍ତୋରାଁ ବନ୍ଦ ଥିବାବେଳେ ତାଙ୍କ ଟିମ୍ ଘରେ ରୋଷେଇ କରି ଗରିବଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଥିଲେ। ଇଶାନ ବିଭିନ୍ନ ମାଧ୍ୟମରୁ ପାଣ୍ଠି ଯୋଗାଡ଼ କରି ଏଥିରେ ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅଗଷ୍ଟ ୧୯୯୭

- ଅପରାଧରେ ଜଡ଼ିତ ଅଥବା ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅନୁମତି ଦିଆ ନ ଯିବା ନେଇ ନିର୍ବାଚନ କମିଶନଙ୍କ ଘୋଷଣା।
- ଦେଶର ମର୍ଯ୍ୟାଦାଜନକ ଅର୍ଜୁନ ପୁରସ୍କାର ତାଲିକାରେ ରେସ୍‌ଲିଂକୁ ଅନ୍ତର୍ଭୁକ୍ତ କରା ନ ଯିବା ପ୍ରତିବାଦରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଗୁରୁ ହନୁମାନଙ୍କ ରାଜଘାଟ ସମ୍ମୁଖରେ ଆମରଣ ଅନଶନ।
- ଓଡ଼ିଶାର ସ୍ୱନାମଧନ୍ୟ ଶଲ୍ୟ ଚିକିତ୍ସକ ଡାକ୍ତର ଗିରିଜା ଶଙ୍କର ଦାସ ମହାପାତ୍ରଙ୍କ ୮୦ ବର୍ଷ ବୟସରେ ପରଲୋକ।

## ସୁଡୋକୁ

sudoku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | | 5 | | | 1 | |
| 3 | 7 | | | | | 5 | 6 | |
| | | | | | | 8 | | |
| | | | 6 | 8 | | | | 9 |
| | 4 | | 9 | | | | | 6 |
| | | 6 | 3 | | 4 | | | 5 |
| | | 2 | | | 9 | | | |
| | 8 | | 4 | | | | | |
| 5 | | | | 6 | | | 4 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 1 | 7 | 2 | 3 | 6 | 9 | 8 |
| 9 | 7 | 2 | 4 | 8 | 6 | 3 | 5 | 1 |
| 3 | 8 | 6 | 5 | 1 | 9 | 7 | 4 | 2 |
| 7 | 4 | 8 | 9 | 3 | 5 | 2 | 1 | 6 |
| 2 | 9 | 3 | 8 | 6 | 1 | 5 | 7 | 4 |
| 1 | 6 | 5 | 2 | 4 | 7 | 8 | 3 | 9 |
| 6 | 1 | 9 | 3 | 7 | 2 | 4 | 8 | 5 |
| 8 | 2 | 7 | 1 | 5 | 4 | 9 | 6 | 3 |
| 5 | 3 | 4 | 6 | 9 | 8 | 1 | 2 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଫସଲ ବୀମା ଏକମାତ୍ର ବିକଳ୍ପ

ମହାଶୟ,

୨୦୨୧ ଖରିଫ ଚାଷରେ କ୍ଷତି ସହିଥିବା ଚାଷୀଙ୍କ ନିକଟରେ ଅର୍ଥ ଅଭାବ ଅଛି। ବିଶେଷଭାବେ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ସମେତ ଅନ୍ୟ ଜିଲାଗୁଡ଼ିକରେ ଚାଷୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ଏଥିଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଚାଷ ପାଇଁ ଏହି ସମୟ ଉପଯୁକ୍ତ ହୋଇଥିବାବେଳେ କୃଷକଙ୍କ ନିକଟରେ ଅର୍ଥାଭାବ ବାଧକ ସାଜିଛି। ୨୦୨୧ ଖରିଫ ଫସଲ ବୀମା ଆର୍ଥିକ ସହାୟତା ବର୍ତ୍ତମାନ ତାଙ୍କ ପାଇଁ ଏକମାତ୍ର ଭରସା। ତେଣୁ ଚାଷୀକୁଳର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ୨୦୨୧ ମସିହା (ଖରିଫ) ପ୍ରଧାନମନ୍ତ୍ରୀ ଫସଲ ବୀମା ଆର୍ଥିକ ସହାୟତା ପ୍ରଦାନ କରାଯିବା ଆବଶ୍ୟକ। ବନ୍ୟା, ମରୁଡ଼ି, ବାତ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଚାଷୀଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ମିଳିଥାଏ। ଦେଶରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା ୫ଟି ରାଷ୍ଟ୍ରୀୟ ସାଧାରଣ ବୀମା କମ୍ପାନୀ କାମ କରୁଛି। ସେହିପରି ରାଜ୍ୟ ତଥା କେନ୍ଦ୍ର ଶାସିତ ସରକାର ପ୍ରତିବର୍ଷ ବିଡିଂ ମାଧ୍ୟମରେ ୧୮ ସାଧାରଣ ବୀମା କମ୍ପାନୀକୁ ୩ବର୍ଷ ପାଇଁ ସାମିଲ କରିଥାନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ବୀମା କମ୍ପାନୀଗୁଡ଼ିକ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ଚାଷୀମାନେ ଫସଲ ବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ରହୁଛନ୍ତି। ତେଣୁ ରାଜ୍ୟରେ ଯେଉଁ ଜିଲାର ଚାଷୀମାନେ ଫସଲ ବୀମା ସହାୟତା ଅର୍ଥ ପାଇବାରୁ ବର୍ତ୍ତମାନ ସୁଦ୍ଧା ବଞ୍ଚିତ ଅଛନ୍ତି, ସେମାନଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବା ପାଇଁ କମିଶନର ବିହିତ ପଦକ୍ଷେପ ନିଅନ୍ତୁ।

**-ବାଦଲ ଭୂୟାଁ, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ଜାମସେଦପୁର**

## ଚିରନ୍ତନୀ

ରସହୀନ ମମ ଅନ୍ତରମୟ ପୀଡ଼ିତ ତୃଷିତ ଚିର
ଜୀବନ-ମରୁରେ ନୟନେ ନ ଜାଗେ ନୀର!
ତିକ୍ତ ହିୟା ମୋ କଳୁଷ ବିଷରେ
ଝରିପଡୁ ଧୀରେ ସକଳ ଦିଶରେ
ଅମୃତ ତବ ବହି ଆଣୁ ନବ
ସାନ୍ତ୍ୱନା ହୃଦଗତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।

-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

#### ଅନ୍ୟାନ୍ୟ ନୀତି ଦେଢ଼ଘଣ୍ଟା ବିଳମ୍ବ

**ପୁରୀ ଅଫିସ, ୨୮।୮:** ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସକାଳେ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ସରି ମଇଲମ ନୀତି ହେଉଥିଲା। ଏହି ସମୟରେ ଜୟବିଜୟ ଦ୍ୱାର ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ନୀତିକୁ ସେଠାରେ ବନ୍ଦ ରଖାଯାଇଥିଲା। ଏଥିସହ ଭକ୍ତଙ୍କ ଦର୍ଶନ ଓ ଶ୍ରୀମନ୍ଦିର ମୁଖ୍ୟଦ୍ୱାର କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ରତ୍ନସିଂହାସନ, ଭିତରକାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ଏଥିଯୋଗୁ ଅନ୍ୟାନ୍ୟ ନୀତିକାନ୍ତି ପ୍ରାୟ ୧ ଘଣ୍ଟା ୩୦ ମିନିଟ୍ ବିଳମ୍ବ ଘଟିଥିଲା। ବଡ଼ ମହାସ୍ନାନ ପରେ ପୁଣି ସର୍ବସାଧାରଣ ଦର୍ଶନ ସହ ପରବର୍ତ୍ତୀ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ବଡ଼ଦେଉଳର ଭିତରକାଠ ପାଖରେ ବାନ୍ତି ପଡ଼ିଥିବାରୁ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା।

### ଆଳି ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ



- ଘରୁ ଉଠାଇ ଆଣି ନିସ୍ତୁକ ପିଟିଲା ପୋଲିସ
- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

**ଆଳି,୨୮।୮(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କଳଦିଆ ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ତାଙ୍କ ଘରୁ ଉଠାଇ ଆଣି ଥାନାରେ ନିସ୍ତୁକ ପିଟିଛି। ପୋଲିସର ଏପରି ଥାର୍ଡଡିଗ୍ରୀକୁ ନେଇ ଯୁବକଙ୍କ ସ୍ତ୍ରୀ ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ମୁତାବକ, କଳଦିଆ ଗ୍ରାମର ରବୀନ୍ଦ୍ର ଦାସ ଓ ତାଙ୍କ ସ୍ତ୍ରୀ ସୁନିତା ଦାସଙ୍କ ମଧ୍ୟରେ ଗତ ଶନିବାର ରାତିରେ ସାମାନ୍ୟ ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା। ସୁନିତା ଏ ନେଇ ଥାନା ଅଧିକାରୀଙ୍କୁ ଟେଲିଫୋନରେ ସୂଚନା ଦେଇଥିଲେ। ଏହାର କିଛି ସମୟ ପରେ ଥାନା ଏସ୍ଆଇ ପ୍ରଦୋଷ ପଟ୍ଟନାୟକଙ୍କ ସମେତ ଅନ୍ୟ ୬ ପୋଲିସ ରାତି ପ୍ରାୟ ୧୧ଟାରେ ଘରେ ପଶି ରବୀନ୍ଦ୍ରଙ୍କୁ ଥାନାକୁ ନେଇଥିଲେ। ରବୀନ୍ଦ୍ରଙ୍କ ସ୍ତ୍ରୀ ଓ ପରିବାର ଲୋକ ଥାନାକୁ ଆସିବା ପରେ ଥାନା ଅଧିକାରୀ ସେମାନଙ୍କୁ ଘରକୁ ଫେରାଇ ଦେଇଥିଲେ। ରବିବାର ସକାଳେ ପୁଣିଥରେ ପରିବାର ଲୋକେ ଥାନାକୁ ଆସିଥିଲେ। ସେତେବେଳେ ରବୀନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଥାନା ଆଇଆଇସିଙ୍କ ସମେତ ଅନ୍ୟ ପୋଲିସ ରାତିସାରା ପିଟିଥିବା ରବୀନ୍ଦ୍ର କହିଥିଲେ। ଏକଥା ଶୁଣିବା ପରେ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରବୀନ୍ଦ୍ରଙ୍କ ସ୍ତ୍ରୀ ସୁନିତାଙ୍କ କହିବା ମୁତାବକ ସାମାନ୍ୟ କଥାକୁ ନେଇ ମୁଁ ଥାନାକୁ ଜଣାଇଥିଲି। କିନ୍ତୁ ପୋଲିସ ବିନା ଏତଲାରେ ନିଷ୍ଠୁର ଭାବେ ମୋ ସ୍ୱାମୀଙ୍କୁ ପିଟିଛି। ରବୀନ୍ଦ୍ରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ଅନ୍ୟତ୍ର ନେଇ ସ୍କାନିଂ କରିବାକୁ ଡାକ୍ତର କହିଛନ୍ତି। ଏ ନେଇ ଥାନା ଅଧିକାରୀ ଦିଲ୍ଲୀପ ସାହୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

# ୮ଲେନ୍ ହେବ ଚଣ୍ଡିଖୋଲ-ପାରାଦୀପ ଏନ୍ଏଚ୍

**ଚଣ୍ଡିଖୋଲ,୨୮।୮(ଡି.ଏନ.ଏ.)**


ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ

ଓଡ଼ିଶାର ପ୍ରଥମ ଏକ୍ସପ୍ରେସ୍ ହାଇୱେ ଚଣ୍ଡିଖୋଲ-ପାରାଦୀପ ଏବେ ୮ଲେନ୍ ବିଶିଷ୍ଟ ହେବାକୁ ଯାଉଛି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ୭୭ କି.ମି. ଲମ୍ବ ଏହି ଜାତୀୟ ରାଜପଥ(ଏନ୍ଏଚ୍) ପ୍ରଶସ୍ତୀକରଣ କାର୍ଯ୍ୟରେ ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)ପକ୍ଷରୁ ସୂଚନା ମିଳିଛି। ଏହିକ୍ରମରେ ଏନ୍ଏଚ୍ କଡ଼ ଅର୍ଥାତ୍ ୫୦ ମିଟର ଦୂରତା ଅଞ୍ଚଳକୁ ଅବରୋଧ କରି ଦୋକାନ କରିଥିବା ବ୍ୟବସାୟୀଙ୍କୁ ୮ଦିନ ମଧ୍ୟରେ ହଟିଯିବାକୁ ଏନ୍ଏଚ୍ଏଆଇ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହିତ ମାଇକ୍ ଯୋଗେ ପ୍ରଚାର କରି ଅବରୋଧକାରୀଙ୍କୁ ସୂଚିତ କରାଯାଇଛି। ଅନ୍ୟପକ୍ଷରେ ଏହି ରାଜପଥ ଓଡ଼ିଶାର ପ୍ରଥମ ୮ଲେନ୍ ରାସ୍ତା ହେବ ବୋଲି ଜଣାଯାଇଛି।

ପାରାଦୀପ ବନ୍ଦରକୁ ବିଶ୍ୱସ୍ତରୀୟ କରିବା ପାଇଁ ତଥା ବିଦେଶକୁ ରପ୍ତାନି ବୃଦ୍ଧି ଲକ୍ଷ୍ୟରେ ଏହାକୁ ୮ଲେନ୍‌ରେ ପରିଣତ କରିବା ଲାଗି ଦୀର୍ଘଦିନ ହେବ ଯୋଜନା କରାଯାଇଛି। ଏହି ରାଜପଥ ୬ଲେନ୍ କରିବା ପାଇଁ ସର୍ଭେ ଆରମ୍ଭ ହୋଇଥିବାବେଳେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୮ଲେନ୍ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଥମେ ୧୨୦୦ କୋଟି ବ୍ୟୟ ବରାଦ କରାଯାଇଥିବାବେଳେ ପରେ ଏହାକୁ ୨ ହଜାର କୋଟି ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଛି। ଏହି ଜାତୀୟ ରାଜପଥ ପ୍ରଥମେ ୧୯୬୨ରେ ନିର୍ମାଣ ହୋଇଥିଲା, ଯାହା ୧୯୬୮ରେ ଶେଷ ହୋଇଥିଲା। ସେତେବେଳେ ଏହାକୁ ଏକ୍ସପ୍ରେସ୍ ହାଇୱେ ମାନ୍ୟତା ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଚଣ୍ଡିଖୋଲ-ପାରାଦୀପ ଏନ୍ଏଚ୍‌କୁ ୫ନଂ.(କ)ରେ ନାମିତ କରାଗଲା। ପୁନର୍ବାର ଏହାକୁ ୫୩ନଂ. ଏନ୍ଏଚ୍ ଭାବେ ପରିବର୍ତ୍ତନ କରାଯାଇଥିଲା। ଏହି ରାସ୍ତାରେ ସାଧାରଣତଃ ଖଣି ଅଞ୍ଚଳରୁ

### ଓଡ଼ିଶାରେ ପ୍ରଥମ

- ଖର୍ଚ୍ଚ ହେବ ୨ ହଜାର କୋଟି
- ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ ଓ କୋଇଲା ପରିବହନ ହୋଇଥାଏ। କେନ୍ଦୁଝର, ସୁନ୍ଦରଗଡ଼ ଓ ଯାଜପୁର ଜିଲାରୁ ଖଣିଜ ପଦାର୍ଥ ନେଇ ଭାରିଯାନ ପାରାଦୀପ ବନ୍ଦରକୁ ଯାଇଥାଏ।

ଏନ୍ଏଚ୍ଏଆଇର ଆକଳନ ଅନୁସାରେ ଦୈନିକ ୧୦ ହଜାର ଟ୍ରକ୍ ଏହି ଏନ୍ଏଚ୍‌ରେ ଯାତାୟାତ କରୁଛି। ଏହାସହ ଛୋଟବଡ଼ ୨ ହଜାର ପାସେଞ୍ଜର ଗାଡ଼ି ଦୈନିକ ଚଳପ୍ରଚଳ କରୁଛି। ଏହି ରାସ୍ତା ୫ଟି ବଡ଼ ନଦୀ ତଥା ମହାନଦୀ, ଲୁଣା, ଗୋବରୀ, ବିରୂପା ଓ ଗେଙ୍ଗୁଟି ଉପରେ ଯାଇଛି। ଏହାକୁ ୮ ଲେନ୍ କରାଯିବାବେଳ ୬୦ରୁ ଊର୍ଦ୍ଧ୍ୱ ଛୋଟ ପୋଲ ନିର୍ମାଣ କରାଯିବ। ସେହିପରି ଚଣ୍ଡିଖୋଲ ନିକଟସ୍ଥ ଶ୍ରୀରାମପୁରଠାରେ ଥିବା ଟୋଲ ଗେଟ୍ ମାର୍ଶାଘାଇର ମଶାଖଣି ନିକଟକୁ ଉଠିଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଏନ୍ଏଚ୍ଏଆଇ ଜେନେରାଲ୍ ମ୍ୟାନେଜର ରାମଚନ୍ଦ୍ର ପଣ୍ଡା କହିଛନ୍ତି, ରାସ୍ତା ୮ଲେନ୍ ହେବା ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇ ଟେଣ୍ଡରକୁ ଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ। ସେଥିପାଇଁ ଏନ୍ଏଚ୍ଏଆଇ ପକ୍ଷରୁ ପ୍ରଥମେ ଅବରୋଧ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି।

# ଏଏସ୍ଓ ପରୀକ୍ଷା ଖରାପ ହେବାରୁ ଜୀବନ ହାରିଲେ ଛାତ୍ର

**ଅନୁଗୋଳ ଅଫିସ, ୨୮।୮**

### ଆତ୍ମହତ୍ୟା ପୂର୍ବରୁ କାଟିଥିଲେ ହାତ

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍ଓ) ପରୀକ୍ଷା ଖରାପ ହେବାରୁ ମାନସିକ ଭାରସାମ୍ୟ ହରାଇ ଜଣେ ଛାତ୍ର ଭଡ଼ାଘରେ ରଶି ଲଗାଇ ଜୀବନ ହାରିଛନ୍ତି। ଅନୁଗୋଳ ଥାନା ଅନ୍ତର୍ଗତ ସୁସୁଡ଼ାରେ ରବିବାର ଅପରାହ୍ନରେ ଘଟିଥିବା ଏଭଳି ଏକ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ବଇଣ୍ଡା ଥାନା ଗରୁଡ଼ ଗ୍ରାମର ସନତ କୁମାର ପ୍ରଧାନଙ୍କ ପୁଅ ଅସିତ (୨୪)।

ଅସିତ୍ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ସ୍ନାତକୋତ୍ତର ବିଭାଗ ଛାତ୍ର। ବଅଁରପାଳ ବ୍ଲକ ବଉଳିଗଡ଼ ଗ୍ରାମର ସତ୍ୟବାନ ଗଡ଼ନାୟକ ଏବଂ ସେ ୭ ମାସ ହେଲା ଅନୁଗୋଳରେ ଭଡ଼ାରେ ରହୁଥିଲେ। ଶନିବାର ଅସିତ୍ ଏଏସ୍ଓ ପରୀକ୍ଷା ଦେଇଥିବାବେଳେ ସେତେଟା ଭଲ କରି ନ ଥିଲେ। ତେଣୁ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଏ ସଂକ୍ରାନ୍ତରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ଯାଇଥିବା ବନ୍ଧୁ ସତ୍ୟବାନଙ୍କୁ ମଧ୍ୟ କହିଥିଲେ। ରବିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସତ୍ୟବାନ ସମ୍ବଲପୁରରୁ ଫେରି ଅସିତ୍‌ଙ୍କୁ ଝୁଲନ୍ତା ଅବସ୍ଥାରେ ଠାବ କରିଥିଲେ। ଏ ସଂକ୍ରାନ୍ତରେ ସେ ୧୧୨କୁ ଫୋନ୍ କରି ପୋଲିସକୁ ଅବଗତ କରାଇବା ସହ ମୃତ ଛାତ୍ରଙ୍କ ପରିବାର ଓ ଘର ମାଲିକଙ୍କୁ ସୂଚନା ଦେଇଥିଲେ। ଅନୁଗୋଳ ପୋଲିସ ପହଞ୍ଚି ଅସିତ୍‌ଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ଛାତ୍ରଙ୍କ ହାତରେ ଏକ କଟା ଦାଗ ଥିବାବେଳେ ଏହାକୁ ସେ ବ୍ୟାଣ୍ଡେଜ୍ କରିଥିନ୍ତି। ତେଣୁ ସେ ପ୍ରଥମେ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହେବା ପରେ ରଶି ଲଗାଇ ଝୁଲି ପଡ଼ିଥିବା ଅନୁମାନ କରାଯାଉଛି। ଅସିତ୍‌ଙ୍କ ବାପା ସନତ ଅନୁଗୋଳରେ ପହଞ୍ଚିଛନ୍ତି। ତେବେ ପୁଅଙ୍କ ଏଭଳି ମୃତ୍ୟୁରେ ସେ ମ୍ରିୟମାଣ ହୋଇପଡ଼ିଛନ୍ତି। ଏସ୍ଆଇ ଅବଦୁଲ ୱାସିମ୍ ଖାନ୍, ଶୁଭଲକ୍ଷ୍ମୀ ସିଂ, ଜୋଶେଫ ପଟ୍ଟନାୟକ ପ୍ରମୁଖ ସନ୍ଧ୍ୟା ୭ଟାରେ ମୃତଦେହ ବ୍ୟବଚ୍ଛେଦ ଲାଗି ମେଡିକାଲକୁ ନେଇଥିଲେ।


ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବରଗଡ଼ ଜିଲା ଅତାବିରା ମାରଓ୍ୱାଡି ଯୁବାମଞ୍ଚ ତରଫରୁ ରବିବାର ଅନୁଷ୍ଠିତ ସାଇକେଲ ରାଲିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

# ବଜ୍ରପାତ ସୂଚନା ଦେବାକୁ 'ଦାମିନୀ' ଆପ୍‌ର ବିକାଶ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

ମୟୂରଭଞ୍ଜ ଓ ଝାରସୁଗୁଡ଼ା ଜିଲାରେ ବଜ୍ରପାତ ୫ ଜଣଙ୍କ ଜୀବନ ନେଇଥିବା ବେଳେ ଶନିବାର ଉଦଳାରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ବଜ୍ରପାତ ସୂଚନା ଦେବାକୁ 'ଦାମିନୀ' ଆପ୍‌ର ବିକାଶ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ, ଓସ୍‌ତମା ଓ କର୍ପସ ନାମକ ସଂସ୍ଥା ସହାୟତାରେ ଏହା ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ପାଣିପାଗ ବିଭାଗର ତଥ୍ୟ ଅନୁସାରେ ବଜ୍ରପାତ ମୃତ୍ୟୁରେ ଓଡ଼ିଶା ଦେଶରେ ଏକ ନମ୍ବର। ୨୦୨୧ରେ ବଜ୍ରପାତରେ ଦେଶରେ ୭୮୭ ଜଣଙ୍କ ମୃତ୍ୟୁ ହୋଇଥିଲା। ସେଥିମଧ୍ୟରେ ୨୧୩ ଜଣ ଓଡ଼ିଶାର ଥିଲେ। ଯାହା ମୋଟ୍ ବଜ୍ରପାତ ମୃତ୍ୟୁର ୨୭ ପ୍ରତିଶତ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ୨୦୧୧ରୁ ୨୦୨୦ ମସିହା ମଧ୍ୟରେ ଅର୍ଥାତ୍ ଗତ ୯ ବର୍ଷରେ ବଜ୍ରଘାତ ଯୋଗୁ ୩୨୧୮ ଜଣଙ୍କ ମୃତ୍ୟୁ ହୋଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ମତରେ ପ୍ରାକ୍ ମୌସୁମୀ ଓ ମୌସୁମୀ ଦୁର୍ବଳ ହେବା ସମୟରେ ହିଁ ବଜ୍ରପାତର ଅଧିକ ଆଶଙ୍କା ଥାଏ। ପୂର୍ବାହ୍ନ ୧୧ରୁ ରାତି ୮ଟା ମଧ୍ୟରେ ସାଧାରଣତଃ ବଜ୍ରପାତ ହୋଇଥାଏ। ମାର୍ଚ୍ଚରୁ ମେ ମାସ ମଧ୍ୟରେ ବଜ୍ରପାତର ତୀବ୍ରତା ଓ ମାତ୍ରା ଅଧିକ ରହିଥାଏ। ତେବେ ଜୁନ୍ ଓ ସେପ୍ଟେମ୍ବରରେ ଚାଷୀ ଖୋଲା ବିଲରେ କାମ କରୁଥିବାରୁ ବଜ୍ରପାତର ଶିକାର ହୁଅନ୍ତି। ଭାରତୀୟ ପାଣିପାଗ ବିଭାଗ ୫ଦିନ ଆଗରୁ ବଜ୍ରପାତ ନେଇ ସୂଚନା ଦେଉଛି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବଜ୍ରପାତ ନେଇ ପାଣିପାଗ ବିଭାଗ ୩ ଘଣ୍ଟା ପୂର୍ବରୁ ସୂଚନା ପ୍ରଦାନ କରିଥାଏ।

# ସ୍ତ୍ରୀ, ପ୍ରେମିକ ଜେଲ ଗଲେ

**ରାଜକନିକା,୨୮।୮(ଡି.ଏନ୍.ଏ.)**

### ପୂଜକ ରଙ୍ଗାଧର ଦାଶ ହତ୍ୟା ଘଟଣା

- ଶନିବାର କଟକରୁ ଧରାପଡ଼ିଥିଲେ ୨ ଅଭିଯୁକ୍ତ
- ହତ୍ୟା ମାମଲା ରୁଜୁ କଲା ପୋଲିସ


ରାଜକନିକା ଥାନାରେ ଦୁଇ ଅଭିଯୁକ୍ତ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଭାମଣ୍ଡା ଗ୍ରାମର ନୃସିଂହନାଥ ମନ୍ଦିର ପୂଜକ ରଙ୍ଗାଧର ଦାଶଙ୍କ ମୃତଦେହ ମିଳିବାର ୬ ଦିନ ପରେ ରାଜକନିକା ଥାନା ପୋଲିସ ମୃତକଙ୍କ ସ୍ତ୍ରୀ ରତ୍ନମଣି ଓ ତାଙ୍କ ପ୍ରେମିକ ଅସିତ ଶତପଥୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ମୃତକଙ୍କ ବଡ଼ଭାଇ ଗଙ୍ଗାଧର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ରାଜକନିକା ଥାନା ପୋଲିସ ଭାରତୀୟ ଦଣ୍ଡବିଧି ଆଇନ ଦଫା ୩୦୨/୩୪ରେ ଏକ ମାମଲା(ନଂ.୨୯୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କୁ ପୋଲିସ ଶନିବାର କଟକ ଓଏମ୍‌ପି ଅଞ୍ଚଳରୁ ଉଠାଇ ଆଣି ପଚରାଉଚରା କରିବା ପରେ ରବିବାର ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାରେ ଉଭୟଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବ ବୋଲି ରାଜକନିକା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ ସିହୋପଡ଼ା ପଞ୍ଚାୟତର ଭାମଣ୍ଡା ଗ୍ରାମରେ ଗତ ୧୭ ତାରିଖରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଅବୈଧ ସମ୍ପର୍କରୁ ପ୍ରେମିକ ସହ ମିଶି ସ୍ତ୍ରୀ ରତ୍ନମଣି ନିଜ ସ୍ୱାମୀଙ୍କୁ ହତ୍ୟା କରିଥିବା ଭଳି ସାଂଘାତିକ ଅଭିଯୋଗ ଆଣିଥିଲେ ଖୋଦ ମୃତକଙ୍କ ପରିବାର ଲୋକେ। ଏପରି କି ସ୍ୱାମୀଙ୍କ ଅନ୍ତିମ ସଂସ୍କାର ପୂର୍ବରୁ ରତ୍ନମଣି ନିଜର ପିଲାମାନଙ୍କୁ ଛାଡ଼ି ପ୍ରେମିକଙ୍କ ହାତଧରି ଗାଁ ଛାଡ଼ି ଚାଲି ଆସିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଚର୍ଚ୍ଚାର ବିଷୟ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ରତ୍ନମଣିଙ୍କ ପୁଅ, ଝିଅ ନିଜ ମା'ଙ୍କ ବିରୋଧରେ ମୁହଁ ଖୋଲିବାକୁ ପଛଘୁଞ୍ଚା ଦେଇ ନ ଥିଲେ।

ପ୍ରକାଶ ଯେ, ପୂଜକ ରଙ୍ଗାଧର(୫୦) ସବୁଦିନ ପରି ଗତ ୧୭ ତାରିଖରେ ଗାଁ ନୃସିଂହନାଥ ମନ୍ଦିରକୁ ପୂଜା କରିବାକୁ ଯାଇ ଆଉ ଫେରି ନ ଥିଲେ। ଏନେଇ ସ୍ତ୍ରୀ ରତ୍ନମଣି(୪୦)ଓ ରଙ୍ଗାଧରଙ୍କ ବଡ଼ଭାଇ ଗଙ୍ଗାଧର ରାଜକନିକା ଥାନାରେ ପୃଥକ୍ ପୃଥକ୍ ଏତଲା ଦେଇଥିଲେ। ରତ୍ନମଣିଙ୍କ ଏତଲାରେ ରଙ୍ଗାଧର କେଉଁଆଡ଼େ ଚାଲିଯାଇଥିବା ଉଲ୍ଲେଖ ଥିବା ବେଳେ, ଗଙ୍ଗାଧରଙ୍କ ଏତଲାରେ ଭାଇ ଓ ଭାଇବୋହୂଙ୍କ ମଧ୍ୟରେ କଳହ ଲାଗିଥିଲା। ଏହାକୁ କେନ୍ଦ୍ରକରି ଭାଇ କେଉଁଆଡ଼େ ଚାଲିଯାଇଥିବା କଥା ଉଲ୍ଲେଖ ଥିଲା। ଆହୁରି ମଧ୍ୟ ସେହି ଗ୍ରାମର ଅସିତ୍ ଶତପଥୀ (ବାଇନ)ଙ୍କ ସହିତ ଅନୈତିକ ସମ୍ପର୍କ ଥିବା କାରଣରୁ ଭାଇ ଓ ଭାଇବୋହୂଙ୍କ ମଧ୍ୟରେ ସବୁବେଳେ କଳହ ଲାଗିରହୁଥିବା ଉଲ୍ଲେଖ ଥିଲା। ରଙ୍ଗାଧରଙ୍କ ନିଖୋଜର ୫ ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୧ ତାରିଖରେ ଗ୍ରାମ ନିକଟସ୍ଥ ଶିମିଳି ମାହାର ଯୋର ନିକଟରୁ ତାଙ୍କ କ୍ଷତାକ୍ତ ଗଳିତ ମୃତଦେହ ମିଳିଥିଲା।

# ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**




ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ। ଏହା ଅଧୀନରେ ରାଜ୍ୟରେ ଥିବା ମେଡିକାଲ କଲେଜଗୁଡ଼ିକ କାର୍ଯ୍ୟ କରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଏକ ଦୃଷ୍ଟିକୋଣ ଯୋଜନା ପ୍ରସ୍ତୁତ କରିବା ପାଇଁ ରବିବାର ସ୍ଥାନୀୟ ଏକ ହୋଟେଲରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ଶିକ୍ଷାବିତ୍, ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି, ବାଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଡିନ୍, ସ୍ୱାସ୍ଥ୍ୟ ବିଭାଗ ପ୍ରଶାସକ, ମେଡିକାଲ କଲେଜ ନିର୍ଦ୍ଦେଶକ, ଡିନ୍ ଏବଂ ଅଧ୍ୟକ୍ଷ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ଦାସ ଯୋଗଦେଇ କହିଲେ, ଓଡ଼ିଶାରେ ପୂର୍ବରୁ ୩ଟି ମେଡିକାଲ କଲେଜ ରହିଥିଲା। ଏବେ ଆଉ ୭ଟି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଫଳରେ ରାଜ୍ୟରେ ମୋଟ ୧୦ଟି ମେଡିକାଲ କଲେଜ ସହିତ ହୋମିଓପାଥି,

### ସୂଚନା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଆୟୁର୍ବେଦ ଓ ଅନ୍ୟାନ୍ୟ ପାଠ୍ୟକ୍ରମ ଚାଲୁ ରହିଛି। ଏଣିକି ଏସବୁ ଶିକ୍ଷାନୁଷ୍ଠାନଗୁଡ଼ିକ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଅଧୀନରେ ରହିବେ। ଏହାଦ୍ୱାରା ଗୋଟିଏ ପ୍ଲାଟ୍‌ଫର୍ମ ଷ୍ଟାଣ୍ଡାର୍ଡରେ ମେଡିକାଲ ଶିକ୍ଷା ପ୍ରଚଳିତ ହେବ। ନିୟମିତ ତାଲିମ, ସମୟାନୁଯାୟୀ ପରୀକ୍ଷା ଓ ଫଳ ପ୍ରକାଶ ପାଇବ। ଏଥିସହିତ ଗବେଷଣା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେଲେ ଏହା ଦେଶର ୧୭ତମ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କ ଦ୍ୱାରା ପରିଚାଳିତ ଏହି କର୍ମଶାଳାରେ ଡିଏମ୍‌ଇଟି ପ୍ରଫେସର ଡା. ରମାରମଣ ମହାନ୍ତି, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ସାଙ୍ଗଠନିକ ଢାଞ୍ଚା, ଅଭିନବ ପାଠ୍ୟକ୍ରମର ବିକାଶ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଉତ୍କର୍ଷ କେନ୍ଦ୍ର ସହିତ ଅନୁସନ୍ଧାନ ଓ ସହଯୋଗ, ବିଶ୍ୱବିଦ୍ୟାଳୟ କାର୍ଯ୍ୟର ଡିଜିଟାଇଜେଶନ, ଅଧ୍ୟାପନା କ୍ଷେତ୍ରରେ ବିକାଶ, ଆଭ୍ୟନ୍ତରୀଣ ସହଯୋଗ ଓ ପ୍ରତିଷ୍ଠିତ ମହାବିଦ୍ୟାଳୟର ଭୂମିକା ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା।

# ଲୋକଲଜ୍ଜାରୁ ଫିନାଇଲ ପିଇ ଶାଶୁ ମୃତ

**ଗଞ୍ଜାମ,୨୮।୮(ଡି.ଏନ.ଏ.)**

### ଶାଶୁଘର ଆଗରେ ବୋହୂଙ୍କ ଧାରଣା ପ୍ରସଙ୍ଗ

### ବୋହୂ ଫେରାର, ଆଇଆଇସିଙ୍କ ବିରୋଧରେ ଏତଲା


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଗଞ୍ଜାମ ଥାନା ଅନ୍ତର୍ଗତ ମଧ୍ୟଖଣ୍ଡ ସାହିରେ ସୁଷମା ପଣ୍ଡାଙ୍କ ବୋହୂ ତନମୟୀ ପାରିବାରିକ ଗଣ୍ଡଗୋଳକୁ ନେଇ ଶାଶୁଘର ଆଗରେ ତାଙ୍କ ଆଇଙ୍କ ସହ ଶନିବାର ଧାରଣାରେ ବସିଥିଲେ। ଏଭଳି ଅପମାନ ଓ ଲୋକ ଲଜ୍ଜା ସହି ନ ପାରି ତାଙ୍କ ଶାଶୁ ସୁଷମା ରବିବାର ଭୋର୍‌ରୁ ଫିନାଇଲ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଛତ୍ରପୁର ପରେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ତନମୟୀ ଫେରାର୍ ଅଛନ୍ତି।

ପ୍ରକାଶ ଯେ, ପୁରୁଷୋତ୍ତମପୁର ବ୍ଲକ ରଣଝାଲି ଗ୍ରାମରେ ତନମୟୀଙ୍କ ଘର। ସେ ୨୦୨୦ରେ ମଧ୍ୟଖଣ୍ଡ ସାହିର ସୁଜିତ କୁମାର ପଣ୍ଡାଙ୍କୁ ବିବାହ କରିଥିଲେ। ବିବାହର ୧୦ ଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ପରେ ଶାଶୁ ଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ସେ ଏହାକୁ ସହି ନ ପାରି ମାମୁ ଘରକୁ ଚାଲିଆସିଥିଲେ। ପରେ ସ୍ୱାମୀଙ୍କ ବିରୋଧରେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଯୌତୁକ ବାବଦକୁ ନେଇଥିବା ଅଳଙ୍କାର ଓ ଟଙ୍କା ଫେରସ୍ତ ଦାବିରେ ତନମୟୀ ନିଜ ଆଇକୁ ସାଙ୍ଗରେ ନେଇ ଶାଶୁ ଘର ଆଗରେ ଧାରଣାରେ ବସିଥିଲେ। ଏହାକୁ ସହି ନ ପାରି ତାଙ୍କ ଶାଶୁ ସୁଷମା ଫିନାଇଲ ପିଇ ଦେଇଥିଲେ। ପରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଦିନ ତମାମ ମଧ୍ୟଖଣ୍ଡ ସାହିରେ ଉତ୍ତେଜନା ଲାଗି ରହିଥିଲା। ଅନ୍ୟପଟେ ତନମୟୀ ଧାରଣା ଦେବା ନେଇ ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଆଇଆଇସି ସୁଦୀପ୍ତ କୁମାର ସାହୁ ଘଟଣାରେ ହସ୍ତକ୍ଷେପ ନ କରିବାରୁ ମା' ଆତ୍ମହତ୍ୟା କଲେ ବୋଲି ମୃତକଙ୍କ ବଡ଼ ପୁଅ ଶାନ୍ତନୁ ଅଭିଯୋଗ କରିଛନ୍ତି। ଏ ନେଇ ଶାନ୍ତନୁ ଆଇଆଇସିଙ୍କ ବିରୋଧରେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନଙ୍କ ନିକଟରେ ଏତଲା ଦେଇଛନ୍ତି। ପୋଲିସ ବିରୋଧରେ ହୋଇଥିବା ଅଭିଯୋଗକୁ ଏସ୍‌ଡିପିଓ ଖଣ୍ଡନ କରିଛନ୍ତି। ଏ ନେଇ ଗଞ୍ଜାମ ଥାନା ପକ୍ଷରୁ ପୃଥକ୍ ଭାବେ ନଂ. ୧୪୦, ୧୪୧/୨୨ରେ ଦୁଇଟି ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୁଷମାଙ୍କ ପଡ଼ୋଶୀ କହିବା ଅନୁଯାୟୀ, ରବିବାର ଭୋର୍ ୫ଟାରେ ସୁଷମା ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ବ୍ରହ୍ମପୁର ମେଡିକାଲ ନେଇଥିଲେ। ଏହି ସମୟରେ ବୋହୂ ନିଜ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ରୂପାନ୍ତରିତ ହେବ ୨୨ ବିଦ୍ୟାଳୟ

**ଖୋର୍ଦ୍ଧା ଅଫିସ,୨୮।୮:** ବେଗୁନିଆ ଓ ବୋଲଗଡ଼ ବ୍ଲକର ୩ୟ ପର୍ଯ୍ୟାୟରେ ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣରେ ୨୨ଟି ସ୍କୁଲ ସାମିଲ ହୋଇଛି। ଏ ନେଇ ଗତ ଶୁକ୍ରବାର ସ୍ଥାନୀୟ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବିଡିଓମାନେ ଏଥିରେ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ଗୁଡ଼ିକର କାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଧାୟକ ରାଜେନ୍ଦ୍ର ସାହୁ ପରାମର୍ଶ ଦେଇଛନ୍ତି। ରୂପାନ୍ତରିତ ବିଦ୍ୟାଳୟ ଦ୍ୱାରା ପିଲାଙ୍କ ପାଠପଢ଼ାରେ ଆଗ୍ରହ ସୃଷ୍ଟି ହେବା ସହ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିଛି ବୋଲି ବିଧାୟକ ସାହୁ କହିଥିଲେ। ଆଗାମୀ ଦିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨କୁ ଏହି ରୂପାନ୍ତରିତ ସ୍କୁଲରେ ସାମିଲ ଲାଗି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଅନୁରୋଧ କରାଯିବ ବୋଲି ବିଧାୟକ କହିଛନ୍ତି।

### ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ

**ବୋଲଗଡ଼,୨୮।୮(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ କାହ୍ନୁଚରଣ ସରକାରୀ ନୋଡାଲ ହାଇସ୍କୁଲରେ ଦିବାକର ହୋତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଆଞ୍ଚଳିକ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଗଦାଧର ପରିଡ଼ା ସଭାପତିତ୍ୱ କରିଥିଲେ। କଳାଙ୍ଗ, ସଂପୁର, ଟାଙ୍ଗୀସାହି, କାଉତରା ଆଦି ବିଦ୍ୟାଳୟର ୩୬ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପୂର୍ବତନ ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ମୁଖ୍ୟ ବକ୍ତା ଶିକ୍ଷାବିତ୍ ହରିବନ୍ଧୁ ସାହୁ, ଅତିଥି ଭାବେ ପ୍ରଫେସର ଶରତ ଚନ୍ଦ୍ର ଜୟସିଂହ, କବୟିତ୍ରୀ ସେବତୀ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବା ଲାଗି ଉତ୍ସାହିତ କରିଥିଲେ। କଳାଙ୍ଗ ହାଇସ୍କୁଲର ମଳୟ ରଞ୍ଜନ ପାଲ୍‌ଟାସିଂହ, କାଉତରାର ଭାଗୀରଥି ବରାଡ଼, ସଂପୁରର ସୁନନ୍ଦୀ ରଞ୍ଜନ ମହାନ୍ତି, ଟାଙ୍ଗୀସାହି ହାଇସ୍କୁଲର ଶ୍ରୀଜଲ ମହାନ୍ତି ପ୍ରମୁଖ ପୁରସ୍କୃତ ହୋଇଥିଲେ। ଟ୍ରଷ୍ଟ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ୬୮ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୮।୮:** ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶିବିର ଉଦ୍‌ଘାଟନ ସହ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏଥିରେ ୬୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ୍ତ, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା, ଗୌତମ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବିଜେଡି ଜିଲା ଉପସଭାପତି ବିଭୁପ୍ରସାଦ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳାଇ, ସ୍ଥାନୀୟ ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂ, ଦିଲୀପ ସାହୁ, ସୂର୍ଯ୍ୟକାନ୍ତି ମଙ୍ଗରାଜ ଏବଂ ରବି ମିଶ୍ର ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତିରେ ଅଟକିଛି ଲେଖନପୁର ଆଡ଼ିବନ୍ଧ ନିର୍ମାଣ

**ଖୋର୍ଦ୍ଧା ଅଫିସ,୨୮।୮**

ଖୋର୍ଦ୍ଧା ବ୍ଲକରେ ବନ୍ୟା ତାଣ୍ଡବ ରଚିଥିଲା। ପାଣି ଛାଡ଼ିବା ପରେ ଏବେ ସ୍ଥିତି ସ୍ୱାଭାବିକ ହୋଇଛି। ବନ୍ୟାପାଣି ଘେରରେ ଥିବା ବିପନ୍ନ ପରିବାରଙ୍କ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଗ୍ରାମବାସୀ ବନ୍ୟାକଷ୍ଟକୁ ଭୁଲି ନିଜ କାମରେ ଲାଗିଲେଣି। ତେବେ ଫସଲ ହାନିକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଏକର ଏକର ବିଲରେ ବନ୍ୟା ପାଣି ମାଡ଼ି ଚାଷଜମି ପ୍ରଭାବିତ ହୋଇଥିଲା। ଏବେ ବି ବିଲରେ ପାଣି ଜମିଛି। ଫଳରେ ଖରିଫ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଚଳିତ ଲଘୁଚାପ ବର୍ଷା ଓ ବନ୍ୟାରେ ୯ଟି ବ୍ଲକ ଅଧୀନ ୮୨ ପଞ୍ଚାୟତର ୨୪୩ ଗ୍ରାମର ପ୍ରାୟ ୧୦ ହଜାର ୯୬୩ ହେକ୍ଟର ଫସଲ ନଷ୍ଟ ହୋଇଛି। ସେଥିମଧ୍ୟରୁ ୧୦ ହଜାର ୬୫୦ ହେକ୍ଟର ଧାନ ଏବଂ ୩୧୨ ହେକ୍ଟର ଅଣଧାନ(ପନିପରିବା) ନଷ୍ଟ ହୋଇଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ଶନିବାରଠାରୁ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ଏହା ୩ଦିନ ଚାଲିବ। ଅନ୍ୟପକ୍ଷରେ ପ୍ରଶାସନର ପ୍ରତିଶ୍ରୁତି ସତ୍ତ୍ୱେ ଲେଖନପୁର ନିକଟରେ ଆଡ଼ିବନ୍ଧ ନିର୍ମାଣ ସ୍ୱପ୍ନ ପାଲଟିଥିବାରୁ ପ୍ରତିବର୍ଷ ଏଭଳି ବନ୍ୟା ସମସ୍ୟାର ସାମ୍ନା କରିବାକୁ



ବନ୍ୟା ପରେ ଚାଷୀ ତଳି ଉପାଡୁଛନ୍ତି।

ପଡୁଛି ବୋଲି ଚାଷୀମାନେ କହିଛନ୍ତି।

ପ୍ରକାଶ ଯେ, ବନ୍ୟାରେ ଖୋର୍ଦ୍ଧା ବ୍ଲକ ଅଧୀନ ଓରବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ରାୟପୁର, କୃଷ୍ଣପୁର, ଲେଖନପୁର, ତେନ୍ତୁଳିମୁହଁ, ମଣାଣିଆ, ଧବଳପୁର, ବଳପୁର ଓରମୀ, ହାଡ଼ପଦା, ଶରଧାପୁର ପ୍ରଭୃତି ଗ୍ରାମ ପ୍ରଭାବିତ ହୋଇଥିଲା। ବନ୍ୟାଜଳ ମାଡ଼ି ଫସଲ ସବୁ ନଷ୍ଟ ହୋଇଛି ବୋଲି ଡିହଖଳାର

### ଧାନକେଣ୍ଡାକୁ ଧରି ଲୁହ ଝରାଉଛି ଚାଷୀ

ଚାଷୀ ପରମାନନ୍ଦ ଛୋଟରାୟ କହିଛନ୍ତି। ଚାଷଜମିରୁ ବନ୍ୟାଜଳ ନ ଖସିବାରୁ ଦୁର୍ଦ୍ଦଶା ବଢ଼ାଇଛି। କିଏ ଏକର ତ ଆଉ କେହି ମାଣେ ଜମିରେ ଧାନଚାଷ କରିଥିଲେ। ୩ମାସ ଧରି ଜମିରେ ଦିନ ରାତି ଏକ କରି ଧାନ ରୋଇଥିଲେ। ତେବେ ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡ଼ି ସବୁ ଉଜୁଡ଼ିଗଲା। ଧାନକେଣ୍ଡା ମୂଳରୁ ନଇ ଭାଙ୍ଗିଯାଇଥିବା ବେଳେ ପଚିଶଢି ଯାଇଛି। ଅନେକ ଚାଷୀ ଧାରକରଜ କରି ଓ ସମିତିରୁ ଋଣ ଆଣି ଚାଷ କାର୍ଯ୍ୟ କରିଥିଲେ। ଆଶା କରିଥିଲେ, ଫସଲ ଭଲ ହେଲେ ଋଣ ଶୁଝିଦେବେ। ଏପରି ସ୍ୱପ୍ନ ଦେଖିଥିବା ଅନେକ ଚାଷୀଙ୍କ ଆଶା ଏବେ ଧୂଳିସାତ ହୋଇଯାଇଛି। ଚାଷୀ କଂଗ୍ରେସ ମାର୍ଥା କହିଚନ୍ତି, ଗତବର୍ଷ ବନ୍ୟାଜଳ ମାଡ଼ି ଫସଲ ନଷ୍ଟ ହୋଇଥିଲା। କ୍ଷତିଭରଣା ହୋଇ ନ ଥିବା ବେଳେ ଚଳିତ ବର୍ଷ ପୁଣି ଫସଲ ସବୁ ଧୋଇଯାଇଛି। ଆଉ କିଛି ନାହିଁ। କ'ଣ ଖାଇବୁ, କିପରି ଚଳିବୁ ସେଇ କଥା ଭାବୁଛୁ। ସେହିପରି ଚାଷୀ ସର୍ବେଶ୍ୱର ମାର୍ଥା କୁହନ୍ତି, ଆମ ଅଞ୍ଚଳ ପାଇଁ ରାଜୁଆ ନଦୀ ଦୁଃଖ ପାଲଟିଛି। ମୋ' ପିଲାବେଳୁ ଏ ସମସ୍ୟା ଦେଖିଆସୁଛି। ପ୍ରତିବର୍ଷ ଖରିଫ ଋତୁ ଆସିଲେ ସ୍ଥାନୀୟ ପ୍ରତିକାର ପାଇଁ ପ୍ରଶାସନକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ଦିଆଯାଉଛି। ପ୍ରତିଶ୍ରୁତି ମିଳୁଛି ହେଲେ କାର୍ଯ୍ୟକାରୀ ନାହିଁ। ଶରଧାପୁର, ଲେଖନପୁର ନିକଟରେ ଏକ ଆଡ଼ିବନ୍ଧ ନିର୍ମାଣ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଛି। ଚାଷୀ ସୁରେନ୍ଦ୍ର ବଳିଆରସିଂ କହିଛନ୍ତି, ଚାଷଜମିରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି କିଛି ଦିନ ସମୟ ଲାଗିବ। ପାଣି ଜମିରହିବା ଯୋଗୁ ଧାନଗଛ ପଚି ନଷ୍ଟ ହୋଇଯାଇଛି। ପ୍ରତିବର୍ଷ ହୀରାକୁଦ ଗେଟ୍ ଖୋଲିଲେ ରାଜୁଆ ନଦୀର ପଛୁଆ ପାଣି ଏହି ଗ୍ରାମରେ ପ୍ରବେଶ କରିବା ଦ୍ୱାରା ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାର ସ୍ଥାୟୀ ପ୍ରତିକାର ଜରୁରୀ। ଅନ୍ୟପକ୍ଷରେ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### 'ବାସୁଦେବ ବୋଲଗଡ଼ ବିକାଶର ଅଗ୍ରଦୂତ ଥିଲେ'

**ବୋଲଗଡ଼,୨୮।୮(ଡି.ଏନ୍.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନନ୍ଦିଘୋଷ'ର ପ୍ରତିଷ୍ଠାତା ମଣ୍ଡଳୀର ଅନ୍ୟତମ ସଦସ୍ୟ ତଥା ଏହାର ପୂର୍ବତନ ସମ୍ପାଦକ ସ୍ୱର୍ଗତ ବାସୁଦେବ ପଟ୍ଟନାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠାନ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ହରିବନ୍ଧୁ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ଏବଂ ଅତିଥି ଭାବେ ଭାଷ୍ୟକାର ଚନ୍ଦ୍ରବିଜୟୀ ମିଶ୍ର, ନନ୍ଦିଘୋଷ ସମ୍ପାଦକ ଗୁଣନିଧି ହୋତା, ଐତିହାସିକ ରବୀନ୍ଦ୍ର ପରିଡ଼ା, କୃଷ୍ଣମୋହନ ପାଲ୍‌ଟାସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱର୍ଗତ ବାସୁଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଅତିଥିଙ୍କ ସମେତ ବୋଲଗଡ଼ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସହକର୍ମୀ ଓ ତାଙ୍କ ଝିଅ ସ୍ୱାଗତିକା ପଟ୍ଟନାୟକ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାସୁଦେବ ବୋଲଗଡ଼ ବିକାଶର ଅଗ୍ରଦୂତ ଥିଲେ ବୋଲି ଅତିଥିମାନେ କହିଥିଲେ। ମୀନ ପାଟ୍ଟଶାଣୀ, ସଞ୍ଜୟ ସୁବୁଦ୍ଧି, ଧିରେଶ ମହାପାତ୍ର, ମୁନା ପଣ୍ଡା, ସନ୍ତୋଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଫୁଲ୍ଲ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ବୋଲଗଡ଼: କାହ୍ନୁଚରଣ ସରକାରୀ ନୋଡାଲ ହାଇସ୍କୁଲରେ ଦିବାକର ହୋତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ଯାଞ୍ଚ କରିବ ଶ୍ରୀମନ୍ଦିର ପରିଚାଳନା କମିଟି

**ପୁରୀ ଅଫିସ,୨୮।୮:**

### ଅରୁଣସ୍ତମ୍ଭରେ ସୂକ୍ଷ୍ମ ଫାଟ ନେଇ ଚର୍ଚ୍ଚା

- କିଛି ନୂଆ ଘଟଣା ଘଟିନାହିଁ: ସେବାୟତ
- ପଦକ୍ଷେପ ପାଇଁ ବିଚାର କରୁଛି ଏଏସ୍‌ଆଇ

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅରୁଣସ୍ତମ୍ଭରେ ଥିବା କିଛି ସୂକ୍ଷ୍ମ ଫାଟକୁ ନେଇ ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଫାଟ ୧୯୭୦-୭୫ ମସିହାଠାରୁ ଦେଖିବାକୁ ମିଳୁଥିବା ଶ୍ରୀମନ୍ଦିରର କେତେଜଣ ସେବାୟତ କହିଛନ୍ତି। ତେବେ ଦୀର୍ଘବର୍ଷ ଧରି ସେହି ସ୍ଥାନଗୁଡ଼ିକୁ ମରାମତି କାହିଁକି କରାଯାଉନାହିଁ ବୋଲି ଭକ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅରୁଣସ୍ତମ୍ଭ ଗୋଟିଏ କଳା ମୁଗୁନି ପଥରରେ ନିର୍ମିତ। ଏହା ଭୂମିଠାରୁ ପ୍ରାୟ ୧୭ ଫୁଟ୍ ଉଚ୍ଚରେ ପୂର୍ବମୁହାଁ ହୋଇ ରହିଛି। ବାଇଶିପାହାଚ ପଟକୁ ଥିବା ଅରୁଣସ୍ତମ୍ଭର ଭାଗରେ ଏଭଳି ତିନୋଟି ସ୍ଥାନ ରହିଛି, ଯେଉଁଠାରେ ଗାର ପଡ଼ିବା ପରି ସୂକ୍ଷ୍ମ ଫାଟ ହୋଇଥିବା ଦେଖାଯାଉଛି। ଏସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ)ର ପୁରୀ ସର୍କଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୧୯୭୦ ମସିହାଠାରୁ ରହିଥିବା ସମ୍ପୃକ୍ତ ସ୍ଥାନକୁ ଅଧିକାରୀ ଓ ସେବାୟତମାନେ ଦେଖୁଛନ୍ତି। ଏହା ଆଦୌ ନୂଆ ନୁହେଁ। ଏହାକୁ ଫାଟ କିମ୍ବା ଖାଲ ବୋଲି କୁହାଯାଇପାରିବ ନାହିଁ। ଦୀର୍ଘବର୍ଷ ଧରି ଗୋଟିଏ ପଥର ମୂଳରୁ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପଲିସ ରହିବା ସମ୍ଭବପର ନୁହେଁ। ତେବେ ଏନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ଏଏସ୍‌ଆଇ ବିଚାର କରୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନେଇ ଚର୍ଚ୍ଚା ଚାଲିଛି। ତେବେ କାହାକୁ ଫାଟ ବୋଲି କୁହାଯାଉଛି ସେନେଇ ପ୍ରଥମେ ସ୍ପଷ୍ଟ ହେବା ଦରକାର। କିଏ ଏ ସଂକ୍ରାନ୍ତରେ ଅନୁସନ୍ଧାନ କଲେ



ଅରୁଣ ସ୍ତମ୍ଭରେ ସୃଷ୍ଟି ହୋଇଥିବା ଫାଟ।

ତାହା ଜାଣିବାକୁ ଚାହିଁବୁ। କୌଣସି ଏଜେନ୍ସି, ଏଏସ୍‌ଆଇ ଟିମ୍ କିମ୍ବା ଚୂନରା ସେବାୟତଙ୍କ ପକ୍ଷରୁ ଯଦି ଅରୁଣସ୍ତମ୍ଭ ଯାଞ୍ଚ କରି ସମ୍ପୃକ୍ତ ସ୍ଥାନ ଚିହ୍ନଟ କରାଯାଇଛି, ତେବେ ତାହା ପ୍ରଥମେ ସାର୍ବଜନୀନ ହେବା ଦରକାର। ସୋମବାର (୨୯ ତାରିଖ) ଶ୍ରୀମନ୍ଦିର ପରିଚାଳନା କମିଟିର ବିଭିନ୍ନ ନିଯୋଗ ସହ ଆଲୋଚନା ରହିଛି। ଉକ୍ତ ବୈଠକରେ ଚୂନରା ସେବାୟତଙ୍କୁ ଏ ସମ୍ପର୍କରେ ପଚରାଯିବ ଓ ଘଟଣାର ସତ୍ୟତା ଯାଞ୍ଚ କରାଯିବ। ଅନ୍ୟପକ୍ଷରେ ସେବାୟତ ରାଜକିଶୋର ପତି କହିଛନ୍ତି, କୌଣସି ନୂଆ ଘଟଣା ଘଟିନାହିଁ। ଗଣମାଧ୍ୟମ ପ୍ରାୟ ପ୍ରତିବର୍ଷ ଏହି ପ୍ରସଙ୍ଗ ନିଜେ ଉଠାଉଛି। ଫାଟ କଥା ସତ ନୁହେଁ। ଏଏସ୍‌ଆଇ ଚାହିଁଲେ ଏହାକୁ ସାମାନ୍ୟ ପଲିସ କରିପାରିବ, ଯାହାଫଳରେ ଅରୁଣସ୍ତମ୍ଭ ଅଧିକ ସୁନ୍ଦର ଦିଶିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଷଣ୍ଢ ଚାଲାଣକୁ ନେଇ ୨ ଗାଁ ମୁହାଁମୁହିଁ

**ବୋଲଗଡ,୨୮।୮(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ପାରିଖେତା ଗ୍ରାମ ଓ ନୟାଗଡ ଜିଲା ରଣପୁର ଥାନା ଅଧୀନ ଗଡବାଣିକିଲୋ ପଞ୍ଚାୟତର ଗିରିଧାରୀପୁର ଗ୍ରାମ ଦ୍ୱୟ ମଧ୍ୟରେ ଗୋ-ଚାଲାଣକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଗିରିଧାରୀପୁର ଗ୍ରାମବାସୀ ରଣପୁର ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଉଭୟ ଗ୍ରାମଦେଇ ଯାଇଥିବା ବେଗୁନିଆ-ରଣପୁର ରାସ୍ତାଟିକୁ ହାଣି ଦେଇଛନ୍ତି। ଫଳରେ ରାସ୍ତାରେ

### ରାସ୍ତା ହାଣିଦେଲେ ଲୋକେ

ଗମନାଗମନ ଠପ ହୋଇଯାଇଛି।

ସୂଚନା ଅନୁଯାୟୀ, ଅପରାହ୍ନରେ ଦକ୍ଷିଣ ପାରିଖେତାର କେତେକ ବ୍ୟକ୍ତି ଏକ ଗାଡିରେ ଗୋଟେ ଷଣ୍ଢ ସମେତ ୨ଟି ଗୋରୁଙ୍କୁ ଧରି ସେହି ରାସ୍ତା ଦେଇ ଗ୍ରାମକୁ ଆସୁଥିଲେ। ସେହି ସମୟରେ ଗିରିଧାରୀପୁର ଗ୍ରାମର କେତେକ ବ୍ୟକ୍ତି ଗାଡିକୁ ଅଟକାଇ ଷଣ୍ଢଟିକୁ କେଉଁଠାରୁ ଆଣିଛ ପଚାରିବା ସହ ସନ୍ତୋଷଜନକ ଉତ୍ତର ନ ପାଇ ଗାଡି ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିଥିଲେ। ଖବରପାଇ ଦକ୍ଷିଣ ପାରିଖେତାର କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୋରୁ ସହ ଗାଡି ଏବଂ ଅଟକ ବ୍ୟକ୍ତିଙ୍କୁ ଛଡାଇଥିଲେ। ଏଥିଯୋଗୁ ଉଭୟ ଗ୍ରାମ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ହାଣିଦେଇଥିବାରୁ ସେହି ରାସ୍ତାରେ ଯାତାୟାତ ଠପ ହୋଇଛି। ଘଟଣାସ୍ଥଳରେ ବେଗୁନିଆ ଓ ରଣପୁର ଥାନା ପୋଲିସ ଉପସ୍ଥିତ ରହି ନଜର ରଖିଛନ୍ତି। ତେବେ ଏହି ଅଞ୍ଚଳରେ ବେଆଇନ ଗୋଚାଲାଣ ଏପରିକି ଷଣ୍ଢ ଚାଲାଣ ବ୍ୟାପକ ଭାବେ ବୃଦ୍ଧି ପାଇଥିବାବେଳେ ଅନେକ ସମୟରେ ଜନ ଅସନ୍ତୋଷ ଦେଖାଯାଉଛି।

### ଦୀପ୍ତିରଞ୍ଜନ ଆତ୍ମା ଅଧ୍ୟକ୍ଷ ମନୋନୀତ

**ଖୋର୍ଦ୍ଧା ଅଫିସ,୨୮।୮**

ବେଗୁନିଆ ବ୍ଲକର କୃଷି ବୈଷୟିକ ସହାୟକ କମିଟି(ଆତ୍ମା)ର ପ୍ରଥମ ବୈଠକ ସ୍ଥାନୀୟ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷି ଓ କୃଷକଙ୍କ ବିକାଶ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ ସାହୁଙ୍କୁ ସର୍ବସମ୍ମତିକ୍ରମେ ଆତ୍ମାର ବ୍ଲକ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏଥିସହିତ କମିଟିର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା।

## ଈଶ୍ୱରଙ୍କ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି

**ଖୋର୍ଦ୍ଧା ଅଫିସ,୨୮।୮**

ଆଉ ଦୁଇଦିନ ପରେ ଗଣେଶ ପୂଜା। ଏନେଇ ସବୁଠି ରହିଛି ଉତ୍ସାହ। ପୂଜା ଆୟୋଜନ ଲାଗି ପୂଜାମଣ୍ଡପ ସଜ୍ଜେଇ ହେଲାଣି। ସେପଟେ ଶିଳ୍ପୀମାନେ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। ଏହି ଅବସରରେ ଜଟଣୀ ହାଟବଜାର ଗୋପୀନାଥପୁରର ସୂକ୍ଷ୍ମ କାରିଗର ଶିଳ୍ପୀ ଏଲ୍. ଈଶ୍ୱର ରାଓ ଇକୋ ଫ୍ରେଣ୍ଡଲି ଗଣେଶ ପୂଜାର ବାର୍ତ୍ତା ଦେଇଛନ୍ତି। ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ସୋସିଆଲ ଫାଉଣ୍ଡେସନ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମାଟି ଓ ଗୋବରରେ ପ୍ରସ୍ତୁତ କରିଥିବା ଗଣେଶ ମୂର୍ତ୍ତି ଲୋକଙ୍କୁ ମାଗଣାରେ ବାଣ୍ଟୁଛନ୍ତି। ବଜାରରେ ବିକ୍ରି ହେଉଥିବା ବିଭିନ୍ନ ରଙ୍ଗୀନ ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ଏହାଦ୍ୱାରା ପରିବେଶ ଉପରେ ପ୍ରଭାବ ପଡୁଛି। ପରିବେଶ ସନ୍ତୁଳନ ଏବଂ ସୁରକ୍ଷା ଉଦ୍ଦେଶ୍ୟରେ ଗତ ୫ ବର୍ଷ ହେବ ସେ ଏହି ଅଭିଯାନ ଆରମ୍ଭ କରିଥିବା ଈଶ୍ୱର କହିଛନ୍ତି।




ଶିଳ୍ପୀ ଏଲ୍. ଈଶ୍ୱର ରାଓ ଗଣେଶ ମୂର୍ତ୍ତି ପ୍ରଦାନ କରୁଛନ୍ତି।

# ଶୋଭାପାଇବ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ

**ଜଟଣୀ,୨୮।୮(ଡି.ଏନ୍.ଏ.)**

ଆଉ ଦୁଇଦିନ ପରେ ଗଣେଶ ପୂଜା। ଏ ନେଇ ଉତ୍ସବ ମୁଖର ପୁରପଲ୍ଲୀ। ଦୁଇବର୍ଷ ପରେ ବିଘ୍ନରାଜ ଗଣପତି ବାବା ଭକ୍ତଙ୍କ ମେଳରେ ପୂଜା ପାଇବେ। ମଣ୍ଡପରେ ଠାକୁରଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରହିଛି ଉତ୍କଣ୍ଠା। ଏହି ପରିପ୍ରେକ୍ଷୀରେ ବିଘ୍ନ ବିନାଶକଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ସ୍ଥାନୀୟ ସୀତାରାମ ଛକ ବ୍ୟବସାୟୀ ସଂଘର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ପୂଜାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ' କଳାକୃତି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ। ବି.କେ. ଆର୍ଟ କଲେଜର ଛାତ୍ରମାନେ ଏହି କଳାକୃତିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ କାର୍ଯ୍ୟ ଜାରି ରଖିଥିବା ଦେଖିବାକୁ ମିଳିଛି।

ଏହି ମଣ୍ଡପରେ ୧୯୬୦ ମସିହାରୁ ଗଣେଶ ପୂଜାରେ ତ୍ରିମୂର୍ତ୍ତି ପୂଜା ପାଇଆସୁଥିବା ସଂଘର ସଦସ୍ୟମାନେ କହିଛନ୍ତି। ଓଡ଼ିଶାର ପ୍ରଥମ ରେଳ ଜଙ୍କ୍‌ଶନ ଜଟଣୀରେ ରହିଥିବାରୁ ଗମନାଗମନର



### ସୀତାରାମ ଛକ ବ୍ୟବସାୟୀ ସଂଘ

ସୁବିଧା ଯୋଗୁ ଏହି ଅଞ୍ଚଳକୁ ବାହାର ରାଜ୍ୟର ବହୁ ବ୍ୟକ୍ତି ବ୍ୟବସାୟ ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟବସାୟୀ ସୀତାରାମ ବାବୁଙ୍କ ନାମ ଅନୁସାରେ ଉକ୍ତ ଛକର ନାମ ସୀତାରାମ ଛକ ହୋଇଥିବା ଲୋକଶ୍ରୁତିରୁ ଜଣାଯାଏ। କେଳୁଚରଣ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାମ, ରଜବଲି ବ୍ରଦର୍ସ ପ୍ରମୁଖଙ୍କ ସହ ଅନେକ ବ୍ୟକ୍ତିଙ୍କ ଦ୍ୱାରା ସୀତାରାମ ଛକଠାରେ ପୂଜା ଆରମ୍ଭ କରାଯାଇଥିବା ବ୍ୟବସାୟୀ ସଂଘ ସଦସ୍ୟ କହିଛନ୍ତି। ମଣ୍ଡପରେ ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତିଦିନ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଗ ଠାକୁରଙ୍କୁ ଲାଗି ହୋଇଥାଏ। ପରମ୍ପରା ମୁତାବକ ଠାକୁରଙ୍କ ଲଡ୍ଡୁ ପ୍ରତି ତିନିଦିନରେ ଥରେ ବଦଳା ଯାଇଥାଏ, ଯାହାକୁ ଶ୍ରଦ୍ଧାଳୁ ପ୍ରଦାନ କରିଥାନ୍ତି। ଶେଷ ଦିବସରେ ଆଶାୟୀ ଶ୍ରଦ୍ଧାଳୁ ଉକ୍ତ ଲଡ୍ଡୁ କ୍ରୟକରି ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି। ପ୍ରତିବର୍ଷ ଠାକୁରଙ୍କ ନିକଟରେ ଅନନ୍ତବ୍ରତ ପାଳନ କରାଯାଇଥାଏ। ଏଥିରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଯୋଗଦେଇଥାନ୍ତି। ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଏବଂ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଏମାନେ ଯାହା କୁହନ୍ତି...



ଜଟଣୀ-ଖୋର୍ଦ୍ଧା ଏବଂ ପୁରୀକୁ ସଂଯୋଗ କରୁଥିବା ମୁଖ୍ୟ ମାର୍ଗ ନିକଟରେ ରହିଛି ସୀତାରାମ ଛକ ପୂଜାମଣ୍ଡପ। ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁ ଏଠାକୁ ପୂଜା ଦେଖିବାକୁ ଆସିଥାନ୍ତି। । ସୁଉଚ୍ଚ ତୋରଣ ପାଇଁ ଏହି ଅନୁଷ୍ଠାନର ନାଁ ରହିଛି। ହେଲେ ଗତ ୨୦୧୫ ମସିହାରୁ ନିର୍ମାଣାଧୀନ ଫ୍ଲାଏ ଓଭରବ୍ରିଜ ଲାଗି ଗଣେଶ ପୂଜା ସମୟରେ ସାଜସଜ୍ଜା ଏବଂ ତୋରଣରେ ପରିବର୍ତ୍ତନ ଆସିଛି। ରୀତିନୀତି, ପରମ୍ପରାଏବଂ ସଂଘର ମାନ ପାଇଁ ସୀମିତ ଜାଗାରେ ନୂତନତ୍ୱ ଆଣି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ଜାରି ରହିଛି।

**- ରମେଶ ଚନ୍ଦ୍ର ମହାପାତ୍ର, ସଭାପତି, ସୀତାରାମ ଛକ ବ୍ୟବସାୟୀ ସଂଘ**



କରୋନା ପାଇଁ ବ୍ୟବସାୟୀଙ୍କ କ୍ଷତି ହୋଇଛି, କିନ୍ତୁ ପୂଜା ଲାଗି ଉତ୍ସାହ ରହିଛି। ବର୍ଷ ବର୍ଷ ଧରି ଆମ ଅନୁଷ୍ଠାନ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିପାରିଛି। ସୀମିତ ଜାଗା ଯୋଗୁ ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଳାକୃତି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ ବୋଲି ଆଶା ରହିଛି। ପ୍ରତିଦିନ ସନ୍ଧ୍ୟାରେ ମହାଦେବଙ୍କଠାରେ ରୀତିନୀତିରେ ପୂଜାର୍ଚ୍ଚନା ସହିତ ଭବ୍ୟ ସନ୍ଧ୍ୟା ଆଳତିର ଆୟୋଜନ କରାଯିବ।

**- ଗିରିଶ୍ ଚନ୍ଦ୍ର ମହାରଣା, ସମ୍ପାଦକ, ସୀତାରାମ ଛକ ବ୍ୟବସାୟୀ ସଂଘ**

**ଅଳିଆରେ ଉଛୁଳିଲାଣି ଟିଟିଏସ୍**

# ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ଅଞ୍ଚଳବାସୀ



ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱର ଏବେ ଆବର୍ଜନା ସିଟିରେ ପରିଣତ ହୋଇଛି। ଯୁଆଡେ ଚାହିଁବ ଅଳିଆ ଆବର୍ଜନା ଦେଖିବାକୁ ମିଳୁଛି। ଦାରୁଠେଙ୍ଗ ଗ୍ରାମବାସୀଙ୍କ ନାଲିଆଖି ଓ ବିରୋଧ ଯୋଗୁ ୨୦ ଦିନରୁ ଊର୍ଦ୍ଧ୍ୱ ହେବ ଭୁଆସୁଣୀ ଡମ୍ପିଂୟାର୍ଡକୁ ଅଳିଆ ଯାଇ ପାରୁନାହିଁ। ବିଏମ୍‌ସି ଦାବି ପୂରଣ କରୁନି କି ଦାରୁଠେଙ୍ଗବାସୀ ନିଜ ଜିଦ୍‌ରୁ ଓହରୁ ନାହାନ୍ତି। ଫଳରେ ସେବେଠାରୁ ସହରର ସବୁ ଅଳିଆ ସୈନିକ ସ୍କୁଲ ନିକଟ ଟେମ୍ପୋରାରି ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍) ବା ଅସ୍ଥାୟୀ ଡମ୍ପିଂୟାର୍ଡରେ ଜମା ହେଉଛି। କିନ୍ତୁ ତାହା ସ୍ଥାନାନ୍ତର ହୋଇପାରୁ ନ ଥିବାରୁ ଟିଟିଏସ୍ ଏବେ ଉଛୁଳି ପଡିଛି। ଏହାସତ୍ତ୍ୱେ ତା'ଉପରେ ଅଳିଆ ଗଦା ଚାଲିଛି। ପୁଣି ଅଳିଆ ପକାଇବାକୁ ଜାଗା ନ ଥିବାରୁ ଓ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ଆଖପାଖ ଖାଲି ସ୍ଥାନରେ ଅଳିଆ ପକାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ସୈନିକ ସ୍କୁଲ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ଅଣନିଃଶ୍ୱାସୀ ହୋଇପଡିବା ସହ ଅଭିଶପ୍ତ ଜୀବନ ବିତାଉଛନ୍ତି।

## 'ଡମ୍ପିଂୟାର୍ଡ ସମସ୍ୟା ୨ଦିନରେ ସମାଧାନ କର'

### ମେୟରଙ୍କୁ ଚିଠି ଲେଖିଲେ ଅପରାଜିତା

ଡମ୍ପିଂୟାର୍ଡ ବିବାଦରୁ ଭୁବନେଶ୍ୱରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ବିଏମ୍‌ସି ମେୟର ଓ କମିଶନର କେବଳ ଆଲୋଚନା ମଧ୍ୟରେ ସୀମିତ ରହିଥିବାବେଳେ ସମାଧାନର ବାଟ ଫିଟି ପାରୁନି। ଏଭଳିସ୍ଥଳେ ରାଜଧାନୀବାସୀଙ୍କ ସମସ୍ୟା ଦିଗରେ ଉଦ୍ୟମ କରିଛନ୍ତି ଏମ୍‌ପି ଅପରାଜିତା ଷଡଙ୍ଗୀ। ଭୁବନେଶ୍ୱରରେ ଡମ୍ପିୟାର୍ଡ ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ ସେ ମେୟର ସୁଲୋଚନା ଦାସଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଲେଖିଛନ୍ତି ଯେ, ଦିନ ପରେ ଦିନ ବିତି ଚାଲିଥିଲେ ବି ପରିମଳ ବ୍ୟବସ୍ଥାରେ ଉନ୍ନତି ଆସି ପାରୁନାହିଁ। ଗଳିକନ୍ଦିଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ କୁଢ କୁଢ ଆବର୍ଜନା ଗଦା ହୋଇ ରହିଛି। ଫଳରେ ସ୍ମାର୍ଟସିଟିର ଛବି ମଳିନ ହେଉଛି। ଏଥିସହ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଏହାର ସମାଧାନ କରାଯାଉ। ନ ହେଲେ ସେପ୍ଟେମ୍ବର ୨ ଅପରାହ୍ନ ୫ଟାରେ ବିଏମ୍‌ସି ଅଫିସରେ ପହଞ୍ଚି ମେୟରଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି ଅପରାଜିତା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, କେତେବେଳେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ତ ଆଉକେବେ ଡମ୍ପିଂୟାର୍ଡ ସମସ୍ୟା ପାଇଁ ସହରବାସୀ ନାହିଁ ନଥିବା ହଇରାଣ ହେଉଛନ୍ତି। ବିଏମ୍‌ସିର ଅପାରଗତା ଦର୍ଶାଇ ୨୬ ତାରିଖରେ ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅପରପକ୍ଷେ ଶନିବାର ଦାରୁଠେଙ୍ଗ ଗ୍ରାମବାସୀ ଏବଂ ବିଏମ୍‌ସି ମଧ୍ୟରେ ଆଲୋଚନା ହୋଇଥିଲେ ବି କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ତେବେ ଏହି ଆଲୋଚନା ସହରବାସୀଙ୍କ ପାଇଁ ଶୁଭଫଳ ଆଣିବ ନା ଅପରାଜିତାଙ୍କ ସମ୍ପୃକ୍ତି ପରେ ବାଟ ଫିଟିବ ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ।

### ଲୋକେ ରୋଗାକ୍ରାନ୍ତ ହୋଇପଡ଼ିବେ



ବର୍ଷାଦିନ ଆସିଲେ ଆମର ଚିନ୍ତା ବଢୁଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଅସ୍ଥାୟୀ ଡମ୍ପିଂୟାର୍ଡରେ ଏବେ ପାହାଡ ଭଳି ଅଳିଆ ଗଦା ହୋଇଗଲାଣି। ଏହା ପାଖରେ ୨ଟି ସ୍କୁଲ ରହିଥିବାବେଳେ ପିଲାମାନେ ଦୁର୍ଗନ୍ଧ ପାଇଁ ସେଠାକୁ ଯିବାକୁ ରାଜି ହେଉ ନାହାନ୍ତି। ବିଏମ୍‌ସିର ଅଳିଆ ଗାଡ଼ି ଦିନକୁ ୪୦/୫୦ ଥର ଯିବା ଆସିବା କରୁଛି। ଫଳରେ ସେହି ସମୟରେ ରାସ୍ତାରେ ଗାଡ଼ି ଜାମ୍ ହେଉଛି। ପୁଣି ଗାଡ଼ିରୁ ପଚା ପାଣି ପଡି ରାସ୍ତା ଦୁର୍ଗନ୍ଧମୟ ହୋଇପଡୁଛି। ଛୋଟପିଲାଙ୍କଠାରୁ ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ହଟହଟା ହେଉଛନ୍ତି। ଏପରିସ୍ଥିତି ଲାଗି ରହିଲେ ଲୋକେ ରୋଗାକ୍ରାନ୍ତ ହୋଇ ପଡିବେ। ଏଥିପାଇଁ ବିଏମ୍‌ସି ଦାୟୀ ରହିବ।

–ସଞ୍ଜୟ କୁମାର ସ୍ୱାଇଁ,
ସ୍ଥାନୀୟ ବାସିନ୍ଦା

### ପେଟରୁ ଭାତ ବାହାରିବା ଭଳି ଅବସ୍ଥା, ଛାତ୍ରୀଛାତ୍ର ପଢ଼ିପାରୁ ନାହାନ୍ତି



ଟିଟିଏସ୍ ପାଖଦେଇ ଯିବାଆସିବା କରିବାବେଳେ ପେଟରୁ ଭାତ ବାହାରି ଆସିବା ଭଳି ଅବସ୍ଥା ହେଉଛି। ଏଥିପାଇଁ ଭିଏସ୍ଏସ୍ ନଗର, ରେଲ୍‌ୱେ କଲୋନୀ, ଚକେଇସିଆଣି ଅଞ୍ଚଳର ଲୋକେ ହନ୍ତସନ୍ତ ହେଉଛନ୍ତି। ନିକଟରେ ସୈନିକ ସ୍କୁଲ ଏବଂ ଅନ୍ୟ ସ୍କୁଲ ରହିଥିବାରୁ ଛାତ୍ରୀଛାତ୍ର ପୁତିଗନ୍ଧମୟ ପରିବେଶରେ ଠିକ୍ ଭାବେ ପାଠ ପଢିପାରୁ ନାହାନ୍ତି। ଆମଭଳି ବରିଷ୍ଠ ନାଗରିକଙ୍କ ପାଇଁ ଏଭଳି ପରିବେଶ ବହୁ କ୍ଷତିକାର। ଦୁର୍ଗନ୍ଧରୁ ବର୍ତ୍ତିବା ପାଇଁ ଆମକୁ ରେଲୱେ ୱାର୍କଶପ୍ ବାଟେ ବୁଲିକି ଯିବାକୁ ପଡୁଛି। ସହରର ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ହେଉନାହିଁ। ବିଏମ୍‌ସି ତୁରନ୍ତ ଏହା ଉପରେ ପଦକ୍ଷେପ ନିଅନ୍ତୁ।

–ଭ୍ରମରବର ପ୍ରଧାନ,
ସ୍ଥାନୀୟ ବରିଷ୍ଠ ନାଗରିକ

### ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି



ସହରର ବିଭିନ୍ନ ସ୍ଥାନରୁ ଅଳିଆ ଆସି ସୈନିକ ସ୍କୁଲ ନିକଟ ଟିଟିଏସ୍‌ରେ ପଡେ। ପରେ ଏଠାରୁ ଭୂଆଶୁଣି ଡମ୍ପିଂୟାର୍ଡକୁ ଯାଏ। ମାତ୍ର ଗତ କିଛିଦିନ ହେବ ଡମ୍ପିଂୟାର୍ଡକୁ ଅଳିଆ ନ ଯାଇ ଏଠାରେ ଗଦା ହେଉଛି। ଫଳରେ ଏହାର ଖଣ୍ଡମଣ୍ଡଳ ଅଳିଆ ଓ ଦୁର୍ଗନ୍ଧରେ ପୋତି ହୋଇପଡିଲାଣି। ଗୋଟେ ଅଳିଆ ଗାଡ଼ି ଗଲେ ଅଧଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଯାଇ ହେଉନାହିଁ। ସମ୍ପୂର୍ଣ୍ଣ ଭୁବନେଶ୍ୱର ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଡେଙ୍ଗୁ ଜ୍ୱରର ଉତ୍ପତ୍ତି ସ୍ଥଳ ପାଲଟିଛି। ଯଦି ଦାରୁଠେଙ୍ଗରେ ଅଳିଆ ପକାଯାଇ ନ ପାରୁଛି ତେବେ ବିଏମ୍‌ସି କମିଶନର ଓ ମେୟର ଅନ୍ୟ କେଉଁଠି ସ୍ଥାନ ଚିହ୍ନଟ କରି ତୁରନ୍ତ ସମସ୍ୟା ସମାଧାନ କରନ୍ତୁ।

–ଶୀତଳ ଚନ୍ଦ୍ର ମହାନ୍ତି,
ସ୍ଥାନୀୟ ଅଞ୍ଚଳ ବାସିନ୍ଦା

### କଲୋନୀ ଭିତରକୁ ଦୁର୍ଗନ୍ଧ ଆସୁଛି, ବିଏମ୍‌ସି ତୁରନ୍ତ ଅଳିଆ ଉଠାଉ



ବାଣୀବିହାରର ୩ ନମ୍ବର ଗେଟ ବନ୍ଦ କରିବା ପରେ ଭିଏସ୍ଏସ୍ ନଗରବାସୀ ରସୁଲଗଡ଼ ଛକ ଓ ସୈନିକ ସ୍କୁଲ ନିକଟ ଅଳିଆଗଦା ପାଖ ରାସ୍ତାରେ ଯାତାୟାତ କରୁଛନ୍ତି। ଟିଟିଏସ୍‌ରୁ ଅଳିଆ ଉଠୁ ନ ଥିବାରୁ ଏହି ରାସ୍ତାରେ ଯାଇ ହେଉନାହିଁ। ରାସ୍ତା ଉପରେ ଅଳିଆ ବୋଝେଇ ଗାଡ଼ି ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ରହୁଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲେ ବି ଅଞ୍ଚଳବାସୀ ନିରୁପାୟ। ପବନ ବହିଲେ କଲୋନୀ ଭିତରକୁ ଦୁର୍ଗନ୍ଧ ଆସୁଛି। ଏଠାରୁ ଅତିଶୀଘ୍ର ଅଳିଆ ଉଠାଇବା ସହିତ ଆଉ ଅଳିଆ ନ ପାଇବା ପାଇଁ ବିଏମ୍‌ସିକୁ ଅନୁରୋଧ କରୁଛୁ।

–ଦିଲୀପ ଦାଶଶର୍ମା,
ସ୍ଥାନୀୟ ଅଞ୍ଚଳବାସୀ

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୋମନାଥ



@ ପ୍ରିୟବ୍ରତ



@ କିରନ୍



@ ମିଥୁନ

## ତେଲଙ୍ଗାନାରୁ ଧରାପଡିଲେ ନିଶା ବେପାରୀ ବିଜୟ

### ଦଣ୍ଡାଦେଶ ଶୁଣିବା ପରେ ଭୁବନେଶ୍ୱର କୋର୍ଟ ପରିସରରୁ ଚମ୍ପଟ ମାରିଥିଲେ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ଦଣ୍ଡାଦେଶ ଶୁଣିବା ପରେ ଭୁବନେଶ୍ୱର କୋର୍ଟ ପରିସରରେ ପୋଲିସକୁ ଧକ୍କା ମାରି ଫେରାର ଥିବା ନିଶା ବେପାରୀ ବିଜୟ ମାଣିଆ ୨ ମାସ ପରେ ଧରାପଡିଛନ୍ତି। ତେଲଙ୍ଗାନାର ଏକ ପେପର ମିଲରେ ଶ୍ରମିକ ଭାବେ କାମ କରୁଥିବାବେଳେ କମିଶନରେଟ ପୋଲିସର ଏକ ଟିମ୍ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହାପରେ ଅଭିଯୁକ୍ତ ବିଜୟଙ୍କୁ ଓଡିଶା ଆଣି ପଚରାଉଚରା ପରେ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୁକ୍ତ ବିଜୟଙ୍କ ଘର ବାଲିପାଟଣା ଥାନା ପଦ୍ମପୁରରେ। ସେ ବେଆଇନ ନିଶା କାରବାର ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିଲେ। ଗତ ଜୁନ ୨୫ରେ ଏଡିଜି–୩ କୋର୍ଟରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ଝାରପଡା ଜେଲରୁ ବିଜୟଙ୍କୁ ସୁରକ୍ଷା ଭିତରେ କୋର୍ଟ ନିଆଯାଇଥିଲା। ବିଚାରପତି ସମସ୍ତ ଦସ୍ତାବିଜ ଓ ପ୍ରମାଣ ଆଧାରରେ ବିଜୟଙ୍କୁ ୧୦ବର୍ଷ କାରାଦଣ୍ଡ ଏବଂ ୧ ଲକ୍ଷ ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଏହାପରେ ଅଭିଯୁକ୍ତ ବିଜୟ ହାତରେ ହାତକଡି ପକାଇ ଝାରପଡା ଜେଲକୁ ପୋଲିସ ନେଉଥିଲାବେଳେ କୋର୍ଟ ପରିସରରୁ ସେ ଚମ୍ପଟ ମାରିଥିଲେ। ତାଙ୍କୁ ଧରିବା ଲାଗି କମିଶନରେଟ ପୋଲିସ ଏକ ଟିମ ଗଠନ କରିଥିଲା। କଟକ ଜଗତପୁରରେ ଥିବା ଶ୍ୱଶୁର ଘରେ ଅଭିଯୁକ୍ତ ଲୁଚିଥିବା ଖବରପାଇ ପୋଲିସ ସେଠାରେ ଚଢାଉ କରିଥିଲା। ହେଲେ ଏହା ପୂର୍ବରୁ ଶ୍ୱଶୁରଘରେ ୪ଦିନ ଧରି ଲୁଚିଥିବା ବିଜୟ ପୁରୀ ଯାଇ ଟ୍ରେନ୍‌ରେ ତେଲଙ୍ଗାନା ପଳାଇଥିଲେ। ସେ ସେଠାରେ ଏକ ପେପର ମିଲରେ ଶ୍ରମିକଭାବେ କାମ କରୁଥିଲେ।

# ହଜିଯାଉଛି ଯାତ୍ରୀପଟ୍ଟି ପରମ୍ପରା

- ଶ୍ରଦ୍ଧାଳୁ ଖୋଜୁଛନ୍ତି ଠିଆଗୋଡ଼ିଆ ଯାତ୍ରୀପଟ୍ଟି
- ପରମ୍ପରା ପୁନରୁଦ୍ଧାର କରୁ ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ,୨୮।୮

ଆଧୁନିକତା ଛାପରେ ଶ୍ରୀକ୍ଷେତ୍ରରେ ଯାତ୍ରୀପଟ୍ଟି ପରମ୍ପରା ବିଲୁପ୍ତ ହେବାକୁ ବସିଲାଣି। ଦିନେ ଶ୍ରୀଜଗନ୍ନାଥ ପରମ୍ପରାର ବାର୍ତ୍ତାବାହ ସାଜିଥିବା ଯାତ୍ରୀପଟ୍ଟି ସମ୍ପ୍ରତି ନିଜ ପ୍ରାସଙ୍ଗିକତା ହରାଇବାକୁ ବସିଲାଣି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କୁ କୌଳିକ ପଣ୍ଡାମାନେ ମହାପ୍ରସାଦ ସହ ଯାତ୍ରୀପଟ୍ଟି ଭେଟି ଦେଉଥିଲେ। ଉଭୟ ଶ୍ରୀମନ୍ଦିର ବେଢ଼ା ଓ ବାହାରେ ଶ୍ରୀମନ୍ଦିର ପରମ୍ପରା ସହ ଜଡ଼ିତ ଚିତ୍ରକାରଙ୍କ ଦ୍ୱାରା ପ୍ରସ୍ତୁତ ଯାତ୍ରୀପଟ୍ଟି ବିକ୍ରି କରାଯାଉଥିଲା। ଶ୍ରୀମନ୍ଦିର ପ୍ରଶାସନର ମଧ୍ୟ ଏକ ଯାତ୍ରୀପଟ୍ଟି ମାହାଲ ଥିଲା। ଏହା ଚକଡ଼ା ମହଲ ଓ ବେଢା ମହଲ ଭାବେ ପରିଚିତ ଥିଲା। ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଆସିଲେ ଏଠାରୁ ଖରିଦ କରି ନେଉଥିଲେ। ମାତ୍ର ସମୟକ୍ରମେ ଏହି ପରମ୍ପରା ବନ୍ଦ ହୋଇଯାଇଛି। ଯାତ୍ରୀପଟ୍ଟି କେବଳ ସଂଗ୍ରହାଳୟରେ ସୀମିତ ହୋଇରହିଛି।





ପଟ୍ଟଚିତ୍ର ବିଶାରଦ ଦେବୀ ନନ୍ଦ କହିଛନ୍ତି, ୧୦ ବର୍ଷ ପୂର୍ବରୁ ଯାତ୍ରୀପଟ୍ଟି ପରମ୍ପରା ରହିଥିଲା। ଖୁବ୍ କମ୍ ଲୋକ ଯାତ୍ରୀପଟ୍ଟି ପ୍ରସ୍ତୁତ କରୁଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ ଶେଷ ହୋଇ ନ ଥିଲା। ମାତ୍ର ସଂପ୍ରତି ଏହି ପରମ୍ପରା କେବଳ ପୁରୀ ଜିଲାର ରଘୁରାଜପୁରରେ ବଞ୍ଚି ରହିଛି। ପାରମ୍ପରିକ ପଟ୍ଟି ନିର୍ମାଣ ପାଇଁ ପ୍ରଥମେ କନାରେ ଖଡ଼ିଗୁଣ୍ଡ ଓ ତେନ୍ତୁଳି ମଞ୍ଜି ଘଷାଯାଇ ପଟ୍ଟି ପ୍ରସ୍ତୁତ କରାଯାଇଥାଏ। ତାହାରି ଉପରେ କାରୁକାର୍ଯ୍ୟ କରାଯାଏ। ଯାତ୍ରୀ ପଟ୍ଟିର ସ୍ୱତନ୍ତ୍ରତା ରହିଛି। ଏବେ ଅନେକ ପଟ୍ଟଚିତ୍ର ନିର୍ମାଣ କରାଯାଉଥିଲେ ମଧ୍ୟ ଠିଆଗୋଡ଼ିଆ ଯାତ୍ରୀପଟ୍ଟିକୁ ଶ୍ରଦ୍ଧାଳୁ ଖୋଜୁଛନ୍ତି। ଏଥିରେ ଶ୍ରୀମନ୍ଦିର, ପାର୍ଶ୍ୱ ଦେବଦେବୀ ମନ୍ଦିରଠାରୁ ଆରମ୍ଭ କରି ଅରୁଣ ସ୍ତମ୍ଭ ଓ ଗରୁଡ଼ ସ୍ତମ୍ଭ ପର୍ଯ୍ୟନ୍ତ କାରୁକାର୍ଯ୍ୟ ଗୋଟିଏ ପଟ୍ଟିରେ କରାଯାଇଥାଏ। ବିଶେଷକରି ଠିଆଗୋଡ଼ିଆ ଯାତ୍ରୀପଟ୍ଟି ବ୍ୟତୀତ ଚଉକ, ଗୋଲ, ଠିକିରି, ପାନପତ୍ରି ଭଳି ଭିନ୍ନ ଭିନ୍ନ ପ୍ରକାର ଯାତ୍ରୀପଟ୍ଟି ମିଳୁଥିଲା। ସେସବୁ ଏବେ ବିଲୁପ୍ତ। ପ୍ରଖ୍ୟାତ ଗବେଷକ ଆର୍. ଏଲ୍. ମିତ୍ର ଯାତ୍ରୀପଟ୍ଟି ସମ୍ପର୍କରେ ଲେଖିଛନ୍ତି, ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନେ ଫେରିବା ସମୟରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ସହ ବେତମାଳି ଓ ମହାପ୍ରସାଦ କିଣି ନେଉଥିଲେ। ଏହାଦ୍ୱାରା ଜଗନ୍ନାଥ ଧର୍ମ ଓ ପାରମ୍ପରିକ କଳାର ପ୍ରସାର ପଥ ସୁଗମ ହେଉଥିଲା। ଏ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଅଣସରରେ ପଟ୍ଟଚିତ୍ର କରୁଥିବା ଚିତ୍ରକରମାନେ ହିଁ ଯାତ୍ରୀପଟ୍ଟି କାରୁକାର୍ଯ୍ୟ କରୁଥିଲେ। ସମୟକ୍ରମେ ବୈଷ୍ଣବ ଭକ୍ତମାନେ ପ୍ରଭାବିତ ହୋଇ ଶ୍ରୀଜଗନ୍ନାଥଙ୍କ ଚିତ୍ର ସହ କୃଷ୍ଣଲୀଳା ଏବଂ ଅନ୍ୟାନ୍ୟ ପୌରାଣିକ ବିଷୟବସ୍ତୁର ପଟ୍ଟଚିତ୍ର ଆଙ୍କୁଥିଲେ। ସେବାୟତ ଓ ପଣ୍ଡାମାନଙ୍କର ଏହା ରୋଜଗାରର ଅନ୍ୟତମ ମାଧ୍ୟମ ଥିଲା। ସେହିଭଳି କାଗଜରେ ମଧ୍ୟ ଯାତ୍ରୀପଟ୍ଟି ପ୍ରସ୍ତୁତ ହେଉଥିଲା। ତେବେ ଏହା ଅପେକ୍ଷାକୃତ ଭାବେ ଛୋଟ ଥିଲା। ଶ୍ରୀମନ୍ଦିର ପରମ୍ପରା ଓ ବିଭିନ୍ନ ନୀତିକାନ୍ତିକୁ ଯାତ୍ରୀପଟ୍ଟି ମାଧ୍ୟମରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇପାରୁଥିଲା। ଏହାକୁ ପୁଣି ଥରେ ପ୍ରୋତ୍ସାହିତ କରିବାର ସମୟ ଆସିଛି ବୋଲି ଡ. ମିଶ୍ର କହିଛନ୍ତି। ସେହିପରି ସଂସ୍କୃତିପ୍ରେମୀ ବଦ୍ରି ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପଟ୍ଟଚିତ୍ର ମହଲକୁ ପୁଣି ଥରେ ଆରମ୍ଭ କରିବା ଆବଶ୍ୟକ। ଏହା ଦ୍ୱାରା ଆମେ ଯାତ୍ରୀପଟ୍ଟି କାରୁକାର୍ଯ୍ୟକୁ ଲୋକଲୋଚନକୁ ଆଣିପାରିବା। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ପଟ୍ଟଚିତ୍ର ପରମ୍ପରା ଉଜ୍ଜୀବିତ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ପ୍ରୟାସ କରିଆସିଛି। ଯାତ୍ରୀପଟ୍ଟି ପରମ୍ପରା ଶ୍ରୀମନ୍ଦିରର ପ୍ରଚାର ପ୍ରସାର ଦିଗରେ ସହାୟକ ହୋଇଛି। ଏବେ ପଟ୍ଟଚିତ୍ର କ୍ଷେତ୍ରରେ କାରୁକାର୍ଯ୍ୟ ଆଗକୁ ଯାଇଛି ଓ ଆହୁରି ଉନ୍ନତି ଆସିବ। ଯାତ୍ରୀପଟ୍ଟି ପରମ୍ପରା ବଞ୍ଚାଇ ରଖିବା ସହ ପ୍ରୋତ୍ସାହିତ କରାଯିବା ଲାଗି ପଦକ୍ଷେପ ନିଆଯିବ।




ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ପାଇଁ ରବିବାର ପୁରୀ ମାଟିମଣ୍ଡପ ସାହିର ଉଉରକାଳୀ ଆଖଡ଼ା ପକ୍ଷରୁ ବାହାରିଥିବା ବେଶଧାରୀ।



ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ଅନୁଷ୍ଠିତ ୧୧ତମ ଗୁରୁଶ୍ରୀ ସମ୍ମାନ ପ୍ରଦାନ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।




ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ରବିବାର ଅନୁଷ୍ଠିତ ଭାରତୀୟ ଆର୍‌ଏମ୍ଏସ୍ ଆଣ୍ଡ ଏମ୍ଏମ୍ଏସ୍ ଏମ୍ପ୍ଲଇଜ୍ ୟୁନିଅନର ମିଳିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିମାନେ।

ଧରିତ୍ରୀ
DHARITRI
Bhubaneswar, Monday, August 29/2022



**୧୮,୦୦୦କୋଟି ଟଙ୍କା ନିବେଶ କରିବ ସୁଜୁକି**

**ନୂଆଦିଲ୍ଲୀ:** ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ସୁଜୁକି ଭାରତରେ ୧୮ହଜାର କୋଟି ଟଙ୍କାରୁ ଅଧିକ ନିବେଶ କରିବ ବୋଲି ଜଣାପଡ଼ିଛି। କମ୍ପାନୀର ୪୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ହଂସଲପୁରରେ ଇଲେକ୍ଟ୍ରିକ ଗାଡି ବ୍ୟାଟେରି ନିର୍ମାଣ ପ୍ଲାଣ୍ଟ ଏବଂ ହରିୟାଣାର ଖରଖୋଦାରେ ପାସେଞ୍ଜର ଗାଡି ପ୍ଲାଣ୍ଟର ଶିଳାନ୍ୟାସ କରିଛନ୍ତି। ଉଦଘାଟନୀ ଅବସରରେ ସୁଜୁକି ମୋଟର କର୍ପୋରେଶନର ଅଧକ୍ଷ ଏବଂ ସିଇଓ ଟି.ସୁଜୁକି, ଭାରତରେ ସୁଜୁକି ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର ଇଣ୍ଡିଆ ନାମକ ଅନ୍ୟ ଏକ କମ୍ପାନି ଖୋଲିବାକୁ ଘୋଷଣା କରିଛନ୍ତି। ଆସନ୍ତା ୨୦୨୫ରୁ ଇଲେକ୍ଟ୍ରିକ ଗାଡି ନିର୍ମାଣ ଆରମ୍ଭ କରିବାକୁ କମ୍ପାନୀ ଯୋଜନା ରଖିଛି।

# 'ପ୍ରତି ଜିଲାରେ ହେବ ଏମ୍ଏସ୍ଏମ୍ଇ ପାର୍କ'

**ଭୁବନେଶ୍ୱର,୨୮।୮**

ରାଜ୍ୟରେ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ (ଏମ୍ଏସ୍ଏମ୍ଇ) ସ୍ଥାପନ ନିମନ୍ତେ ଥିବା ଭିତ୍ତିଭୂମିକୁ ଆଧାର କରି ଓଡ଼ିଶା ସରକାର ପ୍ରତି ଜିଲାରେ ଏମ୍ଏସ୍ଏମ୍ଇ ପ୍ରତିଷ୍ଠା କରିବାକୁ ଯାଉଛନ୍ତି ବୋଲି ପ୍ରୋପ୍ୟାକ ଓଡ଼ିଶା-୨୦୨୨ର ଉଦ୍ଯାପନୀ ଉତ୍ସବରେ ଯୋଗଦେଇ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏଭଳି କିଛି ମତବ୍ୟକ୍ତ କରିଛନ୍ତି। ସେହିଭଳି ଆମେ ରାଜ୍ୟର ପ୍ରତ୍ୟେକ ଜିଲାରେ ଏମ୍ଏସ୍ଏମ୍ଇ ପାର୍କ ପ୍ରତିଷ୍ଠା କରିବାକୁ ଯୋଜନା ରଖିଛୁ ଏବଂ ସେଥିପାଇଁ ଆବଶ୍ୟକ ଜମି, ଜଳ ଓ ବିଦ୍ୟୁତ ସମେତ ବିଭିନ୍ନ ଭିତ୍ତିଭୂମିର ସହାୟତା ଯୋଗାଇ ଦେବା ନିମନ୍ତେ ଇଡକୋକୁ ୪୫୦ କୋଟି ଟଙ୍କାରୁ ଅଧିକ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। କୋଭିଡ୍-୧୯ ମହାମାରୀ କାରଣରୁ ଗତ ୨ବର୍ଷ ଇଣ୍ଡଷ୍ଟ୍ରିଆଲ ସେକ୍ଟର ପାଇଁ ଅତ୍ୟନ୍ତ କଷ୍ଟକର ଥିଲା, ବିଶେଷ କରି ଏମ୍ଏସ୍ଏମ୍ଇ କ୍ଷେତ୍ର ପାଇଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିଳ୍ପଗୁଡିକର ପୁନରୁଦ୍ଧାରରେ ସାହାଯ୍ୟ କରିବା ପାଇଁ ସର୍ବୋତ୍ତମ ଚେଷ୍ଟା କରିଥିଲେ ଏବଂ ସୌଭାଗ୍ୟବଶତଃ ଆମେ ଏହା ସୂଚିତ କରି ଖୁସି ଅନୁଭବ କରୁଛୁ ଯେ, ଅଧିକାଂଶ ଶିଳ୍ପ ପୁଣିଥରେ ପୂର୍ବସ୍ଥିତିକୁ ଫେରିପାରିଛନ୍ତି। ଓଡ଼ିଶା ସରକାର ଗତ ୩ ବର୍ଷ ହେବ ଶିଳ୍ପଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟନ୍ତ ସକ୍ରିୟ ରହିଛନ୍ତି,ବର୍ତ୍ତମାନ ରାଜ୍ୟ ସରକାର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍ଏମ୍ଇ) ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାଜ୍ୟ ଏମ୍ଏସ୍ଏମ୍ଇ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ମହାମାରୀ ପୂର୍ବରୁ ଓ ପରେ ବିଶେଷ କରି ୨୦୧୭ ପରଠାରୁ ରାଜ୍ୟ ସରକାର ଅହେତୁକ ଭାବେ ଶିଳ୍ପାୟନକୁ ପ୍ରୋତ୍ସାହିତ କରି ଆସୁଛନ୍ତି। ଓଡ଼ିଶାର ଅଧିକାଂଶ ଲୋକ ଚାକିରି କିମ୍ବା କୃଷି ଉପରେ ନିର୍ଭର କରନ୍ତି। ଉପଯୁକ୍ତ ଭିତ୍ତିଭୂମିର ଅଭାବ ଓ ଶିଳ୍ପକୁ ନେଇ ମନୋଭାବର ଅଭାବ କାରଣରୁ ପୂର୍ବର ସରକାରମାନେ ଶିଳ୍ପାୟନରେ ଅନେକ ଥର ବିଫଳ ହୋଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନକାଳ ଭିତରେ (ପ୍ରଥମ ୧୫ବର୍ଷରେ) ଏହି ଭିତ୍ତିଭୂମି ସୃଷ୍ଟି କରାଯାଇଥିଲା। ଅପରପକ୍ଷରେ ବିଶାଲ୍ ଦେବ୍, ରାଜ୍ୟ ଅର୍ଥ ବିଭାଗର ମୁଖ୍ୟ ସଚିବ, କହିଛନ୍ତି, ଏମ୍ଏସ୍ଏମଇ ପାଇଁ ବ୍ୟାଙ୍କଗୁଡ଼ିକ ଆର୍ଥିକ ଉପଲବ୍ଧତା ନିଶ୍ଚିତ କରିବା ଆବଶ୍ୟକ ରହିଛି। ଶିଳ୍ପ ସଂଗଠନ ସହ ସହଯୋଗ ବଜାୟ ରଖିବାକୁ ଓଡ଼ିଶା ସରକାର ଯୋଜନା ରଖିଛନ୍ତି। ଆମେ ଏମଏସଏମଇର ଆର୍ଥିକ ବିକାଶକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିଥାଉ କିନ୍ତୁ ଅଧିକାଂଶ ସମୟରେ ଶିଳ୍ପ ସଂସ୍ଥା ଗୁଡିକ୍ ପ୍ରାୟତଃ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଆମ୍ଭେମାନେ ବ୍ୟାଙ୍କଗୁଡ଼ିକ ସହ ଏ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଛୁ ଏବଂ ସେମାନଙ୍କ ପାଇଁ ଅର୍ଥର ଉପଲବ୍ଧତା ନିଶ୍ଚିତ କରିବାକୁ ମଧ୍ୟ କହିଛୁ। ଓଡ଼ିଶା ଆସେମ୍ବଲି ଫର ସ୍ମଲ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓସମି) ପକ୍ଷରୁ ୩୬ତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଭୁବନେଶ୍ୱରର ଜନତା ମଇଦାନଠାରେ ୨୫ ତାରିଖରୁ ଆରମ୍ଭ ହୋଇଥିବା ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ଏମ୍ଏସ୍ଏମ୍ଇ ମିଟ୍-୨୦୨୨ ଶନିବାର ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓରମାସ ସହ ୫ଟି କମ୍ପାନୀ ପ୍ୟାକେଜିଂ ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଉଦଯାପନୀ ସମାରୋହରେ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ କେନ୍ଦ୍ର ଏମଏସଏମଇ-ଡିଏଫଓ,ଏଚଓଓ ଏବଂ ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ରାଜ୍ୟ ଏମଏସଏମଇ ବିଭାଗୀୟ ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶ, ଓସମିର ମହାସଚିବ ସାତ୍ତ୍ୱିକ ସ୍ୱାଇଁଙ୍କ ସମେତ ସଂଘର ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ଓସମିର କାର୍ଯ୍ୟନିର୍ବାହୀ ଅଧକ୍ଷ ଡ. ଶରତ କୁମାର ସାହୁ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।



ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଏମ୍ଏସ୍ଏମ୍ଇ ମିଟ୍-୨୦୨୨ର ଉଦ୍ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ସୋଚ୍‌ର ୧୫୦ତମ ଷ୍ଟୋର୍ ଉଦ୍‌ଘାଟିତ




**ନୂଆଦିଲ୍ଲୀ,୨୮।୮**

ଦେଶର ପ୍ରମୁଖ ଏଥନିକ୍ ୱିୟର୍ ଫ୍ୟାଶନ ପ୍ରତିଷ୍ଠାନ ସୋଚ୍‌ର ୧୫୦ତମ ଷ୍ଟୋର ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ସୋଚ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ସିଇଓ ବିନୟ ଚଟ୍‌ଲାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଦେଶର ୫୯ଟି ପ୍ରମୁଖ ସହରରେ ଥିବା ସୋଚ ଷ୍ଟୋର୍‌ର ବିଶ୍ୱସ୍ତ ଗ୍ରାହକମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଏପରିକି ଏହି ସ୍ୱତନ୍ତ୍ର ସେଲିବ୍ରେଶନ ସମୟରେ ଗ୍ରାହକମାନେ ସୋଚ୍‌ର ଯେ କୌଣସି ଷ୍ଟୋର୍‌ରେ ୧୦,୦୦୦ ଟଙ୍କା ମୂଲ୍ୟର ଭାଉଚର୍ ଜିତି ପାରିବେ ବୋଲି ସୋଚ୍ ପକ୍ଷରୁ ଘୋଷଣା କରାଯାଇଥିଲା। ସେହିଭଳି ସୋଚର ଦେଶବ୍ୟାପୀ ଆଉଟ୍‌ଲେଟ୍‌ଗୁଡିକରେ ନୂଆ ଡିଜାଇନର ଫୁଲ୍ ଷ୍ଟକ୍ ସାଙ୍ଗକୁ ସୁନ୍ଦର ଫ୍ୟାବ୍ରିକ୍‌ରେ ଚମତ୍କାର ସିଲ୍ ହୌଟେ ସହ ଜୀବନ୍ତ ରଙ୍ଗ ଓ ଯତ୍ନର ସହ ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ସୋଚ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ସିଇଓ ବିନୟ ଚଟ୍‌ଲାନି କହିଛନ୍ତି, ଆମର ୧୫୦ତମ ଷ୍ଟୋର୍‌ର ଶୁଭାରମ୍ଭ ଅବସରକୁ ଆମେ ଦୀର୍ଘ ଦିନରୁ ଅପେକ୍ଷା କରି ରହିଥିଲୁ। ଆମେ ଦେଶବ୍ୟାପୀ ଓ ଫ୍ୟାଶନ ଶିଳ୍ପରେ ଆମର ଉପସ୍ଥିତିକୁ ସ୍ଥାପନ କରିଛୁ। ଆମର କାହାଣୀ ବେଙ୍ଗାଲୁରୁରେ ଆରମ୍ଭ ହୋଇଥିଲା ଏବଂ ଆମର ୧୫୦ତମ ଷ୍ଟୋର୍ ମଧ୍ୟ ବେଙ୍ଗାଲୁରୁରେ ଖୋଲିଛି। ଆମେ ଗ୍ରାହକଙ୍କ ପାଇଁ ସମୃଦ୍ଧ ଅଭିଜ୍ଞତା ଆଣିବାକୁ ବିଶ୍ୱାସ ରଖିଛୁ ଏବଂ ୧୫୦ଟି ଷ୍ଟୋର୍ ଆମ ଯାତ୍ରାରେ କେବଳ ପ୍ରଥମ ସଫଳତା ଅଟେ।

# ଏଚ୍ଏମ୍ଆଇଏଫ୍‌ର 'ଆର୍ଟ ଫର୍ ହୋପ୍-୨୦୨୩'

**ନୂଆଦିଲ୍ଲୀ,୨୮।୮**

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା 'ହୁଣ୍ଡାଇ' ମୋଟର ଇଣ୍ଡିଆର ସିଏସଆର୍ ଶାଖା ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚଏମଆଇଏଫ) ପକ୍ଷରୁ ଭାରତରେ କଳା ଏବଂ ସଂସ୍କୃତି ଗୋଷ୍ଠୀଙ୍କୁ ସମର୍ଥନ କରିବା ପାଇଁ 'ଆର୍ଟ ଫର ହୋପ-୨୦୨୩'ର ୨ୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଅନ୍ତର୍ଗତ ୨୫ କଳାକାର ଏବଂ ୧୦କଳା ସଂଗଠନକୁ ସମର୍ଥନ କରିବାକୁ ପ୍ରାୟ ୪୦ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡିଛି। ଉକ୍ତ ଅନୁଦାନର ଆବେଦନ ଅଫ ଲାଇନ ଏବଂ ଅନ ଲାଇନ ଚ୍ୟାନେଲ ମାଧ୍ୟମରେ ଚଳିତ ବର୍ଷ ସେପ୍ଟେମ୍ବର ୧ରୁ ୧୫ମଧ୍ୟରେ ଗ୍ରହଣ କରାଯିବ।

ଏ ସମ୍ପର୍କରେ ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର କର୍ପୋରେଟ ଆଫେୟାର୍ସ ଏଭିପି ଏବଂ ଗ୍ରୁପ ହେଡ୍ ପୁନୀତ ଆନନ୍ଦ କହିଛନ୍ତି, ବିଶ୍ୱ ବ୍ରାଣ୍ଡ ଭିଜନ 'ପ୍ରଗତି ପାଇଁ ମାନବିକତା' ଅଧୀନରେ ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ କାର୍ଯ୍ୟ କରୁଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବାକୁ ଏହା ଉପଯୋଗୀ ସାବ୍ୟସ୍ତ ହୋଇଛି। ଆର୍ଟ ଫର ହୋପର ୧ମ ସଂସ୍କରଣ ସମୟରେ ଆମେ ପ୍ରଥମ ଥର ପାଇଁ କଳାକାର ଗୋଷ୍ଠୀ ସହ ସଂଯୁକ୍ତ ହୋଇଥିଲୁ ଏବଂ ଏହା ପ୍ରକୃତରେ ଏକ ନୂତନ ଅନନ୍ୟ ଅନୁଭୂତି ଥିଲା। ଏହା ଆମକୁ ଉତ୍ସାହିତ କରିଥିଲା। ତେଣୁ ଚଳିତ ୨୦୨୨ବର୍ଷ ଆମେ ଆର୍ଟକୁ ଏଥିରେ ଯୋଗ କରି ଏହାର ପରିସର ବିସ୍ତାର କରିଛୁ। ଆମେ ନିଶ୍ଚିତ ଯେ ଚଳିତ ବର୍ଷ ଅଧିକ ପ୍ରତିଭା ସାମ୍ନାକୁ ଆସିବେ। 'ଆର୍ଟ ଫର ହୋପ-୨୦୨୩'ର ବିଚାରକ ମଣ୍ଡଳୀରେ ଖ୍ୟାତନାମା ଫଟୋଗ୍ରାଫର ଆଦିତ୍ୟ ଆର୍ଯ୍ୟ, ଲୋକପ୍ରିୟ ଭିଜୁଆଲ କଳାକାର ଜଗନ୍ନାଥ ପଣ୍ଡା, ଇନ୍‌କୋର ନିର୍ଦ୍ଦେଶକ ଡ. ରଥୀ ଜାଫର ପ୍ରମୁଖ ଅଛନ୍ତି।

# ସେନ୍‌କୋର ନୂଆ ଅଭିଯାନ ଆରମ୍ଭ

**ନୂଆଦିଲ୍ଲୀ,୨୮।୮**

ପୂର୍ବ ଭାରତର ସର୍ବବୃହତ ସଂଗଠିତ ଗହଣା ରିଟେଲର ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଅନ୍‌ଲାଇନ୍ ସୁନା କାରବାର ପ୍ଲାଟ୍‌ଫର୍ମ ଡିଜି ଗୋଲ୍ଡ ପାଇଁ ସୌରଭ ଗାଙ୍ଗୁଲିଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ନୂଆ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୧୫ପରଠାରୁ ସେନ୍‌କୋର ବ୍ରାଣ୍ଡ ଆମ୍ବାସାଡର ଭାବେ ସୌରଭ ସାମିଲ ହୋଇଛନ୍ତି। କମ୍ପାନୀର ଉକ୍ତ ଅଭିଯାନରେ ସୌରଭଙ୍କ ଅଭିନୀତ ୩ଟି କୌତୁକିଆ ସିନେମା ପ୍ରସ୍ତୁତ କରାଯାଇଛି। ଏପରିକି ତାଙ୍କୁ ତିନିଟି ଚରିତ୍ରରେ ମଧ୍ୟ ଦେଖିବାକୁ ମିଳିବ। ସୁନା ପାଇଁ ତାଙ୍କ ମୋହ ଓ ସେ ଶେଷରେ କିଭଳି ପରିସ୍ଥିତି ସାମ୍ନା କରୁଛନ୍ତି ପ୍ରତିଟି ଫିଲ୍ମରେ ତାହା ପ୍ରଦର୍ଶିତ କରାଯାଇଛି।

ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି,ଡିଜିଟାଲ୍ ପ୍ଲାଟଫର୍ମରେ ଗ୍ରାହକମାନେ ସୁନା କିଣିବା, ରିଡିମ୍ କରିବା ଏବଂ ବିକ୍ରି କରିବା ଲାଗି ବର୍ଷକ ପୂର୍ବେ ମାଇଁ ଡିଜି ଗୋଲ୍ଡ ଡଟ କମ ୱେବ୍‌ସାଇଟ୍ ଜରିଆରେ ଆମେ ଡିଜି ଗୋଲ୍ଡର ଶୁଭାରମ୍ଭ କରିଥିଲୁ। କେବଳ ବିଭିନ୍ନ ସମ୍ପତି ବର୍ଗରେ ନିବେଶ ନୁହେଁ ବରଂ ଆଗୁଆ ସଂଚୟ ବିଷୟରେ ବହୁତ ଭଲ ଭାବେ ଅବଗତ ଥିବା ନୂଆ ପିଢ଼ିର ଭାରତୀୟଙ୍କୁ ନଜରରେ ରଖି ଏହି ନୂଆ ପିଢ଼ିର ଉତ୍ପାଦ ବିକଶିତ କରାଯାଇଥିଲା। ଏହି ଅଭିଯାନରେ ଆମର ଜାତୀୟ ବ୍ରାଣ୍ଡ ଆମ୍ବାସାଡର ସୌରଭ ଗାଙ୍ଗୁଲିଙ୍କୁ ଭିନ୍ନ ଅବତାରରେ ଡିଜିଗୋଲ୍ଡର ତତ୍କାଳ ନିରବଚ୍ଛିନ୍ନ କାରବାର,ବିଶୁଦ୍ଧ ୨୪କ୍ୟାରେଟ୍ ସୁନା, ସମ୍ପୂର୍ଣ୍ଣ ସୁରକ୍ଷା ଓ ବୀମା ଆଦିର ଲାଭ ଉପରେ ଗୁରୁତ୍ୱାରୋପ କରୁଥିବା ଦେଖିବାକୁ ମିଳିବ। ଆମର ବିଶ୍ୱାସ ରହିଛି ଯେ ଗ୍ରାହକମାନେ ଏହି ଅଭିଯାନକୁ ପସନ୍ଦ କରିବେ ଏବଂ ଆମର ପସନ୍ଦର ଦାଦାଙ୍କ କୌତୁକ ପାର୍ଶ୍ୱକୁ ଦେଖି ସେମାନଙ୍କ ମୁହଁରେ ହସ ଫୁଟିବ। ସେହିଭଳି ସୌରଭ କହିଛନ୍ତି, ଏହି ନୂଆ ଅଭିଯାନକୁ ନେଇ ମୁଁ ମଧ୍ୟ ବହୁତ ଉତ୍ସାହିତ ରହିଛି। ଅନ୍‌ଲାଇନ୍‌ରେ ସୁନା କାରବାର କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ବେଶ କୌତୁକିଆ ଓ ସୂଚନାଧର୍ମୀ।

# ସିଆଇଆଇ ଦ୍ୱାରା ଟାଟା ଷ୍ଟିଲ୍ ମାଇନିଂ ପୁରସ୍କୃତ

**ଭୁବନେଶ୍ୱର,୨୮।୮**

ଦେଶର ପ୍ରମୁଖ ଘରୋଇ କମ୍ପାନୀ 'ଟାଟା ଷ୍ଟିଲ ମାଇନିଂ ଲିମିଟେଡ଼'ର ଓଡ଼ିଶାର ଗଞ୍ଜାମ ଓ ଯାଜପୁର ଜିଲାରେ ଯଥାକ୍ରମେ ଅବସ୍ଥିତ ଗୋପାଳପୁର ଫେରୋକ୍ରୋମ କାରଖାନା ଏବଂ ସୁକିନ୍ଦା କ୍ରୋମାଇଟ ଖଣିକୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏପରିକି ୨୦୨୧-୨୨ ବର୍ଷ ପାଇଁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ନିରାପତ୍ତା, ସ୍ୱାସ୍ଥ୍ୟ ଓ ପରିବେଶ (ଏସ୍ଏଚ୍ଇ) କ୍ଷେତ୍ରରେ ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ପୁରସ୍କାରରେ ପୁରସ୍କୃତ କରାଯାଇଛି। ବିଶେଷ କରି ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଖଣି ବିଭାଗରେ ବିଜେତା ଭାବେ ଘୋଷିତ କରାଯାଇଥିବାବେଳେ ଗୋପାଳପୁରର ଫେରୋକ୍ରୋମ କାରଖାନା ବୃହତ୍ ନିର୍ମାଣକାରୀ ବିଭାଗରେ ବିଜୟୀ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗୋପାଳପୁର ଫେରୋ ଆଲୟେଜ କାରଖାନାର ସହକାରୀ ମହାପ୍ରବନ୍ଧକ ବଥୁଲା ଶ୍ରୀନିବାସ ଏବଂ ସୁକିନ୍ଦା କ୍ରୋମାଇଟ୍ ଖଣିର ସହକାରୀ ମହାପ୍ରବନ୍ଧକ ସମ୍ଭୁନାଥ ଝା ସିଆଇଆଇ ଓଡ଼ିଶା ପରିଷଦର ଉପାଧ୍ୟକ୍ଷ ଏସ୍.ଏସ୍.ମହାନ୍ତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ ମାଇନିଂ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଉତ୍ପାଦନରେ ଉନ୍ନତି ଓ ଶ୍ରମଶକ୍ତିର କଲ୍ୟାଣ ପାଇଁ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଓ ସୁସ୍ଥ କର୍ମଚାରୀ ରହିବା ନିହାତି ଆବଶ୍ୟକ। ବିଶେଷକରି ପରିବେଶ,ବୃତ୍ତିଗତ ସ୍ୱାସ୍ଥ୍ୟ ଓ କର୍ମଚାରୀଙ୍କ ନିରାପତ୍ତା ଏବଂ ବ୍ୟାପକ ଭାବେ ସମାଜ ପ୍ରତି ସଂସ୍ଥାମାନଙ୍କ ଦୂରଦୃଷ୍ଟି ଓ ଉଲ୍ଲେଖନୀୟ ପଦକ୍ଷେପକୁ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ସିଆଇଆଇ ପକ୍ଷରୁ ନିରାପତ୍ତା,ସ୍ୱାସ୍ଥ୍ୟ ଏବଂ ପରିବେଶ (ଏସ୍ଏଚ୍ଇ) ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଉଛି।

## ଫୁରସତ

# ଏନ୍‌ଡିଟିଭି: ଚିନ୍ତାରେ ବିଦେଶୀ ଗଣମାଧ୍ୟମ

**ୱାଶିଂଟନ:** ଏସିଆର ଧନିକ ବ୍ୟବସାୟୀ ଗୌତମ ଆଦାନୀ ଏନ୍‌ଡିଟିଭି (ନ୍ୟୁ ଦିଲ୍ଲୀ ଟେଲିଭିଜନ୍)ର ୨୯ ପ୍ରତିଶତ ଅଂଶଧନ କିଣିବାକୁ ଯାଉଥିବା ଖବର ବର୍ତ୍ତମାନ ଅନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟିଛି। ବିଦେଶୀ ମିଡିଆ ସଂସ୍ଥାସବୁ ଭାରତୀୟ ଗଣମାଧ୍ୟମ ପାଇଁ ଚିନ୍ତା ପ୍ରକଟ କରିଛନ୍ତି। ଖାଲି ଭାରତ ନୁହେଁ ବିଭିନ୍ନ ବୈଦେଶିକ ଗଣମାଧ୍ୟମ ଏବେ ବିଲିୟନେୟାର ବ୍ୟବସାୟୀଙ୍କ କବଳରେ। ଆମାଜନ୍ ମାଲିକ ଜେଫ୍ ବେଜୋସ୍ ଆମେରିକାର ଆଗଧାଡ଼ି ଗଣମାଧ୍ୟମ ସଂସ୍ଥା ୱାଶିଂଟନ୍ ପୋଷ୍ଟର ମାଲିକ ଅଟନ୍ତି। ଆଦାନୀ ଘରୋଇ ଟିଭି ଚ୍ୟାନେଲ୍‌ର ଅଂଶଧନ କିଣିବା ଭାରତୀୟ ଗଣମାଧ୍ୟମ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ହେଡିଂ ଦେଇଥିଲା ୱାଶିଂଟନ୍ ପୋଷ୍ଟ।

ଖାଲି ୱାଶିଂଟନ ପୋଷ୍ଟ ନୁହେଁ ବରଂ ଦ ଗାର୍ଡିଆନ୍ ଭଳି ବୈଦେଶିକ ଗଣମାଧ୍ୟମ ଏପ୍ରକାର ଖବର ପ୍ରକାଶନ କରିଛନ୍ତି। ଭାରତୀୟ ଟିଭି ଚ୍ୟାନେଲ୍‌କୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଏ ପ୍ରକାର ଆଲୋଚନା ହେବା ବିରଳ। ସାରା ବିଶ୍ୱ ଆଦାନୀ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ବାବଦରେ ଜାଣିଛନ୍ତି। କିନ୍ତୁ ମୋଦି ସରକାର ଓ ଏନ୍‌ଡିଟିଭି ମଧ୍ୟରେ ଥିବା ତିକ୍ତପୂର୍ଣ୍ଣ ସମ୍ପର୍କ କାହାରିକୁ ଅଛପା ନାହିଁ। ମୋଦି ସରକାରଙ୍କ ନୀତିକୁ ସବୁବେଳେ ସମାଲୋଚନା କରୁଥିବା ଏହି ଘରୋଇ ଟିଭି ଚ୍ୟାନେଲରେ ମୋଦିଙ୍କ ମିତ୍ରଙ୍କ ହସ୍ତକ୍ଷେପ ହୁଏତ ଖବରର ମାନକୁ ବଦଳାଇଦେବ ବୋଲି ଗଣମାଧ୍ୟମ ସଂସ୍ଥା ଆକଳନ କରିଛନ୍ତି। ଯେଉଁଥି ପାଇଁ ଏହାକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି। ଆଦାନୀ ଏନ୍‌ଡିଟିଭିର ଅଂଶଧନ କିଣିବା ନେଇ ଚ୍ୟାନେଲର ସଂସ୍ଥାପକ ରାଧିକା ଏବଂ ପ୍ରଣୟ ରାୟ ଜାଣି ନ ଥିବା କହିଛନ୍ତି। ଏଭଳି ସ୍ଥିତିରେ ଆଦାନୀ ଗ୍ରୁପ୍ ଏହି ଚ୍ୟାନେଲର ଆଉ ୨୬ % ଅଂଶଧନ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି।

କଂଗ୍ରେସ ଶାସନ କାଳରେ ଏହି ଘରୋଇ ଗଣମାଧ୍ୟମ ଚ୍ୟାନେଲ ମିଛ ଖବର ପ୍ରସାରଣ କରିବା ସହ ବିଭିନ୍ନ ପାକିସ୍ତାନୀ ସଂଗଠନର ସମର୍ଥନରେ ଏହି ଚ୍ୟାନେଲ ଉଭା ହୋଇଥିବା ଆଉ କିଛି ବିଦେଶୀ ଗଣମାଧ୍ୟମ ଦାବି କରିଛନ୍ତି। ଶ୍ରୀଲଙ୍କାରେ ଏବେ ସଙ୍କଟାପନ୍ନ ସ୍ଥିତି ଜାରି ଥିବାବେଳେ ପ୍ରଧାନମନ୍ତ୍ରୀ ରାଜପାକ୍ସେଙ୍କୁ ଶ୍ରୀଲଙ୍କା ଛାଡ଼ି ଯିବାରେ ଭାରତ ପ୍ରାଇଭେଟ୍ ଜେଟ୍ ପଠାଇଥିବା ଖବର ଏନ୍‌ଡିଟିଭିରେ ପ୍ରକାଶ ପାଇଥିଲା। କିନ୍ତୁ କିଛି ସମୟ ପରେ ଚ୍ୟାନେଲ ଏହି ଖବରଟିକୁ ଡିଲିଟ୍ କରି ଦେଇଥିବା କଥା ଚର୍ଚ୍ଚା ହୋଇଥିଲା।


ୱାଶିଂଟନ ପୋଷ୍ଟ ମାଲିକ ଜେଫ୍ ବେଜୋସ୍ | ଏନ୍‌ଡିଟିଭି ଅଂଶଧନ କିଣିବାକୁ ଯାଉଥିବା ଗୌତମ ଆଦାନୀ।

# ଲୁକ୍ ପାଇଁ ଟ୍ରୋଲ୍

**ମୁମ୍ବାଇ:** ଫିଲ୍ମ ହେଉ ଅବା ସିରିଏଲ୍ କଳାକାର, ଅନେକ ସମୟରେ ନିଜ ଲୁକ୍ ତ ଆଉ କେତେବେଳେ ଅଜବ କାମ ପାଇଁ ସୋସିଆଲ ମିଡିଆରେ ଟ୍ରୋଲ୍ ହେଉଥିବାର ଦେଖିବାକୁ ମିଳିଛି। ଲୁକ୍‌କୁ ନେଇ ଏବେ ଟ୍ରୋଲର ଶିକାର ହୋଇଛନ୍ତି ସିରିଏଲ୍ ଜଗତର ଜଣାଶୁଣା ଚେହେରା ନିଆ ଶର୍ମା। 'ଝଲକ ଦିଖ୍‌ଲାଜା' ପ୍ରତିଯୋଗୀ ଜଣକ ମୁଣ୍ଡରେ ଗୋଲାପୀ ରଙ୍ଗର ବନ୍ (ଖୋଷା) ଲାଗାଇବାକୁ ନେଇ ତାଙ୍କୁ ଥଟା କରାଯାଇଛି। କେତେଜଣ ସୋସିଆଲ ମିଡିଆ ୟୁଜର ତାଙ୍କୁ ଶସ୍ତା ଉର୍ଫି କହି ସମ୍ବୋଧନ କରିଥିବାବେଳେ ଆଉକେତେଜଣ ତାଙ୍କୁ ସ୍ୱିପର ଗାର୍ଲ ବୋଲି କହିଛନ୍ତି। ନିଆ ଶର୍ମା ସବୁବେଳେ ନିଜ ଫ୍ୟାଶନ୍ ଟ୍ରେଣ୍ଡ ଓ ଲୁକ୍ ପାଇଁ ଚର୍ଚ୍ଚାରେ ରୁହନ୍ତି। ଖତରୋକେ ଖିଲାଡି ଟିଭି ଶୋ'ରେ ଶେଷଥର ପାଇଁ ନିଆ ଦେଖାଯାଇଥିବାବେଳେ ପୁଣିଥରେ ଝଲକ ଦିଖଲାଜା ଡାନ୍ସିଂ ରିଆଲିଟି ଶୋ'ର ସିଜନ୍ ୧୦ରେ ଅଂଶଗ୍ରହଣ କରିଛନ୍ତି।


ନିଆ ଶର୍ମା

# ଚାଇନାରେ ବିରଳ ଇନ୍ଦ୍ରଧନୁ


**ବେଜିଂ:** ଚାଇନାର ହାଇନାନ ପ୍ରଦେଶରେ ଥିବା ହାଇକୋଉର ଆକାଶରେ ବିରଳ ଧରଣର ଇନ୍ଦ୍ରଧନୁ ଦେଖିବାକୁ ମିଳିଛି। ଏହି ବିରଳ ଇନ୍ଦ୍ରଧନୁର ନାମ ରହିଛି ପିଲେଉସ୍। ସୋସିଆଲ ମିଡିଆରେ ଏହି ଇନ୍ଦ୍ରଧନୁ ଫଟୋ ଭାଇରାଲ ହେବାରେ ଲାଗିଛି। ସାଧାରଣ ଇନ୍ଦ୍ରଧନୁର ଆକାରଠାରୁ ଏହାର ଆକୃତି ଭିନ୍ନ। ବିଶାଳ ଆକାଶରେ ଏହା ଏକ ମୁକୁଟ ସଦୃଶ ଦେଖାଯାଉଥିଲା।

# ଦୁବାଇର ସବୁଠୁ ଦାମୀ ଘର କିଣିଲେ ଅନନ୍ତ ଅମ୍ବାନୀ

**ନୂଆଦିଲ୍ଲୀ:** ରିଲାଏନ୍ସ ଗ୍ରୁପ୍‌ର ମାଲିକ ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ଦୁବାଇର ସବୁଠାରୁ ଦାମୀ ଘର କିଣିଛନ୍ତି। ସମୁଦ୍ରକୂଳରେ ଏହି ଘର ରହିଥିବାବେଳେ ଏହାକୁ ୮୦ ମିଲିୟନ୍ ଡଲାର ବିନିମୟରେ କିଣାଯାଇଛି। ଦୁବାଇର ପାଲ୍ମ ଜୁମେରାହରେ ଏହି ପ୍ରପର୍ଟି ରହିଥିବାବେଳେ ଚଳିତ ବର୍ଷ ମୁକେଶଙ୍କ ସାନ ପୁଅ ଏହାକୁ କିଣିଛନ୍ତି। ସୂଚନାଯୋଗ୍ୟ ଅମ୍ବାନୀ ପରିବାର ଏହି ଡିଲ୍‌କୁ ଗୋପନୀୟ ରଖିବାକୁ ଚାହୁଁଥିଲେ।

# ବିନା ମେକ୍‌ଅପ୍‌ରେ ମିସ୍ ଇଂଲଣ୍ଡ ଫାଇନାଲିଷ୍ଟ



**ଲଣ୍ଡନ:** ପ୍ରତ୍ୟେକ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ମଡେଲ ମେକ୍‌ଅପ୍ ତଥା ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି। କିନ୍ତୁ ମିସ୍ ଇଂଲଣ୍ଡ ପ୍ରତିଯୋଗିତାରେ ଜଣେ କଣ୍ଟେଷ୍ଟାଣ୍ଟ ବିନା ମେକ୍‌ଅପ୍‌ରେ ଫାଇନାଲିଷ୍ଟ ହୋଇଛନ୍ତି। ସୁନ୍ଦରୀ ପ୍ରତିଯୋଗିତା ଇତିହାସରେ ଏ ପ୍ରକାର ଘଟଣା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ୨୦ ବର୍ଷୀୟା ମେଲିଶା ରାଓଉଫ୍ ମିସ୍ ଇଂଲଣ୍ଡ ପ୍ରତିଯୋଗିତାରେ ସେମି ଫାଇନାଲିଷ୍ଟ ହୋଇଛନ୍ତି। ରାଜନୀତି ପାଠ୍ୟକ୍ରମ ପଢୁଥିବା ମେଲିଶାଙ୍କ ସହ ଆହୁରି ୪୦ ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଅକ୍ଟୋବରରେ ମିସ୍ ଇଂଲଣ୍ଡ ପ୍ରତିଯୋଗିତାର ବିଜୟିନୀଙ୍କ ନାମ ଘୋଷଣା କରାଯିବ। ମେଲିଶା ହେଉଛନ୍ତି ବିଶ୍ୱର ପ୍ରଥମ ପ୍ରତିଯୋଗୀ ଯେ ଏ ପ୍ରକାର ନିଆରା ଢଙ୍ଗରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ନିଜ ତ୍ୱଚାକୁ ନେଇ ଯଦି ଆମେ ଖୁସି ତେବେ ତାକୁ ମେକ୍‌ଅପ୍ ଦ୍ୱାରା ଢାଙ୍କିବାର କୌଣସି ପ୍ରୟୋଜନ ନାହିଁ ବୋଲି ମେଲିଶା କୁହନ୍ତି। ପ୍ରତିଯୋଗିତାର ଫାଇନାଲରେ ମଧ୍ୟ ମେଲିଶା ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିବେ ନାହିଁ ବୋଲି କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ମେଳା, ବିଦ୍ୟାଳୟ ପରିସର, ନୀଳାଦ୍ରି ବିହାର, ପୂର୍ବାହ୍ନ ୯ଟା।
- ଓଡୋ-୧ ପପ୍ ବ୍ୟାଣ୍ଡର ଶୁଭ ଉଦ୍‌ଘାଟନ, ବମିଖାଲ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୮୨ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ସନ୍ଧ୍ୟା ୬ଟା ୩୦।
- ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ 'କାଳଜୟୀ ସଙ୍ଗୀତଜ୍ଞ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଖୋର୍ଦ୍ଧା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଲିଅନ୍ତା ବ୍ଲକ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ବାର୍ଷିକ ସେମିନାର, ଆସ୍ଥା କ୍ୟାମ୍ପସ୍, ପଞ୍ଚମୁଖୀ ବିହାର, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାରଙ୍ଗ,୨୮।୮(ଡି.ଏନ୍.ଏ.): ଶ୍ରୀବନ୍ତପୁର ଗ୍ରାମରେ ହୋଇଥିବା ନୂତନ ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର କଳସଯାତ୍ରା ହୋଇଥିବା ବେଳେ ରବିବାର ମା'ଙ୍କ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନାପୂର୍ବକ ଯଜ୍ଞ କରାଯାଇ ପୂର୍ଣ୍ଣାହୁତି ପରେ ମା' ମନ୍ଦିର ପ୍ରବେଶ କରିଥିଲେ। ବାଜା, ବାଣ, ହରିବୋଲ, ହୁଳହୁଳିରେ ଶ୍ରୀବନ୍ତପୁର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା।

### 'ଭୁବନେଶ୍ୱର ଏମ୍ସ ମେଡିକାଲ ରବି ରାୟଙ୍କ ନାମରେ ନାମିତ ହେଉ'

ବାଲିପାଟଣା,୨୮।୮(ଡି.ଏନ୍.ଏ.): ଭୁବନେଶ୍ୱର ଏମ୍ସ ମେଡିକାଲ ଲୋକ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ନାମରେ ନାମିତ କରାଯିବାକୁ ରବି ରାୟ ସ୍ମୃତି ସଂସଦ ପକ୍ଷରୁ ଦାବି ହୋଇଛି। ଏ ନେଇ ସଂସଦ ପକ୍ଷରୁ ଏକ ସଭା ବାଲିପାଟଣା ଠାରେ ଉପଦେଷ୍ଟା ଦିଲୀପ କୁମାର ଓଝାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ମୃତି ସଂସଦ ସଭାପତି ଅଭିମନ୍ୟୁ ନାୟକ, ସମ୍ପାଦକ ଭଗବାନ ସାହୁ, ମନୋରଞ୍ଜନ ରାୟ, ରମେଶ ଚନ୍ଦ୍ର ସାହୁ, ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରବି ରାୟ ସମାଜବାଦୀ ଆନ୍ଦୋଳନର ପୃଷ୍ଠପୋଷକ, ନିଷ୍ଠାପର ଓ ଜାତୀୟସ୍ତରର ରାଜନେତା ଥିଲେ। ସେ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଥିଲେ। ତେଣୁ ତାଙ୍କ ନାମରେ ଭୁବନେଶ୍ୱର ଏମ୍ସକୁ ନାମିତ କରାଯିବାକୁ ସ୍ମୃତି ସଂସଦ ଓ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହେଉଛି।

# ମିଛ ଅଭିଯୋଗ କରିଥିଲେ ପରିବାର ଲୋକ

**ରାଜଧାନୀରୁ ଯୁକ୍ତ ୨ ଛାତ୍ର ନିଖୋଜ ଘଟଣାର ନୂଆମୋଡ଼**

- ହୋଟେଲ ସିସିଟିଭି ଫୁଟେଜ୍‌ରୁ ମିଳିଲା ପ୍ରମାଣ
- ବକେୟା ଫି' ମାଗିବାରୁ କଲେଜ ହଷ୍ଟେଲ ଛାଡ଼ିଥିଲେ ହୃଦୟେଶ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳର ଏକ ଘରୋଇ କଲେଜରୁ ଯୁକ୍ତ ୨ ଛାତ୍ର ବାଲେଶ୍ୱରର ହୃଦୟେଶ ପଣ୍ଡା ନିଖୋଜ ହେବା ଘଟଣା ରବିବାର ନୂଆ ମୋଡ ନେଇଛି। ପରିବାର ପକ୍ଷରୁ ମିଛ ଅଭିଯୋଗ କରାଯାଇଥିବା ପୋଲିସ କହିଛି। ହୃଦୟେଶ ନିଖୋଜ ହୋଇ ନ ଥିଲେ, ବରଂ କଲେଜ ପକ୍ଷରୁ ବକେୟା ଫି' ମଗାଯିବାରୁ ସେ ହଷ୍ଟେଲରୁ ପଳାଇ ଆସି ନିକଟସ୍ଥ ହୋଟେଲ ସୁରଜ ପ୍ୟାଲେସ୍‌ରେ ରହିଥିଲେ। ପରେ ସେ ଘରକୁ ଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

ପୋଲିସ କହିବା ଅନୁଯାୟୀ, ହଷ୍ଟେଲର ୯୫ ହଜାର ବକେୟା ଫି' ମଗାଯିବାରୁ ହୃଦୟେଶ କଲେଜ କର୍ତ୍ତୃପକ୍ଷଙ୍କୁ କହି ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଆସବାବପତ୍ର ଧରି ହଷ୍ଟେଲ ଛାଡ଼ିଥିଲେ। ନିକଟରେ ଥିବା ସୁରଜ ପ୍ୟାଲେସକୁ ଆସି ରୁମ ନଂ.୧ରେ ରହିଥିଲେ। ହୋଟେଲ ରିସିପ୍‌ଶନ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ମୋବାଇଲରୁ ତାଙ୍କ ବାପାଙ୍କୁ ଫୋନ କରି ଜଣାଇଥିଲେ। ଶନିବାର ସକାଳେ ହୋଟେଲକୁ ଆସି ତାଙ୍କ ମା' ଓ ସମ୍ପର୍କୀୟମାନେ ହୃଦୟେଶଙ୍କୁ ଦେଖାକରି ହଷ୍ଟେଲ ଯାଇଥିଲେ। ଏହାପରେ ସେମାନେ କଲେଜ ଯାଇ ହଷ୍ଟେଲ ମ୍ୟାନେଜରଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ବାପା ରାମକୃଷ୍ଣ, ମା' ରାତିରେ ଥାନାକୁ ଆସି ହୃଦୟେଶ ନିଖୋଜ ହୋଇଯାଇଥିବା ଅଭିଯୋଗ କରିଥିଲେ। ତଦନ୍ତବେଳେ ହୋଟେଲ ସିସିଟିଭିରୁ ପୋଲିସ ହୃଦୟେଶଙ୍କ ରହଣି, ମା' ଓ ସମ୍ପର୍କୀୟଙ୍କ ଉପସ୍ଥିତି ଜାଣିବାକୁ ପାଇଥିଲା। ତେବେ ବାପା-ମା'ଙ୍କ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କ ନାଁରେ ମିଛ ଅଭିଯୋଗ ହୋଇଥିବା ସ୍ପଷ୍ଟ ହେବା ପରେ ପଚରାଉଚରା ପାଇଁ ପୋଲିସ ସେମାନଙ୍କୁ ଥାନାକୁ ଡକାଇଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ତଦନ୍ତକୁ ତ୍ୱରାନ୍ୱିତ କରାଯାଉଛି। ଉଦ୍ଦେଶ୍ୟ ଜଣାପଡ଼ିଲା ପରେ ଛାତ୍ରଙ୍କ ମା'ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାମକୃଷ୍ଣଙ୍କ ପୁଅ ହୃଦୟେଶ ଉକ୍ତ ଘରୋଇ କଲେଜ ହଷ୍ଟେଲରେ ରହି ଯୁକ୍ତ ୨ ବିଜ୍ଞାନରେ ପାଠ ପଢ଼ନ୍ତି। ତାଙ୍କର ଏହା ଦ୍ୱିତୀୟ ବର୍ଷ ଥିଲା। ଶନିବାର ହୃଦୟେଶ ହଷ୍ଟେଲରୁ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।




ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ଅଫ୍ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ସୂଚନା ଭବନରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଆଲୋଚନାଚକ୍ର 'ଜଳ ବଞ୍ଚାଅ, ପ୍ରତ୍ୟେକ ଜଳବିନ୍ଦୁ ମହତ୍ୱପୂର୍ଣ୍ଣ'ରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

# ଜଳ ସଂରକ୍ଷଣ ବିଶ୍ୱବାସୀଙ୍କ ପାଇଁ ଆହ୍ୱାନ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ପ୍ରାକୃତିକ ସମ୍ପଦ ଜଳର ଉପଲବ୍ଧତା ଦିନକୁ ଦିନ କମିବାରେ ଲାଗୁଛି। ତେଣୁ ଜଳର ଠିକ୍ ପରିଚାଳନା ଓ ସଂରକ୍ଷଣ ସାରା ପୃଥିବୀବାସୀଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ଅଫ୍ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୂଚନା ଭବନରେ ଜାତୀୟ ସ୍ତରୀୟ ଆଲୋଚନାଚକ୍ର 'ଜଳ ବଞ୍ଚାଅ, ପ୍ରତ୍ୟେକ ଜଳବିନ୍ଦୁ ମହତ୍ୱପୂର୍ଣ୍ଣ' ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଜଳ ସଂରକ୍ଷଣ କ୍ଷେତ୍ରରେ ଫାଉଣ୍ଡେଶନର କାର୍ଯ୍ୟର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଉପଦେଷ୍ଟା ତଥା ଅତିରିକ୍ତ ସଚିବ ମନୋରଞ୍ଜନ ମହାପାତ୍ର କହିଲେ, ଜଳର ଉପାଦେୟତା ସଭିଏଁ ଅନୁଭବ କରୁଥିଲେ ମଧ୍ୟ ତାହାର ଠିକ ବିନିଯୋଗ ତଥା ସଂରକ୍ଷଣ ପାଇଁ ଆବଶ୍ୟକ ଧ୍ୟାନ ଦେଉ ନାହାନ୍ତି। ଏଣୁ ରାଜ୍ୟରେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ, ପରିବେଶପ୍ରେମୀ ଓ ଜନସାଧାରଣ ନିଷ୍ଠାପର ଭାବେ ଆଗେଇ ଆସି ଜଳ ସଂରକ୍ଷଣକୁ ଲୋକାଭିମୁଖୀ କରିବାକୁ ମତ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସହରାଞ୍ଚଳ ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀ କହିଲେ, ପରିବେଶର ଗୁରୁତ୍ୱପୂର୍ଣ୍ଣ ପ୍ରଭାଗ ହେଉଛି ଜଳ। ବୈଜ୍ଞାନିକ ପ୍ରଣାଳୀରେ ଏହାର ଠିକ୍ ସଞ୍ଚାଳନ କରିବା ଏକ ସମୟ ଉପଯୋଗୀ ଆହ୍ୱାନ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଳ ସୁରକ୍ଷା ସମ୍ପର୍କିତ ଏକ ସ୍ମାରକୀ ସଙ୍କଳନ 'ଇକୋ କନେକ୍ଟ-୨୦୨୨' ଏବଂ 'ଜବ୍ ସର୍ଚ୍ଚ ସିକ୍ରେଟ' ଉନ୍ମୋଚିତ ହୋଇଥିଲା। ଜୀବନବ୍ୟାପୀ ସମାଜସେବା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଇଂ. ବିପିନ ବିହାରୀ ନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିବେଶ ବିଜ୍ଞାନୀ ପ୍ରଫେସର ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ଡ. ପ୍ରମୋଦ କୁମାର ପଣ୍ଡା ପ୍ରାକୃତିକ ସମ୍ପଦ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ତଥା ପରିଚାଳନାଗତ ପ୍ରଣାଳୀ ଉପରେ କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସହ ଆୟୋଜକ ମାଇଥନ ପାୱାର ଲିମିଟେଡ଼ର ଅଧିକାରୀ ସନ୍ଦୀପ ଖେଡ଼ୱାଲ ବିଶେଷ ଅତିଥି ଭାବେ ଯୋଗଦେଇ ଜଳ ସଂରକ୍ଷଣ ନ ହେଲେ ଆମର ପରବର୍ତ୍ତୀ ପିଢି ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବେ ବୋଲି କହିଥିଲେ। ସୁରେଶ କୁମାର ଚୌଧୁରୀ, ବ୍ରହ୍ମାକୁମାରୀ ଅପର୍ଣ୍ଣା , ଓଡ଼ିଶା ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ଼ର ପ୍ରାକ୍ତନ ସଭାପତି ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଯୋଗଦେଇ ଜଳ ସଂରକ୍ଷଣକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସରକାରଙ୍କ ଶିକ୍ଷା ମାରଣ ନୀତିର ତୀବ୍ର ସମାଲୋଚନା




**ଏଆଇଡିଏସ୍‌ଓର ଅଷ୍ଟମ ଛାତ୍ର ସମ୍ମିଳନୀ**

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (ଏଆଇଡିଏସ୍‌ଓ) ପକ୍ଷରୁ ରବିବାର ଅଷ୍ଟମ ଭୁବନେଶ୍ୱର ମହାନଗର ସ୍ତରୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ଭୁବନେଶ୍ୱର ସଭାପତି ନସିମ୍ ସରକାର ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକୁ ତୁରନ୍ତ ଖୋଲିବା, ଖାଲି ପଡିଥିବା ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ପଦବୀଗୁଡିକୁ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ଛାତ୍ରୀଙ୍କୁ ସୁରକ୍ଷା, ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ହଷ୍ଟେଲ ବ୍ୟବସ୍ଥା ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ବସ୍ ପାସ୍ ଯୋଗାଇଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ଓ ଭୁବନେଶ୍ୱର ଜିଲା ସାଙ୍ଗଠନିକ କମିଟିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓ ରାଜ୍ୟ ଉପସଭାପତି ସିଦ୍ଧାର୍ଥ ରଥଙ୍କ ସହ ଉପସଭାପତି ସପ୍ତର୍ଷିନୀ ରାଉଳ, ମମି ଦେହୁରୀ ପ୍ରମୁଖ ଯୋଗଦେଇ ସରକାରଙ୍କ ଶିକ୍ଷା ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ।

## ଚୋରା ମୋବାଇଲ ବିକ୍ରିବେଳେ ଜଣେ ଗିରଫ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ଚୋରା ମୋବାଇଲ ଫୋନ ବିକ୍ରିବେଳେ ଖାରବେଳନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନନ୍ଦନକାନନ ଥାନା ଅଞ୍ଚଳର ଦୁଷ୍ମନ୍ତ ସୁବୁଦ୍ଧି (୩୫)। ତାଙ୍କଠାରୁ ୨ ମୋବାଇଲ ଫୋନ୍ ଓ ୩ଟି ଘଣ୍ଟା ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ ୨୭୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ତାଙ୍କ ନାମରେ ଶହୀଦନଗର, ଚନ୍ଦକା, ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବାବେଳେ କ୍ୟାପିଟାଲ ଥାନାରେ ୨ଟି ମାମଲା ରହିଛି । ଅଭିଯୁକ୍ତ ଦୁଷ୍ମନ୍ତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

# ସ୍ୱଚ୍ଛତା ନ ମାନିବାରୁ କାର୍ଯ୍ୟାନୁଷ୍ଠାନ

**ହୋଟେଲ, ଗାଡ଼ି ଶୋ'ରୁମ୍ ସିଲ୍**

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

ପରିମଳ ବ୍ୟବସ୍ଥାରେ ତ୍ରୁଟି ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ବ୍ୟବସାୟିକ ସ୍ଥଳ ଓ ପ୍ରତିଷ୍ଠାନକୁ ସିଲ୍ ଅଭିଯାନ ଜାରି ରହିଛି। ଏବେ ୱାର୍ଡ ନଂ.୬ ଅନ୍ତର୍ଗତ ପଟିଆସ୍ଥିତ ହୋଟେଲ ସେଭେନ୍‌ଥ୍ ହେଭେନ ଏବଂ ସ୍କାଏ ଅଟୋମୋବାଇଲ ଶୋ'ରୁମ୍‌କୁ ମଧ୍ୟ ସିଲ୍ କରାଯାଇଛି। ସମ୍ପୃକ୍ତ ହୋଟେଲ ଓ ଶୋ'ରୁମ୍ ଆଗରେ ଅଳିଆ ଆବର୍ଜନା ଗଦା ହୋଇ ରହିଥିବାବେଳେ ଡଷ୍ଟବିନ୍ ବ୍ୟବହାର ହେଉ ନ ଥିଲା। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବ୍ୟବସାୟ କରାଯାଉଥିବାରୁ ଏଗୁଡିକୁ ସିଲ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦୋକାନ ଆଖପାଖ ଅଞ୍ଚଳରୁ ଅଳିଆ ସଫା କରିବା ପରେ ଦୋକାନ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।




ଭୁବନେଶ୍ୱର ଶହୀଦନଗରସ୍ଥିତ ରାଜ୍ୟ ମାନ ନିୟନ୍ତ୍ରଣ ପରୀକ୍ଷାଗାରଠାରେ ରବିବାର ବିଶ୍ୱ ପାକଶାଳା ଉଦ୍ୟାନ ଦିବସ ପାଳନ ଅବସରରେ ଅତିଥିମାନେ ପୁସ୍ତକ 'ଅମୃତ ବାଟିକା'ର ଲୋକାର୍ପଣ କରୁଛନ୍ତି।

# ଚଳଚ୍ଚିତ୍ର 'ତୃଷ୍ଣା'ର ଅଡିଓ ରିଲିଜ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର 'ତୃଷ୍ଣା'ର ଅଡିଓ ରିଲିଜ୍ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆମର ମ୍ୟୁଜିକ ଓ ନବୀନ ଭଣ୍ଡାରୀଙ୍କ ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ର ଆସନ୍ତା ନଭେମ୍ବରରେ ଶୁଭମୁକ୍ତି ହେବ। ତେବେ ଏହାର ଅଡିଓ ରିଲିଜ୍ ଅବସରରେ ଡିଜିଟାଲ୍ ମୁଖ୍ୟ ସୁରଜ ମହାନତା, କଣ୍ଟେଣ୍ଟ୍ ଅଧିଗ୍ରହଣ ମୁଖ୍ୟ ଦେବାଶିଷ ପଣ୍ଡା, ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମ୍‌ଦାର, ଅଭିନେତ୍ରୀ ଲିପ୍ସା ମିଶ୍ର, ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ, ଗୀତିକାର ଡ. ନିର୍ମଳ ନାୟକ, କୁମାରଶ୍ରୀ ସାହୁ, ଓଲିଉଡ୍ କ୍ରିଏଟିଭ ହେଡ୍ ତଥା ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରରେ ସ୍ୱୟଂ ପାଢ଼ୀ, ଗୌରବ ଆନନ୍ଦ, କୁଲ୍‌ଦୀପ, ଈଶ୍ୱରୀ, ରୂପକ ପ୍ରମୁଖ କଣ୍ଠଦାନ କରିଛନ୍ତି।

# ଅକ୍ଟୋବର ୬ରେ ମହାତ୍ମା ଗାନ୍ଧୀ ଆଦର୍ଶ ସମ୍ମାନ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ଶ୍ରୀ ଜଗନ୍ନାଥ ଫାଉଣ୍ଡେଶନ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ଓ ସମୀକ୍ଷା ବୈଠକ ରବିବାର ଉତ୍କଳ ବିଶ୍ୱ ବିଦ୍ୟାଳୟ ପରିସରରେ ପ୍ରଫେସର ହରିହର କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୬ରେ ମହାତ୍ମା ଗାନ୍ଧୀ ଓ ଉତ୍କଳ ମଣି ଗୋପବନ୍ଧୁ ଆଦର୍ଶ ସମ୍ମାନ-୨୦୨୨ ପ୍ରଦାନ ଉତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଏକ ନୂତନ କାର୍ଯ୍ୟନିର୍ବାହୀ ପରିଚାଳନା ସମିତି ଗଠନ ହୋଇଥିଲା। ପ୍ରତିଷ୍ଠାତା ଓ କୋଷାଧ୍ୟକ୍ଷ ଭାବେ ବଳରାମ ତରାଇ, ସଭାପତି ପ୍ରଫେସର ହରିହର କାନୁନ୍‌ଗୋ, ଉପସଭାପତି ଚକ୍ରଧର ତ୍ରିପାଠୀ, ମୁଖ୍ୟ ପୃଷ୍ଠପୋଷକ କରୁଣାକର ମଲ୍ଲିକ, ସାଧାରଣ ସମ୍ପାଦକ ସୁବୋଧ କୁମାର ସାହୁ, କାର୍ଯ୍ୟନିର୍ବାହୀ ସମ୍ପାଦକ ମିଥୁନ ଶତପଥୀ, ନୀରୋଦ ଚନ୍ଦ୍ର ଜେନା ଓ ଦିଲୀପ କୁମାର ନାୟକ, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ସାହୁ, ସଂଗଠନ ସମ୍ପାଦିକା ସରସ୍ୱତୀ ନାୟକ, ସହ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ସହ ସମ୍ପାଦିକା ଗୀତାଞ୍ଜଳି ପୃଷ୍ଟି, ମୁଖ୍ୟ ଉପଦେଷ୍ଟା ପଦ୍ମ ଭୂଷଣ ରମାକାନ୍ତ ରଥ, ଆଇନ ପରାମର୍ଶଦାତା ଭାବେ ଚିତ୍ତରଞ୍ଜନ ନନ୍ଦ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଡ. ପ୍ରସନ୍ନ ପାଟଶାଣୀ, ଡ. ସଂଗ୍ରାମ ଜେନା, ଡ. ହୃଷୀକେଶ ମଲ୍ଲିକ, ବାହାଦୂର ପାଟଶାଣୀ, ଡ. ରଜନୀ ରଞ୍ଜନ ଦାଶ, ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ଦେବାଶିଷ ରଥ, ସୁଶାନ୍ତ କୁମାର ସାହୁ, ପ୍ରଫୁଲ୍ଲ କୁମାର ହୋତା, କବି ସୌରଭ କୈଳାସ ଚନ୍ଦ୍ର ବେହେରା, ପଞ୍ଚାନନ କାନୁନ୍‌ଗୋ ପ୍ରମୁଖଙ୍କୁ ଚୟନ କରାଯାଇଛି।

# ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି, ଖାଉଟି ହଇରାଣ



ମାଲଗୋଦାମ ଅଞ୍ଚଳରେ ବିକ୍ରି ହେଉଥିବା ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ।

**କଟକ ଅଫିସ, ୨୮।୮**

ରାଜ୍ୟରେ ଗତ ୨୦ଦିନ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଚାଉଳ, ଅଟା ଓ ଡାଲିର ମୂଲ୍ୟ ବୃଦ୍ଧି ଘଟିଛି। ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ଦରବୃଦ୍ଧି ଯୋଗୁ ଗରିବ ଓ ମଧ୍ୟବିତ୍ତ ପରିବାରର ଲୋକଙ୍କୁ ଘର ଚଳାଇବା କଷ୍ଟକର ହୋଇପଡୁଛି। ତୁରନ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ ଉପରେ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ୨୦ଦିନ ପୂର୍ବରୁ ହରଡ଼ ଡାଲି କିଲୋ ପ୍ରତି ୯୫ ଟଙ୍କା ଥିବାବେଳେ ଏବେ ଏହା ୧୦୫ ଟଙ୍କା ରହିଛି। ସେହିପରି ୧ ନମ୍ବର ହରଡ ଡାଲି ୧୦୦ ଟଙ୍କା ଥିବାବେଳେ ଏବେ ୧୧୫ ଟଙ୍କା ରହିଛି। ସେହିପରି ରାଜ୍‌ମା କିଲୋ ୧୧୦ ଟଙ୍କାରୁ ବୃଦ୍ଧି ପାଇ ୧୩୫ ଟଙ୍କା ହୋଇଛି। ଅଟା କିଲୋ ପିଛା ୨୮ ଟଙ୍କା ଥିବାବେଳେ ମୂଲ୍ୟ ବୃଦ୍ଧିପାଇ ଏବେ ୩୫ ଟଙ୍କା ହୋଇଛି। ପୂର୍ବରୁ ଉଷୁନା ଚାଉଳ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଦର ଥିବାବେଳେ ଏବେ ୨୯୦୦ ଟଙ୍କା ହୋଇଛି। ସେହିପରି ସ୍ୱର୍ଣ୍ଣ ଉଷୁନା ଚାଉଳ କୁଇଣ୍ଟାଲ ପିଛା ୨୧୦୦ରୁ ବୃଦ୍ଧି ପାଇ ୨୫୦୦ରେ ପହଞ୍ଚିଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ଚାଉଳ ଦର ବୃଦ୍ଧି ପାଇବା ସରକାରଙ୍କ ଅପାରଗତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ଦର ବୃଦ୍ଧି ହେଲେ ବି ଖାଇବାକୁ ପଡ଼ିବ



ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିର ପ୍ରଭାବ ଆମଭଳି ନିମ୍ନ ମଧ୍ୟବିତ୍ତ ପରିବାର ଉପରେ ପଡୁଛି। ମାସକ ପୂର୍ବରୁ ଯେତିକି ପରିମାଣର ସାମଗ୍ରୀ କିଣା ହେଉଥିଲା ତାହା ତୁଳନାରେ ଏବେ କମ୍ କିଣିବାକୁ ପଡୁଛି। ଯାହା ହେଲେ ବି ଆମକୁ ଖାଇବାକୁ ପଡିବ।

**-ସୁଗନ୍ଧି ସାହା, ଖାଉଟି, ଚାନ୍ଦିନୀଚୌକ**

### ପରିବାର ଚଳାଇବା କଷ୍ଟକର ହେଉଛି



କିଛିଦିନ ହେବ ଚାଉଳ, ଡାଲି, ଅଟାର ଦର ବୃଦ୍ଧି ଘଟିଛି। ଏହାର ପ୍ରଭାବ ହାଣ୍ଡିଶାଳ ଉପରେ ପଡିଛି। ଏଥିଯୋଗୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଗତ ଦିନ ତୁଳନାରେ ଏବେ କମ୍ ପରିମାଣର ସାମଗ୍ରୀ କିଣିବାକୁ ପଡୁଛି।

**-ଦୀପକ ସ୍ୱାଇଁ, ଖାଉଟି, ଅଲିଶାବଜାର**

### ଡାଲି ପାଇଁ ମହାରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡୁଛି

ଡାଲି ପାଇଁ ଓଡ଼ିଶାକୁ ମହାରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡିଥାଏ। ମହାରାଷ୍ଟ୍ରରେ ଚଳିତବର୍ଷ ହରଡ ଡାଲି ଉତ୍ପାଦନ ହ୍ରାସ ପାଇଛି। ଫଳରେ ସେଠାରୁ ଆମ ରାଜ୍ୟକୁ କମ୍ ପରିମାଣର ଆମଦାନୀ ହୋଇଥିବାରୁ ହରଡ ଡାଲି ମୂଲ୍ୟ ବୃଦ୍ଧି ହୋଇଛି। ଆଗାମୀ ଜାନୁୟାରୀ ପର୍ଯ୍ୟନ୍ତ ଏହି ମୂଲ୍ୟ ହ୍ରାସ ହେବାର ସମ୍ଭାବନା ନାହିଁ। ଏହି ଦର ବୃଦ୍ଧି ନିଶ୍ଚିତ ଭାବେ ସାଧାରଣ ଖାଉଟିଙ୍କ ଉପରେ ପ୍ରଭାବ ପକାଇବ।



**-ପ୍ରଫୁଲ୍ଲ କୁମାର ଛାଟୋଇ, ମାଲ୍‌ଗୋଦାମ ଚାମ୍ବର୍ସ ଅଫ୍ କମର୍ସ, ସମ୍ପାଦକ**

### ଓଡ଼ିଶାରୁ ଧାନ, ଗହମ ରପ୍ତାନି ହେଉଛି



ଚାଷୀମାନେ ଧାନ ଅମଳ କରିବା ପରେ ବିଭିନ୍ନ ମଣ୍ଡିରେ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସେମାନଙ୍କୁ ଠିକ୍ ସମୟରେ ଟୋକନ୍ ପ୍ରଦାନ କରାଯାଉନାହିଁ। ଦୀର୍ଘଦିନ ଧରି ଧାନ ପଡି ରହିବା ଯୋଗୁ ବର୍ଷାପାଣି ଖାଇ ନଷ୍ଟ ହେଉଛି। ଫଳରେ ଚାଷୀମାନେ ପଡୋଶୀ ରାଜ୍ୟ ଛତିଶଗଡ, ଆନ୍ଧ୍ରକୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଓଡ଼ିଶାରେ ଚାଉଳ ଦର ବୃଦ୍ଧି ଘଟୁଛି। ସେହିପରି ଗହମ ବିଦେଶକୁ ରପ୍ତାନି ହେବା ଫଳରେ ଦେଶରେ ଏହାର ଅଭାବ ଦେଖାଦେଉଛି। ଫଳରେ ଅଟା ଦର ବୃଦ୍ଧି ଘଟୁଛି।

**-ମଧୁସୂଦନ ରାଉତ, ସଭାପତି, ମାଲଗୋଦାମ ଚାଉଳ ବ୍ୟବସାୟୀ ସଂଘ**

# ଭାରତୀୟ କ୍ରୀଡ଼ା: ୭୫ ବର୍ଷର ଉପଲବ୍ଧି



ଅଶୋକ ମହାନ୍ତି

**ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶ ''ଅମୃତ ମହୋତ୍ସବ'' ପାଳନ କରୁଥିବା ସମୟରେ ଗତ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଐତିହାସିକ ସଫଳତା ନିଶ୍ଚିତ ଭାବେ ଭବିଷ୍ୟତ ପାଇଁ ଶୁଭ ସଙ୍କେତ। ଏହି ଅବସରରେ ଭାରତୀୟ କ୍ରୀଡ଼ାର ବିଗତ ୭୫ ବର୍ଷର ଯାତ୍ରା ସମ୍ବନ୍ଧରେ ଏକ ଆଲେଖ୍ୟ...**

ଇଂଲଣ୍ଡର ବର୍ମିଂହାମ୍‌ରେ ସମାପ୍ତ (ଜୁଲାଇ ୨୨ରୁ ଅଗଷ୍ଟ ୮) ହୋଇଥିବା ୨୨ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତର ସଫଳତା ଅତ୍ୟନ୍ତ ଉତ୍ସାହଜନକ ରହିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଭଳି 'କ୍ରୀଡ଼ା ଶକ୍ତି' ଦେଶଗୁଡ଼ିକର ଆଧିପତ୍ୟ ଅକ୍ଷୁଣ୍ଣ ରହିଛି। ମୋଟ ପଦକ ତାଲିକାରେ ପୂର୍ବ ସଂସ୍କରଣ (ଗୋଲ୍ଡକୋଷ୍ଟ ୨୦୧୮–୬୬ ପଦକ) ଅପେକ୍ଷା ଏଥର (ମେଡାଲ ସଂଖ୍ୟା–୬୧) ୫ଟି କମ୍ ପଦକ ଜିତି ୪ର୍ଥ ସ୍ଥାନରେ (୨୦୧୦–୨ୟ ସ୍ଥାନ, ୨୦୧୮–୩ୟ ସ୍ଥାନ) ରହିଥିଲେ ମଧ୍ୟ ଭାରତୀୟ କ୍ରୀଡ଼ାବିତ୍‌ମାନେ ବ୍ୟାଡମିଣ୍ଟନ, ବକ୍ସିଂ, ଭାରୋତ୍ତୋଳନ, କୁସ୍ତି ଏବଂ ଟେବୁଲଟେନିସ୍ ପ୍ରଭୃତି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି। କିନ୍ତୁ ପ୍ରଥମ ଥର ପାଇଁ ସବୁଠାରୁ ଉଲ୍ଲେଖନୀୟ ସଫଳତା ମିଳିଛି ଦୌଡ଼କୁଦ ପ୍ରତିଯୋଗିତାରୁ। ପୂର୍ବ ସଂସ୍କରଣରେ ମାତ୍ର ୩ଟି (ସ୍ୱର୍ଣ୍ଣ –୧, ରୌପ୍ୟ–୧, କାଂସ୍ୟ–୧) ପଦକ ହାସଲ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନେ ଏଥର ସମୁଦାୟ ୮ଟି ପଦକ (ସ୍ୱର୍ଣ୍ଣ–୧, ରୌପ୍ୟ–୪, କାଂସ୍ୟ–୩) ଜିତି ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଇତିହାସ ସୃଷ୍ଟି କରିଛନ୍ତି। ବିଶେଷ ଭାବେ ଟ୍ରିପଲ ଜମ୍ପରେ ଏଲଡୋସ୍ ପଲ ଓ ଅବଦୁଲା ଆବୁବାକରଙ୍କ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ ଲଙ୍ଗଜମ୍ପରେ ମୁରଲୀ ଶ୍ରୀଶଙ୍କରଙ୍କ ରୌପ୍ୟ ପଦକ, ହାଇଜମ୍ପରେ ତେଜସ୍ୱିନଙ୍କ କାଂସ୍ୟ ଏବଂ ୩୦୦୦ ମି. ଷ୍ଟିପଲ୍‌ଚେଜରେ ଅପରାଜେୟ କେନୀୟ ଆଥଲେଟ୍ସଙ୍କ ଆଧିପତ୍ୟକୁ ଚ୍ୟାଲେଞ୍ଜ ଦେଇ ସ୍ୱର୍ଣ୍ଣ ପଦକ ବିଜେତା କେନିଆର ଆଥଲେଟ୍ କିବିଓଟ୍‌ଙ୍କଠାରୁ ମାତ୍ର ୦.୦୫ ସେକେଣ୍ଡସ ସମୟ ବ୍ୟବଧାନରେ (ଏକ ସେକେଣ୍ଡର ୫୦୦ ଭାଗ) ପଛରେ ରହି ରୌପ୍ୟ ପଦକ ହାସଲ କରିଥିବା ଅବିନାଶ ସାବ୍‌ଲେଙ୍କ ପ୍ରଦର୍ଶନକୁ ବିଶ୍ୱସ୍ତରୀୟ ମାନ୍ୟତା ମିଳିଛି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶ ''ଅମୃତ ମହୋତ୍ସବ'' ପାଳନ କରୁଥିବା ସମୟରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଏହି ଐତିହାସିକ ସଫଳତା ନିଶ୍ଚିତ ଭାବେ ଭବିଷ୍ୟତ ପାଇଁ ଶୁଭ ସଙ୍କେତ। ଏହି ଅବସରରେ ଭାରତୀୟ କ୍ରୀଡ଼ାର ବିଗତ ୭୫ ବର୍ଷର ଯାତ୍ରା ସମ୍ବନ୍ଧରେ ଏକ ଆଲେଖ୍ୟ...

୧୯୪୭ରେ ଆମ ଦେଶ ସ୍ୱାଧୀନ ହେଲା। ସ୍ୱାଧୀନତା ପୂର୍ବରୁ ୧୯୨୮ ଆମ୍‌ଷ୍ଟାରଡାମ ଅଲିମ୍ପିକ୍ସରୁ କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ହକିର ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ ହୋଇଥିଲେ ମଧ୍ୟ ଭାରତୀୟ ଦଳ ବ୍ରିଟିଶ–ଇଣ୍ଡିଆ ଦଳ ଭାବେ ଅଲିମ୍ପିକ୍ସରେ ଭାଗ ନେଉଥିଲା। ହକି ବ୍ୟତୀତ ଦୌଡ଼କୁଦରେ ଭାରତକୁ ପ୍ରତିନିଧିତ୍ୱ କରି କଲିକତା ଜନ୍ମିତ ନର୍‌ମାନ ପ୍ରିଚ୍‌ଚାର୍ଡ ପ୍ରଥମ ଏସୀୟ ପ୍ରତିଯୋଗୀ ଭାବେ ୧୯୦୦ ପ୍ୟାରିସ୍ ଅଲିମ୍ପିକ୍ସରେ ୨୦୦ମି. ଏବଂ ୨୦୦ମି. ବାଧା ଦୌଡ଼ରେ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ଭାରତକୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ସେ ଥିଲେ ବ୍ରିଟିଶ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ କ୍ରୀଡ଼ାକୁ ଶ୍ରେଷ୍ଠ ସଫଳତା ମିଳିଥିଲା ୧୯୪୮ ଲଣ୍ଡନ ଅଲିମ୍ପିକ୍ କ୍ରୀଡ଼ାରେ। ପ୍ରଥମ ଥର ପାଇଁ ସ୍ୱାଧିନ ଭାରତକୁ ପ୍ରତିନିଧିତ୍ୱ କରି ଭାରତୀୟ ହକି ଦଳ ଫାଇନାଲରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୧୯୫୨ ହେଲେସିଙ୍କି ଅଲିମ୍ପିକ୍ସରେ ଭାରତର କୁସ୍ତି ଯୋଦ୍ଧା କେ.ଡି. ଯାଦବଙ୍କ ବାଣ୍ଟମୱେଟ୍ କୁସ୍ତିରେ କାଂସ୍ୟ ପଦକ ହାସଲ ସହିତ ହକିରେ ସ୍ୱର୍ଣ୍ଣପଦକ ଜିତିଥିଲା ଏବଂ ୧୯୫୬ ମେଲବୋର୍ଣ୍ଣ କ୍ରୀଡ଼ାରେ ଭାରତୀୟ ହକି ଦଳ ଲଗାତର ୬ଷ୍ଠ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଫୁଟବଲରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ ବଳରେ ୪ର୍ଥ ସ୍ଥାନ ହାସଲ କଲା। ଏହା ହେଉଛି ଭାରତୀୟ ଫୁଟବଲର ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ। ୧୯୫୧ ଏବଂ ୧୯୬୨ରେ ଭାରତୀୟ ଫୁଟବଲ ଦଳ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତି ଏସିଆ ମହାଦେଶର ଶ୍ରେଷ୍ଠ ଫୁଟବଲ ଦଳର ମାନ୍ୟତା ପାଇଥିଲା। ଏହି



ଅବିନାଶ ସାବ୍‌ଲେ

ସମୟରେ ଭାରତୀୟ କ୍ରୀଡ଼ାରେ ଆବିର୍ଭାବ ହୋଇଥିଲେ ଜଣେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ମିଲଖା ସିଂ। ୧୯୫୮ ରାଜ୍ୟଗୋଷ୍ଠୀ ଏବଂ ଏସୀୟ କ୍ରୀଡ଼ାରେ ୪୦୦ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବା ମିଲ୍‌ଖା ୧୯୬୦ ରୋମ ଅଲିମ୍ପିକ୍ସରେ ୪୦୦ମି.ରେ ବିଶ୍ୱ ରେକର୍ଡ ଭାଙ୍ଗିଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ ୪ର୍ଥ ସ୍ଥାନ ହାସଲ କରି ଇତିହାସ ରଚନା କରିଥିଲେ। ପରବର୍ତ୍ତୀ ସମୟରେ ଯେଉଁ ଭାରତୀୟ ଦଳ ବା କ୍ରୀଡ଼ାବିତ୍‌ମାନେ ବିଶ୍ୱସ୍ତରୀୟ ପ୍ରଦର୍ଶନ ମାଧ୍ୟମରେ ଦେଶ ପାଇଁ ଗୌରବ ଆଣିଥିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ–

୧୯୬୪ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ୭ମ ସ୍ୱର୍ଣ୍ଣ ପଦକ ବିଜୟ, ୧୯୭୫ରେ ବିଶ୍ୱକପ୍ ହକିରେ ଚାମ୍ପିୟନ ଆଖ୍ୟା ଅର୍ଜନ, ୧୯୮୦ ମସ୍କୋ ଅଲିମ୍ପିକ୍ସରେ ୮ମ ଥର ପାଇଁ ହକି ସ୍ୱର୍ଣ୍ଣ ପଦକ ହାସଲ, ୧୯୮୦ରେ ପ୍ରକାଶ ପାଦୁକୋନଙ୍କ ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଟ୍ରଫି ହାସଲ, ୧୯୮୩ରେ କପିଳ ଦେବଙ୍କ ଅଧିନାୟକତ୍ୱରେ ସୀମିତ ଓଭର କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ, ୧୯୮୪ ଲସ୍‌ଆଞ୍ଜେଲସ୍ ଅଲିମ୍ପିକ୍ସରେ ପି.ଟି. ଉଷାଙ୍କ ୪୦୦ମି. ବାଧା ଦୌଡ଼ରେ ୪ର୍ଥ ସ୍ଥାନ ହାସଲ, ୧୯୯୦ ଆଟ୍‌ଲାଣ୍ଟା ଅଲିମ୍ପିକ୍ସରେ ଟେନିସ୍ ତାରକା ଲିଆଣ୍ଡର ପେସ୍‌ଙ୍କ କାଂସ୍ୟ ପଦକ ବିଜୟ, ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ୬୯ କେଜି ବର୍ଗ ଭାରୋତ୍ତୋଳନରେ କେ. ମାଲେଶ୍ୱରୀଙ୍କ ବ୍ରୋଞ୍ଜ ପଦକ ହାସଲ ଏବଂ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବିଜୟ (ପରବର୍ତ୍ତୀ ସମୟରେ ୫ ଥର ଟାଇଟଲ୍ ବିଜେତା), ୨୦୦୧ରେ ପ୍ରକାଶ ପାଦୁକୋନଙ୍କ ପରେ ପୁଲେଲା ଗୋପିଚାନ୍ଦଙ୍କ ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ ଟାଇଟଲ ହାସଲ, ୨୦୦୩ ବିଶ୍ୱ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜଙ୍କ ଲମ୍ୱଡିଆଁରେ କାଂସ୍ୟ ପଦକ ହାସଲ (ଆଜି ପର୍ଯ୍ୟନ୍ତ ଏକମାତ୍ର ଭାରତୀୟ), ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ରାଜ୍ୟ ବର୍ଦ୍ଧନ ସିଂ ରାଠୋରଙ୍କ ବନ୍ଧୁକ ଚାଳନାରେ ରୌପ୍ୟ ପଦକ ହାସଲ, ୨୦୦୫ରେ ପଙ୍କଜ ଆଡଭାନୀଙ୍କ ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ୍ ହାସଲ, ୨୦୦୭ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି୨୦ ବିଶ୍ୱ କପ୍‌ରେ ଭାରତୀୟ କ୍ରିକେଟ ଦଳ ଚାମ୍ପିୟନ, ୨୦୦୮ ବେଜିଂ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ଅଭିନବ ବିନ୍ଦ୍ରାଙ୍କ ୧୦ ମି. ଏୟାର ରାଇଫଲ ଶୁଟିଂରେ ସ୍ୱର୍ଣ୍ଣ ପଦକ ଲାଭ ସହିତ ବକ୍ସିଂ ଏବଂ କୁସ୍ତିରେ ବିଜେନ୍ଦର ସିଂ ଏବଂ ସୁଶିଲ କୁମାରଙ୍କ ରୌପ୍ୟ ପଦକ ହାସଲ, ୨୦୧୧ ଏକଦିବସୀୟ ବିଶ୍ୱ କପ୍ କ୍ରିକେଟ୍‌ରେ ୨ୟ ଥର ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ, ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ (୨ ରୌପ୍ୟ ଓ ୪ କାଂସ୍ୟ) ୬ ପଦକ ହାସଲ କରି ଶ୍ରେଷ୍ଠ ସଫଳତା, ୨୦୧୫ ସାଇନା ନେହ୍ୱାଲଙ୍କ ବିଶ୍ୱ ବ୍ୟାଡମିଣ୍ଟନ ର୍‌ୟାଙ୍କ୍‌ରେ ୧ନମ୍ବର ସ୍ଥାନ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ, ୨୦୧୬ ରିଓ ଅଲିମ୍ପିକ୍ସ ବ୍ୟାଡମିଣ୍ଟନରେ ପି.ଭି. ସିନ୍ଧୁଙ୍କ ରୌପ୍ୟ ପଦକ ହାସଲ ଏବଂ ସାକ୍ଷୀ ମଲ୍ଲିକଙ୍କ କୁସ୍ତିରେ ବ୍ରୋଞ୍ଜ ପଦକ, ୨୦୧୭ ଓ ୧୮ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ପି.ଭି. ସିନ୍ଧୁଙ୍କ ରୌପ୍ୟ ପଦକ ଏବଂ ୨୦୧୯ରେ ବିଶ୍ୱ ଚାମ୍ପିୟନ ଆଖ୍ୟା ଅର୍ଜନ, ସର୍ବଶେଷରେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରାଙ୍କ ଜାଭେଲିନ୍ ଥ୍ରୋରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟ, ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳର କାଂସ୍ୟ ପଦକ ହାସଲ ସହିତ ୭ଟି ଅଲିମ୍ପିକ ପଦକ ବିଜୟ ଏବଂ ପ୍ରମୋଦ ଭଗତଙ୍କ ପାରାଲିମ୍ପିକ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣ ପଦକ ବିଜୟ ପ୍ରଭୃତି ସଂକ୍ଷେପରେ ଭାରତୀୟ କ୍ରୀଡାର ସ୍ମରଣୀୟ ମୁହୂର୍ତ୍ତ ଏବଂ ବିଗତ ୭୫ ବର୍ଷର ବିଶେଷ ଉପଲବ୍ଧି।

# ଖୋ ଖୋ ଯୋଡ଼ିଛି ନୂଆ ଫର୍ଦ୍ଦ

କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା କ୍ରମେ ଆଗକୁ ବଢୁଛି। ପ୍ରତିଯୋଗିତା ଆୟୋଜନ ହେଉ କିମ୍ବା ଭିତ୍ତିଭୂମି ପ୍ରସ୍ତୁତି ଅବା ଅଂଶଗ୍ରହଣ, ଏବେ କେବଳ ଗୋଟିଏ କିମ୍ବା ଦୁଇଟି ଖେଳରେ ସୀମିତ ହୋଇ ରହିନାହିଁ। ହକିଠାରୁ ଆରମ୍ଭ କରି କ୍ରିକେଟ୍, ଫୁଟ୍‌ବଲ, ଆଥ୍‌ଲେଟିକ୍ସ, ସୁଇମିଂ, ଭଲିବଲ, ଟେବୁଲ ଟେନିସ୍ ଏବଂ ଖୋ ଖୋ ପର୍ଯ୍ୟନ୍ତ ଏହାର ତାଲିକା ବେଶ୍ ଲମ୍ବା ହେବାରେ ଲାଗିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ରାଜ୍ୟରେ ଏବେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ସମ୍ଭବ ହୋଇପାରିଛି। ରାଜ୍ୟ କ୍ରୀଡ଼ା ଇତିହାସରେ ଏବେ ଖୋ ଖୋ ଯୋଡ଼ିଛି ନୂଆ ଫର୍ଦ୍ଦ। ହକିରେ କଳିଙ୍ଗ ଲାନ୍ସର୍ସ, ଫୁଟବଲରେ ଓଡ଼ିଶା ଏଫ୍‌ସି ପରି ପ୍ରଥମଥର ଆରମ୍ଭ ହୋଇଥିବା ଅଲ୍‌ଟିମେଟ ଖୋ ଖୋରେ ମଧ୍ୟ ଓଡ଼ିଶା ଏହାର ଏକ ନିଜସ୍ୱ ଦଳ ଖେଳାଇଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଖୋ ଖୋ ଲିଗ୍‌ରେ ଏହାର ନାମ

**କ୍ରୀଡ଼ାରେ ଓଡ଼ିଶା କ୍ରମେ ଆଗକୁ ବଢୁଛି। ପ୍ରତିଯୋଗିତା ଆୟୋଜନ ହେଉ କିମ୍ବା ଭିତ୍ତିଭୂମି ପ୍ରସ୍ତୁତି ଅବା ଅଂଶଗ୍ରହଣ ଏବେ କେବଳ ଗୋଟିଏ କିମ୍ବା ଦୁଇଟି ଖେଳରେ ସୀମିତ ହୋଇ ରହିନାହିଁ। ହକିଠାରୁ ଆରମ୍ଭ କରି କ୍ରିକେଟ୍, ଫୁଟ୍‌ବଲ, ଆଥ୍‌ଲେଟିକ୍ସ, ସୁଇମିଂ, ଭଲିବଲ, ଟେବୁଲ ଟେନିସ୍ ଏବଂ ଖୋ ଖୋ ପର୍ଯ୍ୟନ୍ତ ଏହାର ତାଲିକା ବେଶ୍ ଲମ୍ବା ହେବାରେ ଲାଗିଛି।**

୨୦୧୯ ଏଫ୍‌ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ (ମହିଳା ଓ ପୁରୁଷ), ୨୦୨୧ ଜୁନିୟର ହକି ବିଶ୍ୱକପ୍, ହକି ପ୍ରୋ ଲିଗ୍, ମହିଳା ଗୋଲ୍ଡକପ୍ ଫୁଟବଲ, ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ୍ ଫୁଟବଲ) ଚାମ୍ପିୟନଶିପ୍, ୨୦୨୦ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆଦି ବଡ଼ ପ୍ରତିଯୋଗିତାଗୁଡ଼ିକୁ ଓଡ଼ିଶା ସଫଳତାର ସହ ଆୟୋଜନ କରିଥିବାବେଳେ ଏବେ ଆଗକୁ ଆସୁଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ (ଅକ୍ଟୋବର) ଏବଂ ୨୦୨୩ ହକି ବିଶ୍ୱକପ୍। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ଭୁବନେଶ୍ୱର ଭାରତର ୩ ଭେନ୍ୟୁ ମଧ୍ୟରୁ ଅନ୍ୟତମ ହୋଇଥିବାବେଳେ ଆଗାମୀ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଅଲ୍‌ଟିମେଟ ଖୋ ଖୋରେ ୪ର୍ଥ ଫ୍ରାଞ୍ଚାଇଜ୍ ଦଳ ଭାବେ ଓଡ଼ିଶା ନିଜର ଉପସ୍ଥିତି ଜାହିର କରିଥିଲା। ଅଗଷ୍ଟ ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା




ଓଡ଼ିଶା ଜଗରନଟ୍ସ ଦଳର ଜର୍ସି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରହିଛି ଓଡ଼ିଶା ଜଗରନଟ୍ସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ସ୍ପୋର୍ଟ୍ସ ଫର ୟୁଥ୍, ୟୁଥ୍ ଫର ଫ୍ୟୁଚର' ଦୃଷ୍ଟିଭଙ୍ଗୀ ଓଡ଼ିଶାକୁ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିଛି। ଫଳରେ ଦେଶ ବିଦେଶ କ୍ରୀଡ଼ା ସମ୍ପ୍ରଦାୟର ନଜର ଏବେ ଓଡ଼ିଶା ଉପରେ।

୨୦୧୮ରେ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରି ଅନେକ ପ୍ରଶଂସା ସାଉଁଟିଥିଲା। ଏହା ଅନ୍ୟ ସମସ୍ତ ହକି ବିଶ୍ୱକପ୍‌ଠାରୁ ନିଆରା ହୋଇଥିଲା। କେବଳ ସେତିକି ନୁହେଁ, ମାତ୍ର ୩ ମାସର ଚ୍ୟାଲେଞ୍ଜକୁ ଗ୍ରହଣ କରି ଓଡ଼ିଶା ୨୦୧୭ରେ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌କୁ ଅତ୍ୟନ୍ତ ସଫଳତାର ସହ ଆୟୋଜନ କରିଥିଲା। ଏହା ବ୍ୟତୀତ ୨୦୧୪ ହକି ଚାମ୍ପିୟନ୍ସ ଟ୍ରଫି, ୨୦୧୮–୧୯ ହକି ୱାର୍ଲ୍ଡ ସିରିଜ୍ ଫାଇନାଲ୍ସ, ଜଗରନଟ୍ସ ଦଳର ଜର୍ସି ଉନ୍ମୋଚନ କରିଥିଲେ। ଖୋ ଖୋ ଭଳି ସ୍ୱଦେଶୀ ଖେଳକୁ ପ୍ରୋତ୍ସାହନ ଉପରେ ଓଡ଼ିଶା ଫୋକସ୍ କରୁଛି। ରାଜ୍ୟ ଦଳ ମଧ୍ୟ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିଆସୁଛି। ଏପରି ପଦକ୍ଷେପ ଗ୍ରାମାଞ୍ଚଳ ସ୍ତରରେ ଅଧିକରୁ ଅଧିକ ଖେଳାଳିଙ୍କୁ ଖୋ ଖୋ ପ୍ରତି ଆକୃଷ୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହାପରେ ପ୍ରତିଯୋଗିତାସ୍ଥଳ ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଓଡ଼ିଶା ଦଳ ଯାତ୍ରା କରିଥିଲା। ପ୍ରତିଯୋଗିତାରେ ଓଡ଼ିଶା ଜଗରନଟ୍ସ ମଧ୍ୟ ଅତି ଚମତ୍କାର ପ୍ରଦର୍ଶନ କରି ପ୍ଲେ–ଅଫ୍‌ରେ ପ୍ରବେଶ କରିଛି।

–ତପନ ସ୍ୱାଇଁ

# ଆଧୁନିକ ଅଲିମ୍ପିକ୍ସରେ ଭାରତ



ଭାରତୀ ଭୂଷଣ ମିଶ୍ର

**ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ୧୮୯୬ ଏଥେନ୍ସରେ ଅନୁଷ୍ଠିତ ହୋଇଥିବାବେଳେ ୧୯୦୦ରେ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରଥମଥର ପାଇଁ ନର୍ମାନ୍ ପ୍ରିଚାର୍ଡ (ଆଙ୍ଗ୍ଲୋ ଇଣ୍ଡିଆନ୍) ପ୍ରତିନିଧିତ୍ୱ କରିଥିଲେ। ଦେଶରେ ଅଲିମ୍ପିକ୍ ଆନ୍ଦୋଳନ ଏବଂ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତର ପ୍ରଦର୍ଶନକୁ ନେଇ ଏହି ଉପସ୍ଥାପନା।**

(ଭାଗ–୧)

ଆଲୋଚକମାନଙ୍କ ମତରେ, କେବଳ ଦୁଇଟି ସ୍ଥାନରେ ବିଶ୍ୱର ପ୍ରାୟ ଅଧିକାଂଶ ଦେଶର ପ୍ରତିନିଧି ଏକତ୍ରିତ ହୁଅନ୍ତି। ଗୋଟିଏ ହେଲା ମିଳିତ ଜାତିସଂଘ ଓ ଦ୍ୱିତୀୟଟି ହେଲା ଅଲିମ୍ପିକ୍ କ୍ରୀଡ଼ା। ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ହେଉଛି ଅଲିମ୍ପିକ୍। ପ୍ରତ୍ୟେକ କ୍ରୀଡ଼ାବିତ୍ ସ୍ୱପ୍ନ ଦେଖନ୍ତି ଯେ, ସେ କିପରି ଅଲିମ୍ପିକ୍‌ରେ ନିଜ ଦେଶକୁ ପ୍ରତିନିଧିତ୍ୱ କରିବେ ଓ ପଦକ ହାସଲ କରି ଦେଶକୁ ମହିମାମଣ୍ଡିତ କରିବେ। ପ୍ରତ୍ୟେକ ଦେଶ ମଧ୍ୟ ଅଲିମ୍ପିକ୍ ସଫଳତା ପାଇଁ ଗ୍ରହଣ କରିଥା'ନ୍ତି ଯୋଜନାବଦ୍ଧ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ସ୍ୱତଃ ଆମ ଦେଶର କଥା ମନକୁ ଆସିଯାଏ। ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ ଭାରତ। କିନ୍ତୁ ଦୀର୍ଘ ସମୟ ଧରି ବ୍ରିଟିଶ୍ ଶାସନାଧୀନ ରହିବା କାରଣରୁ ଆମର ଯେଉଁଭଳି ସାମୂହିକ ଉନ୍ନତି ହେବା କଥା ସେଥିରେ ବିଳମ୍ବ ହୋଇଛି।

ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ୧୮୯୬ରେ ଗ୍ରୀସ୍‌ର ଏଥେନ୍ସରେ ଅନୁଷ୍ଠିତ ହୋଇଥିଲା ଏପ୍ରିଲ ୬ରୁ ୧୫ ପର୍ଯ୍ୟନ୍ତ। ୧୩ଟି ଦେଶର ୩୧୧ଜଣ ପୁରୁଷ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଭାରତର କୌଣସି ପ୍ରତିଯୋଗୀ ଏଥିରେ ଭାଗ ନେଇ ନ ଥିଲେ। ଦ୍ୱିତୀୟ ଅଲିମ୍ପିକ୍ କ୍ରୀଡ଼ା ୧୯୦୦ରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ହୋଇଥିଲା। ଯଦିଓ ଭାରତ ୧୯୪୭ ପର୍ଯ୍ୟନ୍ତ ବ୍ରିଟିଶ୍ ଶାସନାଧୀନ ଥିଲା, ତଥାପି ଏହି ଅଲିମ୍ପିକ୍ କ୍ରୀଡ଼ାକୁ ଏକମାତ୍ର କ୍ରୀଡ଼ାବିତ୍ ଭାବେ ଆଙ୍ଗ୍ଲୋ ଭାରତୀୟ ନର୍ମାନ୍ ପ୍ରିଚାର୍ଡଙ୍କୁ ଅଂଶ ଗ୍ରହଣ ପାଇଁ ପଠାଇଥିଲା। ସେ ପୁରୁଷ ୨୦୦ ମିଟର ଦୌଡ଼ ଓ ୨୦୦ ମିଟର ହର୍ଡ଼ଲ୍ସରେ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ତେଣୁ ସେ ହେଉଛନ୍ତି ଭାରତର ପ୍ରଥମ ଅଲିମ୍ପିକ୍ ଅଂଶ ଗ୍ରହଣକାରୀ, ପଦକ ବିଜେତା, ବ୍ୟକ୍ତିଗତ ପଦକ ବିଜେତା ଓ ଏକାଧିକ ଅଲିମ୍ପିକ୍ ପଦକର ଅଧିକାରୀ।

୧୯୦୪ର ସେଣ୍ଟ ଲୁଇସ୍ ଅଲିମ୍ପିକ୍, ୧୯୦୮ର ଲଣ୍ଡନ ଓ ୧୯୧୨ର ଷ୍ଟକ୍‌ହୋମ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ ନ ଥିଲା। ଜର୍ମାନୀର ବର୍ଲିନ୍‌ରେ ୧୯୧୬ରେ ହେବାକୁ ଥିବା ଅଲିମ୍ପିକ୍ କ୍ରୀଡ଼ା ପ୍ରଥମ ବିଶ୍ୱଯୁଦ୍ଧର ପ୍ରଭାବରେ ବନ୍ଦ ହୋଇଯାଇଥିଲା। ୧୯୨୦ରେ ବେଲ୍‌ଜିୟମ୍‌ର ଆଣ୍ଟୱେର୍ପରେ ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହେଲା। ବ୍ରିଟିଶ୍ ଶାସନାଧୀନ ଥିଲେ ମଧ୍ୟ ଭାରତର ଜାତୀୟ ଦଳ ଇଂଲଣ୍ଡ ଦଳଠାରୁ ପୃଥକ୍ ହୋଇ ଅଂଶ ଗ୍ରହଣ କଲା ଏହି ଅଲିମ୍ପିକ୍‌ରେ। ଏଥିନିମନ୍ତେ ୧୯୨୦ କ୍ରୀଡ଼ା ପୂର୍ବରୁ ସାର୍ ଦୋରାବ୍‌ଜୀ ଟାଟା ଓ ବମ୍ବେର ରାଜ୍ୟପାଳ ଜର୍ଜ ଲଏଡ୍ ପ୍ରଗାଢ଼ ଉଦ୍ୟମ ଚଳାଇଥିଲେ ଓ ଏଥିପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିରେ ଭାରତର ପ୍ରତିନିଧିତ୍ୱ ରହିଲା। ଫଳସ୍ୱରୂପ ଭାରତର ଜାତୀୟ ଦଳ ଭାଗ ନେବା ପାଇଁ ଅନୁମତି ପାଇଲା ଏବଂ ତିନିଜଣ ଆଥ୍‌ଲେଟ୍, ଦୁଇଜଣ କୁସ୍ତି ଯୋଦ୍ଧା ଓ ମ୍ୟାନେଜର ଭାବେ ସୋରାବ୍ ଭୁତ୍ ଏବଂ ଏ.ଏଚ୍.ଏ. ଫେଜି ଆଣ୍ଟୱେର୍ପ ଯାତ୍ରା କଲେ। ଅବଶ୍ୟ ଭାରତୀୟ ଦଳ କୌଣସି ପଦକ ହାସଲ କରି ପାରି ନ ଥିଲା। ସେହିବର୍ଷ ଭାରତରେ ଅଲିମ୍ପିକ୍ ଆନ୍ଦୋଳନ ଆରମ୍ଭ ହେଲା। ସାର୍ ଦୋରାବଜୀ ଟାଟା, ମାଡ୍ରାସ୍ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଏ.ଜି. ନୋରିନ୍ ଓ ଏଚ୍.ସି. ବକ୍, ବିହାର ସ୍ପୋର୍ଟ୍ସ ଆସୋସିଏଶନର ମୋଇନୁଲ୍ ହକ୍, ବମ୍ବେ ଅଲିମ୍ପିକ୍ ଆସୋସିଏଶନର ସୋରାବ ଭୁତ୍, ଡେକାନ୍ ଜିମ୍‌ଖାନାର ଏ.ଏସ୍. ଉଗ୍ରୱ୍ତ, ପଞ୍ଜାବ ଅଲିମ୍ପିକ୍ ସଂଘର ଗୁରୁଦତ୍ତ ସୋନ୍ଧି, ସରକାରୀ ମହାବିଦ୍ୟାଳୟ ଲାହୋରର ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଏଚ୍.ଏଲ୍.ଓ. ଗ୍ୟାରେଟ୍, ସେଣ୍ଟ ଷ୍ଟିଫେନ୍ସ ସ୍କୁଲ୍‌ର ସାଗ୍‌ନିକ ପୋଦାର ପ୍ରମୁଖଙ୍କ ନିଷ୍ଠାପର ଉଦ୍ୟମରେ ଜାତୀୟ କ୍ରୀଡ଼ାର ଆୟୋଜନ କରାଗଲା। ପୃଷ୍ଠପୋଷକତା କରିବାକୁ ମଧ୍ୟ ଆଗେଇ ଆସିଲେ ପଟିଆଲାର ମହାରାଜା ଭୂପିନ୍ଦର ସିଂ, ନୱା ନଗରର ରଣଜିତ୍ ସିଂହଜୀ, କପୁରଥାଲା ଓ ବର୍ଦ୍ଧମାନର ମହାରାଜାଙ୍କ ଭଳି ଅନେକ ରାଜା ମହାରାଜା ଏବଂ ଯୁବରାଜଗଣ। ନିଷ୍ଠାପର ଉଦ୍ୟମ କେବେ ବି ବ୍ୟର୍ଥ ଯାଏ ନାହିଁ। ଫଳ ସ୍ୱରୂପ, ୧୯୨୩ରେ ଅସ୍ଥାୟୀ ଅଖିଳ ଭାରତୀୟ ଅଲିମ୍ପିକ୍ ସଂଘ ଗଠିତ ହେଲା ଏବଂ ୧୯୨୪ ଫେବୃୟାରୀ ମାସରେ ସର୍ବଭାରତୀୟ ଅଲିମ୍ପିକ୍ କ୍ରୀଡ଼ା ଆୟୋଜିତ ହେଲା (ପରେ ଏହା ଭାରତୀୟ ଜାତୀୟ କ୍ରୀଡ଼ା ନାମରେ ନାମିତ ହେଲା)। ଏହି କ୍ରୀଡ଼ା ପ୍ରତିଯୋଗିତାରୁ ମନୋନୀତ ହୋଇ ୧୪ଜଣ ଖେଳାଳି ୧୯୨୪ରେ ପ୍ୟାରିସ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ୭ଜଣ ଲେଖାଏ ଆଥଲେଟ୍ ଓ ଟେନିସ୍ ଖେଳାଳି। ପ୍ରଥମ ଥର ପାଇଁ ୨ଜଣ ମହିଳା ଏଥିରେ ଅଂଶ ଗ୍ରହଣ କରିଥିଲେ।

୧୯୨୭ ମସିହାରେ ଅସ୍ଥାୟୀ ଭାରତୀୟ ଅଲିମ୍ପିକ୍ ସଂଘ ସ୍ଥାୟୀ ଭାବେ ଭାରତୀୟ ଅଲିମ୍ପିକ୍ ସଂଘ (IOA)ରେ ପରିଣତ ହୋଇ ମାନ୍ୟତା ପାଇଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତରେ କ୍ରୀଡ଼ାର ଉନ୍ନତି କରିବା, ଜାତୀୟ କ୍ରୀଡ଼ାର ଆୟୋଜକ ପାଇଁ ପ୍ରଦେଶ ଓ ସ୍ଥାନ ଚୟନ କରିବା ଏବଂ ଜାତୀୟ କ୍ରୀଡ଼ାରୁ ମନୋନୀତ ଖେଳାଳିମାନଙ୍କୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ ପାଇଁ ପ୍ରସ୍ତୁତ କରି ପ୍ରେରଣ କରିବା। ଏହି କାରଣରୁ ୧୯୨୮ରେ ଆୟୋଜିତ ଜାତୀୟ କ୍ରୀଡ଼ାରେ ୭ଜଣ ଆଥ୍‌ଲେଟଙ୍କୁ ପରବର୍ତ୍ତୀ (୧୯୨୮ ଆମ୍‌ଷ୍ଟରଡାମ୍) ଅଲିମ୍ପିକ୍‌ରେ



ଧ୍ୟାନ ଚାନ୍ଦ

ଭାଗ ନେବା ପାଇଁ ଚୟନ କରାଗଲା।

ଏହି ସମୟ ମଧ୍ୟରେ ଭାରତରେ ହକି ଖେଳର ପ୍ରଚାର ପ୍ରସାର ଆରମ୍ଭ ହୋଇ ଯାଇଥାଏ ଏବଂ ଭାରତୀୟ ହକି ଫେଡେରେଶନ୍ (ଆଇଏଚ୍‌ଏଫ୍) ମଧ୍ୟ ଗଠିତ ହୋଇ ସାରିଥାଏ। ସେମାନେ ମଧ୍ୟ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ ପାଇଁ ଗୋଟିଏ ହକି ଦଳ ପ୍ରେରଣ କଲେ। ତେଣୁ ମୋଟ ୨୨ ଜଣ ଖେଳାଳି ଆମଷ୍ଟରଡାମ୍‌ରେ ଅଂଶ ଗ୍ରହଣ କରିଥିଲେ। ହକି ଯାଦୁରେ ଧ୍ୟାନଚାନ୍ଦଙ୍କର ଅଦ୍ଭୁତ ଷ୍ଟିକ୍‌ଚାଳନା ଓ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ପ୍ରତିପକ୍ଷ ଦଳକୁ ପରାଜୟ ଆଡ଼କୁ ଠେଲିଦେବାର କଳା କୌଶଳ ଏହି ଅଲିମ୍ପିକ୍‌ରେ ଦେଖିବାକୁ ମିଳିଲା। ହକି ଫାଇନାଲରେ ଭାରତ ୩–୦ ଗୋଲରେ ହଲାଣ୍ଡକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଲାଭ କଲା। ଏହା ଏସିଆ ମହାଦେଶର ଯେକୌଣସି ଦେଶ ପାଇଁ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରଥମ ସ୍ୱର୍ଣ୍ଣ ପଦକ।

**(ଦ୍ୱିତୀୟ ଭାଗ କ୍ରୀଡ଼ା ଜଗତ ପୃଷ୍ଠାରେ ପ୍ରକାଶ ପାଇବ)**



୧୯୨୮ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ହକି ଦଳ।

## ଓଜୋନ ସ୍ତରରେ ବଢୁଛି ଗର୍ତ୍ତ ସଂଖ୍ୟା



ବର୍ତ୍ତମାନ ବାୟୁମଣ୍ଡଳ ପ୍ରଦୂଷିତ ହେବା ଯୋଗୁ ଏଥିରେ ଥିବା ଓଜୋନ ସ୍ତର ପ୍ରଭାବିତ ହେଉଛି। ବାୟୁମଣ୍ଡଳରେ ଥିବା ୪ଟି ସ୍ତର ମଧ୍ୟରୁ ଷ୍ଟ୍ରାଟୋସ୍ପିୟର୍‌ରେ ରହିଛି ଓଜୋନ୍ ସ୍ତର। ଏହା ସୂର୍ଯ୍ୟଙ୍କଠୁ ଆସୁଥିବା ଅତି ବାଇଗଣୀ ରଶ୍ମିର ପ୍ରଭାବରୁ ପୃଥିବୀପୃଷ୍ଠକୁ ରକ୍ଷା କରିଥାଏ। ହେଲେ ଏହି ସ୍ତରରେ ଏବେ ଧୀରେ ଧୀରେ ଛୋଟ ଛୋଟ ଗର୍ତ୍ତ ହେଉଥିବା ଦେଖିବାକୁ ମିଳୁଛି। ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଓଜୋନ୍ ସ୍ତର ବହୁ ମାତ୍ରାରେ ହ୍ରାସ ହେଉଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ଓଜୋନ ସ୍ତରର ସ୍ଥିତି ବିଷୟରେ ଅଧିକ ତଥ୍ୟ ହାସଲ କରିବା ପାଇଁ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଟିମ୍ ଗଠନ କରିଥିଲେ। ଏମାନେ କରିଥିବା ଗବେଷଣାରୁ ଉପରୋକ୍ତ ବିଷୟରେ ଜଣାପଡ଼ିଛି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଗତ ପ୍ରାୟ ପାଞ୍ଚ ବର୍ଷ ହେବ ଦକ୍ଷିଣ ମେରୁ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ମଧ୍ୟରେ ଯାଇଥିବା ଓଜୋନ୍‌ସ୍ତରରେ ବେଶି ଗର୍ତ୍ତ ସୃଷ୍ଟି ହୋଇଛି। ଏହା ସହ ତଳ ଷ୍ଟ୍ରାଟୋସ୍ପିୟର୍‌ରେ ୧୦ରୁ ୨୪କିଲୋମିଟର ପର୍ଯ୍ୟନ୍ତ ଥିବା ଓଜୋନ୍‌ରେ ଫାଟ ସୃଷ୍ଟି ହୋଇ ତାହା ବଢ଼ି ଚାଲିଛି ବୋଲି ମଧ୍ୟ ସେମାନେ ସତର୍କ କରାଇଛନ୍ତି।

## ଆଲ୍‌ଜିମର୍ସର କାରଣ ହୋଇପାରେ ଅମ୍ଲଏଡ୍



ଅମ୍ଲଏଡ୍ ନାମକ ଏକ ଲିଭର୍ ପ୍ରୋଟିନ୍, ଯାହା ଆମ ଶରୀରରେ ଆଲ୍‌ଜିମର୍ସ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। ଏପରି ସତର୍କ ସୂଚନା ଦେଇଛନ୍ତି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅମ୍ଲଏଡ୍‌ର ଅନ୍ୟ ରୂପ ବେଟା-ଅମ୍ଲଏଡ, ଯାହା ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଦୁର୍ବଳ କରିବା ପାଇଁ ଅନେକାଂଶରେ ଦାୟୀ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏଭଳି ତଥ୍ୟ ଜଣାପଡ଼ିଛି। ଯଦି ଜଣେ ବ୍ୟକ୍ତିଙ୍କ ଶରୀରରେ ଅମ୍ଲଏଡ ନାମକ ଲିଭର ପ୍ରୋଟିନ୍ ବୃଦ୍ଧିପାଏ, ତେବେ ତାହା ଆମ ସ୍ମରଣ ଶକ୍ତିକୁ ବହୁ ମାତ୍ରାରେ କମାଇଦିଏ। ଏହା ଶରୀରକୁ ଦୁର୍ବଳ କରି ଆମ ବ୍ୟବହାରରେ ପରିବର୍ତ୍ତନ ଆଣିଥାଏ। ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞ ଡା. ଜନ୍ ମାମୋ ପ୍ରଥମେ ମୂଷା ଉପରେ ଗବେଷଣା କରି ଏ ବିଷୟରେ ଜାଣିପାରିଥିଲେ। ମଣିଷ ଶରୀରରେ ଏହି ପ୍ରୋଟିନ୍ ମାତ୍ରା ବୃଦ୍ଧି ପାଇଲେ ତାହା ଆଲଜିମର୍ସ ରୋଗ ସୃଷ୍ଟି ପାଇଁ ଦାୟୀ ହୋଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଉତ୍ତମ ସ୍ୱାସ୍ଥ୍ୟ ଅନ୍ତରାଳେ..



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ମନୁଷ୍ୟର ବୟସ ବଢ଼ିବା ସାଙ୍ଗକୁ ମାଛ, ମାଂସ ଖାଇବା କମ୍ କରିବା ଉଚିତ। ଅଧିକ ମାତ୍ରାରେ ଲାଲ୍ ମାଂସ ଖାଇବା ଦ୍ୱାରା ରକ୍ତରେ ଆଇରନର ମାତ୍ରା ବଢ଼ିଯାଏ, ଯାହାକି ସୁସ୍ଥ ଶରୀର ପାଇଁ କ୍ଷତିକାରକ। ଏହି ମାଂସ ବର୍ଦ୍ଧିତ ଆଇରନ ଅକ୍ସିଡେସନ ପ୍ରକ୍ରିୟାକୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ତେଣୁ ଅଧିକ ମାତ୍ରାରେ ମାଛ, ମାଂସ ଖାଇବାକୁ ପସନ୍ଦ କରୁଥିବା ବ୍ୟକ୍ତି ଅକ୍ସିଡେସନ ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ଅଧିକ ସବୁଜ ପନିପରିବା ଖାଇବା ଜରୁରୀ।"

ଋତୁଚକ୍ର ଓ ପୃଥିବୀ ପରିକ୍ରମା ଅନୁଯାୟୀ ଭିନ୍ନ ଭିନ୍ନ ଜଳବାୟୁ ପରିଲକ୍ଷିତ ହୋଇଥାଏ। ଆମ ଦେଶରେ ମଧ୍ୟ ଏଥିଯୋଗୁଁ ଜଳବାୟୁରେ ପରିବର୍ତ୍ତନ ଘଟିଥାଏ। ବର୍ତ୍ତମାନ ଆମେ ନିଜର ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସଚେତନ ରହିବା ନିହାତି ଜରୁରୀ। ଏ ନେଇ ଖାଦ୍ୟପେୟ ବିଷୟରେ ଜାଣିବା ନିହାତି ଦରକାର। କିଛି ବ୍ୟକ୍ତିବିଶେଷ ଦୈନନ୍ଦିନ ଆହାର ବିହାରକୁ ଅଣଦେଖା କରିବା ଯୋଗୁ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ମନୁଷ୍ୟ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାଏ। ଖାଦ୍ୟ ସାମଗ୍ରୀକୁ ବହୁ ସମୟ ଧରି ରଖିବା ପରେ ଖାଇବା, କୌଣସି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ ବ୍ୟବହୃତ ତେଲକୁ ବାରମ୍ବାର ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ପୋଡ଼ା ତେଲ ଖାଇବା ଦ୍ୱାରା ଆଣ୍ଟିଅକ୍ସିଡେଣ୍ଟ ତିଆରି କରୁଥିବା ଶରୀରର ଉପକାରୀ ଏଞ୍ଜାଇମ୍‌ଗୁଡ଼ିକ ନଷ୍ଟ ହୋଇଯାଇଥାଏ। ତେଣୁ ତେଲ ଓ ଘିଅ ଦ୍ୱାରା ଛଣା ଯାଇଥିବା ଖାଦ୍ୟକୁ ଯେତେ କମ୍ ଖାଇବେ ତାହା ସେତେ ଭଲ। ତା'ସହ ଅଳ୍ପ ଭଜାଭଜି ଖାଦ୍ୟ, ଅଧିକ ସିଝା ଖାଦ୍ୟ ଖାଇବା ଓ ତନ୍ତୁ ଜାତୀୟ ପନିପରିବା(କଖାରୁ, ସୋୟା ବଡ଼ି, ଦେଶୀ ପୋଟଳ, ଲାଉ, ଭେଣ୍ଡି,ଜହ୍ନି)ଆଦିକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏପରି ଖାଦ୍ୟ ଶରୀର ନୀରୋଗ ରହିବା ପାଇଁ ଅନେକାଂଶରେ ସହାୟକ ହେବା ସହ ମନୁଷ୍ୟକୁ ଦୀର୍ଘାୟୁ କରିଥାଏ।

ମନୁଷ୍ୟର ବୟସ ବଢ଼ିବା ସାଙ୍ଗକୁ ମାଛ, ମାଂସ (red meat) ଖାଇବା କମ୍ କରିବା ଉଚିତ। ଅଧିକ ମାତ୍ରାରେ ଲାଲ୍ ମାଂସ ଖାଇବା ଦ୍ୱାରା ରକ୍ତରେ ଆଇରନର ମାତ୍ରା ବଢ଼ିଯାଏ, ଯାହାକି ସୁସ୍ଥ ଶରୀର ପାଇଁ କ୍ଷତିକାରକ। ଏହି ମାଂସ ବର୍ଦ୍ଧିତ ଆଇରନ ଅକ୍ସିଡେସନ ପ୍ରକ୍ରିୟାକୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ତେଣୁ ଅଧିକ ମାତ୍ରାରେ ମାଛ, ମାଂସ ଖାଇବାକୁ ପସନ୍ଦ କରୁଥିବା ବ୍ୟକ୍ତି ଅକ୍ସିଡେସନ ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ଅଧିକ ସବୁଜ ପନିପରିବା ଖାଇବା ଜରୁରୀ। ଦୈନନ୍ଦିନ ଖାଦ୍ୟରେ କମ୍ ମୂଲ୍ୟରେ ବଜାରରେ ମିଳୁଥିବା ଅମୃତଭଣ୍ଡା, କଦଳୀ,ଗାଜର,ବନ୍ଧାକୋବି, ଟମାଟୋ, ପାଚିଲା ବୋଇତାଳୁ, ତରଭୁଜ, ସଜନାଛୁଇଁ, ପୋଇ ଶାଗ, ପାଳଙ୍ଗ ଶାଗ, କୋଶଳା ଶାଗ, ମେଥି ଶାଗ, ସଜନା ଶାଗ ଆଦି ବିଭିନ୍ନ ସବୁଜ ପନିପରିବାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ଶରୀର ପାଇଁ ଅମୃତତୁଲ୍ୟ କାମ କରିଥାଏ। ଏଗୁଡିକ ଖାଦ୍ୟରେ ନିୟମିତ ଖାଇବା ଦ୍ୱାରା ଶରୀର କ୍ରିୟାଶୀଳ ହୋଇଥାଏ। ତା' ସହ ଶରୀର ସୁସ୍ଥ ରହିଥାଏ। ଏମିତି କେତେକ ଫଳ ରହିଛି ଯାହାକି ଖାଦ୍ୟ ରୂପେ ଗ୍ରହଣ କରିପାରନ୍ତି। ଲେମ୍ବୁରେ ପ୍ରଚୁର ପରିମାଣରେ ଭିଟାମିନ-ସି ରହିଛି, ଯାହାକି ଆଣ୍ଟିଅକ୍ସିଡେଣ୍ଟ ଅଟେ। ଆଣ୍ଟିଅକ୍ସିଡେଣ୍ଟ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ହୃଦ୍‌ରୋଗ, କର୍କଟ, ଚର୍ମରୋଗ, ମାନସିକ ଚିନ୍ତାଜନିତ ରୋଗକୁ ପ୍ରାକୃତିକ ଉପାୟରେ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ।







ଲେମ୍ବୁ, କମଳା, ଅଙ୍ଗୁର, ଷ୍ଟ୍ରବେରୀ, ଜାମୁକୋଳି, ଡାଳିମ୍ବ, ସେଓ, ଚେରି, ସପୁରି, ପିଜୁଳି, କଦଳୀ, ଟମାଟୋ, ଆମ୍ବରେ ଆଣ୍ଟିଅକ୍ସିଡେଣ୍ଟ ଭରି ରହିଛି, ଯାହାକୁ ଖାଇବା ଦ୍ୱାରା ଶରୀରରେ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ଶରୀର ଭିତରକୁ ବିଭିନ୍ନ ପ୍ରକାର ଜୀବାଣୁ, ଭୂତାଣୁ ଆଦିର ପ୍ରବେଶକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ଆମ ଶରୀର ସୁସ୍ଥ ତଥା ସତେଜ ରଖିଥାଏ। ଦୈନନ୍ଦିନ ଜୀବନଯାପନ ଭିତରେ ଏମିତି କେତେକ ସାଧାରଣ କଥା ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକାରକ ହୋଇଥାଏ। ବାସଗୃହରେ କୁକୁର, ବିଲେଇ, ନେଉଳ ଆଦିଙ୍କୁ ପୋଷିବା, କୁଆ, ଚଢ଼େଇ, ଚିରଗୁଣୀ, ପାରା ଆଦି ପକ୍ଷୀଙ୍କୁ ଦୈନନ୍ଦିନ ଖାଦ୍ୟଶସ୍ୟ ଦେବା ଦ୍ୱାରା ବହୁ ଉପକାର ମିଳିଥାଏ। ଯେପରି କୁକୁର ବାହ୍ୟଶତ୍ରୁ ଏବଂ ବିଭିନ୍ନ ବନ୍ୟଜନ୍ତୁଙ୍କୁ ପ୍ରତିରୋଧ କରିଥାଏ ସେହିପରି ବିଲେଇ ବାସ ଗୃହରେ ସାପ, ବେଙ୍ଗ, ବିଛା ଆଦିଙ୍କୁ ଘରଭିତରକୁ ନ ଯିବାକୁ ପ୍ରତିରୋଧ କରିଥାଏ। ସାପ ଏବଂ ବିଭିନ୍ନ ପୋକ ଜୋକଙ୍କଠାରୁ ନେଉଳ ଆମକୁ ଦୂରେଇ ରଖୁଥିବା ବେଳେ ଚଢ଼େଇ, ପାରା, ଚିରଗୁଣୀ ଆଦି ଘରର ଚତୁର୍ପାର୍ଶ୍ୱରେ ଥିବା ବିଭିନ୍ନ ପୋକ ଜୋକ, କୀଟପତଙ୍ଗ ଆଦିଙ୍କ ପ୍ରାଦୁର୍ଭାବରୁ ରକ୍ଷା କରିଥାଆନ୍ତି।

ମନୁଷ୍ୟ ଚିନ୍ତାମୁକ୍ତ, ନୀରୋଗ, ଦୀର୍ଘାୟୁ ଭାବେ ବଞ୍ଚି ରହିବା ପାଇଁ ପ୍ରକୃତି ଓ ପରିବେଶ ସହ ଖାପ ଖୁଆଇ ଚଳିବା ଦରକାର। ଦୈନନ୍ଦିନ ସୁଷମ ଖାଦ୍ୟ ଗ୍ରହଣ କରିବା ସହ ପ୍ରାତଃ ସୂର୍ଯ୍ୟକିରଣରେ ଯାତାୟାତ କରିବା, ଦୈନନ୍ଦିନ ବ୍ୟାୟାମ କରିବା ଦ୍ୱାରା ମନୁଷ୍ୟ ଶରୀରରେ ରକ୍ତଚାପ ଓ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ତା'ସହ ମନୁଷ୍ୟର ବୟସ ଅନୁପାତରେ ଓଜନ ଠିକ୍ ଭାବେ ରହିଥାଏ, ଯାହାକି ଦୀର୍ଘାୟୁ ନିମନ୍ତେ ସହାୟକ ହୋଇଥାଏ। ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଜ ହାତରେ ରହିଥିବା ବେଳେ ମନୁଷ୍ୟ ବାଟବଣା ହୋଇଥାଏ। ବିଭିନ୍ନ ପ୍ରକାର ଦୂଷିତ ଖାଦ୍ୟ, ଦୂଷିତ ଜଳ, ବିଭିନ୍ନ ଫାଷ୍ଟଫୁଡ୍, ପ୍ରତିଦିନ ଠିକ୍ ସମୟରେ ଖାଦ୍ୟ ଗ୍ରହଣ ନ କରିବା, ବିଳମ୍ବିତ ରାତିରେ ଶୋଇବା, ବିଳମ୍ବରେ ଶଯ୍ୟା ତ୍ୟାଗ କରିବା ଆଦି ବିଭିନ୍ନ କାରଣରୁ ଶରୀର ବିଭିନ୍ନ ଜଟିଳ ରୋଗର ଶିକାର ହୋଇଥାଏ। ଆମେ ସଜାଗ ରହି, ସ୍ୱାସ୍ଥ୍ୟକୁ ସୁସ୍ଥ ଓ ସଜାଗ ରଖିବା ସହ ପରିବାରକୁ ମଧ୍ୟ ସୁସ୍ଥ ରଖିବାର ଆବଶ୍ୟକତା ରହିଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## କ୍ୟାନ୍‌ସର ଓ ପ୍ରାକୃତିକ ପରିବେଶ



ପ୍ରାକୃତିକ ପରିବେଶ ବେଶ୍ ମନଲୋଭା। ହେଲେ ଏଭଳି ପରିବେଶ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରାକୃତିକ ତଥା ପ୍ରଦୂଷଣମୁକ୍ତ ପରିବେଶରେ ଅଧିକାଂଶ ସମୟ ରୁହନ୍ତି ତେବେ ତାଙ୍କ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ଅଧିକ ସୃଷ୍ଟି ହୋଇଥାଏ। ଏପରି ବିଷୟବସ୍ତୁକୁ ନେଇ ସିଓଲ ୟୁନିଭର୍ସିଟିର କ୍ୟାନ୍‌ସର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଯେଉଁ ବ୍ୟକ୍ତିମାନେ ଅଧିକାଂଶ ସମୟ ପ୍ରଦୂଷଣମୁକ୍ତ ପରିବେଶରେ ରହୁଥିଲେ ସେମାନଙ୍କ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି କେତେ ସୃଷ୍ଟି ହେଉଛି ତାହାକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ପରିଶେଷରେ ଜଣାପଡ଼ିଥିଲା ଯେ, ଏପରି ପରିବେଶ କ୍ୟାନ୍‌ସର ଆଣ୍ଟିବଡି ସୃଷ୍ଟି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଏଭଳି ପରିବେଶରେ ରହିବା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବୁଦ୍ଧିମତ୍ତା ବଢ଼ାଇବ ରୋବୋ

ରୋବୋର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ସ୍ମାର୍ଟ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ବୁଦ୍ଧିମତ୍ତା ବଢ଼ାଇବାରେ ସହାୟକ ହୋଇପାରିବ। ତା'ସହ ସାଧାରଣଜ୍ଞାନ ସମ୍ପର୍କିତ ପ୍ରଶ୍ନଗୁଡ଼ିକର ମଧ୍ୟ ଏହି ରୋବୋ ଅକ୍ଲେଶରେ ଉତ୍ତର ଦେଇପାରିବ। ଏହି ଅଲାଉଣ୍ଡର ରୋବୋର ଆଉ ଏକ ଗୁଣ ମଧ୍ୟ ରହିଛି। ଯଦି ଜଣେ ବ୍ୟକ୍ତି ଏକୁଟିଆ ରହି ବୋର୍ ହେଉଛନ୍ତି ତେବେ ସେ ଏହାର ସହାୟତା ନେଇପାରିବେ। ଉକ୍ତ ରୋବୋ ନିକଟରେ ବସି ସେ ନିଜ ମନ ପସନ୍ଦର ସଙ୍ଗୀତ ଶୁଣିପାରିବେ। ସବୁଠାରୁ ଖାସ୍ କଥା ହେଲା, କୌଣସି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ମଧ୍ୟ ଏହା ସଂଗ୍ରହ କରିପାରିବ, ଯାହାକୁ ଆଧାର କରି ସେହି ବ୍ୟକ୍ତିଙ୍କର ଚିକିତ୍ସା କରାଯାଇପାରିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ପ୍ରଥମେ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜର ଶରୀର ରୁଟିନ୍ ଚେକଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।
- ଯଦି ପରାମର୍ଶ ସମୟରେ ଡାକ୍ତର ରୋଗ ବିଷୟରେ ପଚାରୁଛନ୍ତି, ତେବେ ତାଙ୍କର ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ। କାରଣ ଯଦି କୌଣସି କଥାକୁ ଆପଣ ଲୁଚାଇବାକୁ ଚେଷ୍ଟା କରନ୍ତି ତେବେ ତାହା ରୋଗ ଚିକିତ୍ସାରେ ବାଧକ ସାଜିଥାଏ।
- କୌଣସି ରୋଗରୁ ଆରୋଗ୍ୟ ଲାଭ କରିବାକୁ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।
- ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ।
- ବିଳମ୍ବିତ ରାତିରେ ଶୋଇବା ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ।
- ଅସୁସ୍ଥ ଥିଲେ ସୁସ୍ଥ ହେବା ପର୍ଯ୍ୟନ୍ତ ବ୍ୟାୟାମ ବନ୍ଦ କରନ୍ତୁ। ନ ହେଲେ ଏହାର ପ୍ରତିକୂଳ ପ୍ରଭାବ ଶରୀର ଉପରେ ପଡ଼ିଥାଏ।



## ଥାର୍ଡ ହ୍ୟାଣ୍ଡ ଧୂଆଁ



ଡା. ଜ୍ୟୋତି ରଞ୍ଜନ ସ୍ୱାଇଁ

"ଆପଣ ବାଲ୍‌କୋନୀରେ ନିଜ ଘର ବାହାରେ ଧୂମପାନ କଲେ ମଧ୍ୟ ଆପଣଙ୍କ ପିଲାମାନେ ଧୂମପାନ କରିବାର ଆଶଙ୍କାର ସମ୍ମୁଖୀନ ହୁଅନ୍ତି। ଯଦି ଆପଣ ଏକ ଘରେ ରହୁଛନ୍ତି, ଯେଉଁଥିରେ ପୂର୍ବ ଭଡ଼ାଟିଆ ଯିଏ ପୂର୍ବରୁ ଧୂମପାନ କରୁଥିଲେ, ତେବେ ଆପଣ ମଧ୍ୟ ତୃତୀୟ ଧୂଆଁର ପ୍ରଭାବର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ତମାଖୁ ଦ୍ରବ୍ୟର ଅବଶିଷ୍ଟାଂଶ ନିକୋଟିନ୍ ବାୟୁରେ ନାଇଟ୍ରସ୍ ଏସିଡ୍ ସହିତ ପ୍ରତିକ୍ରିୟା କରିଥାଏ ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥ ସୃଷ୍ଟି କରେ, ଯାହା କର୍କଟ ସମେତ ଅନେକ ରୋଗର କାରଣ ହୋଇଥାଏ।"

ଲୋକମାନେ ଧୂମପାନର ବିପଦ ବିଷୟରେ ଶୁଣନ୍ତି। ସେକେଣ୍ଡ ହ୍ୟାଣ୍ଡ ଧୂଆଁର ବିପଦ ବିଷୟରେ ସେମାନେ ଶୁଣନ୍ତି, କିନ୍ତୁ ତୃତୀୟ ଧୂଆଁର ବିପଦ ବିଷୟରେ ଅନେକେ ଜାଣିନାହାନ୍ତି। ତୃତୀୟ ଧୂଆଁ ବିଷୟରେ ଆପଣ ପ୍ରକୃତରେ ବିପଦକୁ ଆକଳନ କରିପାରିବେ ନାହିଁ। ଆମେ ସମସ୍ତେ ଜାଣୁ ଯେ ପ୍ରତ୍ୟେକ ସିଗାରେଟ୍, ଗୁଟ୍‌ଖା ଆଦି ନିଶାଦ୍ରବ୍ୟ ପ୍ରତି ୮ ମିନିଟ୍‌ରେ ଗୋଟିଏ ଜୀବନ ନେଇଥାଏ।

ଆମେ ଜାଣୁ ଯେ ଧୂମପାନ ଏବଂ ସେକେଣ୍ଡ ହ୍ୟାଣ୍ଡ ଧୂଆଁ (ସିଗାରେଟ୍ ଜଳିବା ଦ୍ୱାରା ବାହାରୁଥିବା ଧୂଆଁ) କ୍ଷତିକାରକ। ହେଲେ ଏହା ଭିତରେ ଆଉ ଏକ ବିପଦ ଲୁଚି ରହିଛି, ଯାହା ହେଲା ତୃତୀୟ ଧୂଆଁ ବା ଥାର୍ଡ ହ୍ୟାଣ୍ଡ ସ୍ମୋକ୍। ଏକଥା ହୁଏତ ଆପଣଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ। ତୃତୀୟ ଧୂଆଁ ଏପରି ଏକ ଅବଶିଷ୍ଟାଂଶ, ଯାହା ପିକଦାନିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଥାର୍ଡ ହ୍ୟାଣ୍ଡ ଧୂଆଁରେ ଥିବା ନିକୋଟିନ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ, ଯାହା ସେହି ଅଞ୍ଚଳରେ କେହି ଧୂମପାନ କରିବା ପରେ ପୋଷାକ ଏବଂ ସେହି ପରିବେଶରେ ରହିଥାଏ। ତମାଖୁ ଧୂଆଁରୁ ବିପଦପୂର୍ଣ୍ଣ ଅବଶିଷ୍ଟାଂଶ ଧୂଆଁ ବାହାରିବା ପରେ କାର୍ପେଟ, କାନ୍ଥ ଏବଂ ଅନ୍ୟାନ୍ୟ ପୃଷ୍ଠରେ ଲାଗିଥାଏ। ଏହାର ଅର୍ଥ ଆପଣ ବାଲ୍‌କୋନୀରେ ନିଜ ଘର ବାହାରେ ଧୂମପାନ କଲେ ମଧ୍ୟ ଆପଣଙ୍କ ପିଲାମାନେ ଧୂମପାନ କରିବା ଆଶଙ୍କାର ସମ୍ମୁଖୀନ ହୁଅନ୍ତି। ଯଦି ଆପଣ ଏକ ଘରେ ରହୁଛନ୍ତି, ଯେଉଁଥିରେ ପୂର୍ବ ଭଡ଼ାଟିଆ ଯିଏ ପୂର୍ବରୁ ଧୂମପାନ କରୁଥିଲେ, ତେବେ ଆପଣ ମଧ୍ୟ ତୃତୀୟ ଧୂଆଁର ପ୍ରଭାବର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ତମାଖୁର ଅବଶିଷ୍ଟାଂଶ ନିକୋଟିନ୍ ବାୟୁରେ ନାଇଟ୍ରସ୍ ଏସିଡ୍ ସହିତ ପ୍ରତିକ୍ରିୟା କରିଥାଏ ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥ ସୃଷ୍ଟି କରେ, ଯାହା କର୍କଟ ସମେତ ଅନେକ ରୋଗର କାରଣ ହୋଇଥାଏ।

ଚଟାଣ, ଘର ଭିତର ପରିବେଶ, ଘରର ପୋଷାକ ଏବଂ ଘରର ଅନ୍ୟ ଜିନିଷଗୁଡ଼ିକ ଏହି ଧୂଆଁ ସଂସ୍ପର୍ଶରେ ଆସିଥାଏ। ତେଣୁ ସେହି ଘରେ ରହୁଥିବା ପିଲାମାନେ ତୃତୀୟ ଧୂଆଁ ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି। ବିଶେଷ ଭାବରେ ଏହା ଛୋଟ ପିଲାଙ୍କ ପାଇଁ ସତ, ଯେଉଁମାନେ ବିଭିନ୍ନ ବସ୍ତୁକୁ ସ୍ପର୍ଶ କରନ୍ତି ଏବଂ ପାଟିରେ ହାତ ରଖନ୍ତି। ତୃତୀୟ ଧୂଆଁ ବାହାର କରିବା ଏବଂ ଏଥିରୁ ମୁକ୍ତି ପାଇବା ଅତ୍ୟନ୍ତ କଷ୍ଟକର। ଶେଷ ସିଗାରେଟ୍ ଲିଭାଇବା ପରେ ଏହା ସପ୍ତାହ, ମାସ ଏବଂ ବର୍ଷ ପର୍ଯ୍ୟନ୍ତ ରହିଥାଏ। ଏହା ସାଧାରଣ ସଫେଇ ପ୍ରଣାଳୀକୁ ପ୍ରତିରୋଧ କରେ ଏବଂ ଡିଟରଜେଣ୍ଟ୍ସ ଏବଂ ଟିକା କ୍ଲିନର ସହିତ ସରଫେସ୍ ସଫା କରି ଆମେ ଏହାକୁ ଅପସାରଣ କରିପାରିବୁ ନାହିଁ। ଧୂଆଁକୁ ବିସ୍ତାର କରିବାର ପ୍ରୟାସ, ଯେପରି ଝରକା ଖୋଲିବା କିମ୍ବା ଏକ ଫ୍ୟାନ୍ ବ୍ୟବହାର କରିବା, ତୃତୀୟ ଧୂଆଁ ସୃଷ୍ଟି କରିବାରେ କିମ୍ବା ଏହାକୁ ନିଃଶ୍ୱାସରେ ରଖିବାକୁ ବାରଣ କରିବ ନାହିଁ ଏବଂ ଅବଶିଷ୍ଟାଂଶ ବର୍ଷ ବର୍ଷ କିମ୍ବା ଦଶନ୍ଧି ପାଇଁ କ୍ଷତିକାରକ ରାସାୟନିକ ପଦାର୍ଥ ସୃଷ୍ଟି କରିଥାଏ। ଏହି କାରଣରୁ ବେଳେବେଳେ ଏକମାତ୍ର ସମାଧାନ ହେଉଛି କାର୍ପେଟ ବଦଳାଇବା, କାନ୍ଥକୁ ରଙ୍ଗ କରିବା ଏବଂ ଭେଣ୍ଟିଲେସନ୍ ସିଷ୍ଟମ ସଫା କରିବା। ଆମେ ଏକମାତ୍ର ସମାଧାନ ଭାବରେ ଯାହା ଭାବୁଛୁ, ତାହା ହେଉଛି ଧୂମପାନ ବନ୍ଦ କରିବା ଏବଂ ଅନ୍ୟମାନଙ୍କୁ ଧୂମପାନରୁ ନିବୃତ୍ତ କରିବା। ଯଦି ତୁମେ ଧୂମପାନ କର, ତୁମ ଘର ଭିତରେ କେବେ ଧୂମପାନ କର ନାହିଁ, କାରଣ ଯଦିଓ ତୁମେ ଆଉ ଧୂଆଁର ଗନ୍ଧ କରୁନାହଁ, ତଥାପି ଏହା ସେଠାରେ ଅଛି। ତଥାପି, ଏହାକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇବା ପାଇଁ ସର୍ବୋତ୍ତମ ଉପାୟ ହେଲା ଦୁନିଆରେ ଧୂମପାନମୁକ୍ତ ପରିବେଶ ସୃଷ୍ଟି କରିବା।



- କନ୍‌ସଲଟାଣ୍ଟ, ସର୍ଜିକାଲ ଅନ୍‌କୋଲୋଜି,
ଏଚ୍.ସି.ଜି. ପଣ୍ଡା କ୍ୟାନ୍‌ସର ହସ୍ପିଟାଲ,
ତେଲେଙ୍ଗାପେଣ୍ଠ, କଟକ

ଧରିତ୍ରୀ
DHARITRI



# ଓଡ଼ିଶା ଜଗରନଟ୍ସର ୭ମ ବିଜୟ

ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି)

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ୯ (୪୮-୩୯) ପଏଣ୍ଟରେ ତେଲ୍‌ଗୁ ଯୋଦ୍ଧାସକୁ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଜଗରନଟ୍ସର ଏହା କ୍ରମାଗତ ୬ଷ୍ଠ ଏବଂ ୮ ମ୍ୟାଚରୁ ୭ମ ବିଜୟ। ଓଡ଼ିଶା ପକ୍ଷରୁ ସୂରଜ ଲାଡେ ପ୍ରତିପକ୍ଷ ଦଳର ୪ ଜଣ ଡିଫେଣ୍ଡରଙ୍କୁ ଆଉଟ କରି ୧୦ ପଏଣ୍ଟ ହାସଲ କରିଥିଲେ। ସେହିପରି ବିଶାଲ ଚମତ୍କାର ଡିଫେନ୍‌ସିଭ୍ ଦକ୍ଷତା ପ୍ରଦର୍ଶନ କରି ୩.୫୩ ମିନିଟଧରି ମ୍ୟାଟ୍‌ରେ ତିଷ୍ଠି ରହିଥିଲେ। ତାଙ୍କୁ ୬ ବୋନସ ପଏଣ୍ଟ ମିଳିଥିଲା। ଗୋଥାମ ଏମ.କେ. ୯ ପଏଣ୍ଟ ହାସଲ କରିଥିଲେ। ଫଳରେ ଭାରତୀୟ ଦଳ ଏକଦା ପଛରେ ପଡ଼ିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିବାରେ ସକ୍ଷମ ହୋଇଥିଲା। ତେଲ୍‌ଗୁ ଯୋଦ୍ଧାସ ପକ୍ଷରୁ ଆଦର୍ଶ ମୋହିତେ ସର୍ବାଧିକ ୯ ପଏଣ୍ଟ ହାସଲ କରିବାରେ ସକ୍ଷମ ହୋଇଥିଲେ। ୭ ବିଜୟ

**ଅଲ୍‌ଟିମେଟ ଖୋ ଖୋ**

ଫଳରେ ଜଗରନଟ୍ସ ୨୧ ପଏଣ୍ଟରେ ପହଞ୍ଚି ନିଜର ଶୀର୍ଷସ୍ଥାନକୁ ଅଧିକ ମଜଭୁତ କରିଛି। ଓଡ଼ିଶା ଜଗରନଟ୍ସ ଏହାର ଶେଷ ୨ଟି ଲିଗ୍ ମ୍ୟାଚ ୩୦ ତାରିଖରେ ମୁମ୍ବାଇ ଖିଲାଡିଜ୍ ଏବଂ ୩୧ରେ ତେଲ୍‌ଗୁ ଯୋଦ୍ଧାସ ବିପକ୍ଷରେ ଖେଳିବ।


ଓଡ଼ିଶା ଜଗରନଟ୍ସ ଓ ତେଲ୍‌ଗୁ ଯୋଦ୍ଧାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।


ରବିବାର ଦୁବାଇରେ ଭାରତ-ପାକିସ୍ତାନ ଏସିଆ କପ୍ ଟି୨୦ କ୍ରିକେଟ ମ୍ୟାଚ୍‌କୁ ଉପଭୋଗ କରୁଛନ୍ତି ଦୁଇ ଦଳର ସମର୍ଥକ।

## ଏସିଆ କପ୍ ଟି୨୦ ସ୍କୋର୍‌ବୋର୍ଡ

**ପାକିସ୍ତାନ ଇନିଂସ**

ରିଜ୍ୱାନ-କ-ଆଭେଶ-ବୋ-ହାର୍ଦ୍ଦିକ-୪୩
ବାବର ଆଜାମ-କ-ଅର୍ଶଦୀପ-ବୋ-ଭୁବନେଶ୍ୱର-୧୦
ଫଖର ଜମାନ-କ-କାର୍ତ୍ତିକ-ବୋ-ଆଭେଶ-୧୦
ଇଫ୍ତିକର ଅହମ୍ମଦ-କ-କାର୍ତ୍ତିକ-ବୋ-ହାର୍ଦ୍ଦିକ-୨୮
ଖୁର୍ସିଦ୍ଦ-କ-ଜାଡେଜା-ବୋ-ପାଣ୍ଡ୍ୟା-୨
ଶାଦାବ ଖାଁ-ଏଲବିଡବ୍ଲୁ-ଭୁବନେଶ୍ୱର-୧୦
ଅସିଫ ଅଲି-କ-ସୂର୍ଯ୍ୟକୁମାର-ବୋ-ଭୁବନେଶ୍ୱର-୯
ନୱାଜ-କ-କାର୍ତ୍ତିକ-ବୋ-ଅର୍ଶଦୀପ-୧
ହାରିସ ରଫ୍-ନଟ ଆଉଟ-୧୩
ନସିମ ଶାହ-ଏଲବିଡବ୍ଲୁ-ଭୁବନେଶ୍ୱର-୦
ଏସ୍. ଦାହାନି-ବୋ-ଅର୍ଶଦୀପ-୧୬
ଅତିରିକ୍ତ-୫
**ମୋଟ:** (୧୯.୫ ଓଭର/ଅଲଆଉଟ) ୧୪୭।
ଉଇକେଟ ପତନ: ୧/୧୫, ୨/୪୨, ୩/୮୭, ୪/୯୬, ୫/୯୭, ୬/୧୧୨, ୭/୧୧୪, ୮/୧୨୮, ୯/୧୨୮, ୧୦/୧୪୭।

**ବୋଲିଂ (ଭାରତ)**

ଭୁବନେଶ୍ୱର କୁମାର ୪-୦-୨୬-୪
ଅର୍ଶଦୀପ ସିଂ ୩.୫-୦-୩୩-୨
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୨୫-୩
ଆଭେଶ ଖାଁ ୨-୦-୧୯-୧
ୟୁଜବେନ୍ଦ୍ର ଚହଲ ୪-୦-୩୨-୦
ରବୀନ୍ଦ୍ର ଜାଡେଜା ୨-୦-୧୧-୦।

**ଭାରତ ଇନିଂସ**

ରୋହିତ ଶର୍ମା-କ-ଇଫ୍ତିକର-ବୋ-ନୱାଜ-୧୨
କେ.ଏଲ୍. ରାହୁଲ-ବୋ-ନସିମ୍ ଶାହା-୦
କୋହଲି-କ-ଇଫ୍ତିକର-ବୋ-ନୱାଜ-୩୫
ଜାଡେଜା-ବୋ-ନୱାଜ-୩୫
ସୂର୍ଯ୍ୟକୁମାର-ବୋ-ନସିମ ଶାହ-୧୮
ହାର୍ଦ୍ଦିକ ପାଣ୍ଡ୍ୟା-ନଟ ଆଉଟ-୩୩
ଦୀନେଶ କାର୍ତ୍ତିକ-ନଟ ଆଉଟ-୧
ଅତିରିକ୍ତ-୧୪
ମୋଟ (୧୯.୪ ଓଭର /୫ଉଇକେଟ୍)୧୪୮।
ଉଇକେଟ ପତନ: ୧/୧, ୨/୫୦, ୩/୫୩, ୪/୮୯, ୫/୧୪୧।

**ବୋଲିଂ (ପାକିସ୍ତାନ)**

ନସିମ ଶାହ ୪-୦-୨୭-୨
ଶାହନାୱାଜ ଦାହାନି ୪-୦-୧୫-୦
ହାରିସ ରଫ୍ ୪-୦-୩୫-୦
ଶାଦାବ ଖାଁ ୪-୦-୧୯-୦
ମହମ୍ମଦ ନୱାଜ ୩.୪-୦-୩୩-୩

# ଫାଇନାଲରେ ଭାରତ

## ୨୦ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ

**ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି):** ଭଲିବଲରୁ ଭାରତ ପାଇଁ ଆସିଛି ଆଉ ଏକ ଭଲ ଖବର। ୨୦ ବର୍ଷରୁ କମ୍ ଭାରତୀୟ ପୁରୁଷ ଭଲିବଲ ଦଳ ଏସୀୟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ବାହାରିନର ରିଫାଠାରେ ଅନୁଷ୍ଠିତ ଏସୀୟ ପ୍ରତିଯୋଗିତାର ସେମିଫାଇନାଲରେ ଭାରତ ଥାଇଲାଣ୍ଡକୁ ୩-୧ (୨୫-୨୧, ୨୩-୨୫, ୨୫-୧୮, ୨୫-୧୭) ସେଟ୍‌ରେ ପରାସ୍ତ କରିଛି। ଦୀର୍ଘ ୨୦ ବର୍ଷ ବ୍ୟବଧାନରେ କୌଣସି ଭାରତୀୟ ଭଲିବଲ ଦଳ ଏକ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ଭାରତ ପକ୍ଷରୁ ସେଟର ସମିର, ଆଟାକର ହର୍ଷିତ ଅମନ ଓ ବ୍ଲକର ଦୁଶ୍ୟନ୍ତ ଭଲ ପ୍ରଦର୍ଶନ କରିଥିଲେ। ଶେଷଥରପାଇଁ ଭାରତୀୟ ଦଳ ୧୯୯୪ରେ ରୌପ୍ୟ ପଦକ ଜିତିଥିଲା। ୧୯୮୦, ୨୦୦୬ ଓ ୨୦୧୦ରେ ଭାରତ ବ୍ରୋଞ୍ଜ ପାଇଥିବାବେଳେ ୧୯୯୬, ୨୦୦୮ ଓ ୨୦୧୦ରେ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ତେହେରାନଠାରେ ଅନୁଷ୍ଠିତ ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାକୁ ଯିବା ପୂର୍ବରୁ ଭିଏଫ୍‌ଆଇ ଏବଂ ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ କିଟ୍ ପରିସରରେ ଅନୁଷ୍ଠିତ ହୋଇଥିଲା।

# ଭୁବନେଶ୍ୱର ସାଇକ୍ଲିଂ ଆଡ୍‌ଭେଞ୍ଚର କ୍ଲବର ସଫଳତା

ଭୁବନେଶ୍ୱର, ୨୮।୮ (ସ୍ପୋର୍ଟ୍ସ ବ୍ୟୁରୋ)

ବରିଷ୍ଠ ପୋଲିସ ଅଧିକାରୀ ସଞ୍ଜୀବ ପଣ୍ଡାଙ୍କ ନେତୃତ୍ୱରେ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ୍ ଆଡ୍‌ଭେଞ୍ଚର କ୍ଲବ (ବିକାକ୍) ଉଲ୍ଲେଖନୀୟ ସଫଳତା ହାସଲ କରିଛି। କ୍ଲବର ଏକ ୨୦ ଜଣିଆ ସାଇକ୍ଲୋନଟ୍ସ ଦଳ ଦୁର୍ଗମ ମନାଲୀ-ଲେହ-ଖାରଡଙ୍ଗଲା ପଥ ଅତିକ୍ରମ କରିଛନ୍ତି। ଖାରଡଙ୍ଗଲା ପଥ ସମୁଦ୍ରପତନଠାରୁ ୧୭୯୮ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହା ବିଶ୍ୱର ସର୍ବୋଚ୍ଚ ମୋଟର ପାସ୍ ଭାବେ ଜଣାଶୁଣା, ଯେଉଁଠାରେ ବାୟୁ ଚଳାଚଳ ଓ ଅମ୍ଳଜାନ ପରିମାଣ କମ୍ ପରିଲକ୍ଷିତ ହୋଇଥାଏ। ବିଶ୍ୱର ଏହା ଅନ୍ୟତମ କଠିନ ଓ ଦୁଃସାହସିକ ସଡ଼କ ଭାବେ ପରିଚିତ। ସେଠାରେ ସାଇକେଲ ଚଳାଇବା ନିଶ୍ଚିତ କଷ୍ଟସାଧ୍ୟ। 'ବିକାକ୍'ର ସାଇକ୍ଲିଷ୍ଟମାନେ ସେମାନଙ୍କ ଅଭିଯାନ ବେଳେ ଶାନ୍ତି ଓ ବନ୍ଧୁତ୍ୱର ବାର୍ତ୍ତା ପ୍ରଚାର କରିଥିଲେ। ସେମାନେ ଅଗଷ୍ଟ ୧୫ରେ ଟାଙ୍ଗଲାଙ୍ଗଲା ଶୃଙ୍ଗ (୧୭୫୮୨ ଫୁଟ୍) ଉପରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଓଡ଼ିଶାର ୨୦ ଜଣିଆ ସାଇକ୍ଲୋନଟ୍ସ ଦଳ ହିମାଳୟ ଉପତ୍ୟକାର ୫୫୦ କିଲୋମିଟର ଯାତ୍ରା ସମୟରେ ସମୁଦ୍ରପତନଠାରୁ ବହୁ ଉଚ୍ଚରେ

**ଦୁଃସାହସିକ ସାଇକ୍ଲିଂ**

ଥିବା ୬ଟି ସ୍ଥାନ ଅତିକ୍ରମ କରିଥିଲେ। ସାଇକ୍ଲିଷ୍ଟମାନଙ୍କୁ ବର୍ଷା, ଥଣ୍ଡା ଓ କୁଆପଥର ମାଡ଼ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଦ୍ୟୁତ କିମ୍ବା ଟେଲିଫୋନର ସୁବିଧା ନ ଥିଲା। ଓଡ଼ିଶାରେ ସାଇକ୍ଲିଂକୁ ଲୋକପ୍ରିୟ କରିବା ଏହି ଦୁଃସାହସିକ ସାଇକ୍ଲିଂ ଯାତ୍ରାର ଅନ୍ୟତମ ଲକ୍ଷ୍ୟ ବୋଲି ବିକାକ୍‌ର ସଭାପତି ତଥା ଟିମ୍ ଲିଡର ସଞ୍ଜୀବ ପଣ୍ଡା ପ୍ରକାଶ କରିଛନ୍ତି। ବିକାକ୍ ପକ୍ଷରୁ ପ୍ରତି ୪ ବର୍ଷ ବ୍ୟବଧାନରେ ଏହି ଦୁଃସାହସିକ ଯାତ୍ରାର ଆୟୋଜ କରାଯାଉଛି। ପୂର୍ବରୁ ଦୁଇ ଥର ୨୦୧୪ (୧୦ଜଣ ସଦସ୍ୟଙ୍କୁ ନେଇ) ଏବଂ ୨୦୧୮ (୧୩ଜଣ)ରେ ଏହିପଥରେ ବିକାକ୍ ଟିମ୍ ଦୁଃସାହସିକ ସାଇକ୍ଲିଂ କରିଥିଲା।


ମନାଲୀ-ଲେହ-ଖାରଡଙ୍ଗଲା ପଥ ଅତିକ୍ରମ ଅବସରରେ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ ଦଳ।

# ଅଲ୍ ଓଡ଼ିଶା ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୯, ୧୧ ଓ ୧୩ ବର୍ଷରୁ କମ୍ ଅଲ୍ ଓଡ଼ିଶା ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ବିଭିନ୍ନ ବୟସ ବର୍ଗର ଉଭୟ ବାଳିକା ଓ ବାଳକ ବିଭାଗ ସିଙ୍ଗଲ୍ସରେ ଜି. ଗୌତମ, ଆରାଧନା ବେବର୍ତ୍ତା, ଆୟଙ୍କ ସାହୁ, ଅନଭିତା ପ୍ରହରାଜ, ଓଜୋଦୀପ ମାଝି, ଜେସିକା ସାହୁ, ନତାହାନିଏଲ ରେଞ୍ଜିନ ଓ ନିମେଶା ଓଝା ଚାମ୍ପିୟନ ହୋଇଛନ୍ତି। ୧୩ ବର୍ଷରୁ କମ୍ ଡବଲ୍ସରେ ଓଜୋଦୀପ ମାଝି ଓ ଲାରିସା ସାହୁ ଟାଇଟଲ ହାସଲ କରିଛନ୍ତି। ରୋଇଂ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ବିନୋଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ଲିନିନ କୁମାର, କଟକ ଡେଭଲପ୍‌ମେଣ୍ଟ କମିଟି ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ, ଆୟୋଜକ କମିଟି ସମ୍ପାଦକ କମଲ ଦାସ ଏବଂ ସଂଯୋଜକ ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତର ପ୍ରସ୍ତୁତି କ୍ୟାମ୍ପ ଆଜିଠାରୁ


ମନୀଷା ପାନ୍ନା

**ନୂଆଦିଲ୍ଲୀ, ୨୮।୮ (ପି.ଟି.):** ସାଫ୍ (ସାଉଥ ଏସିଆନ୍ ଫୁଟ୍‌ବଲ ଫେଡେରେଶନ) ମହିଳା ଚାମ୍ପିୟନଶିପ୍ ୨୦୨୨ ପାଇଁ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ସ୍ୱଳ୍ପକାଳୀନ ପ୍ରସ୍ତୁତି କ୍ୟାମ୍ପ ପୁଣେରେ ସୋମବାରଠାରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ହେବ। ସାଫ୍ ଚାମ୍ପିୟନଶିପ୍ ନେପାଳରେ ସେପ୍ଟେମ୍ବର ୬ରୁ ୧୯ ପର୍ଯ୍ୟନ୍ତ ହେବ। 'ବ୍ଲୁ ଟାଇଗ୍ରେସ୍' ଦଳ ସେପ୍ଟେମ୍ବର ୩ରେ ଆୟୋଜକ ଦେଶ ଅଭିମୁଖେ ଯାତ୍ରା କରିବ। ଗତଥରର ଚାମ୍ପିୟନ ଭାରତୀୟ ମହିଳା ଦଳ ଗ୍ରୁପ୍ ଏ'ରେ ମାଳଦ୍ୱୀପ, ପାକିସ୍ତାନ ଓ ବାଂଲାଦେଶ ସହ ସ୍ଥାନ ପାଇଛି। ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ପ୍ରସ୍ତୁତି କ୍ୟାମ୍ପ ପାଇଁ ୨୬ଜଣ ସମ୍ଭାବ୍ୟ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏଥିରେ ଓଡ଼ିଶାର ମନୀଷା ପାନ୍ନା ସ୍ଥାନ ପାଇଛନ୍ତି।

# ରାଇଜିଂ ଷ୍ଟାର, ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

ଭୁବନେଶ୍ୱର,୨୮।୮ (ସ୍ପୋର୍ଟ୍ସ ବ୍ୟୁରୋ)

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ରାଜ୍ୟସ୍ତରୀୟ ଫାଓ ଲିଗ୍ ୨୦୨୨ରେ ରବିବାର ରାଇଜିଂ ଷ୍ଟାର ଓ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଛନ୍ତି। ଚଳିତ ସଂସ୍କରଣର ୭୨ ତମ ମ୍ୟାଚ ଚାନ୍ଦ କ୍ଲବ ଓ ରାଇଜିଂ ଷ୍ଟାର ମଧ୍ୟରେ

**ଫାଓ ଲିଗ୍ ୨୦୨୨**

ଖେଳାଯାଇଥିଲା। ରାଇଜିଂ ଷ୍ଟାର କ୍ଲବ୍ ୧-୦ରେ ଏହି ମ୍ୟାଚକୁ ଜିତି ନେଇଥିଲା। ମ୍ୟାଚର ୬୮ ତମ ମିନିଟରେ ଜିତୁ ମୁଦୁଲି ଏକମାତ୍ର ଗୋଲଟି ସ୍କୋର କରିଥିଲେ।

ମ୍ୟାଚ୍ ନମ୍ବର ୭୩ଟି ସ୍ପୋର୍ଟ୍ସ ହଷ୍ଟେଲ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଖେଳାଯିବାର ଥିଲା। ତେବେ ଇଷ୍ଟକୋଷ୍ଟ ରେଲୱ୍ ୱାକଓଭର ଦେବା କାରଣରୁ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଥିଲା। ସୋମବାର ସି.ଆର.ଆର.ଆଇ. ଓ ଆଞ୍ଚଳିକ ଆଥଲେଟିକ୍ ଆସୋସିଏସନ ମଧ୍ୟରେ ଅପରାହ୍ନ ୧.୩୦ରେ ମ୍ୟାଚ୍ ଖେଳାଯିବ। ଏହା ସହିତ କିଶୋର କ୍ଲବ ଓ ଟାଉନ କ୍ଲବ ମଧ୍ୟରେ ଅପରାହ୍ନ ୩.୩୦ରେ ଦ୍ୱିତୀୟ ମୁକାବିଲା ଖେଳାଯିବ।


ରାଇଜିଂ ଷ୍ଟାର ଓ ଚାନ୍ଦ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଏକ୍ସେଲସେନ୍, ୟାମାଗୁଚିଙ୍କୁ ଟାଇଟଲ

ଟୋକିଓ, ୨୮।୮ (ଏପି)

ପ୍ରଥମ ଫାଇନାଲିଷ୍ଟ କୁନ୍‌ଲାଭଟ୍ ଭିଟିଡ୍‌ସରନଙ୍କୁ ୨୧-୫, ୨୧-୧୬ରେ ପରାସ୍ତ କରି ଜବରଦସ୍ତ ଫର୍ମରେ ଥିବା ଡେନମାର୍କର ଭିକ୍ଟର ଏକ୍ସେଲସେନ୍ ଦ୍ୱିତୀୟ ଥର ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏଥି ସହିତ ତାଙ୍କ କ୍ରମାଗତ ମ୍ୟାଚ ବିଜୟ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି। ଗତ ମାର୍ଚ୍ଚ ମାସରୁ ସେ ଗୋଟିଏ ହେଲେ ମ୍ୟାଚରେ ପରାଜିତ ହୋଇ ନାହାନ୍ତି। ଅନ୍ୟପକ୍ଷରେ ଆକାନେ ୟାମାଗୁଚି କ୍ରାଗତ ଦ୍ୱିତୀୟ ଥର ବିଶ୍ୱ ମହିଳା ଟାଇଟଲ ହାସଲ କରିଛନ୍ତି। ସେ ରବିବାର ଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଚେନ୍ ୟୁଫିଙ୍କୁ ୨୧-୧୨, ୧୦-୨୧, ୨୧-୧୪ରେ ହରାଇ ଦେଇଛନ୍ତି। ବର୍ଷକ ପୂର୍ବେ ଆଶ୍ଚର୍ଯ୍ୟଜନକ ଭାବେ ନିଜ ଦେଶରେ ଟୋକିଓ ଅଲିମ୍ପିକ୍ସରେ ଦେଶ ପାଇଁ ଗୋଟିଏ ହେଲେ ପଦକ ଜିତିପାରି ନ ଥିବା ୟାମାଗୁଚି ଚମତ୍କାର ପ୍ରତ୍ୟାବର୍ତ୍ତନ ସହ କ୍ରମାଗତ ବିଶ୍ୱ ଚାମ୍ପିୟନ ହେବା ସହ ନିର୍ବିବାଦୀୟ ନମ୍ବର ୧ ସ୍ଥାନ ବଜାୟ ରଖିଛନ୍ତି। ରବିବାର ଟାଇଟଲ ଜିତିବା ପରେ ସେ ଖୁସିରେ କାନ୍ଦି ପକାଇଥିଲେ। ସେ ତାଙ୍କ କ୍ୟାରିୟରରେ ଅନେକ ଟୁର୍ନାମେଣ୍ଟ ଜିତିଛନ୍ତି ହେଲେ ସେ କେବେ ଏତେଟା ଭାବପ୍ରବଣ ହେବା ଦେଖିବାକୁ ମିଳି ନ ଥିଲା।


ଆକାନେ ୟାମାଗୁଚି

# ଏଆଇଏଫ୍‌ଏଫ୍ ନିର୍ବାଚନ: ସମସ୍ତ ନାମାଙ୍କନ କାଏମ

**ନୂଆଦିଲ୍ଲୀ, ୨୮।୮ (ପି.ଟି.):** ସର୍ବଭାରତୀୟ ଫୁଟବଲ ମହାସଂଘ ନିର୍ବାଚନ ପାଇଁ ସେପ୍ଟେମ୍ବର ୨ତାରିଖ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ପଦବୀ ପାଇଁ ୨୦ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ସମସ୍ତ ନାମାଙ୍କନ କାଏମ ରହିଛି। ନିଯୁକ୍ତ ହୋଇଥିବା ୨ ରିଟର୍ନିଂ ଅଫିସର ରବିବାର ସମସ୍ତ ନାମାଙ୍କନ ପତ୍ରକୁ ଯାଞ୍ଚ କରିବା ପରେ ଏହି ସୂଚନା ପ୍ରଦାନ କରାଯାଇଛି। ସଭାପତି, ଉପସଭାପତି ଓ କୋଷାଧ୍ୟକ୍ଷ ପଦ ପାଇଁ ଦୁଇଟି ଲେଖାଏ ନାମାଙ୍କନ ଦାଖଲ କରାଯାଇଥିବା ବେଳେ ପରିଚାଳନା ପରିଷଦ ପାଇଁ ୧୪ଟି ନାମାଙ୍କନ ଦାଖଲ କରାଯାଇଛି। ସମସ୍ତ ନାମାଙ୍କନପତ୍ରକୁ ପରୀକ୍ଷା କରିବା ପରେ ଏହା ଠିକ୍ ଥିବା ନେଇ ସୂଚନା ଦେଇଛନ୍ତି ରିଟର୍ନିଂ ଅଫିସର ଉମେଶ ସିହ୍ନା।








ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଶକ୍ତି ଉତ୍ତୋଳନ ଓ ବନ୍ଧୁକ ଚାଳନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ରୂପାନ୍ତରିତ ହେବ ୨୨ ବିଦ୍ୟାଳୟ

**ଖୋର୍ଦ୍ଧା ଅଫିସ,୨୮।୮:** ବେଗୁନିଆ ଓ ବୋଲଗଡ଼ ବ୍ଲକର ୩ୟ ପର୍ଯ୍ୟାୟରେ ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣରେ ୨୨ଟି ସ୍କୁଲ ସାମିଲ ହୋଇଛି। ଏ ନେଇ ଗତ ଶୁକ୍ରବାର ସ୍ଥାନୀୟ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବିଡିଓମାନେ ଏଥିରେ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟ ଗୁଡ଼ିକର କାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଧାୟକ ରାଜେନ୍ଦ୍ର ସାହୁ ପରାମର୍ଶ ଦେଇଛନ୍ତି। ରୂପାନ୍ତରିତ ବିଦ୍ୟାଳୟ ଦ୍ୱାରା ପିଲାଙ୍କ ପାଠପଢ଼ାରେ ଆଗ୍ରହ ସୃଷ୍ଟି ହେବା ସହ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିଛି ବୋଲି ବିଧାୟକ ସାହୁ କହିଥିଲେ। ଆଗାମୀ ଦିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨କୁ ଏହି ରୂପାନ୍ତରିତ ସ୍କୁଲରେ ସାମିଲ ଲାଗି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଅନୁରୋଧ କରାଯିବ ବୋଲି ବିଧାୟକ କହିଛନ୍ତି।

### ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ

**ବୋଲଗଡ଼,୨୮।୮(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ କାହ୍ନୁଚରଣ ସରକାରୀ ନୋଡାଲ ହାଇସ୍କୁଲରେ ଦିବାକର ହୋତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଆଞ୍ଚଳିକ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଗଦାଧର ପରିଡ଼ା ସଭାପତିତ୍ୱ କରିଥିଲେ। କଳାଙ୍ଗ, ସଂପୁର, ଟାଙ୍ଗୀସାହି, କାଉତରା ଆଦି ବିଦ୍ୟାଳୟର ୩୬ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପୂର୍ବତନ ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ମୁଖ୍ୟ ବକ୍ତା ଶିକ୍ଷାବିତ୍ ହରିବନ୍ଧୁ ସାହୁ, ଅତିଥି ଭାବେ ପ୍ରଫେସର ଶରତ ଚନ୍ଦ୍ର ଜୟସିଂହ, କବୟିତ୍ରୀ ସେବତୀ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବା ଲାଗି ଉତ୍ସାହିତ କରିଥିଲେ। କଳାଙ୍ଗ ହାଇସ୍କୁଲର ମଳୟ ରଞ୍ଜନ ପାଲ୍‌ଟାସିଂହ, କାଉତରାର ଭାଗୀରଥି ବରାଡ଼, ସଂପୁରର ସୁନନ୍ଦୀ ରଞ୍ଜନ ମହାନ୍ତି, ଟାଙ୍ଗୀସାହି ହାଇସ୍କୁଲର ଶ୍ରୀଜଲ ମହାନ୍ତି ପ୍ରମୁଖ ପୁରସ୍କୃତ ହୋଇଥିଲେ। ଟ୍ରଷ୍ଟ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ୬୮ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୮।୮:** ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶିବିର ଉଦ୍‌ଘାଟନ ସହ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏଥିରେ ୬୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ୍ତ, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା, ଗୌତମ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବିଜେଡି ଜିଲା ଉପସଭାପତି ବିଭୁପ୍ରସାଦ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳାଇ, ସ୍ଥାନୀୟ ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂ, ଦିଲୀପ ସାହୁ, ସୂର୍ଯ୍ୟକାନ୍ତି ମଙ୍ଗରାଜ ଏବଂ ରବି ମିଶ୍ର ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତିରେ ଅଟକିଛି ଲେଖନପୁର ଆଡ଼ିବନ୍ଧ ନିର୍ମାଣ

**ଖୋର୍ଦ୍ଧା ଅଫିସ,୨୮।୮**

ଖୋର୍ଦ୍ଧା ବ୍ଲକରେ ବନ୍ୟା ତାଣ୍ଡବ ରଚିଥିଲା। ପାଣି ଛାଡ଼ିବା ପରେ ଏବେ ସ୍ଥିତି ସ୍ୱାଭାବିକ ହୋଇଛି। ବନ୍ୟାପାଣି ଘେରରେ ଥିବା ବିପନ୍ନ ପରିବାରଙ୍କ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଗ୍ରାମବାସୀ ବନ୍ୟାକଷ୍ଟକୁ ଭୁଲି ନିଜ କାମରେ ଲାଗିଲେଣି। ତେବେ ଫସଲ ହାନିକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଏକର ଏକର ବିଲରେ ବନ୍ୟା ମାଡ଼ି ଚାଷଜମି ପ୍ରଭାବିତ ହୋଇଥିଲା। ଏବେ ବି ବିଲରେ ପାଣି ଜମିଛି। ଫଳରେ ଖରିଫ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଚଳିତ ଲଘୁଚାପ ବର୍ଷା ଓ ବନ୍ୟାରେ ୯ଟି ବ୍ଲକ ଅଧୀନ ୮୨ ପଞ୍ଚାୟତର ୨୪୩ ଗ୍ରାମର ପ୍ରାୟ ୧୦ ହଜାର ୯୬୩ ହେକ୍ଟର ଫସଲ ନଷ୍ଟ ହୋଇଛି। ସେଥିମଧ୍ୟରୁ ୧୦ ହଜାର ୬୫୦ ହେକ୍ଟର ଧାନ ଏବଂ ୩୧୨ ହେକ୍ଟର ଅଣଧାନ(ପନିପରିବା) ନଷ୍ଟ ହୋଇଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ଶନିବାରଠାରୁ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ଏହା ୩ଦିନ ଚାଲିବ। ଅନ୍ୟପକ୍ଷରେ ପ୍ରଶାସନର ପ୍ରତିଶ୍ରୁତି ସତ୍ତ୍ୱେ ଲେଖନପୁର ନିକଟରେ ଆଡ଼ିବନ୍ଧ ନିର୍ମାଣ ସ୍ୱପ୍ନ ପାଲଟିଥିବାରୁ ପ୍ରତିବର୍ଷ ଏଭଳି ବନ୍ୟା ସମସ୍ୟାର ସାମ୍ନା କରିବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି।


ବନ୍ୟା ପରେ ଚାଷୀ ତଳି ଉପାଡୁଛନ୍ତି।

ପ୍ରକାଶ ଯେ, ବନ୍ୟାରେ ଖୋର୍ଦ୍ଧା ବ୍ଲକ ଅଧୀନ ଓବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ରାୟପୁର, କୃଷ୍ଣପୁର, ଲେଖନପୁର, ତେନ୍ତୁଳମୁହାଁ, ମଣାଣିଆ, ଧବଳପୁର, ବଳପୁର ଓରମୀ, ହାଡ଼ପଦା, ଶରଧାପୁର ପ୍ରଭୃତି ଗ୍ରାମ ପ୍ରଭାବିତ ହୋଇଥିଲା। ବନ୍ୟାଜଳ ମାଡ଼ି ଫସଲ ସବୁ ନଷ୍ଟ ହୋଇଛି ବୋଲି ଡିହଖଳାର

### ଧାନକେଣ୍ଡାକୁ ଧରି ଲୁହ ଝରାଉଛି ଚାଷୀ

ଚାଷୀ ପରମାନନ୍ଦ ଛୋଟରାୟ କହିଛନ୍ତି। ଚାଷଜମିରୁ ବନ୍ୟାଜଳ ନ ଖସିବାରୁ ଦୁର୍ଦ୍ଦଶା ବଢ଼ାଇଛି। କିଏ ଏକର ତ ଆଉ କେହି ମାଣେ ଜମିରେ ଧାନଚାଷ କରିଥିଲେ। ୩ମାସ ଧରି ଜମିରେ ଦିନ ରାତି ଏକ କରି ଧାନ ରୋଇଥିଲେ। ତେବେ ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡ଼ି ସବୁ ଉଜୁଡ଼ିଗଲା। ଧାନକେଣ୍ଡା ମୂଳରୁ ନଇ ଭାଙ୍ଗିଯାଇଥିବା ବେଳେ ପଚିଶଢି ଯାଇଛି। ଅନେକ ଚାଷୀ ଧାରକରଜ କରି ଓ ସମିତିରୁ ଋଣ ନେଇ ଚାଷ କାର୍ଯ୍ୟ କରିଥିଲେ। ଆଶା କରିଥିଲେ, ଫସଲ ଭଲ ହେଲେ ଋଣ ଶୁଝିଦେବେ। ଏପରି ସ୍ୱପ୍ନ ଦେଖିଥିବା ଅନେକ ଚାଷୀଙ୍କ ଆଶା ଏବେ ଧୂଳିସାତ ହୋଇଯାଇଛି। ଚାଷୀ କଂଗ୍ରେସ ମାର୍ଥା କହିଚନ୍ତି, ଗତବର୍ଷ ବନ୍ୟାଜଳ ମାଡ଼ି ଫସଲ ନଷ୍ଟ ହୋଇଥିଲା। କ୍ଷତିଭରଣା ହୋଇ ନ ଥିବା ବେଳେ ଚଳିତ ବର୍ଷ ପୁଣି ଫସଲ ସବୁ ଧୋଇଯାଇଛି। ଆଉ କିଛି ନାହିଁ। କ'ଣ ଖାଇବୁ, କିପରି ଚଳିବୁ ସେଇ କଥା ଭାବୁଛୁ। ସେହିପରି ଚାଷୀ ସର୍ବେଶ୍ୱର ମାର୍ଥା କହିନ୍ତି, ଆମ ଅଞ୍ଚଳ ପାଇଁ ରାଜୁଆ ନଦୀ ଦୁଃଖ ପାଲଟିଛି। ମୋ' ପିଲାବେଳୁ ଏ ସମସ୍ୟା ଦେଖିଆସୁଛି। ପ୍ରତିବର୍ଷ ଖରିଫ ଋତୁ ଆସିଲେ ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ଦିଆଯାଉଛି। ପ୍ରତିଶ୍ରୁତି ମିଳୁଛି ହେଲେ କାର୍ଯ୍ୟକାରୀ ନାହିଁ। ଶରଧାପୁର, ଲେଖନପୁର ନିକଟରେ ଏକ ଆଡ଼ିବନ୍ଧ ନିର୍ମାଣ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଛି। ଚାଷୀ ସୁରେନ୍ଦ୍ର ବଳିଆରସିଂ କହିଛନ୍ତି, ଚାଜେମିରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି କିଛି ଦିନ ସମୟ ଲାଗିବ। ପାଣି ଜମି ରହିବା ଯୋଗୁ ଧାନଗଛ ପଚି ନଷ୍ଟ ହୋଇଯାଇଛି। ପ୍ରତିବର୍ଷ ହୀରାକୁଦ ଗେଟ୍ ଖୋଲିଲେ, ରାଜୁଆ ନଦୀର ପଛୁଆ ପାଣି ଏହି ଗ୍ରାମରେ ପ୍ରବେଶ କରିବା ଦ୍ୱାରା ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାର ସ୍ଥାୟୀ ପ୍ରତିକାର ଜରୁରୀ। ଅନ୍ୟପକ୍ଷରେ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### 'ବାସୁଦେବ ବୋଲଗଡ଼ ବିକାଶର ଅଗ୍ରଦୂତ ଥିଲେ'

**ବୋଲଗଡ଼,୨୮।୮(ଡି.ଏନ୍.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନନ୍ଦିଘୋଷ'ର ପ୍ରତିଷ୍ଠାତା ମଣ୍ଡଳୀର ଅନ୍ୟତମ ସଦସ୍ୟ ତଥା ଏହାର ପୂର୍ବତନ ସମ୍ପାଦକ ସ୍ୱର୍ଗତ ବାସୁଦେବ ପଟ୍ଟନାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠାନ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ହରିବନ୍ଧୁ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ଏବଂ ଅତିଥି ଭାବେ ଭାଷ୍ୟକାର ଚନ୍ଦ୍ରବିଜୟୀ ମିଶ୍ର, ନନ୍ଦିଘୋଷ ସମ୍ପାଦକ ଗୁଣନିଧି ହୋତା, ଐତିହାସିକ ରବୀନ୍ଦ୍ର ପରିଡ଼ା, କୃଷ୍ଣମୋହନ ପାଲ୍‌ଟାସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱର୍ଗତ ବାସୁଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଅତିଥିଙ୍କ ସମେତ ବୋଲଗଡ଼ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସହକର୍ମୀ ଓ ତାଙ୍କ ଝିଅ ସ୍ୱାଗତିକା ପଟ୍ଟନାୟକ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାସୁଦେବ ବୋଲଗଡ଼ ବିକାଶର ଅଗ୍ରଦୂତ ଥିଲେ ବୋଲି ଅତିଥିମାନେ କହିଥିଲେ। ମୀନ ପାଟ୍ଟଶାଣୀ, ସଞ୍ଜୟ ସୁବୁଦ୍ଧି, ଧିରେଶ ମହାପାତ୍ର, ମୁନା ପଣ୍ଡା, ସନ୍ତୋଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଫୁଲ୍ଲ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।


ବୋଲଗଡ଼: କାହ୍ନୁଚରଣ ସରକାରୀ ନୋଡାଲ ହାଇସ୍କୁଲରେ ଦିବାକର ହୋତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ଚାରା ରୋପଣ ବିଶ୍ୱ ତାପାୟନକୁ ରୋକିବ

**ଖୋର୍ଦ୍ଧା ଅଫିସ,୨୮।୮**

ସ୍ୱାଧୀନତାର ୭୫ ବର୍ଷ ଅବସରରେ ଆରଏସଏସର ପର୍ଯ୍ୟାବରଣ ଗତିବିଧି, ସାମାଜିକ ଅନୁଷ୍ଠାନ ସମର୍ପଣ ଏବଂ ବିବେକାନନ୍ଦ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ରଣପୁରସ୍ଥିତ ମଣିନାଗ ମନ୍ଦିର ପାହାଡରେ ବର ଏବଂ ଅଶ୍ୱତ୍ଥ ଚାରା ରୋପଣ କରାଯାଇଛି। ରଣପୁର ଏନ୍‌ଏସି ଚେୟାରମ୍ୟାନ ରଙ୍ଗିଲା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ବରଗଛ ରୋପଣ କରାଯାଇଥିଲା। ଏଥିସହିତ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣିନାଗ ପାହାଡ ଚତୁଃପାର୍ଶ୍ୱରେ ଏକ ସବୁଜବଳୟ ସୃଷ୍ଟି ଲାଗି ଏହି ଅଭିଯାନ ଜାରି ରହିଛି ବୋଲି ପର୍ଯ୍ୟାବରଣ ଗତିବିଧି ବିଭାଗ ପ୍ରମୁଖ ନିରଞ୍ଜନ ସାହୁ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ମଧ୍ୟ ଏହି ସମୟରେ ଏଠାରେ ପର୍ଯ୍ୟଟକଙ୍କୁ ନେଇ ଚାରାରୋପଣ କରାଯାଇଥିଲା। ଆଜାଦୀକା ଅମୃତ ମହୋତ୍ସବ ଅବସରରେ ପ୍ରକୃତି ସହ ବନ୍ଧୁତା ଅଭିଯାନ ଜାରି ରହିଛି। ଏନେଇ ବିଭିନ୍ନ ଗ୍ରାମରେ ପରିବେଶ ସଚେତନତା, ଚାରାବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆରଏସଏସର ବେଲେଶ୍ୱର ସାହୁ, ପୂର୍ବତନ ସେନାନିବୃତ୍ତ ରବୀନ୍ଦ୍ର ନାଥ ପଲେଇ, ବ୍ୟବସ୍ଥା ପ୍ରମୁଖ ପ୍ରଶାନ୍ତ ସାହୁ, କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ସାହୁ କହିଥିଲେ, ବୃକ୍ଷ ହିଁ ଜୀବନ। ଦ୍ରୁତ ଶିଳ୍ପାୟନ, ସହରାଞ୍ଚଳ, ରାସ୍ତା, କୋଠାବାଡି ନିର୍ମାଣ ପାଇଁ ରାସ୍ତାକଡର ବୃକ୍ଷ କଟାଯାଉଛି।

ଜଙ୍ଗଲକ୍ଷୟ ପରିବେଶ ପାଇଁ ବିପଦ। ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ ଏହାର ଏକ ପ୍ରମୁଖ କାରଣ ବୋଲି ପାଣିଗ୍ରାହୀ କହିଥିଲେ। ବିଶ୍ୱରେ ଯେଉଁଭଳି ଜଳବାୟୁ ପରିବର୍ତ୍ତନ ଚାଲିଛି, ତାହାର ପ୍ରମୁଖ କାରଣ ହେଉଛି ପରିବେଶ ନଷ୍ଟ। ତେଣୁ ବିଶ୍ୱ ତାପୟାନକୁ ନିୟନ୍ତ୍ରଣ କରିବାକୁ ହେଲେ ଚାରାରୋପଣ ଏକ ମାଧ୍ୟମ ବୋଲି ସେ କହିଥିଲେ।


ରଣପୁର ସ୍ଥିତ ମଣିନାଗ ମନ୍ଦିର ପାହାଡରେ ଚାରାରୋପଣ କରାଯାଉଛି।

## ଷଣ୍ଢ ଚାଲାଣକୁ ନେଇ ୨ ଗାଁ ମୁହାଁମୁହିଁ

**ବୋଲଗଡ,୨୮।୮(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ପାରିଖେତା ଗ୍ରାମ ଓ ନୟାଗଡ ଜିଲା ରଣପୁର ଥାନା ଅଧୀନ ଗଡବାଣିକିଲୋ ପଞ୍ଚାୟତର ଗିରିଧାରୀପୁର ଗ୍ରାମ ଦ୍ୱୟ ମଧ୍ୟରେ ଗୋ-ଚାଲାଣକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଗିରିଧାରୀପୁର ଗ୍ରାମବାସୀ ରଣପୁର ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଉଭୟ ଗ୍ରାମଦେଇ ଯାଇଥିବା ବେଗୁନିଆ-ରଣପୁର ରାସ୍ତାଟିକୁ ହାଣି ଦେଇଛନ୍ତି। ଫଳରେ ରାସ୍ତାରେ

### ରାସ୍ତା ହାଣିଦେଲେ ଲୋକେ

ଗମନାଗମନ ଠପ ହୋଇଯାଇଛି।

ସୂଚନା ଅନୁଯାୟୀ, ଅପରାହ୍ନରେ ଦକ୍ଷିଣ ପାରିଖେତାର କେତେକ ବ୍ୟକ୍ତି ଏକ ଗାଡିରେ ଗୋଟେ ଷଣ୍ଢ ସମେତ ୨ଟି ଗୋରୁଙ୍କୁ ଧରି ସେହି ରାସ୍ତା ଦେଇ ଗ୍ରାମକୁ ଆସୁଥିଲେ। ସେହି ସମୟରେ ଗିରିଧାରୀପୁର ଗ୍ରାମର କେତେକ ବ୍ୟକ୍ତି ଗାଡିକୁ ଅଟକାଇ ଷଣ୍ଢଟିକୁ କେଉଁଠାରୁ ଆଣିଛ ପଚାରିବା ସହ ସନ୍ତୋଷଜନକ ଉତ୍ତର ନ ପାଇ ଗାଡି ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିଥିଲେ। ଖବରପାଇ ଦକ୍ଷିଣ ପାରିଖେତାର କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୋରୁ ସହ ଗାଡି ଏବଂ ଅଟକ ବ୍ୟକ୍ତିଙ୍କୁ ଛଡାଇଥିଲେ। ଏଥିଯୋଗୁ ଉଭୟ ଗ୍ରାମ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ହାଣିଦେଇଥିବାରୁ ସେହି ରାସ୍ତାରେ ଯାତାୟାତ ଠପ ହୋଇଛି। ଘଟଣାସ୍ଥଳରେ ବେଗୁନିଆ ଓ ରଣପୁର ଥାନା ପୋଲିସ ଉପସ୍ଥିତ ରହି ନଜର ରଖିଛନ୍ତି। ତେବେ ଏହି ଅଞ୍ଚଳରେ ବେଆଇନ ଗୋଚାଲାଣ ଏପରିକି ଷଣ୍ଢ ଚାଲାଣ ବ୍ୟାପକ ଭାବେ ବୃଦ୍ଧି ପାଇଥିବାବେଳେ ଅନେକ ସମୟରେ ଜନ ଅସନ୍ତୋଷ ଦେଖାଯାଉଛି।

### ଦୀପ୍ତିରଞ୍ଜନ ଆତ୍ମା ଅଧ୍ୟକ୍ଷ ମନୋନୀତ

**ଖୋର୍ଦ୍ଧା ଅଫିସ,୨୮।୮**

ବେଗୁନିଆ ବ୍ଲକର କୃଷି ବୈଷୟିକ ସହାୟକ କମିଟି(ଆତ୍ମା)ର ପ୍ରଥମ ବୈଠକ ସ୍ଥାନୀୟ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷି ଓ କୃଷକଙ୍କ ବିକାଶ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ ସାହୁଙ୍କୁ ସର୍ବସମ୍ମତିକ୍ରମେ ଆତ୍ମାର ବ୍ଲକ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏଥିସହିତ କମିଟିର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା।

## ଈଶ୍ୱରଙ୍କ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି

**ଖୋର୍ଦ୍ଧା ଅଫିସ,୨୮।୮**

ଆଉ ଦୁଇଦିନ ପରେ ଗଣେଶ ପୂଜା। ଏନେଇ ସବୁଠି ରହିଛି ଉତ୍ସାହ। ପୂଜା ଆୟୋଜନ ଲାଗି ପୂଜାମଣ୍ଡପ ସଜ୍ଜେଇ ହେଲାଣି। ସେପଟେ ଶିଳ୍ପୀମାନେ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। ଏହି ଅବସରରେ ଜଟଣୀ ହାଟବଜାର ଗୋପୀନାଥପୁରର ସୂକ୍ଷ୍ମ କାରିଗର ଶିଳ୍ପୀ ଏଲ୍. ଈଶ୍ୱର ରାଓ ଇକୋ ଫ୍ରେଣ୍ଡଲି ଗଣେଶ ପୂଜାର ବାର୍ତ୍ତା ଦେଇଛନ୍ତି। ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମାଟି ଓ ଗୋବରରେ ପ୍ରସ୍ତୁତ କରିଥିବା ଗଣେଶ ମୂର୍ତ୍ତି ଲୋକଙ୍କୁ ମାଗଣାରେ ବାଣ୍ଟୁଛନ୍ତି। ବଜାରରେ ବିକ୍ରି ହେଉଥିବା ବିଭିନ୍ନ ରଙ୍ଗୀନ ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ଏହାଦ୍ୱାରା ପରିବେଶ ଉପରେ ପ୍ରଭାବ ପଡୁଛି। ପରିବେଶ ସନ୍ତୁଳନ ଏବଂ ସୁରକ୍ଷା ଉଦ୍ଦେଶ୍ୟରେ ଗତ ୫ ବର୍ଷ ହେବ ସେ ଏହି ଅଭିଯାନ ଆରମ୍ଭ କରିଥିବା ଈଶ୍ୱର କହିଛନ୍ତି।



ଶିଳ୍ପୀ ଏଲ୍. ଈଶ୍ୱର ରାଓ ଗଣେଶ ମୂର୍ତ୍ତି ପ୍ରଦାନ କରୁଛନ୍ତି।

# ଶୋଭାପାଇବ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ

**ଜଟଣୀ,୨୮।୮(ଡି.ଏନ୍.ଏ.)**

ଆଉ ଦୁଇଦିନ ପରେ ଗଣେଶ ପୂଜା। ଏ ନେଇ ଉତ୍ସବ ମୁଖର ପୁରପଲ୍ଲୀ। ଦୁଇବର୍ଷ ପରେ ବିଘ୍ନରାଜ ଗଣପତି ବାବା ଭକ୍ତଙ୍କ ମେଳରେ ପୂଜା ପାଇବେ। ମଣ୍ଡପରେ ଠାକୁରଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରହିଛି ଉତ୍କଣ୍ଠା। ଏହି ପରିପ୍ରେକ୍ଷୀରେ ବିଘ୍ନ ବିନାଶକଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ସ୍ଥାନୀୟ ସୀତାରାମ ଛକ ବ୍ୟବସାୟୀ ସଂଘର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ପୂଜାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ' କଳାକୃତି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ। ବି.କେ. ଆର୍ଟ କଲେଜର ଛାତ୍ରମାନେ ଏହି କଳାକୃତିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ କାର୍ଯ୍ୟ ଜାରି ରଖିଥିବା ଦେଖିବାକୁ ମିଳିଛି।

ଏହି ମଣ୍ଡପରେ ୧୯୬୦ ମସିହାରୁ ଗଣେଶ ପୂଜାରେ ତ୍ରିମୂର୍ତ୍ତି ପୂଜା ପାଇଆସୁଥିବା ସଂଘର ସଦସ୍ୟମାନେ କହିଛନ୍ତି। ଓଡ଼ିଶାର ପ୍ରଥମ ରେଳ ଜଙ୍କ୍ଶନ ଜଟଣୀରେ ରହିଥିବାରୁ ଗମନାଗମନର



### ସୀତାରାମ ଛକ ବ୍ୟବସାୟୀ ସଂଘ

ସୁବିଧା ଯୋଗୁ ଏହି ଅଞ୍ଚଳକୁ ବାହାର ରାଜ୍ୟର ବହୁ ବ୍ୟକ୍ତି ବ୍ୟବସାୟ ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟବସାୟୀ ସୀତାରାମ ବାବୁଙ୍କ ନାମ ଅନୁସାରେ ଉକ୍ତ ଛକର ନାମ ସୀତାରାମ ଛକ ହୋଇଥିବା ଲୋକଶ୍ରୁତିରୁ ଜଣାଯାଏ। କେଲୁଚରଣ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାମ, ରଜବଲି ବ୍ରଦର୍ସ ପ୍ରମୁଖଙ୍କ ସହ ଅନେକ ବ୍ୟକ୍ତିଙ୍କ ଦ୍ୱାରା ସୀତାରାମ ଛକଠାରେ ପୂଜା ଆରମ୍ଭ କରାଯାଇଥିବା ବ୍ୟବସାୟୀ ସଂଘ ସଦସ୍ୟ କହିଛନ୍ତି। ମଣ୍ଡପରେ ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତିଦିନ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଗ ଠାକୁରଙ୍କୁ ଲାଗି ହୋଇଥାଏ। ପରମ୍ପରା ମୁତାବକ ଠାକୁରଙ୍କ ଲଡ୍ଡୁ ପ୍ରତି ତିନିଦିନରେ ଥରେ ବଦଳା ଯାଇଥାଏ, ଯାହାକୁ ଶ୍ରଦ୍ଧାଳୁ ପ୍ରଦାନ କରିଥାନ୍ତି। ଶେଷ ଦିବସରେ ଆଶାୟୀ ଶ୍ରଦ୍ଧାଳୁ ଉକ୍ତ ଲଡ୍ଡୁ କ୍ରୟକରି ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି। ପ୍ରତିବର୍ଷ ଠାକୁରଙ୍କ ନିକଟରେ ଅନନ୍ତବ୍ରତ ପାଳନ କରାଯାଇଥାଏ। ଏଥିରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଯୋଗଦେଇଥାନ୍ତି। ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଏବଂ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଏମାନେ ଯାହା କୁହନ୍ତି...



ଜଟଣୀ-ଖୋର୍ଦ୍ଧା ଏବଂ ପୁରୀକୁ ସଂଯୋଗ କରୁଥିବା ମୁଖ୍ୟ ମାର୍ଗ ନିକଟରେ ରହିଛି ସୀତାରାମ ଛକ ପୂଜାମଣ୍ଡପ। ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁ ଏଠାକୁ ପୂଜା ଦେଖିବାକୁ ଆସିଥାନ୍ତି। । ସୁଉଚ୍ଚ ତୋରଣ ପାଇଁ ଏହି ଅନୁଷ୍ଠାନର ନାଁ ରହିଛି। ହେଲେ ଗତ ୨୦୧୫ ମସିହାରୁ ନିର୍ମାଣାଧୀନ ଫ୍ଲାଏ ଓଭରବ୍ରିଜ ଲାଗି ଗଣେଶ ପୂଜା ସମୟରେ ସାଜସଜ୍ଜା ଏବଂ ତୋରଣରେ ପରିବର୍ତ୍ତନ ଆସିଛି। ରୀତିନୀତି, ପରମ୍ପରାଏବଂ ସଂଘର ମାନ ପାଇଁ ସୀମିତ ଜାଗାରେ ନୂତନତ୍ୱ ଆଣି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ଜାରି ରହିଛି।

**- ରମେଶ ଚନ୍ଦ୍ର ମହାପାତ୍ର, ସଭାପତି, ସୀତାରାମ ଛକ ବ୍ୟବସାୟୀ ସଂଘ**



କରୋନା ପାଇଁ ବ୍ୟବସାୟୀଙ୍କ କ୍ଷତି ହୋଇଛି, କିନ୍ତୁ ପୂଜା ଲାଗି ଉତ୍ସାହ ରହିଛି। ବର୍ଷ ବର୍ଷ ଧରି ଆମ ଅନୁଷ୍ଠାନ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିପାରିଛି। ସୀମିତ ଜାଗା ଯୋଗୁ ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଳାକୃତି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ ବୋଲି ଆଶା ରହିଛି। ପ୍ରତିଦିନ ସନ୍ଧ୍ୟାରେ ମହାଦେବଙ୍କଠାରେ ରୀତିନୀତିରେ ପୂଜାର୍ଚ୍ଚନା ସହିତ ଭବ୍ୟ ସନ୍ଧ୍ୟା ଆଳତିର ଆୟୋଜନ କରାଯିବ।

**- ଗିରିଶ୍ ଚନ୍ଦ୍ର ମହାରଣା, ସମ୍ପାଦକ, ସୀତାରାମ ଛକ ବ୍ୟବସାୟୀ ସଂଘ**

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୯ ଅଗଷ୍ଟ ୨୦୨୨

## ଭାରତୀୟ ଚିକିତ୍ସକ ସଂଘ ପ୍ରାଚୀ ଶାଖାର ବୈଠକ

ନିଆଳି,(ଡି.ଏନ୍.ଏ.)- ଭାରତୀୟ ଚିକିତ୍ସକ ସଂଘ ପ୍ରାଚୀଶାଖାର ଏକ ବୈଠକ ସ୍ଥାନୀୟ ଚିତ୍ତରଞ୍ଜନ ସେବାସଦନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଅଧିରାଜ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ରାଜ୍ୟ ଶାଖା ସଭାପତି ପ୍ରଫେସର ରଜତ କୁମାର ରାୟ, ଡା. ଚିତ୍ତରଞ୍ଜନ ମିଶ୍ର, ଆର୍.କେ. ଇଞ୍ଜିନିୟରିଂ କଲେଜର ଚେୟାରମ୍ୟାନ୍ ଶରତ ମଲ୍ଲିକଙ୍କ ସମେତ ବହୁ ସାମାଜିକ କର୍ମୀ, ଶିକ୍ଷାବିତ୍ ଓ ଗଣମାଧମ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ଡା. ଆଶୁତୋଷ ଜେନା, ଡା. ଶ୍ରଦ୍ଧାଞ୍ଜଳି ମଲ୍ଲିକଙ୍କୁ ସଂଘର ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏଥିସହ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୃଷକେତୁ ମହାନ୍ତି ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ମାଣିକଘୋଷ ବଜାର ପୂଜା କମିଟିର ନୂତନ କର୍ମକର୍ତ୍ତା

କଟକ ଅଫିସ,୨୮।୮: ମାଣିକଘୋଷ ବଜାର ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ମାରୱାଡି କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ସଭାପତି ଭାବେ ସଜନ କୁମାର କେଜରିୱାଲ, ସାଧାରଣ ସମ୍ପାଦକ ନରେଶ ସାହୁ, ଉପସଭାପତି ଶଙ୍କର ନାରାୟଣ ଘୋଷ, ରଞ୍ଜନ ଚାଟାର୍ଜୀ, ଡ. ଦାମୋଦର କେଜରିୱାଲ, ପବିତ୍ର କୁମାର ଦାସ, ସୁଦର୍ଶନ ଦଳେଇ, ସହ ସମ୍ପାଦକ ସନ୍ତୋଷ ମୋଦି, ବିଜୟ କୁମାର ଦେ, ସୌମେନ୍ଦ୍ର ଖୁଣ୍ଟିଆ, ସନ୍ତୋଷ କୁମାର ଚାଟାର୍ଜି, କୋଷାଧକ୍ଷ ପ୍ରକାଶ ନାଗଲିୟା, ସହ କୋଷାଧକ୍ଷ ଭାବେ ନବୀନ କୁମାର ଦଳେଇ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୭ ଜଣ ଓ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ୧୧ ଜଣ ମନୋନୀତ ହୋଇଛନ୍ତି।

### ସ୍ନାୟୁଶଲ୍ୟ ବିଶେଷଜ୍ଞ ଭବାନୀ ଶଙ୍କର ଦାସଙ୍କ ସ୍ମରଣ ସଭା

କଟକ ଅଫିସ,୨୮।୮: କଟକ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ସାମାଜିକ କର୍ମୀ ତଥା ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଭବାନୀ ଶଙ୍କର ଦାସଙ୍କ ସ୍ମରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି କଟକ ଜିଲା ପକ୍ଷରୁ ଆୟୋଜିତ ସଭାରେ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ଅଧକ୍ଷତା କରିଥିଲେ। ବବି ବଳବନ୍ତରାୟ ଶୋକବାର୍ତ୍ତା ପାଠ କରିବା ପରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରଫେସର ଦାସଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଫେସର ଦାସ ଦୀର୍ଘବର୍ଷ ଧରି ଶିକ୍ଷା ବଞ୍ଚାଅ ଅଭିଯାନରେ ସାମିଲ ଥିଲେ। ସେ ବିଭିନ୍ନ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିଜ ମତାମତକୁ ଅତି ସଂକ୍ଷେପରେ ଓ ବସ୍ତୁନିଷ୍ଠ ଭାବେ ଉପସ୍ଥାପନ କରୁଥିଲେ ବୋଲି ବକ୍ତାମାନେ କହିଥିଲେ। ରେଭେନ୍‌ଶା ବିକାଶ ଅଭିଯାନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ପ୍ରଫେସର ଦାସଙ୍କ ପୁତ୍ର ପ୍ରଫେସର କନିଷ୍କ ଦାସ ଓ ପୁତ୍ରବଧୂ ପ୍ରଫେସର ସୁରଭୀ ମହାନ୍ତି, ଡ. ଅର୍ଜୁନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସାରସ୍ୱତ ସଭା

କଟକ ଅଫିସ,୨୮।୮: ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପଠାରେ ଏକ ସାରସ୍ୱତ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ଦେଇଥିବା ଦେଶପ୍ରେମୀମାନଙ୍କ ବୀରତ୍ୱର କାହାଣୀ ଉତ୍ତରପିଢ଼ିଙ୍କୁ ଜଣାଇବାର ଆବଶ୍ୟକତା ଅଛି ବୋଲି କହିଥିଲେ। ଉପସଭାପତି କୈଳାସ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜର ନବ ନିର୍ବାଚିତ ସଭାପତି ଡ. ଚାନ୍ଦଙ୍କ ସମେତ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, କାର୍ଯ୍ୟ ନିର୍ବାହିକା ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଓ ସରୋଜିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋରଞ୍ଜନ ପଣ୍ଡା ଓ ନିବେଦିତା ମହାନ୍ତିଙ୍କ ସଂଯୋଜନାରେ କବିମାନେ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ସାଇନାରାୟଣ ସାହୁ, ସତ୍ୟଶୈଳ ମହାନ୍ତି, ନିରୁପମା ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ମୈତ୍ରୀଭୂଷଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବାମ୍‌ସେଫର ରାଜ୍ୟସ୍ତରୀୟ ଅଧିବେଶନ

କଟକ ଅଫିସ,୨୮।୮: ଓଡ଼ିଶା ବାମ୍‌ସେଫ ୟୁନିଟ୍ ପକ୍ଷରୁ ରାଜ୍ୟସ୍ତରୀୟ ସାଧାରଣ ଅଧିବେଶନ କଟକ ଥୋରିଆସାହିସ୍ଥିତ କମ୍ୟୁନିଟି ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୮୪ ମଣ୍ଡଳୀ ମେହେନ୍ତର ସମିତିର ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଦାଣ୍ଡିମାଳ ସେବକ ସଂଘର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଚନ୍ଦ୍ର ନାୟକ, ବାମସେଫ୍‌ର ଉପସଭାପତି ଡ. ୱାସିମ ଅଲ୍ଲୀ, ଅଭୟ ମଲ୍ଲିକ, ରାମକୃଷ୍ଣ ବୋମାଲି, ରୋହିତ ସେଠୀ, ମନୋରଞ୍ଜନ ଜେନା, ହିମାଂଶୁ କୁମାର ମହାନ୍ତି, ଜଗବନ୍ଧୁ ଜେନା, ସରୋଜ ସେଠୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ ଚିତ୍ରସେନ ନାଏକ ଧନ୍ୟବାଦ ଦେଇଥିଲେ।

# ରାସ୍ତାଘାଟ, ପରିମଳ ବ୍ୟବସ୍ଥାକୁ ଅଣଦେଖା

## ସିଏମ୍‌ସି ୨୦ନଂ ୱାର୍ଡ

କଟକ ଅଫିସ୍ ୨୮।୮

କଟକ ମହାନଗର ନିଗମ(ସିଏମ୍‌ସି)ର ସାହିବଜାଦା ବଜାରରୁ ଆରମ୍ଭ କରି ବାଖରାବାଦ ଅଞ୍ଚଳକୁ ନେଇ ୨୦ନଂ ୱାର୍ଡ ଗଠିତ। ଏଠାକାର ଲୋକସଂଖ୍ୟା ୧୧ହଜାର ହୋଇଥିବାବେଳେ ଭୋଟରଙ୍କ ସଂଖ୍ୟା ୬,୫୦୦। ଇତିହାସର ବହୁ ଗାଥା-ଗରିମା ରହିଥିବା ଏହି ୱାର୍ଡର ଲୋକମାନେ ଏବେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଶୋଚନୀୟ ରାସ୍ତାଘାଟ ୱାର୍ଡବାସୀଙ୍କୁ ଅତିଷ୍ଠ କରିଛି। ୨ ବର୍ଷ ତଳେ ଜାଇକା ପ୍ରକଳ୍ପ ଦ୍ୱାରା ନିର୍ମାଣ ହୋଇଥିବା ରାସ୍ତାରୁ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଗଲାଣି। ସେହିପରି ଡ୍ରେନେଜ ବ୍ୟବସ୍ଥା ମଧ୍ୟ କହିଲେ ନ ସରେ। ଏଠାରେ ଗୋଟିଏ ହେଲେ ଡ୍ରେନ ଉପରେ କଭର ପ୍ଲେଟ ନାହିଁ, ଯାହାକି ଶିଶୁ ଓ ବୃଦ୍ଧଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ପରିମଳ ଦୃଷ୍ଟିରୁ ଏହି ୱାର୍ଡର ଡ୍ରେନ୍‌ରେ କେବେଠାରୁ ମଶାତେଲ ପଡୁ ନ ଥିବାରୁ ୱାର୍ଡବାସୀ ଅଧିକାଂଶ ମ୍ୟାଲେରିଆରେ ଆକ୍ରାନ୍ତ ହେଉଥିବା ଜଣାଯାଇଛି। ଅଳିଆ ଉଠାଇବା ପାଇଁ ଆବଶ୍ୟକ ପରିମାଣର ଗାଡି ନ ଥିବାରୁ ସଫେଇ କର୍ମଚାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଦିନ ୯ଟା ପରିବର୍ତ୍ତେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅଳିଆ ଉଠା କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି।

ସେହିପରି ଶିକ୍ଷା ବ୍ୟବସ୍ଥା କହିଲେ ଏହି ୱାର୍ଡରେ ଥିବା ୪ଟି ପ୍ରାଥମିକ ବିଦ୍ୟାଳୟକୁ ଏକତ୍ର ମିଶ୍ରଣ କରାଯାଇ ବାଖରାବାଦ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଠାରେ ୧୩୫ଜଣ ଛାତ୍ରୀଛାତ୍ର ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବାବେଳେ ଶ୍ରେଣୀ କୋଠରି ଅଭାବରୁ ପ୍ରଥମ, ଦ୍ୱିତୀୟ ଶ୍ରେଣୀ ଗୋଟିଏ କୋଠରି, ୩ୟ ଓ ୪ର୍ଥ ଗୋଟିଏ କୋଠରିରେ ବସି ପଢୁଛନ୍ତି। ଶ୍ରେଣୀ ଗୃହ ଅଭାବ ସାଙ୍ଗକୁ ୫ଟି ଶ୍ରେଣୀର ପିଲାଙ୍କ ପାଇଁ ମାତ୍ର ୩ଜଣ ଶିକ୍ଷକ ରହିଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ର ସେହି ବିଦ୍ୟାଳୟରେ ଚାଲୁ ରହିଥିବାରୁ ପ୍ରଥମରୁ ପଞ୍ଚମ ପିଲାଙ୍କ ପାଠପଢ଼ା ପାଇଁ ଶ୍ରେଣୀ କୋଠରି ଅଭାବ ଥିବା ସିଆର୍‌ସିସି ତଥା ପ୍ରଧାନ ଶିକ୍ଷକ ସୂର୍ଯ୍ୟ ରଞ୍ଜନ ଦାସ ପ୍ରକାଶ କରିଛନ୍ତି।


ସାହିବଜାଦା ବଜାର ରାସ୍ତା ପାର୍ଶ୍ୱରେ ମୁକୁଳା ପଡ଼ିଥିବା ଡ୍ରେନ୍।


ଗଣେଶ ଘାଟ ଲେନ୍‌ରେ ରାସ୍ତାର ଦୁରବସ୍ଥା।

### ଏମାନଙ୍କ ମୁହଁରୁ...



“ ଚାରିମାସ ମଧ୍ୟରେ ମହାନଗର ନିଗମ କାଉନ୍‌ସିଲ ବୈଠକରେ ଯାହା ବି ଦାବି ଜଣାଯାଇଛି ଗୋଟିଏ ହେଲେ ସେଥିରୁ କାର୍ଯ୍ୟକାରୀ ହୋଇନାହିଁ। ଡ୍ରେନରେ ମଶାତେଲ ପକାଇବାକୁ ବାରମ୍ବାର କୁହାଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହି ୱାର୍ଡରେ ଅମୃତ ଧାରା ଯୋଜନା ପାଇଁ ୨ ମାସରୁ ଊର୍ଦ୍ଧ୍ୱ ହେବ ପାଇପ୍ ବିଛା ହୋଇଥିଲେ ହେ ଏଯାଏଁ ସଂଯୋଗ ହୋଇପାରି ନାହିଁ। ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ଦରକାର ନଚେତ ଗଣତନ୍ତ୍ର ଉପରୁ ଲୋକେ ଆସ୍ଥା ହରାଇବେ।

**- ଲକ୍ଷ୍ମୀଧର ବେହେରା, କର୍ପୋରେଟର**



“ ସ୍ୱରାଜ ଆଶ୍ରମର ପଡ଼ୋଶୀ ଭାବେ ନିଜକୁ ଗର୍ବ ଅନୁଭବ କରେ। ଏହି ୱାର୍ଡରେ ମହତାବଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳର ସରକାରୀ ବାସଭବନ ମଧ୍ୟ ରହିଛି। ହେଲେ ଏହି ୱାର୍ଡ ପ୍ରତି ପ୍ରଶାସନିକ ଅବହେଳାରୁ ରାସ୍ତାଘାଟର ଅବସ୍ଥା ଶୋଚନୀୟ ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡିଯାଇଛି। ଏ ଦିଗରେ ସରକାର ପଦକ୍ଷେପ ନେବା ଉଚିତ।

**-କେଦାର ନାଥ ବେହେରା, କଟକ ମହାନଗର ଶାନ୍ତି କମିଟି କୋଷାଧକ୍ଷ**

### ଇତିହାସ ପୃଷ୍ଠାରେ ୨୦ ନଂ ୱାର୍ଡ



ଏହି ୱାର୍ଡରେ ରହିଛି ସ୍ୱରାଜ ଆଶ୍ରମ। ମହାତ୍ମା ଗାନ୍ଧୀ ପ୍ରଥମେ ୧୯୨୧ ମାର୍ଚ୍ଚ ୨୩ରେ ଓଡ଼ିଶା ଆସିଥିବାବେଳେ ତତ୍‌କାଳୀନ ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମିତ ଏକ କୋଠାରେ ୨ରାତ୍ରି ଯାପନ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ କୋଠାକୁ ସ୍ୱରାଜ ଆଶ୍ରମ ନାମରେ ନାମିତ କରାଯାଇଛି। ଏପରି କି ସ୍ୱରାଜ ଆଶ୍ରମକୁ ହରେକୃଷ୍ଣ ମହତାବ ତାଙ୍କର ମୁଖ୍ୟମନ୍ତ୍ରିତ୍ୱ କାଳରେ ସରକାରୀ ବାସଭବନ ଭାବରେ ବ୍ୟବହାର କରୁଥିଲେ। ସେହିଠାରେ ସେ ବିବାହ ମଧ୍ୟ କରିଥିଲେ। ୧୯୩୮ରୁ ୧୯୪୮ ପର୍ଯ୍ୟନ୍ତ ହରେକୃଷ୍ଣ ମହତାବ ସେଇଠି ରହୁଥିଲେ, ଯାହାକି ଆଜି ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହାତାବ ସଂଗ୍ରହାଳୟ ନାମରେ ନାମିତ ହୋଇଛି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଘର ଏହି ୱାର୍ଡର ସାହିବଜାଦା ବଜାରରେ ରହିଛି। ଫକୀର ମୋହନ ସେନାପତିଙ୍କ ଘର ମଧ୍ୟ ଏହି ୱାର୍ଡରେ ରହିଛି । ଅନେକ ଯୋଗଜନ୍ମା, ଯୁଗ ପୁରୁଷଙ୍କୁ ଜନ୍ମ ଦେଇଥିବା ଏହି ୱାର୍ଡରେ ଦେଖାଯାଉଥିବା ସାଧାରଣ ମୌଳିକ ସମସ୍ୟା ସମାଧାନ କରିବାରେ ଉଭୟ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଜରୁରୀ ହୋଇପଡିଛି।


କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଣେଶଙ୍କ ମୃଣ୍ମୟ ପ୍ରତିମାକୁ ରଙ୍ଗତୂଳୀରେ ଶେଷ ସ୍ପର୍ଶ ଦେଉଛନ୍ତି।

# ଗଣ୍ଡରପୁରଠାରେ ଅଣ୍ଡର ପାସ୍ ନିର୍ମାଣ ଦାବି

କଟକ ଅଫିସ,୨୮।୮

୧୬ ନଂ. ଜାତୀୟ ରାଜପଥର ଗଣ୍ଡରପୁର ନିକଟରେ ଏକ ଅଣ୍ଡର୍ ପାସ୍ ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଅଛି। ହେଲେ ଅଦ୍ୟାବଧି ଏ ନେଇ କୌଣସି ସରକାରୀ ତତ୍ପରତା ପ୍ରକାଶ ପାଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋସ ପ୍ରକାଶ ପାଇଛି।

ଶିଖରପୁର, ମହାନଦୀ ବିହାର ଓ ଗଣ୍ଡରପୁରଠାରେ ତିନୋଟି ଅଣ୍ଡର ପାସ୍ ନିର୍ମାଣ ପାଇଁ ପ୍ରାୟ ୭ ବର୍ଷ ତଳେ ସରକାରୀ ନିଷ୍ପତ୍ତି ହୋଇଥିଲା। ପରେ ଶିଖରପୁର କାଳୀମନ୍ଦିର ନିକଟରେ ଅଣ୍ଡରପାସ୍ ହୋଇଥିଲା। ଏହାପରେ ମହାନଦୀ ବିହାରଠାରେ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ହେଲେ ଗଣ୍ଡରପୁରଠାରେ ଅଣ୍ଡରପାସ୍ ନିର୍ମାଣ ପାଇଁ କୌଣସି ଯୋଜନା ହୋଇ ନଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗଣ୍ଡରପୁର ବିକାଶ ପରିଷଦର ସଭାପତି ଉମାକାନ୍ତ ନନ୍ଦଙ୍କ ଅଧକ୍ଷତାରେ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ଆଲୋଚନା ଅନୁସାରେ, କୋରପୋଖରୀ, ଗଣ୍ଡରପୁର, ନୂଆସାହି, ଅପର୍ଣ୍ଣାନଗର ଓ ମହାନଦୀ ବିହାରର ଲୋକଙ୍କ ସମେତ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିବା ବାହାରର ଲୋକମାନେ ବିପଦ ସଙ୍କୁଳ ଭାବରେ ଏଠାରେ ରାଜପଥ ପାରି ହେଉଛନ୍ତି। ଗଣ୍ଡରପୁରଠାରେ ତୁରନ୍ତ ଏକ ଅଣ୍ଡର୍ ପାସ୍ ନିର୍ମାଣ ନ କଲେ ପ୍ରାୟ ୧୫ ହଜାର ଲୋକ ଅସୁବିଧାର ସମ୍ମୁଖୀନ ହେବେ। ଏ ସମ୍ପର୍କରେ ରାଜନେତା ଓ ପ୍ରଶାସନକୁ ଅବଗତ କରାଯାଇଥିବା ଗଣ୍ଡରପୁର ବିକାଶ ପରିଷଦର ସମ୍ପାଦକ ଲୋକନାଥ ବେହେରା କହିଛନ୍ତି। ତୁରନ୍ତ ଗଣ୍ଡରପୁରଠାରେ ଅଣ୍ଡର୍ ପାସ୍ ନିର୍ମାଣ ନ କରାଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୨୫ ଜଣିଆ ସଦସ୍ୟଙ୍କୁ ନେଇ ଗଣ୍ଡରପୁର ଅଣ୍ଡର୍ ପାସ୍ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିବା ପରିଷଦର ଉପସଭାପତି ଅମୀୟ ଭୂଷଣ ବିଶ୍ୱାଳ କହିଛନ୍ତି।

# ବସ୍ତି ଉଚ୍ଛେଦକୁ ନେଇ ଚିନ୍ତାରେ ବସ୍ତିବାସିନ୍ଦା

କଟକ ଅଫିସ, ୨୮।୮

କଟକ ବିଡାନାସୀ ମୁଣ୍ଡାସାହିରେ ସୋମବାର ବସ୍ତି ଉଚ୍ଛେଦ କରାଯିବ। ପୂର୍ବ ସୂଚନା ନ ଥାଇ ସୋମବାର ଘର ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତିକୁ ସ୍ଥାନୀୟ ବସ୍ତିବାସିନ୍ଦା ବିରୋଧ କରିଛନ୍ତି। ଦୀର୍ଘବର୍ଷ ହେବ ଉକ୍ତ ସ୍ଥାନରେ ରହି ଆସୁଥିବା ବାସିନ୍ଦାଙ୍କୁ ହଠାତ୍ ବିତାଡିତ କରାଯିବ। ବସ୍ତି ଉଚ୍ଛେଦ ହେବା ନେଇ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ହେଲେ ଉଚ୍ଛେଦ ପୂର୍ବରୁ ସେମାନଙ୍କର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇ ନାହିଁ କି ସହାୟତା ରାଶି ପ୍ରଦାନ କରାଯାଇନାହିଁ। ବସ୍ତି ଉଚ୍ଛେଦ ହେଲେ ପ୍ରାୟ ୮୦ ପରିବାର ବାସହରା ହୋଇଯିବେ । ଜିଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନିଅନ୍ତୁ ବୋଲି ବସ୍ତିବାସିନ୍ଦା ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ବସ୍ତି ଭାଙ୍ଗିବାକୁ ଦେବୁନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର କହିଛନ୍ତି, ସରକାରୀ ଜାଗାରେ ବସ୍ତି ଥିବାରୁ ତାହାକୁ ଉଚ୍ଛେଦ କରିବା ପାଇଁ ଆମ ପାଖକୁ ନୋଟିସ୍ ଆସିଛି ।

# ଲଗାଣ ବର୍ଷାରେ ଫସଲ ନଷ୍ଟ

କଟକ ସଦର,୨୮।୮(ଡି.ଏନ୍.ଏ.)

ଲଗାଣ ବର୍ଷାରେ କଟକ ସଦର ବ୍ଲକ ଅଧୀନ କିଶୋର ନଗର ଓ ପ୍ରହରାଜପୁର ପଞ୍ଚାୟତର ବହୁ ଚାଷଜମିରେ ପରିବା ଫସଲ ନଷ୍ଟ ହୋଇଥିଲା। ତେବେ କଟକ ସଦର ବ୍ଲକ ଆତ୍ମା ପକ୍ଷରୁ ଶନିବାର କ୍ଷୟକ୍ଷତିର ଆକଳନ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ଓ ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ପନିପରିବା ଫସଲର କ୍ଷୟକ୍ଷତି ଆକଳନ କରିଥିଲେ। ଏହାଛଡା

### କ୍ଷୟକ୍ଷତି ଆକଳନ କଲେ କୃଷି ଅଧିକାରୀ

ଆଂଶିକ କ୍ଷତି ହୋଇଥିବା ଉରାଳି ଓ ଖଣ୍ଡେଇତା ପଞ୍ଚାୟତ ମଧ୍ୟ ଅଧିକାରୀମାନେ ବୁଲି ଦେଖିଥିଲେ। ଖୁବ୍‌ଶୀଘ୍ର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କୃଷି ଅଧିକାରୀ ମଲ୍ଲିକ କହିଥିଲେ। ଏହି ପରିଦର୍ଶନବେଳେ ଆତ୍ମାର ସଭାପତି ରଜନୀକାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ସୁଭଦ୍ରା ଦାସ ଉପସ୍ଥିତ ଥିଲେ।

# ଅକ୍ଟୋବର ୧ରେ ମହାଷଷ୍ଠୀ, ୬ରେ ଭସାଣି

କଟକ ଅଫିସ, ୨୮।୮

ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବ ମହାଆଡମ୍ବରରେ ପାଳନ କରାଯିବ। ଏଥିପାଇଁ କଟକ ଚହଟା ଛକସ୍ଥିତ ଚହଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଡାନାସୀ ଦୁର୍ଗାପୂଜା କମିଟିର ନିମନ୍ତ୍ରଣକ୍ରମେ ଅନୁଷ୍ଠିତ ସଭାରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧକ୍ଷତା କରିଥିଲେ। ବିଡାନାସୀ ଦୁର୍ଗାପୂଜା କମିଟି ସମ୍ପାଦକ ଟୁକୁନା ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ଭିକାରୀ ଦାସ ୨୦୨୦, ୨୦୨୧ ଓ ୨୦୨୨ ମସିହାର ଆୟ ବ୍ୟୟ ହିସାବ ଓ ଦୁର୍ଗାପୂଜା ସମ୍ପର୍କିତ ପ୍ରସ୍ତାବ ଆଗତ କରିଥିଲେ। ଏହା ଆବଶ୍ୟକ ସଂଶୋଧନ ସହ ସଭାର ଅନୁମୋଦନ ଲାଭ କରିଥିଲା। ଆସନ୍ତା ଅକ୍ଟୋବର ୧ରେ ମହାଷଷ୍ଠୀ ପୂଜା ଓ ୬ରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ, ବିଦ୍ୟୁତ୍ କାଟ ନ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଅନୁମତି ଦେବା, ଭସାଣୀ ଦିନ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବାକୁ ସୁଯୋଗ ଦେବା, ୨୦୧୯ ମସିହାରେ ଧାର୍ଯ୍ୟ କରାଯାଇଥିବା ପଦ୍ଧତି ଅନୁସାରେ ମୁଖ୍ୟ ଓ ଗଳି ରାସ୍ତାରୁ ଆସୁଥିବା ମେଢ଼ ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିବା, ମେଢ଼ ବିସର୍ଜନ ନିମନ୍ତେ ପୁରୀଘାଟସ୍ଥିତ ଦେବୀଗଡା ରାସ୍ତାର ଉନ୍ନତୀକରଣ, ମୂର୍ତ୍ତି ବିସର୍ଜନ ନିମନ୍ତେ ୪/୫ଟି କୃତ୍ରିମ ପୋଖରୀ ଖନନ ଓ ଆଲୋକୀକରଣ କରିବା, ରାସ୍ତାକଡ଼ରୁ ଅଳିଆ ହଟାଇବା ସହ ବ୍ଲିଚିଂ ପାଉଡର ପକାଇବା, ପୂଜା ପୂର୍ବରୁ ଜାଇକା କାର୍ଯ୍ୟ ଶେଷ କରିବା, ସହର ମୁଖ୍ୟ ଓ ଗଳି ରାସ୍ତାର ମରାମତି ପାଇଁ ଦାବି କରାଯାଇଥିଲା।

କମିଟି ସଭାପତି, ସମ୍ପାଦକଙ୍କୁ ପୂଜା ସମୟରେ ଯାତାୟାତ ନିମନ୍ତେ ପାସ୍ ଓ ବ୍ୟାଜ ପ୍ରଦାନ କରିବା ସହ ହେଲ୍‌ମେଟ୍ ଚେକିଂ ନ କରିବାକୁ ନିବେଦନ କରାଯାଇଥିଲା । ସହରର ମୁଖ୍ୟ ସ୍ଥାନରେ ପୋଲିସ କଣ୍ଟ୍ରୋଲରୁମ୍ ସହ ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରିବା, ଚାନ୍ଦିନୀଚୌକକୁ ଆସିବାକୁ ଚାହୁଁଥିବା ମେଢ଼ଗୁଡିକୁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି ସଭାରେ ବରେଣ୍ୟ ଅତିଥିଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଚନ୍ଦ୍ରସାରଥି ବେହେରା, ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଡିସିପି ପିନାକ ମିଶ୍ର, କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର, କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବସୁ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସଭାପତି ଭଗବାନ ଚାନ୍ଦ ଧନ୍ୟବାଦ ଦେଇଥିଲେ।



ସଭାରେ ଜିଲାପାଳ, ପୋଲିସ କମିଶନର, ବିଧାୟକ ଓ ମେୟରଙ୍କ ସହ ଅନ୍ୟମାନେ।

### କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା, ଭସାଣି ପ୍ରସ୍ତୁତି ସଭା




୨୮।୮।୨୦୨୨

| | |
|---|---|
| ୫,୨୦,୭୫୫ ଟଙ୍କା | |
| ସୁନା | ୨.୨୬୦ ଗ୍ରାମ |
| ରୁପା | ମିଳିନାହିଁ |

# ଯାଞ୍ଚ କରିବ ଶ୍ରୀମନ୍ଦିର ପରିଚାଳନା କମିଟି

**ପୁରୀ ଅଫିସ,୨୮।୮:**

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅରୁଣସ୍ତମ୍ଭରେ ଥିବା କିଛି ସୂକ୍ଷ୍ମ ଫାଟକୁ ନେଇ ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଫାଟ ୧୯୭୦-୭୫ ମସିହାଠାରୁ ଦେଖିବାକୁ ମିଳୁଥିବା ଶ୍ରୀମନ୍ଦିରର କେତେଜଣ ସେବାୟତ କହିଛନ୍ତି। ତେବେ ଦୀର୍ଘବର୍ଷ ଧରି ସେହି ସ୍ଥାନଗୁଡ଼ିକୁ ମରାମତି କାହିଁକି କରାଯାଉନାହିଁ ବୋଲି ଭକ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅରୁଣସ୍ତମ୍ଭ ଗୋଟିଏ କଳା ମୁଗୁନି ପଥରରେ ନିର୍ମିତ। ଏହା ଭୂମିଠାରୁ ପ୍ରାୟ ୧୭ ଫୁଟ୍ ଉଚ୍ଚରେ ପୂର୍ବମୁହାଁ ହୋଇ ରହିଛି। ବାଇଶିପାହାଚ ପଟକୁ ଥିବା ଅରୁଣସ୍ତମ୍ଭର ଭାଗରେ ଏଭଳି ତିନୋଟି ସ୍ଥାନ ରହିଛି, ଯେଉଁଠାରେ ଗାର ପଡ଼ିବା ପରି ସୂକ୍ଷ୍ମ ଫାଟ ହୋଇଥିବା ଦେଖାଯାଉଛି। ଏସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)ର ପୁରୀ ସର୍କଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି



ଯେ, ପ୍ରାୟ ୧୯୭୦ ମସିହାଠାରୁ ରହିଥିବା ସମ୍ପୃକ୍ତ ସ୍ଥାନକୁ ଅଧିକାରୀ ଓ ସେବାୟତମାନେ ଦେଖୁଛନ୍ତି। ଏହା ଆଦୌ ନୂଆ ନୁହେଁ। ଏହାକୁ ଫାଟ କିମ୍ବା

**ଅରୁଣସ୍ତମ୍ଭରେ ସୂକ୍ଷ୍ମ ଫାଟ ନେଇ ଚର୍ଚ୍ଚା**

- କିଛି ନୂଆ ଘଟଣା ଘଟିନାହିଁ: ସେବାୟତ
- ପଦକ୍ଷେପ ପାଇଁ ବିଚାର କରୁଛି ଏଏସ୍ଆଇ

ଖାଲ ବୋଲି କୁହାଯାଇପାରିବ ନାହିଁ। ଦୀର୍ଘବର୍ଷ ଧରି ଗୋଟିଏ ପଥର ମୂଳରୁ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପଲିସ ରହିବା ସମ୍ଭବପର ନୁହେଁ। ତେବେ ଏନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ଏଏସ୍ଆଇ ବିଚାର କରୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନେଇ ଚର୍ଚ୍ଚା ଚାଲିଛି। ତେବେ କାହାକୁ ଫାଟ ବୋଲି କୁହାଯାଉଛି ସେନେଇ ପ୍ରଥମେ ସ୍ପଷ୍ଟ ହେବା ଦରକାର। କିଏ ଏ ସଂକ୍ରାନ୍ତରେ ଅନୁସନ୍ଧାନ କଲେ ତାହା ଜାଣିବାକୁ ଚାହିଁବୁ। କୌଣସି ଏଜେନ୍ସି, ଏଏସ୍ଆଇ ଟିମ୍ କିମ୍ବା ଦୂନରା ସେବାୟତଙ୍କ ପକ୍ଷରୁ ଯଦି ଅରୁଣସ୍ତମ୍ଭ ଯାଞ୍ଚ କରି ସମ୍ପୃକ୍ତ ସ୍ଥାନ ଚିହ୍ନଟ କରାଯାଇଛି, ତେବେ ତାହା ପ୍ରଥମେ ସାର୍ବଜନୀନ ହେବା ଦରକାର। ସୋମବାର (୨୯ ତାରିଖ) ଶ୍ରୀମନ୍ଦିର ପରିଚାଳନା କମିଟିର ବିଭିନ୍ନ ନିଯୋଗ ସହ ଆଲୋଚନା ରହିଛି। ଉକ୍ତ ବୈଠକରେ ଦୂନରା ସେବାୟତଙ୍କୁ ଏ ସମ୍ପର୍କରେ ପଚରାଯିବ ଓ ଘଟଣାର ସତ୍ୟତା ଯାଞ୍ଚ କରାଯିବ। ଅନ୍ୟପକ୍ଷରେ ସେବାୟତ ରାଜକିଶୋର ପତି କହିଛନ୍ତି, କୌଣସି ନୂଆ ଘଟଣା ଘଟିନାହିଁ। ଗଣମାଧ୍ୟମ ପ୍ରାୟ ପ୍ରତିବର୍ଷ ଏହି ପ୍ରସଙ୍ଗ ନିଜେ ଉଠାଉଛି। ଫାଟ କଥା ସତ ନୁହେଁ। ଏଏସ୍ଆଇ ଚାହିଁଲେ ଏହାକୁ ସାମାନ୍ୟ ପଲିସ କରିପାରିବ, ଯାହାଫଳରେ ଅରୁଣସ୍ତମ୍ଭ ଅଧିକ ସୁନ୍ଦର ଦିଶିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ତଳି ନ ପାଇ ଚାଷୀ ହତାଶ



ଚାଷ ଜମିରେ ବନ୍ୟାଜଳ ମାଡ଼ିଯାଇଛି ।

**କଣାସ,୨୮।୮(ସ୍ୱ.ପ୍ର):**

**ବନ୍ୟାରେ ଧାନଚାଷ ନଷ୍ଟ**

ପୁରୀ ଜିଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ପ୍ରତିବର୍ଷ ବନ୍ୟା, ମରୁଡ଼ି, ବିପର୍ଯ୍ୟୟ ଏଠାକାର ଚାଷୀଙ୍କ ଉପରେ ଦାଉ ସାଧୁଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗାଁ ମହାଜନଙ୍କଠାରୁ ଚଢ଼ା ଦରରେ ସୁଧ ଆଣି ଧାନ ଫସଲ କରିଥିଲେ। ଚଳିତ ପ୍ରଳୟଙ୍କରୀ ବନ୍ୟାରେ ଶାରଦ ଧାନ ଫସଲ ସମ୍ପୂର୍ଣ୍ଣ ମୂଳପୋଛ ହୋଇଯାଇଥିବାରୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ଚଳିତବର୍ଷର ଅନିୟମିତତା ବର୍ଷା ଯୋଗୁ ଚାଷୀ ବହୁ ଡେରିରେ ଶାରଦ ଧାନ ଚାଷ କରିଥିବାବେଳେ ବନ୍ୟା ତ୍ରିଲୋଚନପୁର, କଣାସ, ସିରେଇ, ଅଣ୍ଡାଳସିଂହ, ବିଜିପୁର, ବିନ୍ଧଣ, ଖଣ୍ଡହତା, ଆଳିବାଡ ସମେତ ଅନେକ ପଞ୍ଚାୟତର ୧୦ ହଜାରରୁ ଉର୍ଦ୍ଧ୍ୱ ଶାରଦ ଧାନ ଫସଲ ନଷ୍ଟ ହୋଇଯାଇଛି। ଚାଷୀ ପୁନଶ୍ଚ ଧାନତଳି ରୋଇବା ପାଇଁ ଡେଲାଙ୍ଗ, ପିପିଲି, ନିମାପଡ଼ା, ସାକ୍ଷୀଗୋପାଳ ବ୍ଲକର ଚାଷୀଙ୍କ ପାଖକୁ ଦୈନନ୍ଦିନ ଦୌଡ଼ୁଥିବା ଦେଖିବାକୁ ମିଳୁଛି। ତଳି ମିଳୁ ନ ଥିବାରୁ ଅନେକ ଚାଷୀ ନିରାଶ ହେଉଛନ୍ତି।

## ସଂକ୍ଷେପରେ

### ମଙ୍ଗଳା ଅଟୋ ସଂଘର କର୍ମକର୍ତ୍ତା ନିର୍ବାଚନ

**କାକଟପୁର,୨୮।୮(ଡି.ଏନ୍.ଏ.):** କାକଟପୁରସ୍ଥିତ ମା' ମଙ୍ଗଳା ଅଟୋ ମହାସଙ୍ଘ ପକ୍ଷରୁ ରବିବାର ସ୍ଥାନୀୟ କୁତାମଚଣ୍ଡୀ ପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଏସ୍କେ ଗୟାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସଂଗଠନକୁ ସୁଦୃଢ଼ ଭାବେ ପରିଚାଳନା କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯିବା ସହିତ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବ ସମ୍ମତ ପ୍ରସ୍ତାବ କ୍ରମେ ସଭାପତି ଭାବେ ଏସ୍କେ ଗୟା, ଉପସଭାପତି ଭାବେ ସୁନୀଲ ଶତପଥୀ, ସମ୍ପାଦକ ଭାବେ କବିରାଜ କାଣ୍ଡି, ସହସମ୍ପାଦକ ଭାବେ ପଦ୍ମନାଭ ଦାସ, କୋଷାଧକ୍ଷ ଭାବେ ବିନୋଦ ମହାନ୍ତି, ଉପଦେଷ୍ଟା ଭାବେ ପ୍ରଶାନ୍ତ ଦାସ, ସଞ୍ଜୟ ନାୟକ ଏବଂ ପରିଚାଳନା ସମିତି ସଭ୍ୟ ଭାବେ ଚନ୍ଦନ ଗୋଛାୟତ, ଏସ୍କେ ଜାକିର ଅଲି, କାର୍ତ୍ତିକଚନ୍ଦ୍ର କର, ଅନୱର ଖାଁ ଏବଂ ଦିଲୀପ ଦାସଙ୍କୁ ମନୋନୀତ କରାଯାଇଥିଲା। ସଂଘର ପୂର୍ବତନ ସଭାପତି ମିହିର ରଞ୍ଜନ ଦୀକ୍ଷିତ, କୋଷାଧକ୍ଷ ରମେଶ ଭୂୟାଁ ପ୍ରମୁଖଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଏକ ଶୋଭାଯାତ୍ରାରେ ସେମାନଙ୍କୁ ବିଦାୟ ଦିଆଯାଇଥିଲା। ସଂଘର ଶତାଧିକ ସଭ୍ୟ ଏହି ବୈଠକରେ ଯୋଗଦେଇଥିଲେ।

### ବାଇକ ଚୋରି ଅଭିଯୋଗରେ ୨ ଗିରଫ

**ପୁରୀ ଅଫିସ ୨୮।୮-** ପୁରୀ ସହର ଓ ସଦର ଅଞ୍ଚଳର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରିବା ଅଭିଯୋଗରେ ବାସେଳୀ ସାହି ଥାନା ପୋଲିସ ରବିବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟାଉନ ଥାନା ଅନ୍ତର୍ଗତ ଏସିଏସ୍ କଲେଜ ଛକ ହଟେଲ ନଂ ୧ ନିକଟର ସୁବର୍ଣ୍ଣ କୁମାର ମହାନ୍ତି ଓରଫ ପପୁ ଏବଂ ବାସେଳି ସାହି ଥାନା ଅନ୍ତର୍ଗତ ମାର୍କେଣ୍ଡେଶ୍ୱର ବଢ଼େଇ ଲେନ୍ର ସନ୍ତୋଷ କୁମାର ମିଶ୍ର। ପୋଲିସ ସେମାନଙ୍କ ଠାରୁ ୩ଟି ବାଇକ ଜବତ କରିଛି। ଏଥିମଧ୍ୟରେ ଦୁଇଟି ନମ୍ବର ବିହୀନ ବାଇକ ରହିଛି। ସେହିପରି ଚୋରି ହୋଇଥିବା ପ୍ରାୟ ୩୦ ହଜାର ଟଙ୍କାର ଜିନିଷ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ ୧୯୨/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ୨୬ ତାରିଖରେ ମାର୍କେଣ୍ଡେଶ୍ୱର ସାହି ଢିପ ଉପରର ମହାବୀର ସାହି ନାୟକ ତାଙ୍କର ଏକ ବାଇକ ଚୋରୀ ହୋଇଥିବା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅନୁସନ୍ଧାନରୁ ପୋଲସ ଜାଣିବାକୁ ପାଇଥିଲା ବଢ଼େଇ ସାହିରେ ଅଭିଯୁକ୍ତ ବାଇକୁ ଲୁଚାଇ ରଖିଛନ୍ତି। ସେଠାକୁ ପୋଲିସ ଯାଇ ପଚରାଉଚରା କରିବା ସମୟରେ ବାଇକ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀଙ୍କୁ ବଢ଼େଇ ସାହିରୁ ଗିରଫ କରାଯାଇଥିଲା। ବାଇକ ଚୋରୀ କରୁଥିବା ସେମାନେ ସ୍ୱୀକାର କରିଥିଲେ ।



ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଲୋକେ ଏକ ପ୍ରକଳ୍ପ ଦେଖୁଛନ୍ତି ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

**ପୁରୀ ଅଫିସ, ୨୮।୮:**

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ପୁରୀ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଦିକ ଗଣିତ, ସଂସ୍କୃତିବୋଧ ଓ ବିଜ୍ଞାନ ପ୍ରଶ୍ନମଞ୍ଚ ଆଦି ହୋଇଥିଲା। ବିଜ୍ଞାନ ଏବଂ ଗଣିତର ପତ୍ରବାଚନ ଓ ପ୍ରୟୋଗ ସହିତ ଉକ୍ତ ବିଷୟରେ ୮୪ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସଂସ୍କୃତି ବୋଧ ପରିଯୋଜନାରେ କଥା କଥନ ସହ ତତ୍କାଳ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ସଂସ୍କୃତି ଜ୍ଞାନ ପତ୍ରବାଚନରେ ୬ଜଣ ଅଂଶଗ୍ରହଣ କରିଥିଲେ। ମେଳାକୁ ଏସ୍ସିଏସ୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ତପନ କୁମାର କାନୁନଗୋ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ୨୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ୨୫୯ ପ୍ରତିଭାଗୀଙ୍କ ମଧ୍ୟରୁ ୨୧୦ଜଣଙ୍କୁ ଚୟନ କରିଥିଲେ। ତନ୍ମଧ୍ୟରୁ ୬୨ଜଣ ଶିଶୁବିଭାଗ ସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହାୟକ ପ୍ରାଧ୍ୟାପକ ପ୍ରଦୀପ କୁମାର ରାଉତ ଯୋଗଦେଇ ଶ୍ରେଷ୍ଠ ପ୍ରତିଭାଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ସଂକୁଳ ପ୍ରମୁଖ ପ୍ରମୋଦ କୁମାର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ, ସମ୍ପାଦକ ସୀମାଞ୍ଚଳ ପଣ୍ଡା, ଯୁଗ୍ମ ସମ୍ପାଦକ ବିକାଶ ଦତ୍ତ ଏବଂ ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମଧୁବନ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଅତିଥି ପରିଚୟ, ପ୍ରମୋଦ କର ବିବରଣୀ ପାଠ କରିଥିଲେ। ହରଚଣ୍ଡୀ ସାହି ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନନ୍ଦ ଏବଂ ସଂକୁଳ ସଂଯୋଜକ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସକୁ କଳା ଦିବସ ଭାବେ ପାଳିବ ଭାଜପା

**ନିମାପଡ଼ା,୨୮।୮(ଡି.ଏନ୍.ଏ.):**

ନିମାପଡ଼ା ଏନ୍ଏସି ପକ୍ଷରୁ ଆସନ୍ତା ୩୧ ତାରିଖରେ ଆୟୋଜିତ ହେଉଥିବା ସ୍ୱାୟତ୍ତ ଶାସନ ଦିବସକୁ କଳା ଦିବସ ଭାବେ ପାଳନ କରିବ ଭାଜପା। ଏହି ଅବସରରେ ଦଳୀୟ କାଉନସିଲର ଓ ସମର୍ଥକମାନେ କଳା ବ୍ୟାଚ ପରିଧାନ କରି ଏକ ପଦଯାତ୍ରାରେ ସହର ପରିକ୍ରମା କରିବେ। ଏନେଇ ଏନ୍ଏସିର ଭାଜପା କାଉନସିଲରଙ୍କ ନେତା ନିରଞ୍ଜନ ନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ନିମାପଡ଼ା ଏନ୍ଏସିର ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ସମାଧାନ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସମଗ୍ର ନିମାପଡ଼ାରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସହରୀ ଆବାସ ଯୋଜନା ପାଇବାରୁ ଗରିବ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ଏନ୍ଏସିର ଅଣ୍ଡିଆ ଓ ପାଟପୁର ଅଞ୍ଚଳ ଦୀର୍ଘ ବର୍ଷ ଧରି ନଟ୍ ଫାଇନାଲ ହୋଇପଡିଥିବାରୁ ଏହି ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନ୍ଏସି ଅଞ୍ଚଳରେ ଶତକଡା ୭୦ ଭଗ ଲୋକ ବାହାରେ ମଳତ୍ୟାଗ କରୁଥିବାବେଳେ ଏହା ବାହ୍ୟ ମଳମୁକ୍ତ ଅଞ୍ଚଳ ଘୋଷଣା ହେବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ଭାଜପା କାଉନସିଲରଙ୍କ ନେତା ନାୟକ ପ୍ରେସ୍ ବିବୃତିରେ କହିଛନ୍ତି। ଅନ୍ୟପକ୍ଷେ ନିମାପଡ଼ା ଏନ୍ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଭାଜପା ଏହି ଦିବସକୁ କଳା ଦିବସ ଭାବେ ପାଳନ କରିବା ଏନ୍ଏସିର ଚିନ୍ତାର କାରଣ ପାଲଟିଛି।

# ମକରା ଘାଇ ମରାମତି କାର୍ଯ୍ୟ ଆରମ୍ଭ

**କଣାସ,୨୮।୮(ସ୍ୱ.ପ୍ର):**

କଣାସ ବ୍ଲକରେ ପ୍ରବାହିତ ଦୟାନଦୀର ଶାଖା ମକରା ନଦୀରେ ଏକ ଘାଇ ହେବା ଫଳରେ ସାହୁପଡ଼ା, ବଙ୍କୁ, କାଦୁଆ, ଦେଇପୁର, ଗଡଖାରଦ, ବଡାଲ, ଦୋଛିଆଁ ଗ୍ରାମପଞ୍ଚାୟତ ଜଳମଗ୍ନ ହୋଇଯାଇଥିଲା। ଦୀର୍ଘ ୧୫ ଦିନ ପର୍ଯ୍ୟନ୍ତ ଘାଇଟି ମେଲା ରହିବା ଫଳରେ ବନ୍ୟାଜଳ ଚାଷଜମିକୁ ମାଡିଯାଇଥିଲା। ପ୍ରଶାସନ ପକ୍ଷରୁ ଚୁଡ଼ା, ଗୁଡ଼, ରନ୍ଧାଖାଦ୍ୟ ଆଦି ପଞ୍ଚାୟତକୁ ଦିଆଯାଇଥିବାବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଉକ୍ତ ଘାଇଟି ଖୋର୍ଦ୍ଧା ଜଳସେଚନ ବିଭାଗର ହୋଇଥିବାରୁ ବନ୍ୟାଜଳ ଖସିବା ପରେ ରବିବାର ଘାଇଟିକୁ ମରାମତି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ପ୍ରତିଶ୍ରୁତି ପରିବାରର ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୨୮।୮:**

ବାଲିସାହିସ୍ଥିତ ଅବକାଶ ଭବନରେ ସାମାଜିକ ଅନୁଷ୍ଠାନ 'ପ୍ରତିଶ୍ରୁତି ପରିବାର'ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୂର୍ବତନ ପୌର ସଦସ୍ୟ ନୃସିଂହ ଚରଣ ସାହୁ, ସାମାଜିକ କର୍ମୀ ଚୈତନ୍ୟ ଷଡ଼ଙ୍ଗୀ, ସୁବାସିନୀ ମିଶ୍ର, ଅନୁଷ୍ଠାନର ସଭାପତି ପଦ୍ମଚରଣ ମହାପାତ୍ର, ଉପସଭାପତି ପ୍ରିୟଙ୍କା ମହାପାତ୍ର ଏବଂ ସାମାଜିକ କର୍ମୀ ସୁଦଶା ପଣ୍ଡା ମଞ୍ଚାସୀନ ଥିଲେ। ସମାଜସେବା କ୍ଷେତ୍ରରେ ଆବଶ୍ୟକ ସାହାଯ୍ୟ ଯୋଗାଇଦେବାକୁ ମୁଖ୍ୟ ଅତିଥି ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ବୃଦ୍ଧାଶ୍ରମ ଖୋଲାଯିବ ବୋଲି ସଭାପତି କହିଥିଲେ। ଉପସଭାପତି କମଳିନୀ ମହାପାତ୍ର, ସମ୍ପାଦକ ଜୟକୃଷ୍ଣ ଦାସ, କୃଷ୍ଣଚନ୍ଦ୍ର ପୁଷ୍ପାଳକ, କାମନା ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ରବିନାରାୟଣ ଜେନା, ମନୋରଞ୍ଜନ ଜେନା, ସଂଯୁକ୍ତା ଆପଟ, ସୁଜାତା ତ୍ରିପାଠୀ ଏବଂ ରାଜକିଶୋର ପଣ୍ଡା ଉପସ୍ଥିତ ଥିଲେ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ରିଲିଫ୍ ଦାବିରେ ପଞ୍ଚାୟତବାସୀଙ୍କ ରାସ୍ତା ଅବରୋଧ

**କଣାସ,୨୮।୮(ସ୍ୱ.ପ୍ର):**

ଦୟା ଓ ଲୁଣାର ମଧ୍ୟବର୍ତ୍ତୀ ଅଞ୍ଚଳ କଣ୍ଟି ଓ ମାଧିପୁର କାଜରୁ ନିର୍ଗତ ହୋଇଥିବା ବନ୍ୟାଜଳ ଦ୍ୱାରା ବିଜିପୁର ଗ୍ରାମପଞ୍ଚାୟତର ଅନେକ ଗ୍ରାମ ବନ୍ୟାଜଳ ଘେରରେ ରହିଥିବାବେଳେ ସେମାନଙ୍କୁ ସରକାରୀ ସହାୟତା ମିଳିପାରିନାହିଁ। ଏଥିପାଇଁ ରବିବାର ଗ୍ରାମବାସୀ ନୂଆ ଜଗନ୍ନାଥ ସଡ଼କକୁ ୨/୩ ଘଣ୍ଟା ଧରି ଅବରୋଧ କରି ରଖିଥିଲେ। ଖବରପାଇ କଣାସ ବିଡିଓ ଲୋଚନ ଦାସ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍, କଣାସ ଥାନା ଆଇଆଇସି ସୁଜିତ ଦାସ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବିଡିଓ ଦାସ ସେମାନଙ୍କୁ ପ୍ରତିଶ୍ରୁତିରେ ବନ୍ୟାଘେରରେ ଥିବା ଗ୍ରାମକୁ କର୍ମଚାରୀମାନଙ୍କୁ ପଠାଇ ରିପୋର୍ଟ ଦେବା ପରେ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଏହାପରେ ପଞ୍ଚାୟତବାସୀ ଧାରଣାରୁ ହଟିଥିଲେ।

# ଚାରିଛକ ଥାନାରେ ୩ ପଞ୍ଚାୟତ ସାମିଲ ହେବାକୁ ଅମଙ୍ଗ

**ନିମାପଡ଼ା,୨୮।୮(ଡି.ଏନ୍.ଏ.):**

**ଥାନା ଅଧିକାରୀଙ୍କୁ ଦେଲେ ଦାବିପତ୍ର**

ରାଜ୍ୟ ସରକାର ପୁରୀ ଜିଲା ଚାରିଛକ ଫାଣ୍ଡିକୁ ନୂତନ ଥାନାର ମାନ୍ୟତା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଏହାର ୨୪ ଘଣ୍ଟା ନ ପୂରୁଣୁ ଏଥିନେଇ ପ୍ରତିବାଦ ଦେଖିବାକୁ ମିଳିଛି। ନିମାପଡ଼ା ଥାନା ଅଧୀନରେ ଥିବା ୩ଟି ପଞ୍ଚାୟତ ତେରୁଣ୍ଡିଆ, ମିଟେଇପୁର, ଭୋଗଶାଳଦାର ବହୁ ଗ୍ରାମ ଚାରିଛକ ଥାନା ଅଧୀନରେ ସାମିଲ ହେବା ଯୋଜନାକୁ ତୀବ୍ର ବିରୋଧ କରି ରବିବାର ନିମାପଡ଼ା ଥାନା ଆଇଆଇସିଙ୍କୁ ଏନେଇ ଦାବିପତ୍ର ଦେଇଛନ୍ତି। ମୁଖ୍ୟତଃ ଗମନାଗମନ ଦୂରତା ଯୋଗୁ ୩ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗମନାଗମନ ଦୃଷ୍ଟିରୁ ନିମାପଡ଼ା ଥାନାଠାରୁ ତେରୁଣ୍ଡିଆ ପଞ୍ଚାୟତର ଦୂରତା ୪ରୁ ୭ କି.ମି.। ଯଦି ଏହି ପଞ୍ଚାୟତ ନୂତନ ଚାରିଛକ ଥାନା ଅଧୀନରେ ସାମିଲ ହୁଏ, ଥାନାଠାରୁ ପଞ୍ଚାୟତର ଦୂରତା ୧୬/୧୭ କି.ମି. ହେବ। ସେହିପରି ମିଟେଇପୁର ପଞ୍ଚାୟତ ନିମାପଡ଼ା ଥାନାଠାରୁ ୪/୫ କି.ମି. ହେବାବେଳେ ଚାରିଛକ ଥାନାଠାରୁ ୧୪/୧୫ କି.ମି.। ଭୋଗଶାଳଦା ପଞ୍ଚାୟତ ନିମାପଡ଼ା ଥାନାଠାରୁ ୪/୫ କି.ମି. ହେବାବେଳେ ଚାରିଛକ ଥାନାଠାରୁ ୮/୯ କି.ମି. ହେବ। ତେଣୁ ବ୍ୟବଧାନ, ଆର୍ଥିକ ଖର୍ଚ୍ଚ ଦୃଷ୍ଟିରୁ ଏହି ୩ ପଞ୍ଚାୟତବାସୀ ଚାରିଛକ ଥାନାରେ ସାମିଲ ହେବାକୁ ଅମଙ୍ଗ ହେଉଛନ୍ତି। ପୂର୍ବରୁ ନିମାପଡ଼ା ଥାନା ଅଧୀନରେ ଥିବା ୩ ପଞ୍ଚାୟତକୁ ଚାରିଛକ ଥାନାରେ ସାମିଲ ନ କରି ନିମାପଡ଼ା ଥାନା ଅଧୀନରେ ରଖାଯାଉ। ଏନେଇ ୩ ପଞ୍ଚାୟତର ସରପଞ୍ଚ, ପବିତ୍ର ମୋହନ ପ୍ରଧାନ, ବିଶ୍ୱନାଥ ସେନାପତି, ନିରୁପମା ପ୍ରଧାନ ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀ, ଏସ୍ପି, ଏସ୍ଡିପିଓ, ନିମାପଡ଼ା ଥାନା ଆଇଆଇସିଙ୍କ ନିକଟରେ ଦାବି କରିଛନ୍ତି। ଏଥିରେ ୩ ପଞ୍ଚାୟତ ସରପଞ୍ଚଙ୍କ ସମେତ ପଞ୍ଚାୟତବାସୀ ସାମିଲ ହୋଇଥିଲେ।




ନିମାପଡା ଥାନାରେ ଦାବିପତ୍ର ଦେବାକୁ ଆସିଥିବା ମିଟେଇପୁର ପଞ୍ଚାୟତବାସୀ ।

# ବ୍ଲିଚିଂ ପାଉଡର ପକାଇ ଗାଁ ରାସ୍ତା ସ୍ୱଚ୍ଛ କଲେ ସରପଞ୍ଚ

**ଗୋପ,୨୮।୮(ଡି.ଏନ୍.ଏ.):**

ଗୋପ ବ୍ଲକ ଅଣ୍ତରା-ଇଚ୍ଛାପୁର ପଞ୍ଚାୟତ ସରପଞ୍ଚ ମୀନା କୁମାରୀ ମହାନ୍ତି ବନ୍ୟାଜଳ ଛାଡ଼ିବା ପରେ ସ୍ୱଚ୍ଛତା ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦେଉଛନ୍ତି। ପଞ୍ଚାୟତର ବିଭିନ୍ନ ଗାଁ ରାସ୍ତା ସ୍ୱଚ୍ଛ କରିବା ଓ ରୋଗବ୍ୟାଧି ନ ବ୍ୟାପିବା ପାଇଁ ଗବଶିଙ୍ଗା ଗାଁ ରାସ୍ତା ସଫା କରି ବ୍ଲିଚିଂ ପାଉଡର ପକାଇଥିବା ଜଣାପଡ଼ିଛି। ଆଉ ମଧ୍ୟ ପ୍ରତ୍ୟେକ ଗାଁରେ ଥିବା ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଗାଁ ଓ ଘରଦ୍ୱାର ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକର ୯ ପଞ୍ଚାୟତ କୁଶଭଦ୍ରା ନଦୀ ଓ ଧନୁଆଁ ନଦୀ ବନ୍ୟାଜଳରେ ଜଳମଗ୍ନ ହୋଇଥିଲା। ଦୀର୍ଘ ଏକ ସପ୍ତାହ ପର୍ଯ୍ୟନ୍ତ ଗୋପ ବ୍ଲକର ୪୧ ଗାଁ ବନ୍ୟାଜଳ ଘେରରେ ରହିବା ସହ ୨୯ ହଜାର ଲୋକ ଜଳବନ୍ଦୀ ଭାବରେ ଥିଲେ। ୨ ଦିନ ତଳେ ବନ୍ୟାଜଳ ଛାଡିବା ପରେ ବିପନ୍ନମାନେ ଏବେ ଘର ସଜାଡ଼ିବା ଆରମ୍ଭ କରିଥିବାବେଳେ ସଫାସୁତରାରେ ଲାଗି ପଡ଼ିଛନ୍ତି। ସରପଞ୍ଚ ମହାନ୍ତି କେତେକ ଗାଁର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଏକାଠି କରି ଗାଁରେ ବ୍ଲିଚିଂ ପକାଇଛନ୍ତି। ଏଥିସହ ସ୍ୱଚ୍ଛତାକୁ ଧ୍ୟାନରେ ରଖି ସମସ୍ତେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ସହ ଝାଡାବାନ୍ତି ହେଲେ ଡାକ୍ତରଖାନା ଯିବାକୁ ନିବେଦନ କରିଛନ୍ତି। ଏଥିରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ସହିତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ସାମିଲ ହୋଇଥିଲେ।



ମହିଳାମାନେ ରାସ୍ତା ସଫେଇ କରୁଛନ୍ତି ।

## ସଂକ୍ଷେପରେ

### 'ଭୁବନେଶ୍ୱର ଏମ୍‌ସ ମେଡିକାଲ ରବି ରାୟଙ୍କ ନାମରେ ନାମିତ ହେଉ'

ବାଲିପାଟଣା,୨୮।୮(ଡି.ଏନ୍.ଏ.): ଭୁବନେଶ୍ୱର ଏମ୍‌ସ ମେଡିକାଲ ଲୋକ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ନାମରେ ନାମିତ କରାଯିବାକୁ ରବି ରାୟ ସ୍ମୃତି ସଂସଦ ପକ୍ଷରୁ ଦାବି ହୋଇଛି। ଏ ନେଇ ସଂସଦ ପକ୍ଷରୁ ଏକ ସଭା ବାଲିପାଟଣା ଠାରେ ଉପଦେଷ୍ଟା ଦିଲୀପ କୁମାର ଓଝାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ମୃତି ସଂସଦ ସଭାପତି ଅଭିମନ୍ୟୁ ନାୟକ, ସମ୍ପାଦକ ଭଗବାନ ସାହୁ, ମନୋରଞ୍ଜନ ରାୟ, ରମେଶ ଚନ୍ଦ୍ର ସାହୁ, ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରବି ରାୟ ସମାଜବାଦୀ ଆନ୍ଦୋଳନର ପୃଷ୍ଠପୋଷକ, ନିଷ୍ପାପର ଓ ଜାତୀୟସ୍ତରର ରାଜନେତା ଥିଲେ। ସେ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ମଧ ଥିଲେ। ତେଣୁ ତାଙ୍କ ନାମରେ ଭୁବନେଶ୍ୱର ଏମ୍‌ସକୁ ନାମିତ କରାଯିବାକୁ ସ୍ମୃତି ସଂସଦ ଓ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହେଉଛି।

### ଟ୍ରାଙ୍କୁଲାଇଜ ହେଲା ମାଙ୍କଡ଼

ନିରାକାରପୁର,୨୮।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଟଙ୍କୁଲ ପଞ୍ଚାୟତରେ ଏକ ମାଙ୍କଡ଼ ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଟାଙ୍ଗୀ ବନ ବିଭାଗ ପକ୍ଷରୁ ରବିବାର ଟ୍ରାଙ୍କୁଲାଇଜ କରାଯାଇ ଉକ୍ତ ମାଙ୍କଡ଼କୁ ଧରାଯାଇଛି। ଚିକିତ୍ସା ପରେ ନନ୍ଦନକାନନରେ ଛଡାଯିବ ବୋଲି ଟାଙ୍ଗୀ ବନାଞ୍ଚଳ ଅଧିକାରୀ କହିଛନ୍ତି।

### ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି

ପୁରୀ ଅଫିସ ୨୮।୮: ପବିତ୍ର ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଚାଲିଛି। ଏହି କ୍ରମ ଅନୁଯାୟୀ ଭାଦ୍ରବ ମାସ ଶୁକ୍ଳ ପ୍ରତିପଦା ତିଥି ରବିବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ରାମକୃଷ୍ଣ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟମନ୍ଦିର ଖଟଶେଜ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ପରେ ମାଟିମଣ୍ଡପ ସାହିର ଉତ୍ତର କାଳୀ ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ବାସୁଦେବ ପାଢ଼ୀ ବଳରାମ, ସୌରଭ ମହାପାତ୍ର କୃଷ୍ଣ ବେଶ ସାଜି ଏହି ନୀତିରେ ସାମିଲ ହୋଇଥିଲେ। ବେଶଧାରୀମାନେ ମାଟିମଣ୍ଡପ ସାହିର ଉତ୍ତର କାଳି ଆଖଡ଼ାରୁ ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ପରେ ଆଜ୍ଞାମାଳ ପାଇ ଦାବାଗ୍ନି ଅସୁର ପ୍ରକୋପ ଦେଖାଇଥିଲା।ପରେ କୃଷ୍ଣ ଏବଂ ବଳରାମଙ୍କ ହସ୍ତରେ ବଧ ହୋଇଥିଲା।

# ଯାଞ୍ଚ କରିବ ଶ୍ରୀମନ୍ଦିର ପରିଚାଳନା କମିଟି

**ଅରୁଣସ୍ତମ୍ଭରେ ସୂକ୍ଷ୍ମ ଫାଟ ନେଇ ଚର୍ଚ୍ଚା**

- କିଛି ନୂଆ ଘଟଣା ଘଟିନାହିଁ: ସେବାୟତ
- ପଦକ୍ଷେପ ପାଇଁ ବିଚାର କରୁଛି ଏଏସ୍‌ଆଇ

ପୁରୀ ଅଫିସ,୨୮।୮: ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅରୁଣସ୍ତମ୍ଭରେ ଥିବା କିଛି ସୂକ୍ଷ୍ମ ଫାଟକୁ ନେଇ ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଫାଟ ୧୯୭୦-୭୫ ମସିହାଠାରୁ ଦେଖିବାକୁ ମିଳୁଥିବା ଶ୍ରୀମନ୍ଦିରର କେତେଜଣ ସେବାୟତ କହିଛନ୍ତି। ତେବେ ଦୀର୍ଘବର୍ଷ ଧରି ସେହି ସ୍ଥାନଗୁଡ଼ିକୁ ମରାମତି କାହିଁକି କରାଯାଉନାହିଁ ବୋଲି ଭକ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅରୁଣସ୍ତମ୍ଭ ଗୋଟିଏ କଳା ମୁଗୁନି ପଥରରେ ନିର୍ମିତ। ଏହା ଭୂମିଠାରୁ ପ୍ରାୟ ୧୭ ଫୁଟ୍ ଉଚ୍ଚରେ ପୂର୍ବମୁହାଁ ହୋଇ ରହିଛି। ବାଇଶିପାହାଚ ପଟକୁ ଥିବା ଅରୁଣସ୍ତମ୍ଭର ଭାଗରେ ଏଭଳି ତିନୋଟି ସ୍ଥାନ ରହିଛି, ଯେଉଁଠାରେ ଗାର ପଡ଼ିବା ପରି ସୂକ୍ଷ୍ମ ଫାଟ ହୋଇଥିବା ଦେଖାଯାଉଛି। ଏସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ)ର ପୁରୀ ସର୍କଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୧୯୭୦ ମସିହାଠାରୁ ରହିଥିବା ସମ୍ପୃକ୍ତ ସ୍ଥାନକୁ ଅଧିକାରୀ ଓ ସେବାୟତମାନେ ଦେଖୁଛନ୍ତି। ଏହା ଆଦୌ ନୂଆ ନୁହେଁ। ଏହାକୁ ଫାଟ କିମ୍ବା ଖାଲ ବୋଲି କୁହାଯାଇପାରିବ ନାହିଁ। ଦୀର୍ଘବର୍ଷ ଧରି ଗୋଟିଏ ପଥର ମୂଳରୁ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପଲିସ ରହିବା


ଅରୁଣ ସ୍ତମ୍ଭରେ ସୃଷ୍ଟି ହୋଇଥିବା ଫାଟ।

ସମ୍ଭବପର ନୁହେଁ। ତେବେ ଏନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ଏଏସ୍‌ଆଇ ବିଚାର କରୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନେଇ ଚର୍ଚ୍ଚା ଚାଲିଛି। ତେବେ କାହାକୁ ଫାଟ ବୋଲି କୁହାଯାଉଛି ସେନେଇ ପ୍ରଥମେ ସ୍ପଷ୍ଟ ହେବା ଦରକାର। କିଏ ଏ ସଂକ୍ରାନ୍ତରେ ଅନୁସନ୍ଧାନ କଲେ ତାହା ଜାଣିବାକୁ ଚାହିଁବୁ। କୌଣସି ଏଜେନ୍ସି, ଏଏସ୍‌ଆଇ ଟିମ୍ କିମ୍ବା ଦୂନରା ସେବାୟତଙ୍କ ପକ୍ଷରୁ ଯଦି ଅରୁଣସ୍ତମ୍ଭ ଯାଞ୍ଚ କରି ସମ୍ପୃକ୍ତ ସ୍ଥାନ ଚିହ୍ନଟ କରାଯାଇଛି, ତେବେ ତାହା ପ୍ରଥମେ ସାର୍ବଜନୀନ ହେବା ଦରକାର। ସୋମବାର (୨୯ ତାରିଖ) ଶ୍ରୀମନ୍ଦିର ପରିଚାଳନା କମିଟିର ବିଭିନ୍ନ ନିଯୋଗ ସହ ଆଲୋଚନା ରହିଛି। ଉକ୍ତ ବୈଠକରେ ଦୂନରା ସେବାୟତଙ୍କୁ ଏ ସମ୍ପର୍କରେ ପଚରାଯିବ ଓ ଘଟଣାର ସତ୍ୟତା ଯାଞ୍ଚ କରାଯିବ। ଅନ୍ୟପକ୍ଷରେ ସେବାୟତ ରାଜକିଶୋର ପତି କହିଛନ୍ତି, କୌଣସି ନୂଆ ଘଟଣା ଘଟିନାହିଁ। ଗଣମାଧ୍ୟମ ପ୍ରାୟ ପ୍ରତିବର୍ଷ ଏହି ପ୍ରସଙ୍ଗ ନିଜେ ଉଠାଉଛି। ଫାଟ କଥା ସତ ନୁହେଁ। ଏଏସ୍‌ଆଇ ଚାହିଁଲେ ଏହାକୁ ସାମାନ୍ୟ ପଲିସ କରିପାରିବ, ଯାହାଫଳରେ ଅରୁଣସ୍ତମ୍ଭ ଅଧିକ ସୁନ୍ଦର ଦିଶିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# 'ଦଳୀୟ ସଙ୍ଗଠନକୁ ମଜଭୁତ ପାଇଁ ପ୍ରୟାସ'


ବୈଠକରେ ଯୋଗଦେଇଥିବା ଭାଜପା ନେତୃବୃନ୍ଦ।

ବେଗୁନିଆ,୨୮।୮(ଡି.ଏନ.ଏ): ଭାରତୀୟ ଜନତା ପାର୍ଟି ପକ୍ଷରୁ ରବିବାର ବେଗୁନିଆ ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶାନ୍ତି ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବେଗୁନିଆ ଓ ବୋଲଗଡ଼ ବ୍ଲକ ଅଞ୍ଚଳର ଭାଜପା କର୍ମୀମାନେ ଯୋଗଦେଇଥିଲେ। ଦଳୀୟ ନେତୃବୃନ୍ଦଙ୍କ ଉପରେ ସ୍ଥାନୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଦଳୀୟ ସଙ୍ଗଠନକୁ ମଜଭୁତ କରା ନ ଯାଇ ସ୍ଥାନୀୟ ଏମପି ମନମୁତାବକ କାର୍ଯ୍ୟ କରୁଛନ୍ତି। ଏଭଳି କାର୍ଯ୍ୟକୁ ପ୍ରତିବାଦ କରାଯିବା ସହ ରାଜ୍ୟ ଓ କେନ୍ଦ୍ରର ଦଳୀୟ ହାଇକମାଣ୍ଡଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ଟି ମଣ୍ଡଳ ପାଇଁ ୨୪ ଜଣିଆ ଏକ ନୂତନ କମିଟି ଗଠନ କରାଯାଇଛି। ଏହି କମିଟି ଦଳ ମଜଭୁତ ପାଇଁ ପ୍ରୟାସ କରିବ ବୋଲି ସଭାପତି ମହାପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପ୍ରସାଦ ଛୁଆଳସିଂହ, ଅଶୋକ ରାଉତ, ଯଜ୍ଞେଶ୍ୱର ସୁନ୍ଦରାୟ, ଭଗବାନ ପଣ୍ଡା, ମାନସ ମହାପାତ୍ର, ଶେଖ ଦୌଲତ ଅଲ୍ଲୀ, ସଞ୍ଜୟ ବେହେରା, ସୁବାସ ଚନ୍ଦ୍ର ମିଶ୍ର, ଧ୍ରୁବ ଚରଣ ବାହିନୀପତି, ସଞ୍ଜୟ ମହାପାତ୍ର, ଏସ୍.କେ ହାଇଦର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜଟଣୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଜଟଣୀ,୨୮।୮(ଡି.ଏନ୍.ଏ.): ଜଟଣୀ ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଘରୋଇ ବିଶ୍ୱବିଦ୍ୟାଳୟ ସେଞ୍ଚୁରିଆନର ମଧୁସୂଦନ କକ୍ଷରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିଭାବେ ସାମାଜିକ କର୍ମୀ ସନ୍ତୋଷ ଜେନା, ଡ.ଲୋକନାଥ ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ଡ.ଶରତ ଚନ୍ଦ୍ର ମହାପାତ୍ର, ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟର ଏକାଡେମିକ ଡିନ୍ ଲୋକନାଥ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସାହିତ୍ୟ ସଂସଦର ସମ୍ପାଦକ ସତ୍ୟବାଦୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାହିତ୍ୟ ସଙ୍ଗଠନଗୁଡ଼ିକ ସଂସ୍କୃତିର ବିକାଶ କରିବା ପାଇଁ ହେଲେ ବସୁଧୈବ କୁଟୁମ୍ବକମ ଚିନ୍ତାଧାରାରେ କାର୍ଯ୍ୟ କରି ବିଶ୍ୱର ସବୁ ଭାଷାକୁ ସମ୍ମାନ ଦେଇପାରିଲେ ସାହିତ୍ୟର ବିକାଶ ଏବଂ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ସାହିତ୍ୟରେ ଅଧ୍ୟାତ୍ମିକତାର ପ୍ରଭାବ ରହିଲେ, ସାହିତ୍ୟରେ ଶାନ୍ତି ସୃଷ୍ଟି ହେବ ବୋଲି ମୁଖ୍ୟ ବକ୍ତା କହିଥିଲେ। ସାମାଜିକ କର୍ମୀ ଜେନା କହିଥିଲେ, ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ହେଲେ ସମାଜ ସହିତ ସାହିତ୍ୟର ବିକାଶ ନିଶ୍ଚୟ ହେବ। ଏହି ଅବସରରେ କବି ଏବଂ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ପକ୍ଷରୁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସଦାଶିବ ମିଶ୍ର, ସନ୍ତୋଷ ମିଶ୍ର, ଦିବ୍ୟଲୋଚନ ଭାରିମଲ, ପ୍ରମୋଦ ଚନ୍ଦ୍ର ଦାଶ ଏବଂ ବିପିନ ବିହାରୀ ବେହେରାଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବାର୍ଷିକ ଉତ୍ସବ ପାଇଁ ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା କବିତା ଆବୃତ୍ତି ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦ ପକ୍ଷରୁ ବାର୍ଷିକ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିବା ସହିତ ପଦ୍ମଲୋଚନ ସାହୁଙ୍କ ରଚିତ ପ୍ରଥମ ଗୀତି କବିତା ସଙ୍କଳନ 'ସ୍ମୃତିରୁ ସାଉଁଟା ଫୁଲ', ସୁରେଶ ଚନ୍ଦ୍ର ରଥଙ୍କ କ୍ଷୁଦ୍ର ଗଳ୍ପ ପୁସ୍ତକ 'ଭୂତ ଭାଇ' ଏବଂ ଔପନ୍ୟାସିକ ଭକ୍ତବନ୍ଧୁ ଚୌଧୁରୀଙ୍କ 'ଅମ୍ଳାନ ପ୍ରତିଭା' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଉତ୍ସବରେ ସଂସଦର ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ସହିତ ଅନ୍ୟ ପଦାଧିକାରୀ ମଞ୍ଚାସୀନ ଥିଲେ। କବୟିତ୍ରୀ ରଶ୍ମିତା ନାୟକ ସଭା ପରିଚାଳନା କରିଥିଲେ।

# ସୂଚନା ଅଧିକାର କର୍ମୀଙ୍କୁ ମାଡ଼ ମାରି ଫିଙ୍ଗିଦେଲେ

ପୁରୀ ଅଫିସ,୨୮।୮: ପୁରୀ ଛଇତନାର ସୂଚନା ଅଧିକାର କର୍ମୀ ସନ୍ତୋଷ କୁମାର ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ପୂର୍ବରୁ ଅନେକ ଥର ଛଇତନା ବ୍ଲକ୍‌ର ବିଭିନ୍ନ ଦୁର୍ନୀତି ଉପରୁ ପରଦା ହଟାଇଥିଲେ। ବାଲିଘାଇ ବିଟ୍ ହାଉସ ପୋଲିସ ସତୋଷଙ୍କୁ ଗୁରୁତର ଅବସ୍ଥାରେ ରାସ୍ତାରୁ ଉଦ୍ଧାର କରିଥିଲା। ଅନ୍ୟପକ୍ଷରେ ଛଇତନା ସନ୍ତୋଷ ସରପଞ୍ଚ, ତାଙ୍କ ସ୍ୱାମୀ, ଦିଅର ଏବଂ ସମର୍ଥକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ ଏ ନେଇ ରବିବାର ପୁରୀ ସଦର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ କବିରାଜପୁର ଛକରେ ସନ୍ତୋଷଙ୍କୁ ସରପଞ୍ଚ ଓ ତାଙ୍କ ସମର୍ଥକମାନେ ଅଟକାଇଥିଲେ। ଏହାପରେ ତାଙ୍କୁ ସେଠାରୁ ଅପହରଣ କରି ଉତ୍ତରସାହିସ୍ଥିତ ସରପଞ୍ଚଙ୍କ ନିଜସ୍ୱ ବାସଭବନକୁ ନେଇଥିଲେ। ସେଠାରେ ତାଙ୍କୁ ଅଭିଯୋଗକାରୀମାନେ ମାଡ଼ ମାରିଥିଲେ। ମାଡ଼ ଖାଇ ସନ୍ତୋଷ ନିସ୍ତେଜ ହୋଇଯିବା ପରେ ତାଙ୍କୁ ରାସ୍ତାରେ ଫିଙ୍ଗି ଦିଆଯାଇଥିଲା। ଏହାପରେ ବାଲିଘାଇ ବିଟ୍ ହାଉସ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେହିଭଳି ବାଲିଘାଇ ବିଟ୍ ହାଉସ୍ ପୋଲିସ ସରପଞ୍ଚଙ୍କ ସହ ମିଶି ଚକ୍ରାନ୍ତ କରିଥିବା ସେ ଅଭିଯୋଗ କରିଛନ୍ତି।

# ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଦୁଇ ଖେଳାଳି।

ବାଲୁଗାଁ,୨୮।୮(ଡି.ଏନ୍.ଏ.): ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ପଞ୍ଚାନନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ନମିତା ଝା ଏବଂ ସମ୍ପାଦକ ଗଜେନ୍ଦ୍ର ସେଠୀ ଚଳିତ ବର୍ଷର ସଭାପତି ଡ. କୈଳାସ ଚନ୍ଦ୍ର ମହାରଣା ଓ ସମ୍ପାଦିକା ଭାରତୀ ପୁଷ୍ପା ସିଂ ରାଠୋରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହ ସ୍ୱାଗତ ଜଣାଇଥିଲେ। ପୂର୍ବ ବର୍ଷର ସମ୍ପାଦିତ ପ୍ରକଳ୍ପ ସମ୍ପର୍କରେ ବିବରଣୀ ଉପସ୍ଥାପନ ସହ ନୂତନ ସଭାପତି ଡ.ମହାରଣା ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ତେହେରାନରେ ୧୪ତମ ଏସିଆନ ଅଣ୍ଡର-୧୮ ପୁରୁଷ ଭଲିବଲ ଚମ୍ପିୟନଶିପ୍-୨୦୨୨ରେ ଭାରତ ପାଇଁ

**ଅନ୍ତର୍ଜାତୀୟ ଖେଳାଳି ଆଶିଷ, କ୍ରିଷ୍ଣାଙ୍କୁ ସମ୍ବର୍ଦ୍ଧନା**

ବ୍ରୋଞ୍ଜ ପଦକ ହାସଲ କରିଥିବା ସ୍ଥାନୀୟ ଚାଷଙ୍ଗରା ଗ୍ରାମର ଆଶିଷ ସ୍ୱାଇଁ ଓ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବାଲୁଗାଁ ଅଞ୍ଚଳର କ୍ରିଷ୍ଣା ଶିକାରୀଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନୃତ୍ୟ ଶିଳ୍ପୀ ମମତାମୟୀ ମିଶ୍ର, ରୋଟାରାକ୍ଟ ସଭାପତି ବବୁଲ ସ୍ୱାଇଁ, ସମ୍ପାଦକ ବିକ୍ରମ ବିଶୋଇ, ସାମାଜିକ କର୍ମୀ ଅନନ୍ତ ଚରଣ ଖଟେଇ, ବ୍ଲକର ମାଟ୍ରିକ୍ ଟପ୍ପର, ଯୁକ୍ତ ଦୁଇ ଟପରଙ୍କ ସମେତ ପୂର୍ବତନ ସଭାପତି ଓ ସମ୍ପାଦକଙ୍କୁ ମୁଖ୍ୟ ଅତିଥି ଡିଜିଏନ ଯାଜ୍ଞଶିଷ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ରୋଟାରିଆନ ପଞ୍ଚାନନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଏଆଇଡିଏସ୍‌ଓ ଆଞ୍ଚଳିକ ଛାତ୍ର ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୨୮।୮: ଅଲ୍ ଇଣ୍ଡିଆ ଡିଏସ୍‌ଓ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ତୃତୀୟ ଜିଲାସ୍ତରୀୟ ଆଞ୍ଚଳିକ ସମ୍ମିଳନୀ ସ୍ଥାନୀୟ ଖୋରଧା ସାହିତ୍ୟ ସଂସଦ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡିଏସଓର ପ୍ରତିଷ୍ଠାତା ଶିବ ଦାସ ଘୋଷଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଡିଏସଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ମୁଖ୍ୟ ବକ୍ତା, ଏସୟୁସିଆଇ (କମ୍ୟୁନିଷ୍ଟ) ଖୋର୍ଦ୍ଧା ନଗର ସମ୍ପାଦକ ଅଶୋକ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତିକୁ ବିରୋଧ କରିଥିଲେ। ରାଜ୍ୟରେ ବନ୍ଦ ପଡିଥିବା ବିଦ୍ୟାଳୟ ଖୋଲିବା, ଖାଲିଥିବା ଅଧ୍ୟାପିକା, ଅଧ୍ୟାପକ ପଦବୀ ପୂରଣ ଲାଗି ଦାବି କରିଛନ୍ତି। ଏନେଇ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନକୁ ଆଗେଇନେବା ପାଇଁ ୨୪ ଜଣିଆ କମିଟି ଗଠନ କରାଯାଇଛି। ଏହି ଅବସରରେ ଶ୍ରୀକାନ୍ତ ନାୟକ ସଭାପତି, ଅବିନାଶ ପ୍ରଧାନ ସମ୍ପାଦକ ଏବଂ ସାଗର ସାହୁ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି।



ଛାତ୍ର ସମ୍ମିଳନୀରେ ସାମିଲ ହୋଇଥିବା ଏଆଇଡିଏସ୍‌ଓର ସଦସ୍ୟମାନେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଗାଈ ମୃତ

କୋଣାର୍କ,୨୮।୮(ଡି.ଏନ୍.ଏ.): କୋଣାର୍କ ନିକଟ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ଟିକିନା ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଗାଈଙ୍କ ମୃତ୍ୟୁ ଘଟିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ବୁଲା ବେହେରା ଓ ଫକୀର ବେହେରାଙ୍କ ଦୁଇଟି ଗାଈ ପଡିଆକୁ ଚରିବାକୁ ଯାଇଥିଲେ। ସେଠାରେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରାଯାଇ ଜମିକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଏହି ତାର ସଂସ୍ପର୍ଶରେ ଆସି ଦୁଇ ଗାଈଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ.୧୫/୨୨)ରୁଜୁ ହୋଇଛି। ତଦନ୍ତ ଚାଲିଛି, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମୁଦ୍ରିକ ଥାନାଧିକାରୀ ରବୀନ୍ଦ୍ର ନାଥ ସେଠୀ କହିଛନ୍ତି।

# ମଦନପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟ ଆରମ୍ଭ



ଯାଁଳା,୨୮।୮(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ମା' ଫୁଲବତି କ୍ଲବ ଅନ୍ଧାରୁଆ ଏବଂ ମା' ଭୋଳେଶ୍ୱରୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫୁଲବତି କ୍ଲବର ମାନସ ନାୟକ ଖେଳର ୨୧ତମ ମିନିଟ୍‌ରେ ଏବଂ ଭୋଳେଶ୍ୱରୀ କ୍ଲବର ଜଗନ ମାଝୀ ୪୫ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିଲେ। ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚ୍ ଉତ୍କଳ କେଶରୀ ଗ୍ରାମଡିହ ଏବଂ ଟାର୍ଜନ କ୍ଲବ କାଇମାଟିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଶେଷସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଗୋଟିଏ ଲେଖାଏ ପଏଣ୍ଟ ପାଇଥିଲେ। ଅବିନାଶ ପଟ୍ଟନାୟକ, ମନୋରଞ୍ଜନ ଖୁଣ୍ଟିଆ, ଅଶୋକ କୁମାର ସ୍ୱାଇଁ ଓ ସଞ୍ଜୟ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ ବିଧାୟକ ସୁରେଶ କୁମାର ରାଉତରାୟ, କ୍ରୀଡ଼ାବିତ୍ ନବରଞ୍ଜନ ପଟ୍ଟନାୟକ, ମଦନପୁର ସରପଞ୍ଚ ରଶ୍ମିରଞ୍ଜନ ବେହେରା, ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ମିଛ ଅଭିଯୋଗ କରିଥିଲେ ପରିବାର ଲୋକ

**ରାଜଧାନୀରୁ ଯୁକ୍ତ ୨ ଛାତ୍ର ନିଖୋଜ ଘଟଣାର ନୂଆମୋଡ଼**

- ହୋଟେଲ ସିସିଟିଭି ଫୁଟେଜ୍‌ରୁ ମିଳିଲା ପ୍ରମାଣ
- ବକେୟା ଫି' ମାଗିବାରୁ କଲେଜ ହଷ୍ଟେଲ ଛାଡ଼ିଥିଲେ ହୃଦୟେଶ

ଭୁବନେଶ୍ୱର,୨୮।୮(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳର ଏକ ଘରୋଇ କଲେଜରୁ ଯୁକ୍ତ୨ ଛାତ୍ର ବାଲେଶ୍ୱରର ହୃଦୟେଶ ପଣ୍ଡା ନିଖୋଜ ହେବା ଘଟଣା ରବିବାର ନୂଆ ମୋଡ଼ ନେଇଛି। ପରିବାର ପକ୍ଷରୁ ମିଛ ଅଭିଯୋଗ କରାଯାଇଥିବା ପୋଲିସ କହିଛି। ହୃଦୟେଶ ନିଖୋଜ ହୋଇ ନ ଥିଲେ, ବରଂ କଲେଜ ପକ୍ଷରୁ ବକେୟା ଫି' ମଗାଯିବାରୁ ସେ ହଷ୍ଟେଲରୁ ପଳାଇ ଆସି ନିକଟସ୍ଥ ହୋଟେଲ ସୁରଜ ପ୍ୟାଲେସ୍‌ରେ ରହିଥିଲେ। ପରେ ସେ ଘରକୁ ଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ପୋଲିସ କହିବା ଅନୁଯାୟୀ, ହଷ୍ଟେଲର ୯୫ ହଜାର ବକେୟା ଫି' ମଗାଯିବାରୁ ହୃଦୟେଶ କଲେଜ କର୍ତ୍ତୃପକ୍ଷଙ୍କୁ କହି ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଆସବାବପତ୍ର ଧରି ହଷ୍ଟେଲ ଛାଡ଼ିଥିଲେ। ନିକଟରେ ଥିବା ସୁରଜ ପ୍ୟାଲେସକୁ ଆସି ରୁମ ନଂ.୧ରେ ରହିଥିଲେ। ହୋଟେଲ ରିସିପ୍‌ଶନ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ମୋବାଇଲରୁ ତାଙ୍କ ବାପାଙ୍କୁ ଫୋନ କରି ଜଣାଇଥିଲେ। ଶନିବାର ସକାଳେ ହୋଟେଲକୁ ଆସି ତାଙ୍କ ମା' ଓ ସମ୍ପର୍କୀୟମାନେ ହୃଦୟେଶଙ୍କୁ ଦେଖାକରି ହଷ୍ଟେଲ ଯାଇଥିଲେ। ଏହାପରେ ସେମାନେ କଲେଜ ଯାଇ ହଷ୍ଟେଲ ମ୍ୟାନେଜରଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ବାପା ରାମକୃଷ୍ଣ, ମା' ରାତିରେ ଥାନାକୁ ଆସି ହୃଦୟେଶ ନିଖୋଜ ହୋଇଯାଇଥିବା ଅଭିଯୋଗ କରିଥିଲେ। ତଦନ୍ତବେଳେ ହୋଟେଲ ସିସିଟିଭିରୁ ପୋଲିସ ହୃଦୟେଶଙ୍କ ରହଣି, ମା' ଓ ସମ୍ପର୍କୀୟଙ୍କ ଉପସ୍ଥିତି ଜାଣିବାକୁ ପାଇଥିଲା। ତେବେ ବାପା-ମା'ଙ୍କ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କ ନାଁରେ ମିଛ ଅଭିଯୋଗ ହୋଇଥିବା ସ୍ପଷ୍ଟ ହେବା ପରେ ପଚରାଉଚରା ପାଇଁ ପୋଲିସ ସେମାନଙ୍କୁ ଥାନାକୁ ଡକାଇଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ତଦନ୍ତକୁ ତ୍ୱରାନ୍ୱିତ କରାଯାଉଛି। ଉଦ୍ଦେଶ୍ୟ ଜଣାପଡ଼ିଲା ପରେ ଛାତ୍ରଙ୍କ ମା'ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାମକୃଷ୍ଣଙ୍କ ପୁଅ ହୃଦୟେଶ ଉକ୍ତ ଘରୋଇ କଲେଜ ହଷ୍ଟେଲରେ ରହି ଯୁକ୍ତ ୨ ବିଜ୍ଞାନରେ ପାଠ ପଢ଼ନ୍ତି। ତାଙ୍କର ଏହା ଦ୍ୱିତୀୟ ବର୍ଷ ଥିଲା। ଶନିବାର ହୃଦୟେଶ ହଷ୍ଟେଲରୁ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ସୁନାଚେନ୍ ଲୁଟ ଅଭିଯୋଗରେ ଜଣେ ଗିରଫ

ପୁରୀ ଅଫିସ, ୨୮।୮: ଜଣେ ନାବାଳକଙ୍କ ବେକରୁ ସୁନାଚେନ୍ ଲୁଟ ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ମାର୍କେଣ୍ଡେଶ୍ୱର ପାଣ୍ଡେଜାଗା ଅଞ୍ଚଳର ଲୋକନାଥ ମହାନ୍ତି ଓରଫ ମହାବୀରଙ୍କୁ ଗିରଫ କରିଛି। ପୋଲିସ ଏ ନେଇ ଏକ କେସ୍ (ନଂ. ୧୯୭/୨୨) ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ ଟାଉନଥାନା ତଳୁଛ ସାହିର ଲୋକନାଥ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ, ତାଙ୍କ ପୁଅ ଓମ୍ ମହାପାତ୍ର ଓଡିଆ ମଠ ନିକଟକୁ ଟିଉାନ କରିବାକୁ ଯାଉଥିବା ସମୟରେ ଅଭିଯୁକ୍ତ ତାଙ୍କ ବେକରୁ ସୁନାଚେନ ଲୁଟି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ସ୍ଥାନୀୟ ଲୋକେ ଅଭିଯୁକ୍ତକୁ କାବୁ କରିଥିଲେ।

### ବିପନ୍ନଙ୍କୁ ରିଲିଫ୍ ବଣ୍ଟନ

ପିପିଲି,୨୮।୮(ଡି.ଏନ୍.ଏ.): ପିପିଲି ବ୍ଲକ ପୋପରଙ୍ଗା ପଞ୍ଚାୟତର ପାଟଲପୁର ଗ୍ରାମରେ ବନ୍ୟା ବିପନ୍ନଙ୍କୁ ରବିବାର ଗୋପବନ୍ଧୁ ସେବକ ସଂଘ ପୁରୀ ଓ ଜୟ ଗୋପୀନାଥ କ୍ଲବ ଦାଣ୍ଡମକୁନ୍ଦପୁର ପକ୍ଷରୁ ରିଲିଫ୍ ପ୍ରଦାନ କରାଯାଇଛି। ସଂଘ ସଭାପତି ଲୋକନାଥ ବେହେରାଙ୍କ ଅଧକ୍ଷତାରେ ଶୁଖିଲା ଖାଦ୍ୟ ଏବଂ ଗୋରୁଙ୍କ ପାଇଁ କୁଣ୍ଡା, ଚୋକଡ଼ ଆଦି ପ୍ରଦାନ କରାଯାଇଛି।

### କାର୍ଯ୍ୟାନୁଷ୍ଠାନ ଦାବି କଲା ମୁକ୍ତିମଣ୍ଡପ ପଣ୍ଡିତ ମଣ୍ଡଳୀ

ପୁରୀ ଅଫିସ, ୨୮।୮: ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ ଷଡଯନ୍ତ୍ର ପ୍ରଚେଷ୍ଟା କରୁଥିବା ଅଭିଯୋଗ ଆଣିଛି ମୁକ୍ତି ମଣ୍ଡପ ପଣ୍ଡିତ ମଣ୍ଡଳୀ। ଏ ନେଇ ମୁକ୍ତିମଣ୍ଡପ ପଣ୍ଡିତ ମଣ୍ଡଳୀ ପକ୍ଷରୁ ରବିବାର ବଳଗଣ୍ଡିଛକସ୍ଥିତ ଭକ୍ତ ସାଲବେଗ ପୀଠ ପରିସରରେ ଏକ ଖରବଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମଣ୍ଡଳୀର ଅଭିଯୋଗ ଅନୁଯାୟୀ, ଶ୍ରୀମନ୍ଦିର ଆଇନ୍ ଓ ରେକର୍ଡ ଅଫ ରାଇଟ ଅନୁଯାୟୀ କେବଳ ୨୪ଟି ବ୍ରାହ୍ମଣ ଶାସନ ହିଁ ମୁକ୍ତିମଣ୍ଡପରେ ବସିବା ପାଇଁ ଯୋଗ୍ୟ। କିନ୍ତୁ ଆଉ ୫ଟି ବ୍ରାହ୍ମଣ ଶାସନ ଯଥା କପିଳେଶ୍ୱରପୁର, ଅଭୟ ରାମଚନ୍ଦ୍ରପୁର, ବିଜୟ ରାମଚନ୍ଦ୍ରପୁର, ପ୍ରତାପ ରାମଚନ୍ଦ୍ରପୁର ଏବଂ ନୂଆ ଶମ୍ସରପୁରକୁ ମୁକ୍ତିମଣ୍ଡପରରେ ସାମିଲ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରି ବିଫଳ ହେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ପୁନର୍ବିଚାର କରିବା ପାଇଁ ପୁନଃ ଶ୍ରୀମନ୍ଦିର ପ୍ରଶାସନକୁ ପଠାଇଥିଲେ। ତେବେ ରେକର୍ଡ ଅଫ ରାଇଟ ଅନୁଯାୟୀ ଏହା ସମ୍ଭବ ନୁହେଁ ବୋଲି ଜଣାଇଥିଲେ। ବର୍ତ୍ତମାନ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରତିନିଧି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟିରେ ସ୍ଥାନ ପାଇଥିବା ଜଣେ ସଦସ୍ୟ ଷଡ଼ଯନ୍ତ୍ର କରି ଗତ ଏପ୍ରିଲରେ ମନ୍ଦିର ପରିଚାଳନା କମିଟି ବୈଠକରେ ଏକ ପ୍ରସ୍ତାବ ଆଗତ କରିବା ସହିତ ବିଚାରାଧୀନ ମାମଲା ପ୍ରସଙ୍ଗକୁ ଗୁପ୍ତ ରଖି ଉକ୍ତ ପ୍ରସ୍ତାବକୁ ବୈଠକରେ ପାରିତ କରିବାରେ ସଫଳ ହୋଇଥିଲେ। ତେଣୁ ସରକାର ଉକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଶ୍ରୀମନ୍ଦିର ପରିଚାଳନା କମିଟିରୁ ବହିଷ୍କାର କରନ୍ତୁ ବୋଲି ବୋଲି ମୁକ୍ତି ମଣ୍ଡପ ପଣ୍ଡିତ ସଭା ଦାବି କରିଛି। ଉକ୍ତ ଖବରଦାତା ସମ୍ମିଳନୀରେ ଦୁର୍ଗା ପ୍ରସାଦ ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ରବିନାରାୟଣ ମିଶ୍ର, ହରିହର ରଥ, ଛନ୍ଦ୍ରଶେଖର ଷଡଙ୍ଗୀ, ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ଅଧିକାର କର୍ମୀଙ୍କୁ ମାଡ଼ ମାରି ଫିଙ୍ଗିଦେଲେ

ପୁରୀ ଅଫିସ,୨୮।୮



ଚିକିତ୍ସାଧୀନ ଆହତ ସୂଚନା ଅଧିକାର କର୍ମୀ ସନ୍ତୋଷ କୁମାର ମହାନ୍ତି।

ପୁରୀ ଛଇତନାର ସୂଚନା ଅଧିକାର କର୍ମୀ ସନ୍ତୋଷ କୁମାର ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ପୂର୍ବରୁ ଅନେକ ଥର ବ୍ଲକ୍‌ର ବିଭିନ୍ନ ଦୁର୍ନୀତି ଉପରୁ ପରଦା ହଟାଇଥିଲେ। ବାଲିଘାଇ ବିଟ୍ ହାଉସ ପୋଲିସ ସତୋଷଙ୍କୁ ଗୁରୁତର ଅବସ୍ଥାରେ ରାସ୍ତାରୁ ଉଦ୍ଧାର କରିଥିଲା। ଅନ୍ୟପକ୍ଷରେ ସନ୍ତୋଷ ସ୍ଥାନୀୟ ସରପଞ୍ଚ, ତାଙ୍କ ସ୍ୱାମୀ, ଦିଅର ଏବଂ ସମର୍ଥକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ ଏ ନେଇ ରବିବାର ପୁରୀ ସଦର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ କବିରାଜପୁର ଛକରେ ସନ୍ତୋଷଙ୍କୁ ସରପଞ୍ଚ ଓ ତାଙ୍କ ସମର୍ଥକମାନେ ଅଟକାଇଥିଲେ। ଏହାପରେ ତାଙ୍କୁ ସେଠାରୁ ଅପହରଣ କରି ସରପଞ୍ଚଙ୍କ ବାସଭବନକୁ ନେଇଥିଲେ। ସେଠାରେ ତାଙ୍କୁ ଅଭିଯୋଗକାରୀମାନେ ମାଡ଼ ମାରିଥିଲେ। ମାଡ଼ ଖାଇ ସନ୍ତୋଷ

**ସରପଞ୍ଚ, ପୋଲିସ ବିରୋଧରେ ଅଭିଯୋଗ**

ନିସ୍ତେଜ ହୋଇଯିବା ପରେ ତାଙ୍କୁ ରାସ୍ତାରେ ଫିଙ୍ଗି ଦିଆଯାଇଥିଲା। ଏହାପରେ ବାଲିଘାଇ ବିଟ୍ ହାଉସ ପୋଲିସ ତାଙ୍କୁ ଭୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେହିଭଳି ବାଲିଘାଇ ବିଟ୍ ହାଉସ୍ ପୋଲିସ ସରପଞ୍ଚଙ୍କ ସହ ମିଶି ଚକ୍ରାନ୍ତ କରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଟ୍ ହାଉସ୍ ପୋଲିସ ଓ ସମ୍ପୃକ୍ତ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# 'ଗୋ ସମ୍ପଦର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ'




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପିପିଲି, ୨୮।୮ (ସ୍ୱ.ପ୍ର.)

ଗୋ ସମ୍ପଦ ଶ୍ରେଷ୍ଠ ସମ୍ପଦ। ଭାରତୀୟ ଅର୍ଥନୀତି, କୃଷି, ପରିବେଶ, ପୋଷଣଯୁକ୍ତ ଖାଦ୍ୟ ସହ ନିରାମୟ ଜୀବନ ପାଇଁ ଗୋମାତାର ଅବଦାନ ଅତୁଳନୀୟ। ଗୋ ବଂଶର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି ରବିବାର ପିପିଲି ଦାଣ୍ଡମକୁନ୍ଦପୁରଠାରେ ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରାଳ ବାଲୁଙ୍କେଶ୍ୱରଦେବ ଚାରିଟେବୁଲ ଟ୍ରଷ୍ଟ ସଭାପତି ମହେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚର ଆବାହକ ବାବାଜୀ ଚରଣ ଦାଶ, ସନ୍ଥ ନିର୍ମଳାନନ୍ଦ ଗିରି, ସନ୍ଥ କୃଷ୍ଣାନନ୍ଦଜୀ ମହାରାଜ, ସୁମନ୍ତ ପ୍ରଧାନ, ଭିକାରୀ ଚରଣ ଦାଶଙ୍କ ସମେତ ବହୁ ଗୋ ସୁରକ୍ଷାପ୍ରେମୀ ଯୋଗଦେଇ ଗୋ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଗୋ ଚାଲାଣ କରାଯାଉଛି। ଏହା ବନ୍ଦ କରିବାକୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ପ୍ରଶାସନର ଅବହେଳାରୁ ତାହା ସମ୍ଭବ ହୋଇପାରୁନି। ଆଗାମୀ ଦିନରେ ଏହାର ପ୍ରତିବାଦ କରାଯିବ ବୋଲି ଗା ସୁରକ୍ଷା ପ୍ରେମୀମାନେ ଚେତାବନୀ ଦେଇଛନ୍ତି। ଅନୁଷ୍ଠାନର ସଂଯୋଜକ ଜଗଦୀଶ ମିଶ୍ର, ଅରବିନ୍ଦ ଦାଶଙ୍କ ସଂଯୋଜନାରେ ସାମାଜିକ କର୍ମୀ ଅନୁପ ପରିଡ଼ା, ପ୍ରଭାତ କୁମାର ମହାପାତ୍ର, ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପିପିଲି ଏସ୍‌ଡିପିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ




ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ ଅଫିସ ୨୮।୮

ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ବୋଧିଚକ୍ର, ଦି-ବେଲ୍, ଶିଶୁ ସମାଚର ଏବଂ ପୂଜ୍ୟପୂଜା ସମନ୍ୱୟ ସମିତିର ମିଳିତ ଆନୁକୁଲ୍ୟରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପୁରୀର ସମ୍ପାଦକ ତଥା ଅରୋଜ୍ୟୋତି ଟ୍ରଷ୍ଟର ଟ୍ରଷ୍ଟି ବିପିନାନନ୍ଦ ମିଶ୍ର ଯୋଗଦେଇ ବର୍ତ୍ତମାନ ଭାରତୀୟ ସମାଜ ପାଇଁ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଏକ ଆବଶ୍ୟକତା ବୋଲି କହିଥିଲେ। ଏହି ଅବସରରେ 'ଭାରତୀୟ ସମାଜ ସଂସ୍କାରରେ ଶ୍ରୀଅରବିନ୍ଦଙ୍କ ଭୂମିକା' ଶୀର୍ଷକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀର ସିମରନ ମହାପାତ୍ର ପ୍ରଥମ, ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ସୌମ୍ୟାଶ୍ରୀ ବେହେରା ଦ୍ୱିତୀୟ, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଆସ୍ଥା ରଥ ତୃତୀୟ ସ୍ଥାନ ହାସଲ କରିଥିଲେ। ପୂଜ୍ୟପୂଜା ସମନ୍ୱୟ ସମିତିର ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବକ୍ତା ଭାବେ ଜ୍ୟୋର୍ତିର୍ବିଦ ଅନାମ ଚନ୍ଦ୍ର ସାହୁ, ଦି ବେଲ୍ ଆବାହକ ସିଦ୍ଧାର୍ଥ ରାୟ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ବୋଧିଚକ୍ରର ସଭାପତି ଗିରିଜା ଶଙ୍କର ପାଢୀ ମଞ୍ଚ ସଞ୍ଚାଳନ କରିଥିଲେ। ସୁକାନ୍ତ ପଣ୍ଡା, ସତ୍ୟନାରାୟଣ ସାହୁ, ବିଭୂତି ସାହୁ, ଓମ୍‌ପ୍ରକାଶ ମହାନ୍ତି, ଗୋପାଳ ନାୟକ, ସୁନିଲ ସ୍ୱାଇଁ, ଗୁରୁଦେବ ବସନ୍ତ ରାୟ, ଜ୍ୟୋତିରଞ୍ଜନ ମହାନ୍ତି, ବନିତା ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରମାବଲଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ପୁରୀ ଅଫିସ,୨୮।୮

ବାସେଳି ସାହି ଥାନା ଅଧୀନ ଶଙ୍କରେଶ୍ୱର ମନ୍ଦିର ନିକଟ ଚନ୍ଦନ ପୋଖରୀରୁ ଶନିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ବୟସ ଆନୁମାନିକ ୨୮ରୁ ୩୨ ବର୍ଷ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ ସଂରକ୍ଷଣ ଗୃହରେ ମୃତଦେହ ରହିଥିବା ବେଳେ ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୨) ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କୁ ପୋଲିସ ପଚରାଉଚୁରା କରିବା ସହ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ୩୦ରେ ସ୍ଥାନୀୟ ଅଞ୍ଚଳର କାଳିଆ ସାମଲ ଉକ୍ତ ପୋଖରୀକୁ ଯାଇଥିଲେ। ତେବେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ଓ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ କୁଳମଣି ସେଠୀ କୁହନ୍ତି, ଏକ ଅଜଣା ମୃତଦେହ ମିଳିଛି। ମୃତଦେହ ଶବ ସଂରକ୍ଷଣ ଗୃହରେ ୯୬ ଘଣ୍ଟା ରଖାଯିବ। ତାଙ୍କ ପରିଚୟ ଜାଣିବା ପାଇଁ ଅନୁସନ୍ଧାନ ଜାରି ରହିଥିବା ସେ କହିଛନ୍ତି ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଗାଈ ମୃତ

କୋଣାର୍କ,୨୮।୮(ଡି.ଏନ୍.ଏ.)

କୋଣାର୍କ ନିକଟ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ଟିକିନା ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଗାଈଙ୍କ ମୃତ୍ୟୁ ଘଟିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ବୁଲା ବେହେରା ଓ ଫକୀର ବେହେରାଙ୍କ ଦୁଇଟି ଗାଈ ପଡିଆକୁ ଚରିବାକୁ ଯାଇଥିଲେ। ସେଠାରେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରାଯାଇ ଜମିକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଏହି ତାର ସଂସ୍ପର୍ଶରେ ଆସି ଦୁଇ ଗାଈଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ.୧୫/୨୨)ରୁଜୁ ହୋଇଛି। ତଦନ୍ତ ଚାଲିଛି, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମୁଦ୍ରିକ ଥାନାଧିକାରୀ ରବୀନ୍ଦ୍ର ନାଥ ସେଠୀ କହିଛନ୍ତି।

# ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି

ପୁରୀ ଅଫିସ ୨୮।୮

ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥି ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଚାଲିଛି। ଏହି କ୍ରମ ଅନୁଯାୟୀ ଭାଦ୍ରବ ମାସ ଶୁକ୍ଳ ପ୍ରତିପଦା ତିଥି ରବିବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ରାମକୃଷ୍ଣ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟମନ୍ଦିର ଖଟଶେଜ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ପରେ ମାଟିମଣ୍ଡପ ସାହିର ଉତ୍ତର କାଳୀ ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ବାସୁଦେବ ପାଢୀ ବଳରାମ, ସୌରଭ ମହାପାତ୍ର କୃଷ୍ଣ ବେଶ ସାଜି ଏହି ନୀତିରେ ସାମିଲ ହୋଇଥିଲେ।

ବେଶଧାରୀମାନେ ମାଟିମଣ୍ଡପ ସାହିର ଉତ୍ତରକାଳୀ ଆଖଡ଼ାରୁ ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ପରେ ଆଜ୍ଞାମାଳ ପାଇ ଦାବାଗ୍ନି ଅସୁର ପ୍ରକୋପ ଦେଖାଇଥିଲା।ପରେ କୃଷ୍ଣ ଏବଂ ବଳରାମଙ୍କ ହସ୍ତରେ ବଧ ହୋଇଥିଲା। ଦାବାଗ୍ନି ଶବ୍ଦର ଅର୍ଥ ବନ ବହ୍ନି। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ, ସେଦିନ କୌଣସି ଗୋପୀ ଗୋପାଳ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀ କୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହି ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହେଲା। ତାହା ଏତେ ପ୍ରଚଣ୍ଡ ଥିଲା ତାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ତେଣୁ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ସେହି ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇବା ସହ ଗୋପୀ ଗୋପାଳ ସମସ୍ତେ ଆଶ୍ୱସ୍ତି ଲାଭ କରିଥିଲେ। ସେହି ଦ୍ୱାପର ଯୁଗର ଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି। ମହାପ୍ରଭୁଙ୍କର ବିଭିନ୍ନ ଲୀଳା ମଧ୍ୟରୁ ଏହା ଅନ୍ୟତମ।

# କ୍ଲିନିକରେ ରୋଗୀ ଦେଖୁଛନ୍ତି ସରକାରୀ ଡାକ୍ତର

ପୁରୀ ଅଫିସ, ୨୮।୮

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଡାକ୍ତର ପ୍ରାଇଭେଟ କ୍ଲିନିକ୍ ଖୋଲି ରୋଗୀଙ୍କୁ ଚିକିତ୍ସା କରିବା ସହ ଅର୍ଥ ଶୋଷଣ କରୁଥିବା ନେଇ ଅଭିଯୋଗ ହୋଇଛି। ପୁରୀ ଜିଲା ଗୋପ ବ୍ଲକ୍ ବଣିଆସାହିର ସଞ୍ଜୀବ ମୁରୁଡ଼ି ଏହି ଅଭିଯୋଗ ଆଣିଛନ୍ତି। ସଞ୍ଜୀବଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ତାଙ୍କ ବଡ଼ବୋଉ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ଗ୍ୟାସ୍ ପ୍ରୋବ୍ଲେମ୍ ଥିବାରୁ ସେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଶୁକ୍ରବାର ସଞ୍ଜୀବ ତାଙ୍କ ବଡବୋଉଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପ୍ରଥମେ ଟିକେଟ କରି ନିୟମ ଅନୁଯାୟୀ ମେଡିକାଲ ଆଉଟ ଡୋରରେ ଥିବା ଡାକ୍ତରଙ୍କୁ ଦେଖାଇଥିଲେ। ସମ୍ପୃକ୍ତ ଡାକ୍ତର ପରୀକ୍ଷା କରିବା ପରେ ଇଣ୍ଡୋସ୍କୋପି କରିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ଇଣ୍ଡୋସ୍କୋପି କରିବା ପାଇଁ ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ପଠାଇବା ସହ ରିପୋର୍ଟ ଆଣି ତାଙ୍କୁ ଡାକ୍ତରଖାନାରେ ନ ଦେଖାଇ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ତାଙ୍କ ଘରକୁ ଯିବା ପାଇଁ କହିଥିଲେ। ସେହି ଅନୁଯାୟୀ ସଞ୍ଜୀବ ତାଙ୍କ ବଡ଼ବୋଉଙ୍କୁ ନେଇ ଇଣ୍ଡୋସ୍କୋପି କରାଇ ରିପୋର୍ଟ ନର୍ମାଲ ଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ରିପୋର୍ଟକୁ ନେଇ ସମ୍ପୃକ୍ତ ଡାକ୍ତରଙ୍କୁ ଦେଖାଇଥିଲେ। ସେ ତାହାକୁ ଦେଖି ଚିକିତ୍ସା କରିବା ବାବଦରେ ୩୦୦ ଟଙ୍କା ଫି ନେଇଥିଲେ। ପରେ କିଛି ମେଡିସିନ୍ ଲେଖି ମେଡିକାଲ ପରିସରରେ ଥିବା ଏକ ମେଡିକାଲ ଷ୍ଟୋରରୁ ନେବା ପାଇଁ କହିଥିଲେ। ତେବେ ମେଡିକାଲରୁ ମିଳିଥିବା ପ୍ରେସ୍‌କ୍ରିପଶନକୁ ନିଜ ପାଖରେ ରଖିଦେଇଥିଲେ। ସଂଜୀବ ସେହି ପ୍ରେସ୍‌କ୍ରିପଶନ ମାଗିବାରୁ ପ୍ରଥମେ ମନା କରିଥିଲେ ଓ ପରେ ଫେରାଇଥିଲେ। ୭ଦିନ ପାଇଁ ମେଡିସିନ ୫ ହଜାର ଟଙ୍କା ବୋଲି ସମ୍ପୃକ୍ତ ମେଡିସିନ୍ ଷ୍ଟୋର ପକ୍ଷରୁ କୁହାଯାଇଥିଲା। ତେବେ ଏତେ ଟଙ୍କା ତାଙ୍କ ପାଖରେ ନ ଥିବାରୁ ସେ ୩ ଦିନ ପାଇ ୨୨ ଶହ ଟଙ୍କା ଦେଇ ମେଡିସିନ ନେଇଥିଲେ। ଉକ୍ତ ମେଡିସିନି ଗୁଡିକୁ ସଂଜୀବ ତାଙ୍କର ଜଣେ ଫାର୍ମାସୀ ସାଙ୍ଗକୁ ଦେଖାଇବାରୁ ସେଗୁଡିକର ମୂଲ୍ୟ ଅଧିକ ହୋଇଥିବାବେଳେ ମାନ ଭଲ ନ ଥିବା ଜାଣିବାକୁ ପାଇଥିଲେ। ଏଭଳି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇ ସଞ୍ଜୀବ ଦାବି କରିଛନ୍ତି।

# ପିଇଓ ନ ଥିବାରୁ ଉନ୍ନୟନ କାର୍ଯ୍ୟ ଠପ୍

କାକଟପୁର,୨୮।୮(ଡି.ଏନ୍.ଏ.)

ପୁରୀ ଜିଲା କାକଟପୁର ବ୍ଲକ ଅଧୀନ କୁଣ୍ଢେଇ ଗ୍ରାମପଞ୍ଚାୟତ ଲୋକସଂଖ୍ୟା ଦୃଷ୍ଟିରୁ ସମଗ୍ର ବ୍ଲକ ଅଞ୍ଚଳରେ ସର୍ବବୃହତ ପଞ୍ଚାୟତ। ହେଲେ ଏହି ପଞ୍ଚାୟତରେ କୌଣସି ସ୍ଥାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଫଳରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଏଯାଏଁ ପଞ୍ଚାୟତର କୌଣସି ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏଥିସହ ଲୋକଙ୍କ ସୁବିଧା ପାଇଁ ମଧ୍ୟ ପଞ୍ଚାୟତ ବସିପାରୁନାହିଁ। ପୂର୍ବ ସରପଞ୍ଚ ଓ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାୟତର କେତେକ ଫାଇଲପତ୍ର ଏଯାବତ ନୂତନ ସରପଞ୍ଚ ଓ ବଦଳି ହୋଇ ଆସୁଥିବା ପିଇଓଙ୍କୁ ହସ୍ତାନ୍ତର କରୁନାହାନ୍ତି। ଫଳରେ ସମସ୍ତ ଉନ୍ନୟନ କାର୍ଯ୍ୟ ଠପ ହୋଇଯାଇଛି। ଏଥିସହ ବଦଳି ହୋଇ ଆସୁଥିବା ପିଇଓ ଏହି ଗ୍ରାମପଞ୍ଚାୟତର ଦାୟିତ୍ୱ ନେବାକୁ ରାଜି ହେଉ ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଗତ ୫ ମାସ ମଧ୍ୟରେ ୨ ଜଣ ପିଇଓ ବଦଳି ହୋଇ ଆସିବାର ୪/୫ ଦିନ ମଧ୍ୟରେ ପୁଣି ଅନ୍ୟ ପଞ୍ଚାୟତକୁ ବଦଳି ହୋଇଥିବା ଜଣାପଡିଛି। ପୁରୀ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ କୁଣ୍ଢେଇ ପଞ୍ଚାୟତରେ ଖାଲି ପଡିଥିବା ପିଇଓ ପଦବୀ ପୂରଣ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ଗୋ ସଞ୍ଜିବନୀ ରସ ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୨୮।୮

ଅଖିଳ ଭାରତ ଗୋ ସେବା ସଂଘ ଏବଂ ଓଡ଼ିଶା ଗୋ ସେବା ମିଳିତ ଆନୁକୂଲ୍ୟରେ ଗୋ ସଞ୍ଜିବନୀ ରସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ବାଲିସାହିସ୍ଥିତ ଜିଆର ସ୍ୱାମୀ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ଜିଲାର ୩୦ଟି ଗୋଶାଳାରୁ ୧୫୦ ଜଣ ଗୋ ସେବକ ଉପସ୍ଥିତ ଥିଲେ। ଡ. ରାକେଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ଗୋ ସେବକମାନଙ୍କୁ ଗୋ ସଞ୍ଜିବନୀ ଶିକ୍ଷା ପ୍ରଦାନ କରିଥିଲେ। ଗୋମୂତ୍ରକୁ କିପରି ସୁଗନ୍ଧିତ, ସୁରକ୍ଷିତ ଓ ଔଷଧୀୟ ଗୁଣ କିପରି ହୋଇପାରିବ, ଜନମାନସକୁ ନିରୋଗ ରଖି ହେବ ସେ ସମ୍ପର୍କରେ ଆଲୋକପାତ ଦେଇଥିଲେ। କାର୍ଯ୍ୟକ୍ରମରେ କମଳ ଦାସଶର୍ମା, ସ୍ୱାମୀ ଶ୍ରୀକୃଷ୍ଣାନନ୍ଦ ଗିରି, ରମେଶ ପାଣ୍ଡିଆଜୀ ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମନିର୍ଭର ଗୋଶାଳା ପାଇଁ ଏହି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




ପ୍ରଶିକ୍ଷଣ ଶିବିରରେ ଅତିଥି ଏବଂ ଅନ୍ୟମାନେ।

# ନିଷ୍କାସନ ବ୍ୟବସ୍ଥା ନାହିଁ, ଦୋକାନରେ ପଶୁଛି ବର୍ଷାଜଳ

ସାକ୍ଷୀଗୋପାଳ, ୨୮।୮(ସ୍ୱ.ପ୍ର.)

ସାକ୍ଷୀଗୋପାଳ ବଜାର ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରନ୍ତି। ଏଥିସହ ଏଠାରେ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିର, ଡାକ୍ତରଖାନା, ଥାନା, ପୋଷ୍ଟ ଅଫିସ, ବସ୍‌ଷ୍ଟାଣ୍ଡ, ତହସିଲ କାର୍ଯ୍ୟାଳୟ ଏବଂ ସରକାରୀ ବିଦ୍ୟାଳୟ ପ୍ରଭୃତି ରହିଛି। ଅସରାଏ ବର୍ଷା ହେଲେ ଏହି ରାସ୍ତା ଜଳାର୍ଣ୍ଣବ ହୋଇଯାଉଛି। ବିଶେଷକରି ରତ୍ନଚିରା ନଦୀ ବ୍ରିଜଠାରୁ ୪ଶହ ମିଟର ପର୍ଯ୍ୟନ୍ତ ମୁଖ୍ୟ ବଜାରରେ ବଡ଼ ଖାଲଖମା ହୋଇଥିବାବେଳ ଏଗୁଡ଼ିକରେ ଦୀର୍ଘ ସମୟ ଧରି ବର୍ଷାଜଳ ଜମି ରହୁଛି। ସାକ୍ଷୀଗୋପାଳ ରେଳୱେ ଲେଭଲ କ୍ରସିଂଠାରୁ ସାକ୍ଷୀଗୋପାଳ ଡାକ୍ତରଖାନା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ଷା ବେଳେ ଏହି ରାସ୍ତାରେ ଯାତାୟତ କରିବା ମୁସ୍କିଲ ହୋଇପଡୁଛି। ଏହି ରାସ୍ତା ଦେଇ ଗାଡ଼ି ଚଳାଚଳ ବେଳେ ପଥଚାରୀଙ୍କ ଉପରେ ଜମିଥିବା ଗୋଳିଆ ପାଣି ଛିଟିକି ପଡୁଛି। ରାସ୍ତା ଦୁଇ ପାର୍ଶ୍ୱରେ



ମୁଖ୍ୟ ରାସ୍ତାରେ ବର୍ଷାଜଳ ଜମିରହିଛି।

ଥିବା ଦୋକାନରେ ମଧ ବର୍ଷାପାଣି ପଶୁଛି। ଏ ନେଇ ସାକ୍ଷୀଗୋପାଳ ବଜାର କମିଟିର ସଭାପତି ବୀରେନ୍ଦ୍ର ଭୂଷଣ ହୋତା କହିଛନ୍ତି, ରାସ୍ତା ତିଆରି ବେଳେ ଉକ୍ତ ବିଭାଗ ପାଣି ନିଷ୍କାସନ ପାଇଁ କିଛି ବ୍ୟବସ୍ଥା କରିନାହିଁ। ଫଳରେ ଅସରାଏ ବର୍ଷା ହେଲେ ପାଣି ଜମିରହୁଛି। ସେହି ପାଣି ଦୋକାନଗୁଡ଼ିକରେ ପଶୁଛି। ସେହିପରି ସ୍ଥାନୀୟ ଅଧିବାସୀ ରଣଜିତ ସ୍ୱାଇଁ କହିଛନ୍ତି, ଯେଉଁସବୁ ସ୍ଥାନରେ ସାକ୍ଷୀଗୋପାଳ ବଜାରର ବର୍ଷାପାଣି ନିଷ୍କାସନ ହୁଏ ସେଠାରେ ରାସ୍ତା ପଡ଼ନଠାରୁ ଅନେକ ଦୋକାନୀ ଦୁଇରୁ ତିନିଫୁଟ ଉଚ୍ଚର ଦୋକାନ ଗୃହ ଓ ପିଣ୍ଡା ନିର୍ମାଣ କରିଛନ୍ତି। ତେଣୁ ଆଗ ସମ୍ପୃକ୍ତ ଦୋକାନଗୁଡ଼ିକୁ ଚିହ୍ନଟ କରାଯିବା ସହ ଉଚ୍ଛେଦ କରାଗଲେ ବଜାରରେ ବର୍ଷାଜଳକୁ ନିଷ୍କାସନ ସୁବିଧା କରାଯାଇ ପାରିବ। ଏଥିସହ ଉକ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନ ରଖିବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ। ଅନ୍ୟପକ୍ଷରେ ଏନେଇ ବିଭାଗୀୟ ଅଧିକାରୀ ଶଶୀଭୂଷଣ ମହାନ୍ତି କହିଛନ୍ତି, ବର୍ଷାଜଳ ନିଷ୍କାସନ ପାଇଁ ବଜାର କମିଟିର ସହଯୋଗ ଆବଶ୍ୟକ। କମିଟିର ସହଯୋଗ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। ବର୍ଷାଦିନ ପରେ ରାସ୍ତା କାମ କରାଯିବ।

**ଆତ୍ମା ଭଗବାନଙ୍କ ଜନ୍ମ ଦିବସ ପାଳିତ**

ତିଗିରିଆ,(ଡି.ଏନ.ଏ.): ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଚଣ୍ଡୀଛକସ୍ଥିତ ଆତ୍ମା ଭଗବାନଙ୍କ ପରିବାର ତରଫରୁ ଆତ୍ମା ଭଗବାନଙ୍କ ଜନ୍ମ ଦିବସ ସପ୍ତାହ ବ୍ୟାପୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆତ୍ମାଙ୍କ ପ୍ରତିମା ଗ୍ରାମ ପରିକ୍ରମା କରିବା ସହ କଳସ ଯାତ୍ରା ଓ ଅଷ୍ଟଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବାସ ଚନ୍ଦ୍ର ସାହୁ, ଚିତ୍ରରେଖା ସାହୁ, ସଞ୍ଜୟ ସାହୁ, ଶ୍ରୀଧର ପ୍ରଧାନ, ସୁଜାତା ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ପ୍ରତାପ ମନ୍ତ୍ରୀ, ଟୁକୁ ପ୍ରଧାନ, ଇନ୍ଦ୍ର ବାବୁ ଓ ମୀରା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧ ମୃତ

ମାହାଙ୍ଗା,୨୮।୮(ସ୍ୱ.ପ୍ର.): ମାହାଙ୍ଗା ଥାନା ଅନ୍ତର୍ଗତ ପୋଡାମରାଇ ପଞ୍ଚାୟତ ନିକଟ ମଇଯୋରା ନଦୀରେ ଜାଲ ପକାଇବାକୁ ଯାଇ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋରତାଙ୍ଗ ଗ୍ରାମର ରତ୍ନାକର ସାହୁ(୬୦)। ଏନେଇ ପୋଲିସ ଏକ ମାମଲା (ନଂ. ୨୭/୨୨) ରୁଜୁ କରିଛି। ସୂଚନା ମୁତାବକ, ରତ୍ନାକର ସକାଳ ୮ଟା ସମୟରେ ଇଲେକ୍ଟ୍ରିକ ଅଫିସ କାର୍ଯ୍ୟାଳୟ ପଛପଟ ମଇଯୋରା ନଦୀରେ ଜାଲ ପକାଇବାକୁ ଯାଇଥିଲେ। ଅପରାହ୍ନ ୧ଟା ପର୍ଯ୍ୟନ୍ତ ବୃଦ୍ଧ ଜଣଙ୍କ ଘରକୁ ନ ଫେରିବାରୁ ପରିବାର ଲୋକେ ଯାଇ ନଦୀ ଆଖପାଖରେ ଖୋଜାଖୋଜି କରିଥିଲେ। ନଦୀ ପାର୍ଶ୍ୱରେ ତାଙ୍କ ଚପଲ ଦେଖି ପରିବାର ଲୋକେ କୁଆଁପାଳ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ରତ୍ନାକରଙ୍କୁ ନଦୀରୁ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨୦ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର

ବାଙ୍କୀ,୨୮।୮(ସ୍ୱ.ପ୍ର./ବି.ପ୍ର.): ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ମାସିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବିରଞ୍ଚି ନାରାୟଣ ଦାସ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ଅକ୍ଟୋବର ୧ରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଡାକ୍ତର ପଦ୍ମଲୋଚନ ପଣ୍ଡାଙ୍କ ସମେତ ୨୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଇଥିଲା। ସମ୍ପାଦକ କୃତ୍ତିବାସ ପଣ୍ଡା ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ କିଶୋର ନୀଳମାଧବ ମିଶ୍ର, ବ୍ରଜବନ୍ଧୁ ପାଲ, ଗୋପୀମୋହନ କର, ରଞ୍ଜନ କୁମାର ସାମନ୍ତରାୟ, ଗୌରାଙ୍ଗ ବାରିକ, ସେବତୀ ଦେବତା, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ସୁବାସ ଚନ୍ଦ୍ର ପ୍ରହରାଜ ପ୍ରମୁଖ ସହଯୋଗ କରିଥିଲେ।

### ରକ୍ତଦାନ ଶିବିରରୁ ୩୦୧ ୟୁନିଟ୍ ରକ୍ତ ସଂଗ୍ରହ

ଆଠଗଡ଼/ବାଙ୍କୀ,୨୮।୮(ସ୍ୱ.ପ୍ର.): ଆଠଗଡ଼ ବ୍ଲକ ମହିଳା, ଯୁବ, ଛାତ୍ର ବିଜେଡି ପକ୍ଷରୁ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜୀବନବିନ୍ଦୁ ଇଚ୍ଛାପୁର ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ କଟକ ଜିଲା ରେଡକ୍ରସ୍ ଦ୍ୱାରା ପରିଚାଳିତ ଉକ୍ତ ଶିବିରରୁ ୨୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁଭାରମ୍ଭ କରିଥିଲେ। ସେହିପରି ବାଙ୍କୀ ବ୍ଲକ ଅନ୍ତର୍ଗତ ଭଗବତୀ ଉଚ୍ଚପ୍ରାଥମିକ ଶିକ୍ଷା ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଲୋକବିକାଶ ଫାଉଣ୍ଡେଶନ ଓ ସାପ୍ତାହିକ ପତ୍ରିକା 'ଭୋକିଲା ପେଟ'ର ମିଳିତ ସହଯୋଗରେ ଏହି ଶିବିରରୁ ମୋଟ ୨୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କାମଦେବ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାର କାର୍ଯ୍ୟାଳୟର ଅଧିକାରୀ ଡା. ସୌରଭ ରାୟ, ଟେକ୍ନିସିଆନ ଅରୁଣ ସାହୁ, ବିଚିସ୍ମିତା ପୁହାଣ, ସହାୟିକା ଅମୀତା ନାୟକ ଓ ଖବରଦାତା ଯୋଗେଶ୍ୱର ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ଲୋକବିକାଶ ଫାଉଣ୍ଡେଶନର ଅଧକ୍ଷ ସୁଧୀର ନାୟକ ପରିଚାଳନା କରିଥିଲେ।

# ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି: ଖାଉଟି ହନ୍ତସନ୍ତ



ମାଲଗୋଦାମ ଅଞ୍ଚଳରେ ବିକ୍ରି ହେଉଥିବା ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ।

**କଟକ ଅଫିସ, ୨୮।୮**

ରାଜ୍ୟରେ ଗତ ୨୦ଦିନ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଚାଉଳ, ଅଟା ଓ ଡାଲିର ମୂଲ୍ୟ ବୃଦ୍ଧି ଘଟିଛି। ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ଦରବୃଦ୍ଧି ଯୋଗୁ ଗରିବ ଓ ମଧ୍ୟବିତ୍ତ ପରିବାରର ଲୋକଙ୍କୁ ଘର ଚଳାଇବା କଷ୍ଟକର ହୋଇପଡୁଛି। ତୁରନ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ ଉପରେ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ୨୦ଦିନ ପୂର୍ବରୁ ହରଡ଼ ଡାଲି କିଲୋ ପ୍ରତି ୯୫ ଟଙ୍କା ଥିବାବେଳେ ଏବେ ଏହା ୧୦୫ ଟଙ୍କା ରହିଛି। ସେହିପରି ୧ ନମ୍ବର ହରଡ ଡାଲି ୧୦୦ ଟଙ୍କା ଥିବାବେଳେ ଏବେ ୧୧୫ ଟଙ୍କା ରହିଛି। ସେହିପରି ରାଜ୍‌ମା କିଲୋ ୧୧୦ ଟଙ୍କାରୁ ବୃଦ୍ଧି ପାଇ ୧୩୫ ଟଙ୍କା ହୋଇଛି। ଅଟା କିଲୋ ପିଛା ୨୮ ଟଙ୍କା ଥିବାବେଳେ ମୂଲ୍ୟ ବୃଦ୍ଧିପାଇ ଏବେ ୩୫ ଟଙ୍କା ହୋଇଛି। ପୂର୍ବରୁ ଉଷୁନା ଚାଉଳ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଦର ଥିବାବେଳେ ଏବେ ୨୯୦୦ ଟଙ୍କା ହୋଇଛି। ସେହିପରି ସ୍ୱର୍ଣ୍ଣ ଉଷୁନା ଚାଉଳ କୁଇଣ୍ଟାଲ ପିଛା ୨୧୦୦ରୁ ବୃଦ୍ଧି ପାଇ ୨୫୦୦ରେ ପହଞ୍ଚିଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ଚାଉଳ ଦର ବୃଦ୍ଧି ପାଇବା ସରକାରଙ୍କ ଅପାରଗତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ଦର ବୃଦ୍ଧି ହେଲେ ବି ଖାଇବାକୁ ପଡ଼ିବ



ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିର ପ୍ରଭାବ ଆମଭଳି ନିମ୍ନ ମଧ୍ୟବିତ୍ତ ପରିବାର ଉପରେ ପଡୁଛି। ମାସକ ପୂର୍ବରୁ ଯେତିକି ପରିମାଣର ସାମଗ୍ରୀ କିଣା ହେଉଥିଲା ତାହା ତୁଳନାରେ ଏବେ କମ୍ କିଣିବାକୁ ପଡୁଛି। ଯାହା ହେଲେ ବି ଆମକୁ ଖାଇବାକୁ ପଡିବ।

**-ସୁଗନ୍ତି ସାହା, ଖାଉଟି, ଚାନ୍ଦିନୀଚୌକ**

### ପରିବାର ଚଳାଇବା କଷ୍ଟକର ହେଉଛି



କିଛିଦିନ ହେବ ଚାଉଳ, ଡାଲି, ଅଟାର ଦର ବୃଦ୍ଧି ଘଟିଛି। ଏହାର ପ୍ରଭାବ ହାଣ୍ଡିଶାଳ ଉପରେ ପଡିଛି। ଏଥିଯୋଗୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଗତ ଦିନ ତୁଳନାରେ ଏବେ କମ୍ ପରିମାଣର ସାମଗ୍ରୀ କିଣିବାକୁ ପଡୁଛି।

**-ଦୀପକ ସ୍ୱାଇଁ, ଖାଉଟି, ଅଲିଶାବଜାର**

### ଡାଲି ପାଇଁ ମହାରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡୁଛି



ଡାଲି ପାଇଁ ଓଡ଼ିଶାକୁ ମହାରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡିଥାଏ। ମହାରାଷ୍ଟ୍ରରେ ଚଳିତବର୍ଷ ହରଡ ଡାଲି ଉତ୍ପାଦନ ହ୍ରାସ ପାଇଛି। ଫଳରେ ସେଠାରୁ ଆମ ରାଜ୍ୟକୁ କମ୍ ପରିମାଣର ଆମଦାନୀ ହୋଇଥିବାରୁ ହରଡ ଡାଲି ମୂଲ୍ୟ ବୃଦ୍ଧି ହୋଇଛି। ଆଗାମୀ ଜାନୁୟାରୀ ପର୍ଯ୍ୟନ୍ତ ଏହି ମୂଲ୍ୟ ହ୍ରାସ ହେବାର ସମ୍ଭାବନା ନାହିଁ। ଏହି ଦର ବୃଦ୍ଧି ନିଶ୍ଚିତ ଭାବେ ସାଧାରଣ ଖାଉଟିଙ୍କ ଉପରେ ପ୍ରଭାବ ପକାଇବ।

**-ପ୍ରଫୁଲ୍ଲ କୁମାର ଛାଟୋଇ, ମାଲ୍‌ଗୋଦାମ ଚାମ୍ବର୍ସ ଅଫ୍ କମର୍ସ, ସମ୍ପାଦକ**

### ଓଡ଼ିଶାରୁ ଧାନ, ଗହମ ରପ୍ତାନି ହେଉଛି



ଚାଷୀମାନେ ଧାନ ଅମଳ କରିବା ପରେ ବିଭିନ୍ନ ମଣ୍ଡିରେ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସେମାନଙ୍କୁ ଠିକ୍ ସମୟରେ ଟୋକନ୍ ପ୍ରଦାନ କରାଯାଉନାହିଁ। ଦୀର୍ଘଦିନ ଧରି ଧାନ ପଡି ରହିବା ଯୋଗୁ ବର୍ଷାପାଣି ଖାଇ ନଷ୍ଟ ହେଉଛି। ଫଳରେ ଚାଷୀମାନେ ପଡୋଶୀ ରାଜ୍ୟ ଛତିଶଗଡ, ଆନ୍ଧ୍ରକୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଓଡ଼ିଶାରେ ଚାଉଳ ଦର ବୃଦ୍ଧି ଘଟୁଛି। ସେହିପରି ଗହମ ବିଦେଶକୁ ରପ୍ତାନି ହେବା ଫଳରେ ଦେଶରେ ଏହାର ଅଭାବ ଦେଖାଦେଉଛି। ଫଳରେ ଅଟା ଦର ବୃଦ୍ଧି ଘଟୁଛି।

**-ମଧୁସୂଦନ ରାଉତ, ସଭାପତି, ମାଲଗୋଦାମ ଚାଉଳ ବ୍ୟବସାୟୀ ସଂଘ**

### ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମ ଜମି ଜବରଦଖଲ ଉଚ୍ଛେଦ ଦାବି

ଆଠଗଡ଼,୨୮।୮(ସ୍ୱ.ପ୍ର.)

ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠର ମିନି ଷ୍ଟାଡିୟମ ଜମି ଜବରଦଖଲ ହଟାଇବାକୁ ଦାବି ହୋଇଛି। ଏନେଇ ଆଠଗଡ଼ ଉପଜିଲାପାଳଙ୍କୁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଠଗଡ ତହସିଲ ମୌଜା କୃଷ୍ଣରସିକପୁର ଖାତା ନଂ.୨୬ ଏବଂ ପ୍ଲଟ ନମ୍ବର ୫୧, ୫୨, ୫୩, ୫୬ ସହିତ ରାଧାଗୋବିନ୍ଦପୁର ମୌଜା ଖାତା ନଂ. ୧୩୯, ପ୍ଲଟ ନମ୍ବର ୩ରେ ବିଶ୍ୱନାଥ ବିଦ୍ୟାପୀଠ ନାମରେ ରେକର୍ଡ ରହିଛି। ଖାତା ନଂ.୧୩୯, ପ୍ଲଟ ନମ୍ବର ୩ରେ ୬ ଏକର ୭୦ ଡେସିମିଲ, ଖାତା ନଂ.୨୬ ପ୍ଲଟ ନମ୍ବର ୫୧ରେ ୪୭ ଡେସିମିଲି, ୫୨ରେ ୧୭ ଡେସିମିଲି, ୫୩ରେ ୦୮ ଡେସିମିଲି ଏବଂ ୫୬ରେ ୭୦ ଡେସିମିଲି ଜମି ସମୁଦାୟ ୮ ଏକର ୧୨ ଡେସିମିଲି ଜମି ରେକର୍ଡ ଭୁକ୍ତ ରହିଛି। କିନ୍ତୁ ଏହି ଜମି ମଧ୍ୟରୁ ପାଖାପାଖି ତିନି ଏକରରୁ ଊର୍ଦ୍ଧ୍ୱ ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଆଠଗଡ଼ ତହସିଲ ପକ୍ଷରୁ ଏହି ଜମିରେ କୋଡ଼ିଏ ଫୁଟ ଓସାରର ଏକ ରାସ୍ତା ପାଇଁ ଦିଆଯାଉଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପୁରାତନ ଛାତ୍ରମାନେ କହିଛନ୍ତି। ଏନେଇ ସ୍ଥାନୀୟ ରଘୁନାଥ ମନ୍ଦିର ପରିସରରେ ପୁରାତନ ଛାତ୍ରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ,ସହାୟତା



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମହିଳାମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

ଆଠଗଡ଼,୨୮।୮(ସ୍ୱ.ପ୍ର.)

ଆଠଗଡ଼ ସହରସ୍ଥିତ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ନିକଟ ମିନି ଷ୍ଟାଡିୟମଠାରେ ଆଠଗଡ଼ ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତର ସିଆରପି, ଏମ୍‌ବିକେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଋଣ ଓ ସହାୟତା ପ୍ରଦାନ କରିଛନ୍ତି। ସେଥିରେ ୨୧୩ ଜଣ ସିଆରପି, ଏମ୍‌ବିକେ, ବ୍ୟାଙ୍କମିତ୍ରଙ୍କୁ ପୋଷାକ, ମୋବାଇଲ ଖର୍ଚ୍ଚ, ଗସ୍ତ ଖର୍ଚ୍ଚ ବାବଦକୁ ୧୫ ଲକ୍ଷ ୫୧ ହଜାର ଟଙ୍କା, ୩୨ଜଣ ସିଆର୍‌ପି, ଏମ୍‌ବିକେଙ୍କର ଦରମା ବାବଦକୁ ୪ ଲକ୍ଷ ୪୨ ହଜାର ଟଙ୍କା ଓ ୬୦ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୩୦ ଲକ୍ଷ ଟଙ୍କାର ସହାୟତା ଦିଆଯାଇଛି। ଗ୍ରାମାଞ୍ଚଳରେ ମହିଳାଙ୍କୁ ସ୍ୱାବଲମ୍ବୀ କରି ଆର୍ଥିକ ସ୍ୱଚ୍ଛଳ କରାଇବା ପାଇଁ ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଗ୍ରାମାଞ୍ଚଳରେ ମହିଳାଙ୍କୁ ସଶକ୍ତ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟା ସଦସ୍ୟ, ମିନତୀ ଗାଗରାଇ, ଅଶାନ୍ତି ବେହେରା, ବଳଭଦ୍ର ବାଘ, ଆଠଗଡ଼ ମିଶନ ଶକ୍ତି ସଂଯୋଜକ ଚିତ୍ତରଞ୍ଜନ ବଳିୟାରସିଂ, ପରେସ ପୃଷ୍ଟି, ବିନୋଦ ପଣ୍ଡା, ସଂଯୁକ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମହାନଦୀରୁ ୨୭ ଗୋରୁ ଉଦ୍ଧାର

ବାଙ୍କୀ,୨୮।୮(ସ୍ୱ.ପ୍ର./ବି.ପ୍ର.)



ଗୋରୁଗୁଡ଼ିକ ମହାନଦୀରେ ପହଁରି କୂଳକୁ ଆସୁଛନ୍ତି।

ବାଙ୍କୀ ଥାନା ଅନ୍ତର୍ଗତ ସୁନାଦେଇ ମୁଣ୍ଡିଆ ନିକଟ ମହାନଦୀକୁ ପାଣି ପିଇବାକୁ ଯାଇ ରବିବାର ୨୭ରୁ ଊର୍ଦ୍ଧ୍ୱ ଗୋରୁ ଭାସିଯାଇଥିଲେ। ଖବରପାଇ ବାଙ୍କୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଉକ୍ତ ଗୋରୁପଲକୁ ନଦୀ ମଧ୍ୟରେ ଥିବା ବାଲିପଠାରେ ଦେଖିବାକୁ ପାଇଥିଲେ। ପରେ କର୍ମଚାରୀମାନେ ଗୋରୁ ପଲକୁ ସେଠାରୁ ନଦୀରେ ପହଁରାଇ କୂଳକୁ ଆଣିଥିଲେ। ଏହି ଉଦ୍ଧାର କାର୍ଯ୍ୟରେ ବାଙ୍କୀ ଅଗ୍ନିଶମ ଅଧିକାରୀ ପ୍ରଫୁଲ କୁମାର ଓଝା, ଅମିୟ କୁମାର ଭୂୟାଁ, ସତ୍ୟବ୍ରତ ସ୍ୱାଇଁ ଓ ଅନିଲ ମହାକୁଡ଼ ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ।

### ଜୟନ୍ତୀ ନଗର ବସ୍ତିରେ ଅସାମାଜିକଙ୍କ ଦୌରାତ୍ମ୍ୟ

ଚୌଦ୍ୱାର,୨୮।୮(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ୮ନଂ. ୱାର୍ଡ ଅନ୍ତର୍ଗତ ଜୟନ୍ତୀ ନଗର ବସ୍ତିରେ ଏକ ଦମ୍ପତି ଅସାମାଜିକ କାର୍ଯ୍ୟ କରୁଛନ୍ତି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ସେମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରୁଛନ୍ତି।ଏ ନେଇ ବସ୍ତିର ଶତାଧିକ ମହିଳା ରବିବାର ଚୌଦ୍ୱାର ଥାନାରେ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏଥିସହ ତୁରନ୍ତ ଉକ୍ତ ଦମ୍ପତିଙ୍କୁ ବସ୍ତିରୁ ବାହାର କରିବା ସହିତ ବସ୍ତିବାସିନ୍ଦାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାହାରୁ ଯୁବତୀ ଆଣି ଉକ୍ତ ବସ୍ତିରେ ଦମ୍ପତି ଅସାମାଜିକ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ବସ୍ତିବାସିନ୍ଦାଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ବସ୍ତିବାସିନ୍ଦାଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଦମ୍ପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଗୌରୀ ବେହେରା, ଜୟନ୍ତୀ ମହାନ୍ତି, ବର୍ଷା ସାମଲ, କଲ୍ୟାଣୀ ସାହାଣୀ, ସୁମିତ୍ରା ସାହୁ, ମଧୁସ୍ମିତା ସାମଲ, କବିତା ମହାନ୍ତି, ଶକୁନ୍ତଳା ପରିଡ଼ା, ଅମିତା ସାହୁ, ସୁମିତ୍ରା ସାହୁ, ଜୟନ୍ତୀ ପରମାଣିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ଆଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗର ସତ୍ୟତା ଥିଲେ ଦମ୍ପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନରସିଂହପୁର ବିକାଶ ପରିଷଦ ବାର୍ଷିକ ବୈଠକ

ନରସିଂହପୁର,୨୮।୮(ସ୍ୱ.ପ୍ର.)

ନରସିଂହପୁର ବିକାଶ ପରିଷଦର ବାର୍ଷିକ ବୈଠକ ରବିବାର ସରଧାପୁର ଗ୍ରାମ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।ସଭାପତିଦେବରାଜସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଅବସରପ୍ରାପ୍ତ ଅଧ୍ୟାପକ କୁଳମଣି ବାରିକି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶକ୍ତି ପ୍ରସାଦ ମିଶ୍ର ସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜକ ନିରଞ୍ଜନ ମହାପାତ୍ର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରେମାନନ୍ଦ ମହାଖୁଡ଼, ସୁଶାନ୍ତ ସାହୁ, ଅଖିଳ ରାଉତ ପ୍ରମୁଖ ଯୋଗଦେଇ ନରସିଂହପୁର ବିକାଶ ପରିଷଦକୁ ଜନତାଙ୍କ ସଂଗଠନ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ।

## ମୋଦିଙ୍କ ଭଳି ନେତା ପାଇ ଭାରତବାସୀ ଗର୍ବିତ



କାର୍ଯ୍ୟକ୍ରମରେ ଭାଜପା ନେତା ବୈଜୟନ୍ତ ପଣ୍ଡା ଓ ଦଳୀୟ କର୍ମକର୍ତ୍ତାମାନେ।

**ମନ୍ କି ବାତ୍ କାର୍ଯ୍ୟକ୍ରମରେ ଭାଜପା ନେତା ବୈଜୟନ୍ତ ପଣ୍ଡା**

କଟକ ଅଫିସ,୨୮।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍‌କିବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ସିଡିଏ କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ସଭାଗୃହରେ ଭାଜପା କର୍ମକର୍ତ୍ତାଙ୍କ ସହିତ ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏହାର ସିଧା ପ୍ରସାରଣ ଦେଖିଥିଲେ। ଏହି ଅବସରରେ ବୈଜୟନ୍ତ କହିଥିଲେ, ମୋଦିଜୀଙ୍କ ବଳିଷ୍ଠ ନେତୃତ୍ୱକୁ କେବଳ ଭାରତ ନୁହେଁ, ବିଶ୍ୱ ନେତାମାନେ ଚାହିଁ ବସିଛନ୍ତି। ତାଙ୍କ ଭଳି ନେତା ପାଇ ଭାରତବାସୀ ଗର୍ବିତ। ମଣ୍ଡଳ ସଭାପତି ଲଲାଟେନ୍ଦୁ ଦାସ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଦଳର କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୀତାମ୍ବର ଆଚାର୍ଯ୍ୟ, ସୌରଚନ୍ଦ୍ର ମହାପାତ୍ର, ସୁକାନ୍ତ ବିଶ୍ୱାଳ, ଦୟାନିଧି ଲେଙ୍କା, ରଶ୍ମିରେଖା ଦାସ, ଜ୍ୟୋତିପ୍ରକାଶ ଘୋଷ, ବିବେକାନନ୍ଦ ନାଏକ, ଅକ୍ଷୟ ଆଚାର୍ଯ୍ୟ, ଗୀତା ଦାସ, ପ୍ରବୀଣା ମହାପାତ୍ର, ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଜିତା ଜେନା ଧନ୍ୟବାଦ ଦେଇଥିଲେ।

## ମିଛ ଅଭିଯୋଗ କରିଥିଲେ ପରିବାର ଲୋକ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

**ରାଜଧାନୀରୁ ଯୁକ୍ତ ୨ ଛାତ୍ର ନିଖୋଜ ଘଟଣାର ନୂଆମୋଡ଼**

- ହୋଟେଲ ସିସିଟିଭି ଫୁଟେଜ୍‌ରୁ ମିଳିଲା ପ୍ରମାଣ
- ବକେୟା ଫି' ମାଗିବାରୁ କଲେଜ ହଷ୍ଟେଲ ଛାଡ଼ିଥିଲେ ହୃଦୟେଶ

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳର ଏକ ଘରୋଇ କଲେଜରୁ ଯୁକ୍ତ୨ ଛାତ୍ର ବାଲେଶ୍ୱରର ହୃଦୟେଶ ପଣ୍ଡା ନିଖୋଜ ହେବା ଘଟଣା ରବିବାର ନୂଆ ମୋଡ ନେଇଛି। ପରିବାର ପକ୍ଷରୁ ମିଛ ଅଭିଯୋଗ କରାଯାଇଥିବା ପୋଲିସ କହିଛି। ହୃଦୟେଶ ନିଖୋଜ ହୋଇ ନ ଥିଲେ, ବରଂ କଲେଜ ପକ୍ଷରୁ ବକେୟା ଫି' ମଗାଯିବାରୁ ସେ ହଷ୍ଟେଲରୁ ପଳାଇ ଆସି ନିକଟସ୍ଥ ହୋଟେଲ ସୁରଜ ପ୍ୟାଲେସ୍‌ରେ ରହିଥିଲେ। ପରେ ସେ ଘରକୁ ଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

ପୋଲିସ କହିବା ଅନୁଯାୟୀ, ହଷ୍ଟେଲର ୯୫ ହଜାର ବକେୟା ଫି' ମଗାଯିବାରୁ ହୃଦୟେଶ କଲେଜ କର୍ତ୍ତୃପକ୍ଷଙ୍କୁ କହି ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଆସବାବପତ୍ର ଧରି ହଷ୍ଟେଲ ଛାଡ଼ିଥିଲେ। ନିକଟରେ ଥିବା ସୁରଜ ପ୍ୟାଲେସକୁ ଆସି ରୁମ ନଂ.୧ରେ ରହିଥିଲେ। ହୋଟେଲ ରିସ୍‌ପ୍‌ଶନ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ମୋବାଇଲରୁ ତାଙ୍କ ବାପାଙ୍କୁ ଫୋନ କରି ଜଣାଇଥିଲେ। ଶନିବାର ସକାଳେ ହୋଟେଲକୁ ଆସି ତାଙ୍କ ମା' ଓ ସମ୍ପର୍କୀୟମାନେ ହୃଦୟେଶଙ୍କୁ ଦେଖାକରି ହଷ୍ଟେଲ ଯାଇଥିଲେ। ଏହାପରେ ସେମାନେ କଲେଜ ଯାଇ ହଷ୍ଟେଲ ମ୍ୟାନେଜରଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ବାପା ରାମକୃଷ୍ଣ, ମା' ରାତିରେ ଥାନାକୁ ଆସି ହୃଦୟେଶ ନିଖୋଜ ହୋଇଯାଇଥିବା ଅଭିଯୋଗ କରିଥିଲେ। ତଦନ୍ତବେଳେ ହୋଟେଲ ସିସିଟିଭିରୁ ପୋଲିସ ହୃଦୟେଶଙ୍କ ରହଣି, ମା' ଓ ସମ୍ପର୍କୀୟଙ୍କ ଉପସ୍ଥିତି ଜାଣିବାକୁ ପାଇଥିଲା। ତେବେ ବାପା-ମା'ଙ୍କ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କ ନାଁରେ ମିଛ ଅଭିଯୋଗ କରିଥିବା ସ୍ପଷ୍ଟ ହେବା ପରେ ପଚରାଉଚରା ପାଇଁ ପୋଲିସ ସେମାଙ୍କୁ ଥାନାକୁ ଡକାଇଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ତଦନ୍ତକୁ ତ୍ୱରାନ୍ୱିତ କରାଯାଉଛି। ଉଦ୍ଦେଶ୍ୟ ଜଣାପଡ଼ିଲା ପରେ ଛାତ୍ରଙ୍କ ମା'ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାମକୃଷ୍ଣଙ୍କ ପୁଅ ହୃଦୟେଶ ଉକ୍ତ ଘରୋଇ କଲେଜ ହଷ୍ଟେଲରେ ରହି ଯୁକ୍ତ ୨ ବିଜ୍ଞାନରେ ପାଠ ପଢ଼ନ୍ତି। ତାଙ୍କର ଏହା ଦ୍ୱିତୀୟ ବର୍ଷ ଥିଲା। ଶନିବାର ହୃଦୟେଶ ହଷ୍ଟେଲରୁ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭକରିଥିଲା।

## ମାଟି ମୂର୍ତ୍ତି ଗଢ଼ି ଜୀବନ୍ତ ରୂପ ଦିଅନ୍ତି ଦିବ୍ୟାଙ୍ଗ ରବୀନ୍ଦ୍ର

ମାହାଙ୍ଗା,୨୮।୮(ସ୍ୱ.ପ୍ର.)

ଦିବ୍ୟାଙ୍ଗ ହୋଇ ମଧ୍ୟ ନିଜର ଯାଦୁକରୀ ହାତ ସ୍ପର୍ଶରେ ସୁନ୍ଦର ମୂର୍ତ୍ତି ଗଢ଼ି ଜୀବନ୍ତ ରୂପ ଦେଇଥାନ୍ତି। ଏଥିପାଇଁ ସେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ସେ ହେଲେ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଳିଅଠା ଗ୍ରାମର ଦିବ୍ୟାଙ୍ଗ ରବୀନ୍ଦ୍ର ବେହେରା (୬୦) । ସେ କୁମ୍ଭକାର ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି । ଜନ୍ମରୁ ବାମ ଗୋଡଟି ଛୋଟ। ଏନେଇ ମା' ବାପାଙ୍କ ମନରେ ବହୁ ଦୁଃଖ ଥିଲା। କିନ୍ତୁ ରବୀନ୍ଦ୍ର ଧୈର୍ଯ୍ୟହରା ନ ହୋଇ ଆଗକୁ ବଢ଼ିଥିଲେ। ପିତାଙ୍କ କୌଳିକ ବୃତ୍ତିକୁ ଆପଣାଇବାକୁ ସ୍ଥିର କରିଥିଲେ। ମାଟିରେ ବିଭିନ୍ନ ହାଣ୍ଡି ଗଢା କାର୍ଯ୍ୟ ଅନୁକରଣ କରି ନିଜର ଅଦମ୍ୟ ଚେଷ୍ଟାରେ ସୁନ୍ଦର ସୁନ୍ଦର ମୂର୍ତ୍ତି ଗଢିବାରେ ପାରଙ୍ଗମ ହାସଲ କରିଥିଲେ। ଚଳିତ ବର୍ଷ ପାର୍ବଣ ଆରମ୍ଭ ପୂର୍ବରୁ ସେ ନିଜେ ଘରେ ବିଭିନ୍ନ ପ୍ରକାର ମାଟିର ମୂର୍ତ୍ତି ଗଢା ଆରମ୍ଭ କରି ଦେଇଛନ୍ତି । ପ୍ରଥମେ ଖୁଦୁରୁକୁଣୀ ଓଷା ପାଇଁ ଭାଲୁକୁଣୀ ମୂର୍ତ୍ତି ଗଢ଼ିଥିବାବେଳେ ଏବେ ଗଣେଶ ଓ ବିଶ୍ୱକର୍ମା ଆଦି ଦେବଦେବୀଙ୍କ ନିମନ୍ତେ ମୂର୍ତ୍ତି ତିଆରି କରୁଛନ୍ତି। ସେ ବିଭିନ୍ନ ଅଞ୍ଚଳରେ ମା ଦୁର୍ଗା, ଲକ୍ଷ୍ମୀ, କାଳୀ, କାର୍ତ୍ତିକେଶ୍ୱର, ଗଣେଶ ଓ ସରସ୍ୱତୀ ଆଦି ମୂର୍ତ୍ତି ନିର୍ମାଣ କରି ପ୍ରଶଂସା ସାଉଁଟିଛନ୍ତି । ଏସବୁ ମୂର୍ତ୍ତି ଗଢ଼ିବା ନିମନ୍ତେ ସେ ମାଟି, ବାଉଁଶବତା, ସୁତୁଲି, କାଠପଟା ,ଝୋଟ ଓ ବିଭିନ୍ନ ପ୍ରକାରର ରଙ୍ଗ ସାମଗ୍ରୀ କିଣିଥାନ୍ତି। ଏହାପରେ ମୂର୍ତ୍ତି ତିଆରି କାମ ଆରମ୍ଭ ହୁଏ। ଏସବୁ ମୂର୍ତ୍ତିକୁ ସେ ବିଭିନ୍ନ ଅଞ୍ଚଳର ହାଟ ବଜାର ଆଦିରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ତେବେ ବହୁ ସମୟରେ ଅର୍ଥ ଅଭାବରୁ ମୂର୍ତ୍ତି ଗଢିବା ନିମନ୍ତେ ସାମଗ୍ରୀ କିଣିବା ପାଇଁ ସାହୁକାରମାନଙ୍କଠାରୁ ଉଦ୍ଧାର ନେବାକୁ ବାଧ ହୋଇଥାନ୍ତି। ମୂର୍ତ୍ତି ବିକ୍ରି ପରେ ସୁଧ ସହ ଅର୍ଥ ଫେରସ୍ତ କରିଥାନ୍ତି ବୋଲି ରବୀନ୍ଦ୍ର କହିଛନ୍ତି। ଏନେଇ ଗ୍ରାମାଞ୍ଚଳରେ ଥିବା ମୂର୍ତ୍ତି କାରିଗରଙ୍କୁ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଗଲେ ତାଙ୍କ ଭଳି ବହୁ ମୂର୍ତ୍ତି କାରିଗର ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ମୂର୍ତ୍ତି କାରିଗରଙ୍କ ସମସ୍ୟାର ସମାଧାନ କରନ୍ତୁ ବୋଲି ରବୀନ୍ଦ୍ର ଦାବି କରିଛନ୍ତି।



ଦିବ୍ୟାଙ୍ଗ ରବୀନ୍ଦ୍ର ବେହେରା ମୂର୍ତ୍ତି ଗଢୁଛନ୍ତି।